୬୮ତମ ବର୍ଷ | ୨୪ ନଭେମ୍ବର, ୨୦୨୫ | ଚତୁର୍ଥ ସଂଖ୍ୟା

# ନବଜ୍ୟୋତି

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ – ୬୦୫ ୦୦୨

୬୮ତମ ବର୍ଷ        ୨୪ ନଭେମ୍ବର, ୨୦୨୫        ଚତୁର୍ଥ ସଂଖ୍ୟା

उद् वयं तमसस्परि ज्योतिष्पश्यन्त उत्तरम्।
देवं देवत्रा सूर्यमगन्म ज्योतिरुत्तमम्।। ऋग्वेदः १. ५०. १०

# ନବଜ୍ୟୋତି

ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଓ ପ୍ରଗତିଶୀଳ ଅଧ୍ୟାତ୍ମ ଜୀବନ-ଦୃଷ୍ଟି ଦ୍ୱାରା ପ୍ରେରିତ
ଯୋଗ, ସମାଜ, ଶିକ୍ଷା ଓ ସଂସ୍କୃତି ସମ୍ବନ୍ଧୀୟ ତ୍ରୈମାସିକ ପତ୍ରିକା ।

ପ୍ରେରଣା : ଶ୍ରୀ ରାମକୃଷ୍ଣ ଦାସ        ପ୍ରତିଷ୍ଠାତା : ଶ୍ରୀ ପ୍ରପତ୍ତି
ସଂପାଦକ : ଶ୍ରୀ ବିଶ୍ୱମ୍ଭର ସାମନ୍ତ

**ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା**

# ସୂଚୀପତ୍ର

[ନବଜ୍ୟୋତି • ନଭେମ୍ବର, ୨୦୨୫]


**ଯୋଗ-ଦର୍ଶନ**

| | | | | |
|---|---|---|---|---|
| ପ୍ରାର୍ଥନା | ... | ଶ୍ରୀମା | ... | ୫ |
| ଶ୍ରୀଅରବିନ୍ଦଙ୍କ ବାଣୀ | ... | ଶ୍ରୀଅରବିନ୍ଦ | ... | ୬ |
| ଆମ୍ଭମାନଙ୍କର ଲକ୍ଷ୍ୟ | ... | ଶ୍ରୀଅରବିନ୍ଦ | ... | ୯ |
| ଶ୍ରୀମାଙ୍କ ସହ ଏକ କଥୋପକଥନ | ... | ଶ୍ରୀମା | ... | ୧୨ |
| ଉଷାପୂର୍ବର ଅନ୍ଧକାର | ... | ଶ୍ରୀଅରବିନ୍ଦ | ... | ୧୪ |
| ଧମ୍ମପଦ (୧୨) (ଶ୍ରୀମା'ଙ୍କ ଭାଷ୍ୟ ସମ୍ବଳିତ) | ... | ... | ... | ୧୫ |
| କଥୋପକଥନ | ... | ନୀରଦବରଣ | ... | ୨୦ |

**ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ**

| | | | | |
|---|---|---|---|---|
| ବନ୍ଦେ ମାତରମ୍ | ... | ଶ୍ରୀଅରବିନ୍ଦ | ... | ୨୪ |
| ବେଦରହସ୍ୟ - (ତୃତୀୟ ଭାଗ), ଅଗ୍ନିସୂକ୍ତମାଳା ପଞ୍ଚମ ସୂକ୍ତ, ଅଗ୍ନିଙ୍କ ପ୍ରତି | ... | ଶ୍ରୀଅରବିନ୍ଦ | ... | ୩୦ |
| ଶ୍ରୀମା'ଙ୍କର ମହାପ୍ରୟାଣ | ... | ଶ୍ରୀ ମାଧବ ପଣ୍ଡିତ | ... | ୩୩ |
| ଆତ୍ମାର ଅସୀମତା (କବିତା) | ... | ଶ୍ରୀଅରବିନ୍ଦ | ... | ୪୦ |
| ସୂର୍ଯ୍ୟୋଦୟ ଦ୍ୱାରା ସମ୍ଭବ ନୁହେଁ ଯେଉଁ ଅନ୍ଧକାରର ଅବସାନ | ... | ଶ୍ରୀ ମନୋଜ ଦାସ | ... | ୪୧ |
| ଅତିମାନସ ଓ ନୂତନ ଜଗତ୍ | ... | ଶ୍ରୀ ପ୍ରପତ୍ତି | ... | ୪୪ |

**ସାଧନା-ପରମ୍ପରା**

| | | | | |
|---|---|---|---|---|
| ଶ୍ରୀମଦ୍‌ଭଗବଦ୍‌ଗୀତା (ଆକ୍ଷରିକ ଓଡ଼ିଆ ପଦ୍ୟାନୁବାଦ ସହ) | ... | ... | ... | ୪୯ |

**ଶେଷ ପୃଷ୍ଠା :**

| | | | | |
|---|---|---|---|---|
| ପୂର୍ଣ୍ଣଯୋଗର ପଥରେ ପାଦ ରଖିବା | ... | ଶ୍ରୀ ବିଶ୍ୱମ୍ଭର ସାମନ୍ତ | ... | ୫୭ |
| ଶ୍ରୀଅରବିନ୍ଦଙ୍କ ଜୀବନୀ ଆଧାରିତ କେତେକ ଫଟୋଚିତ୍ର | ... | ... | ... | ୬୧ |


❖

# ପ୍ରାର୍ଥନା

WHEN physical conditions are a little difficult and some discomfort follows, if one knows how to surrender completely before Thy will, caring little for life or death, health or illness, the integral being enters immediately into harmony with Thy law of love and life, and all physical indisposition ceases giving place to a calm well-being, deep and peaceful. ...

But the supreme science, O Lord, is to unite with Thee, to trust in Thee, to live in Thee, to be Thyself; and then nothing is any longer impossible to a man who manifests Thy omnipotence. ...

(MCW, Vol. 1, P. 101) – The Mother

ଯେଉଁ ମୁହୂର୍ତ୍ତରେ ଶାରୀରିକ ଅବସ୍ଥା କିଛି କଷ୍ଟକର ବୋଧହୁଏ ଏବଂ ପରିଣାମରେ ଅସ୍ୱସ୍ତି ଦେଖାଦିଏ, ଯଦି ସେହି ମୁହୂର୍ତ୍ତରେ ଜୀବନ ବା ମୃତ୍ୟୁ, ସ୍ୱାସ୍ଥ୍ୟ ବା ବ୍ୟାଧିକୁ ଅଗ୍ରାହ୍ୟ କରି ଜଣେ ତୁମ ଇଚ୍ଛା ନିକଟରେ ପୂର୍ଣ୍ଣରୂପେ ଆତ୍ମସମର୍ପଣ କରେ, ତତ୍‌କ୍ଷଣାତ୍ ହିଁ ତା'ର ସମସ୍ତ ସତ୍ତା ତୁମ ପ୍ରେମ ଏବଂ ଜୀବନର ଦିବ୍ୟଛନ୍ଦରେ ଏକ ହୋଇଯାଏ ଏବଂ ସକଳ ଶାରୀରିକ ଅସୁସ୍ଥତା ବିଦୂରିତ ହୁଏ ଓ ତାହାର ସ୍ଥାନରେ ଦେଖାଦିଏ ସ୍ଥିର, ଗଭୀର ଓ ଶାନ୍ତିପୂର୍ଣ୍ଣ ସ୍ୱାସ୍ଥ୍ୟ । ...

ହେ ପ୍ରଭୁ, ପରାବିଦ୍ୟା ହେଲା ତୁମ ସଙ୍ଗେ ଏକୀଭୂତ ହେବା, ତୁମ ଉପରେ ନିର୍ଭର ରଖିବା, ତୁମ ମଧ୍ୟରେ ବାସ କରିବା, ତୁମେ ହିଁ ହୋଇଯିବା; ସେତେବେଳେ ଆଉ ଅସମ୍ଭବ ବୋଲି କିଛି ରହିବ ନାହିଁ, କାରଣ ଜଣେ ବ୍ୟକ୍ତି ସେତେବେଳେ ପ୍ରକାଶ କରିବ ତୁମର ସର୍ବଶକ୍ତିମତ୍ତା । ...

(ଧ୍ୟାନ ଓ ପ୍ରାର୍ଥନା; ପୃଷ୍ଠା : ୬୪ - ୬୫) – ଶ୍ରୀମା



# ଶ୍ରୀଅରବିନ୍ଦଙ୍କ ବାଣୀ

There are two ways of doing Yoga, one by knowledge and one's own efforts, the other by reliance on the Mother. In the last way one has to offer one's mind and heart and all to the Mother for her Force to work on it, call her in difficulties, have faith and bhakti. At first it takes time, often a long time, for the consciousness to be prepared in this way – and during that time many difficulties can come up, but if one perseveres a time comes when all is ready, the Mother's Force opens the consciousness fully to the Divine, then all that must develop develops within, spiritual experience comes and with it the knowledge and union with the Divine.
(CWSA, Vol. 32, p. 200) – Sri Aurobindo

ଯୋଗ କରିବାର ଦୁଇଟି ମାର୍ଗ ରହିଛି, ଗୋଟିଏ ହେଉଛି ଜ୍ଞାନ ଓ ନିଜ ପ୍ରଚେଷ୍ଟାର ମାର୍ଗ ଏବଂ ଅନ୍ୟଟି ହେଉଛି ମା'ଙ୍କ ଉପରେ ନିର୍ଭର କରିବାର ମାର୍ଗ । ଶେଷୋକ୍ତ ମାର୍ଗଟିରେ ଜଣକୁ ନିଜର ମନ ଓ ହୃଦୟ ଏବଂ ସବୁକିଛିକୁ ମା'ଙ୍କୁ ଅର୍ପଣ କରିଦେବାକୁ ହେବ ସେଗୁଡ଼ିକ ଉପରେ ମା'ଙ୍କ ଦିବ୍ୟଶକ୍ତିର କ୍ରିୟା ନିମନ୍ତେ, ସମସ୍ତ ବାଧାବିପଦରେ ତାଙ୍କୁ ଡାକିବାକୁ ହେବ, ବିଶ୍ୱାସ ଓ ଭକ୍ତି ରଖିବାକୁ ହେବ । ପ୍ରଥମେ ଏଥିପାଇଁ ସମୟ ଲାଗେ, ଚେତନାକୁ ଏହି ଭାବରେ ପ୍ରସ୍ତୁତ କରିବା ପାଇଁ ଅନେକ ସମୟରେ ଦୀର୍ଘକାଳ ଲାଗିଯାଏ – ଏବଂ ସେହି ସମୟ ଭିତରେ ଅନେକ ବାଧାବିଘ୍ନ ଦେଖା ଦେଇପାରେ; କିନ୍ତୁ ଜଣେ ଯଦି ଲାଗି ରୁହେ ତେବେ ଏପରି ଏକ ସମୟ ଆସେ ଯେତେବେଳେ ସବୁକିଛି ପ୍ରସ୍ତୁତ ହୋଇଯାଏ, ମା'ଙ୍କର ଶକ୍ତି ଚେତନାକୁ **ଭଗବାନଙ୍କ** ପ୍ରତି ସମ୍ପୂର୍ଣ୍ଣ ଖୋଲିଦିଏ, ସେତେବେଳେ ଯାହାସବୁ ବିକଶିତ ହେବା କଥା ତାହା ବିକଶିତ ହୁଏ ନିଜ ଭିତରେ, ଆଧ୍ୟାତ୍ମିକ ଅନୁଭୂତିସବୁ ଆସେ ଏବଂ ତା' ସହିତ ଆସେ ଜ୍ଞାନ ଓ ଭଗବାନଙ୍କ ସହ ମିଳନ ।

– ଶ୍ରୀଅରବିନ୍ଦ

# ଆମ୍ଭମାନଙ୍କର ଲକ୍ଷ୍ୟ

## ଶ୍ରୀଅରବିନ୍ଦ

ଆଜି ଆମ୍ଭେମାନେ କର୍ମକ୍ଷେତ୍ରକୁ ଏକ ବିଶିଷ୍ଟ ଲକ୍ଷ୍ୟର ଦାୟିତ୍ୱ ସହ ଏକ ନୂତନ ଆଦର୍ଶ ଓ ଏକ ନୂତନ ବାର୍ତ୍ତାର ବାହକ ରୂପେ ଆସିଅଛୁ । ଆମ୍ଭେମାନେ ମାନବଜାତି ନିମିତ୍ତ ଯେଉଁ ବାର୍ତ୍ତା ବହନ କରି ଆଣିଛୁ, ତାହା ଏକ ଆଧ୍ୟାତ୍ମିକ ଆଦର୍ଶ ଏବଂ ଏପରି ଏକ ପାର୍ଥିବ ଜୀବନ ଯାହା ସେହି ଆଧ୍ୟାତ୍ମିକତାର ଅଭିବ୍ୟକ୍ତି ଏବଂ କ୍ରମ-ବର୍ଦ୍ଧମାନ ବାସ୍ତବ ସ୍ୱରୂପ । ଆମ୍ଭମାନଙ୍କର ଉଦ୍ୟମ ହେବ ପଥ ନିର୍ମାଣ କରିବା ଏବଂ ଏକ ମହାନ୍ ଓ ବିରାଟ ପରିବର୍ତ୍ତନର ସୂତ୍ରପାତ କରିବା ଯହିଁରେ ଆମ୍ଭେମାନେ ବିଶ୍ୱାସ କରୁ ଏବଂ ଯାହା ଭବିଷ୍ୟତ୍ ମାନବଜାତିର ଲକ୍ଷ୍ୟ ଓ ଭବିଷ୍ୟତ୍ ଭାରତର ଲକ୍ଷ୍ୟ । ଆମ୍ଭମାନଙ୍କର ଲକ୍ଷ୍ୟ ହେଲା ଆଧ୍ୟାତ୍ମିକତା ମଧ୍ୟରେ ମାନବଜାତିର ନବଜନ୍ମ ଏବଂ ସେହି ମହାନ୍ ନବଜନ୍ମ ଓ ନବସୃଷ୍ଟିର କର୍ମକ୍ଷେତ୍ର ସୃଷ୍ଟି କରିବା ସକାଶେ ଆମ୍ଭମାନଙ୍କର ଜୀବନ ସେହି ଆଧ୍ୟାତ୍ମିକତାରେ ଅନୁପ୍ରେରିତ ଏକ ପ୍ରଚେଷ୍ଟା ହେବା ଉଚିତ ।

ଏକ ଆଧ୍ୟାତ୍ମିକ ଆଦର୍ଶ ଚିରକାଳହିଁ ଭାରତର ଭାବନା ଓ ଆସ୍ପୃହାର ବିଶେଷତ୍ୱ । କିନ୍ତୁ କାଳର ଅଗ୍ରଗତି ଓ ମାନବଜାତିର ପ୍ରୟୋଜନ ହେତୁ ସେହି ଆଦର୍ଶର ଗୋଟାଏ ନୂତନ ରୂପ ଓ ଗୋଟାଏ ନୂତନ ସଂସ୍କରଣ ଆବଶ୍ୟକ ହୋଇଅଛି । ସେହି ପୁରାତନ ରୂପ ଓ ପୁରାତନ ପନ୍ଥା ବର୍ତ୍ତମାନ ଯୁଗଧର୍ମର ଲକ୍ଷ୍ୟ ନିମିତ୍ତ ଯଥେଷ୍ଟ ନୁହେଁ । ଭବିଷ୍ୟତରେ ଭାରତକୁ ଯେଉଁ ବିରାଟ ପଦକ୍ଷେପ ଗ୍ରହଣ କରିବାକୁ ହେବ ସେଥିନିମିତ୍ତ ସେହି ସଂକୀର୍ଣ୍ଣ ପଥଦେଇ ଭାରତ ଆଉ ତାହାର ଲକ୍ଷ୍ୟ ସାଧନ କରିପାରିବ ନାହିଁ । ଆମ୍ଭମାନଙ୍କର ଆଧ୍ୟାତ୍ମିକତା ମଧ୍ୟ ସେହି ପୁରାତନ, ଜୀର୍ଣ୍ଣ, ସଂସାର ବିମୁଖ ଆଧ୍ୟାତ୍ମିକ ଜୀବନ ନୁହେଁ, ଏବଂ ଈଶ୍ୱରଙ୍କର ବିରାଟ ସୃଷ୍ଟିର ଶୋଚନୀୟ ନିରର୍ଥକତା ଓ ମାୟାବାଦ ଦ୍ୱାରା ଭାରାକ୍ରାନ୍ତ ନୁହେଁ । ଆମ୍ଭମାନଙ୍କର ଆଦର୍ଶ ସେହି ଆଧ୍ୟାତ୍ମିକତା ନୁହେଁ ଯାହା ପାର୍ଥିବ ଜୀବନରୁ ମୁଖ ଫେରାଇ ନିଏ, ବରଂ ଆମ୍ଭମାନଙ୍କର ଆଦର୍ଶ ଅଧ୍ୟାତ୍ମଶକ୍ତି ଦ୍ୱାରା ଜୀବନରେ ବିଜୟ ପ୍ରାପ୍ତ ହେବା । ଏହା କେବଳ ଏହି ଜଗତକୁ ଭାଗବତ ଅଭିବ୍ୟକ୍ତିର ଏକ ଉଦ୍ୟମ ବୋଲି ଗ୍ରହଣ କରେ ନାହିଁ, ବରଂ ଭାଗବତ ଅଭିବ୍ୟକ୍ତିର ଏକ ବୃହତ୍ତର ଓ ମହତ୍ତର ଉଦ୍ୟମ ଦ୍ୱାରା ମାନବ ସମାଜର ରୂପାନ୍ତର ଚାହେଁ ଯାହା ଏପର୍ଯ୍ୟନ୍ତ କେବେ ବି ହୋଇ ନାହିଁ ଏବଂ ଯାହାର ପରିଣାମରେ ଭଗବାନ୍ ଓ ମନୁଷ୍ୟ ମଧ୍ୟରେ ଥିବା ପରଦା ଦୂର ହେବ, ଆମ୍ଭମାନଙ୍କ ମଧ୍ୟରେ ଥିବା ସେହି ଦିବ୍ୟମାନବତ୍ୱ ମୂର୍ତ୍ତ ହେବ ଏବଂ ଆମ୍ଭମାନଙ୍କ ପାର୍ଥିବ ଜୀବନ ଭାଗବତ ସତ୍ୟ, ଜ୍ୟୋତିଃ ଓ ସାମର୍ଥ୍ୟ ଦ୍ୱାରା ରୂପାନ୍ତରିତ ହେବ । ଏହାହିଁ ହେଲା ପ୍ରଭୁଙ୍କ ନିକଟରେ ଆମ୍ଭମାନଙ୍କର ସକଳ କର୍ମକୁ ଯଜ୍ଞ ରୂପେ ନିବେଦନ କରିବା ଏବଂ ମନୁଷ୍ୟ ଅନ୍ତରସ୍ଥ ବୃହତ୍ତର ସତ୍ତାର ଅଭିବ୍ୟକ୍ତି କରିବା ଏବଂ ସମଗ୍ର ଜୀବନକୁ ଯୋଗ ବୋଲି ଗ୍ରହଣ କରିବା ।

ପାଶ୍ଚାତ୍ୟ ଜଗତ୍ ମନୁଷ୍ୟର ବୁଦ୍ଧିଗତ, ଭାବମୟ, ପ୍ରାଣଗତ ଏବଂ ଭୌତିକ ଜୀବନର ବିକାଶକୁ ତାହାର ଆଦର୍ଶ ବୋଲି ଗ୍ରହଣ କରିଛି, ମାତ୍ର ତାହାର ଆଧ୍ୟାତ୍ମିକ ସ୍ଥିତିର ବୃହତ୍ତର ସମ୍ଭାବନାକୁ ଛାଡ଼ି ଦେଇଛି । ପାଶ୍ଚାତ୍ୟ ଆଦର୍ଶର ସର୍ବୋଚ୍ଚ ମାନଦଣ୍ଡ ହେଲା ମାନବଜାତିର ପ୍ରଗତି, ଐକ୍ୟ, ସ୍ୱାଧୀନତା, ସାମ୍ୟ, ଭ୍ରାତୃତ୍ୱ, ଯୁକ୍ତି ଓ ବିଜ୍ଞାନ, ସକଳ ପ୍ରକାର ଦକ୍ଷତା, ଉତ୍କୃଷ୍ଟତର ରାଜନୈତିକ, ସାମାଜିକ, ଆର୍ଥନୀତିକ ବ୍ୟବସ୍ଥା ଏବଂ ପାର୍ଥିବ ସୁଖ । ଏହିସବୁ ହେଲା ମହତ୍ ଉଦ୍ୟମ, ମାତ୍ର ପରୀକ୍ଷା ପରେ ପରୀକ୍ଷା ଦେଖାଇ ଦେଇଛି ଯେ କେବଳ ମନର ଭାବ, ଚିନ୍ତା, ଧାରଣା ଓ ଶକ୍ତି ଦ୍ୱାରା ସେଗୁଡ଼ିକ କାର୍ଯ୍ୟରେ ସାଧିତ ହୋଇ ପାରିବ ନାହିଁ । ସେସବୁର ଯଥାର୍ଥ ସତ୍ୟ ଓ କାର୍ଯ୍ୟକାରିତା କେବଳ ଆଧ୍ୟାତ୍ମିକ ଭିତ୍ତି ଉପରେହିଁ ପ୍ରତିଷ୍ଠିତ ହୋଇ ପାରିବ । ପାଶ୍ଚାତ୍ୟ ଜଗତ୍ ବିଶ୍ୱାସ ସ୍ଥାପନ କରିଛି ତାହାର ବିଜ୍ଞାନ ଓ ଯନ୍ତ୍ର-କଳକବ୍‌ଜା ଉପରେ, କିନ୍ତୁ ଧ୍ୱଂସ ଓ ପିଷ୍ଟ ହେଉଛି ସେହି ବିଜ୍ଞାନ ଏବଂ ଯାନ୍ତ୍ରିକତାର ଗୁରୁ ଭାରରେ । କିନ୍ତୁ ସେ ଉପଲବ୍ଧି କରୁ ନାହିଁ ଯେ ଏହି ଆଦର୍ଶ ସାଧନ ନିମିତ୍ତ ଆଧ୍ୟାତ୍ମିକ ପରିବର୍ତ୍ତନହିଁ ଆବଶ୍ୟକ । ପ୍ରାଚ୍ୟ ଜଗତ୍ ସେହି ଆଧ୍ୟାତ୍ମିକ ପରିବର୍ତ୍ତନର ଅଧିକାରୀ ଏବଂ ଦୀର୍ଘକାଳ ଧରି ଏହା ପାର୍ଥିବ ଜୀବନରୁ ଦୃଷ୍ଟି ଫେରାଇ ନେଇଅଛି । ବର୍ତ୍ତମାନ ସେହି ସମୟ ଆସିଛି ଯେତେବେଳେ ଏହି ବିଭେଦ ଦୂର ହେବ ଏବଂ ଜୀବନ ଓ ଆଧ୍ୟାତ୍ମିକତା ମଧ୍ୟରେ ଐକ୍ୟ ସ୍ଥାପିତ ହେବ ।

ଭାରତ ଏହି ରହସ୍ୟର ଅଧିକାରୀ ସତ୍ୟ, କିନ୍ତୁ ତାହାର ଯଥାର୍ଥ ବ୍ୟବହାର କରି ନାହିଁ । ଗୀତାର ମହାବାକ୍ୟରେ ''ଯୋଗସ୍ଥଃ କୁରୁ କର୍ମାଣି''— ଏହି ସତ୍ୟ ଅତି ସଂକ୍ଷେପରେ କୁହାଯାଇଛି । ଏହାର ନୀତି ହେଲା ସକଳ କର୍ମ କରିବ ଯୋଗର ଭିତ୍ତିରେ, ଭଗବାନଙ୍କ ସଙ୍ଗେ ସଂଯୁକ୍ତ ହୋଇ, ସତ୍ତାର ଉଚ୍ଚତମ ଭିତ୍ତିରେ ପ୍ରତିଷ୍ଠିତ ହୋଇ ଏବଂ ଆମ୍ଭମାନଙ୍କ ସତ୍ତାର ସକଳ ଅଂଶରେ ଆତ୍ମା ଦ୍ୱାରା ପରିଚାଳିତ ହୋଇ । ଆମ୍ଭେମାନେ ବିଶ୍ୱାସ କରୁ ଯେ ଏହା କେବଳ ମନୁଷ୍ୟ ପକ୍ଷରେ ସମ୍ଭବ ନୁହେଁ ବରଂ ଏହା ତାହାର ସକଳ ବାଧାବିଘ୍ନ ଓ ସମସ୍ୟାର ଯଥାର୍ଥ ସମାଧାନ । ତେବେ ଏହାହିଁ ହେଉଛି ସେହି ବାଣୀ ଯାହା ଆମ୍ଭେମାନେ ସର୍ବଦା ଉଚ୍ଚାରଣ କରିବା ଏବଂ ଏହାହିଁ ହେଲା ସେହି ଆଦର୍ଶ ଯାହା ଆମ୍ଭେମାନେ ତରୁଣ ଓ ଉଦୀୟମାନ ଭାରତବର୍ଷ ସମ୍ମୁଖରେ ଉପସ୍ଥାପିତ କରିବା : ଏକ ଅଧ୍ୟାତ୍ମ-ଜୀବନ ଯାହା ମାନବ ଜୀବନର ସକଳ କର୍ମକୁ ଗ୍ରହଣ କରିବ ଏବଂ ଯେଉଁ ମହାନ୍ ଯୁଗ ଆସନ୍ନ ସେଥିନିମିତ୍ତ ଜଗତକୁ ରୂପାନ୍ତରିତ ହେବାରେ ସାହାଯ୍ୟ କରିବ । ଭାରତ ଅତି ପ୍ରାଚୀନ କାଳରୁ ସେହି ରହସ୍ୟକୁ ବହନ କରି ଆସିଛି । ଏହି ବିରାଟ ରୂପାନ୍ତର କାର୍ଯ୍ୟରେ ସେ (ଭାରତ)ହିଁ କେବଳ ପଥ ପ୍ରଦର୍ଶକ ହେବ ଆଉ ବର୍ତ୍ତମାନ ପ୍ରାଚୀନ ଯୁଗର ସନ୍ଧ୍ୟା ଏହି ରୂପାନ୍ତରର ଅଗ୍ରଦୂତ । ଯେହେତୁ ଭାରତ ବ୍ୟକ୍ତିର ଆନ୍ତରାତ୍ମିକ ଜୀବନ ଆବିଷ୍କାର କରିଅଛି, ବର୍ତ୍ତମାନ ମାନବଜାତି ନିମିତ୍ତ ତାହାର ପୂର୍ଣ୍ଣାଙ୍ଗ ସାମୂହିକ ଅଭିବ୍ୟକ୍ତି ପ୍ରତିଷ୍ଠା କରିବା ଏବଂ ଏକ ନୂତନ ଆଧ୍ୟାତ୍ମିକ ଓ ସାମାଜିକ ସଂସ୍କାର ଭିତ୍ତି ଆବିଷ୍କାର କରିବା ଭାରତର ଲକ୍ଷ୍ୟ ଓ କାର୍ଯ୍ୟ ହେବା ଉଚିତ ।

ଆମ୍ଭମାନଙ୍କର ପ୍ରଥମ ଉଦ୍ଦେଶ୍ୟ ହେବ ଏହି ଆଦର୍ଶକୁ ଘୋଷଣା କରିବା — ଆଧ୍ୟାତ୍ମିକ ପରିବର୍ତ୍ତନ ଯେ ସର୍ବପ୍ରଥମ ଆବଶ୍ୟକ ଏହା ଉପରେ ଜୋର୍ ଦେବା ଏବଂ ସେହି ସମସ୍ତଙ୍କୁ ଏକତ୍ର କରିବା ଯେଉଁମାନେ ଏହାକୁ ଗ୍ରହଣ କରିବେ ଏବଂ ସିଦ୍ଧ କରିବା ନିମିତ୍ତ ଐକାନ୍ତିକ ଭାବେ ପ୍ରଯତ୍ନ କରିବେ । ଆମ୍ଭମାନଙ୍କର ଦ୍ୱିତୀୟ ଉଦ୍ଦେଶ୍ୟ — ଏହି ଆଦର୍ଶ ଉପରେ କେବଳ ବ୍ୟକ୍ତି-ଜୀବନ ପ୍ରତିଷ୍ଠିତ ହେବ ନାହିଁ ବରଂ ଏକ ଗୋଷ୍ଠୀବଦ୍ଧ ଜୀବନ ମଧ୍ୟ ଏହା ଉପରେ ପ୍ରତିଷ୍ଠିତ ହେବ । ବାହ୍ୟ କର୍ମର ସଙ୍ଗେ ଏକ ଆନ୍ତର ପରିବର୍ତ୍ତନ ଆବଶ୍ୟକ ଏବଂ ଏହା ଏକାଧାରରେ ଅବଶ୍ୟ ଆମ୍ଭମାନଙ୍କର ଆଧ୍ୟାତ୍ମିକ, ସାଂସ୍କୃତିକ, ଶିକ୍ଷା ବିଷୟକ, ସାମାଜିକ ଓ ଆର୍ଥନୀତିକ ଜୀବନରେ ପ୍ରତିଫଳିତ ହେବ । ଯୁଗପତ୍ ଏହାର କାର୍ଯ୍ୟକ୍ଷେତ୍ର ହେବ ବ୍ୟକ୍ତିଗତ ଏବଂ ଗୋଷ୍ଠୀଗତ, ଆଞ୍ଚଳିକ ଓ ଜାତୀୟ ଏବଂ ଅବଶେଷରେ କେବଳ ଦେଶ ନିମିତ୍ତ ନ ହୋଇ ସମଗ୍ର ମାନବସମାଜ ନିମିତ୍ତ ଉଦ୍ଦିଷ୍ଟ ହେବ । ଏହି କର୍ମର ପ୍ରତ୍ୟକ୍ଷ ଫଳ ହେବ ଏକ ନବୀନ ସୃଷ୍ଟି, ଏକ ଆଧ୍ୟାତ୍ମିକ ଶିକ୍ଷା ଓ ସଂସ୍କୃତି, ଏକ ବ୍ୟାପକ ସାମାଜିକ ପ୍ରେରଣା ଯାହା ବିଭେଦ ଉପରେ ପ୍ରତିଷ୍ଠିତ ନ ହୋଇ ପ୍ରତିଷ୍ଠିତ ହେବ ବ୍ୟକ୍ତିର ପୂର୍ଣ୍ଣ ବିକାଶ ଓ ସ୍ୱାଧୀନତା ଉପରେ, ଅନ୍ୟ ବ୍ୟକ୍ତି ସହ ଏକତ୍ୱ ଏବଂ ଦେଶ ଓ ମାନବସମାଜର ବୃହତ୍ତର ସତ୍ତାରେ ଆତ୍ମୋତ୍ସର୍ଗ ଉପରେ; ଏବଂ ଭାରତର ଆର୍ଥନୀତିକ ସମସ୍ୟାର ସମାଧାନ କରିବାକୁ ଉଦ୍ୟମ ଆରମ୍ଭ ହେବ ପାଶ୍ଚାତ୍ୟ ଆଦର୍ଶକୁ ଅନୁସରଣ କରି ନୁହେଁ ବରଂ ଭାରତର ନିଜସ୍ୱ ଗୋଷ୍ଠୀଗତ ଜୀବନର ନୀତି ଅନୁସାରେ ।

ତରୁଣ ଭାରତକୁ ଆମ୍ଭେମାନେ ଆହ୍ୱାନ କରୁଅଛୁ । ତରୁଣମାନେହିଁ ଏହି ନୂତନ ଜଗତର ନିର୍ମାତା ହେବେ, କିନ୍ତୁ ସେମାନେ ନୁହନ୍ତି ଯେଉଁମାନେ ପାଶ୍ଚାତ୍ୟ ଜଗତର ପ୍ରତିଯୋଗିତାମୂଳକ ବ୍ୟକ୍ତିତନ୍ତ୍ର, ପୁଞ୍ଜିବାଦ ବା ବସ୍ତୁତାନ୍ତ୍ରିକ ସାମ୍ୟବାଦକୁ ଭାରତର ଭବିଷ୍ୟତ୍ ଆଦର୍ଶ ରୂପେ ଗ୍ରହଣ କରନ୍ତି ବା ଯେଉଁମାନେ ହୋଇଛନ୍ତି ପୁରାତନ ଧର୍ମନୀତିର କ୍ରୀତଦାସ ଅଥବା ଯେଉଁମାନେ ଆଧ୍ୟାତ୍ମିକତା ଦ୍ୱାରା ଜୀବନର ରୂପାନ୍ତରରେ ବିଶ୍ୱାସ କରନ୍ତି ନାହିଁ କିଂବା ସମ୍ମତି ପ୍ରଦାନ କରନ୍ତି ନାହିଁ । ବରଂ ଯେଉଁମାନେ ଏକ ପୂର୍ଣ୍ଣତର ସତ୍ୟଗ୍ରହଣ କରିବାକୁ ସମର୍ଥ ହେବେ ଓ ଏକ ମହତ୍ତର ଆଦର୍ଶ ନିମିତ୍ତ ଅଧ୍ୟବସାୟ କରିବାକୁ ଯେଉଁମାନଙ୍କର ମନ ଓ ହୃଦୟ ଉନ୍ମୁକ୍ତ — ସେହିମାନେହିଁ ଏହି ଜଗତର ନିର୍ମାତା ହେବେ । ସେମାନେ ଏପରି ବ୍ୟକ୍ତି ହେବେ ଯେଉଁମାନେ ଅତୀତ ଓ ବର୍ତ୍ତମାନ ପ୍ରତି ନିଜକୁ ଉତ୍ସର୍ଗ ନ କରି ନିଜକୁ ଉତ୍ସର୍ଗ କରିବେ ଭବିଷ୍ୟତ୍ ପ୍ରତି । ସେମାନେ ନିଜକୁ ପୂର୍ଣ୍ଣ ପ୍ରାଣରେ ଉତ୍ସର୍ଗ କରିବେ ନିଜର ନିମ୍ନ ପ୍ରକୃତିକୁ ଅତିକ୍ରମ କରିଯିବା ନିମିତ୍ତ, ନିଜ ମଧ୍ୟରେ ତଥା ସମସ୍ତଙ୍କ ମଧ୍ୟରେ ଈଶ୍ୱରଙ୍କୁ ଅନୁଭବ କରିବା ଉଦ୍ଦେଶ୍ୟରେ, ଦେଶ ଓ ମାନବ-ସମାଜ ନିମିତ୍ତ ଅକ୍ଲାନ୍ତ ଅଧ୍ୟବସାୟ କରିବା ପାଇଁ । ଏପର୍ଯ୍ୟନ୍ତ ଏହି ଆଦର୍ଶ ରହିଅଛି ଏକ କ୍ଷୁଦ୍ର ବୀଜ ତୁଲ୍ୟ ଏବଂ ଯେଉଁ ଜୀବନରେ ଏହା ମୂର୍ତ୍ତ ତାହା ଏକ ସୂକ୍ଷ୍ମକେନ୍ଦ୍ର । କିନ୍ତୁ ଆମ୍ଭମାନଙ୍କର ଦୃଢ଼ ବିଶ୍ୱାସ ଏହି ଯେ ଏହି କ୍ଷୁଦ୍ର ବୀଜ ଏକ ବୃହତ୍ ବୃକ୍ଷରେ ଦିନେ ନା ଦିନେ ପରିଣତ ହେବ ଏବଂ ସେହି ସୂକ୍ଷ୍ମକେନ୍ଦ୍ର ଏକ ଚିର ବ୍ୟାପକ ସଂଗଠନର ପ୍ରାଣ ହେବ ।

ଆଧ୍ୟାତ୍ମିକତାରେ ଅବିଚଳିତ ଶ୍ରଦ୍ଧା ଦ୍ୱାରା ଅନୁପ୍ରାଣିତ ହୋଇ ଆମ୍ଭେମାନେ ଧ୍ୱଂସୋନ୍ମୁଖ ଜଗତର ବିଶୃଙ୍ଖଳା ମଧ୍ୟରେ ଯେଉଁ ନୂତନ ମାନବଗୋଷ୍ଠୀ ଜନ୍ମ ଲାଭ କରିବା ପାଇଁ ଚେଷ୍ଟା କରୁଅଛୁ ତାହାର ଓ ଭବିଷ୍ୟତ୍ ଭାରତର ତଥା ଆଦ୍ୟା ଜନନୀଙ୍କର ବିରାଟ ଅବସନ୍ନ ଶରୀରରେ ପୁନଃ ଯୌବନ ପ୍ରଦାନ କରିବା ପାଇଁ ଯେଉଁ ବିଶାଳ ଭାରତ ପୁନର୍ଜନ୍ମ ଲାଭ କରିବ ତାହାର ପତାକାଧାରୀମାନଙ୍କ ମଧ୍ୟରେ ଆମ୍ଭେମାନେ ସ୍ଥାନ ଗ୍ରହଣ କରୁଅଛୁ ।

(୧୯୨୦ ସାଲ ଅଗଷ୍ଟ ୧୫ ତାରିଖରେ ଲିଖିତ ''Ourselves'' ନାମକ ପ୍ରବନ୍ଧର ଅନୁବାଦ ।) ❖

*''... ଭାଗବତୀ ଶକ୍ତି ତୁମ ପାଇଁ ସମର୍ପଣ ବି କରିଦେବେ, ଏହି ମିଥ୍ୟା ଏବଂ ତାମସିକ ପ୍ରତ୍ୟାଶା ଦୂର କର । ଭଗବାନ୍ ଚାହାନ୍ତି ଭାଗବତୀ ଶକ୍ତିଙ୍କ ନିକଟରେ ତୁମର ସମର୍ପଣ, କିନ୍ତୁ ସେଥିଲାଗି ତୁମକୁ ସେ କେବେ ଜୋର୍ କରନ୍ତି ନାହିଁ । ଯେପର୍ଯ୍ୟନ୍ତ ତୁମର ସ୍ଥାୟୀ ଅପରିବର୍ତ୍ତନୀୟ ରୂପାନ୍ତର ନ ଆସିଛି ସେପର୍ଯ୍ୟନ୍ତ ପ୍ରତି ମୁହୂର୍ତ୍ତରେ ଭଗବାନଙ୍କୁ ଅସ୍ୱୀକାର ଓ ପ୍ରତ୍ୟାଖ୍ୟାନ କରିବା ଲାଗି କିଂବା ତୁମ ଆତ୍ମ-ଦାନକୁ ଫେରାଇ ଆଣିବା ଲାଗି ତୁମେ ମୁକ୍ତ ଯଦି ତୁମେ ଏହାର ଆଧ୍ୟାତ୍ମିକ ପରିଣାମ ଭୋଗ କରିବାକୁ ପ୍ରସ୍ତୁତ ଥାଅ ।''*

– ଶ୍ରୀଅରବିନ୍ଦ ('ମା' ପୁସ୍ତକ, ପୃଷ୍ଠା - *୬*)

*ପ୍ରଶ୍ନ : 'ଏକ ସ୍ଥାୟୀ ଅପରିବର୍ତ୍ତନୀୟ' ରୂପାନ୍ତରର ଅର୍ଥ କ'ଣ ?*

**ଶ୍ରୀମା** : ସେହି ରୂପାନ୍ତରକୁ 'ସ୍ଥାୟୀ ଅପରିବର୍ତ୍ତନୀୟ' ରୂପାନ୍ତର ବୋଲି କୁହାଯିବ ଯେତେବେଳେ ତୁମର ଚେତନା ଏଭଳି ଭାବରେ ରୂପାନ୍ତରିତ ହେବ ଯେ ତୁମେ ଆଉ କେବେ ତୁମର ପୁରୁଣା ସ୍ଥିତିଟିକୁ ଫେରିଯାଇ ପାରିବ ନାହିଁ । ଏହିପରି ଏକ ମୁହୂର୍ତ୍ତ ଆସେ ଯେତେବେଳେ ପରିବର୍ତ୍ତନଟି ଏତେ ପରିପୂର୍ଣ୍ଣ ଭାବରେ ସଂଘଟିତ ହୋଇଥାଏ ଯେ ତୁମେ ଆଗରୁ ଯାହା ଥିଲ ସେପରି ହେବା ସଂପୂର୍ଣ୍ଣ ଅସମ୍ଭବ ହୋଇପଡ଼େ ।

*ପ୍ରଶ୍ନ : ପରମା ଦିବ୍ୟଶକ୍ତି (divine Shakti) ଓ ପରମ ଦିବ୍ୟ ସାମର୍ଥ୍ୟ (divine Power) ମଧ୍ୟରେ କି ପାର୍ଥକ୍ୟ ରହିଛି ?*

**ଶ୍ରୀମା** : ପରମ ଦିବ୍ୟ ସାମର୍ଥ୍ୟ ହେଉଛି ପରମା ଦିବ୍ୟ ଶକ୍ତିର କେବଳ ଏକ ଅଂଶ, ପରମ ଦିବ୍ୟ ସାମର୍ଥ୍ୟ ହେଉଛି ପରମା ଦିବ୍ୟଶକ୍ତିର ଏକ ବିଭାବ । ଶ୍ରୀଅରବିନ୍ଦ ପରମା ଦିବ୍ୟଶକ୍ତି ଶବ୍ଦଟିକୁ ଏଠାରେ ଚିତ୍-ତପସ୍ ଅର୍ଥରେ ସେହି ସୃଷ୍ଟିକାରିଣୀ ଶକ୍ତି ବା ସୃଷ୍ଟିକାରିଣୀ ଚେତନାର ଅର୍ଥରେ ବ୍ୟବହାର କରିଛନ୍ତି । ତେଣୁ ପରମ ଦିବ୍ୟ ସାମର୍ଥ୍ୟକୁ ପରମା ଦିବ୍ୟ ଶକ୍ତିଙ୍କର ଏକ ଅଂଶରୂପେ ବୁଝିବାକୁ ହେବ ।

('ମା' ବହି ପ୍ରସଙ୍ଗରେ, ପୃଷ୍ଠା : ୧ - ୨)

# ଶ୍ରୀମାଙ୍କ ସହ ଏକ କଥୋପକଥନ

## ଶ୍ରୀମା

**୯ ଜୁନ୍, ୧୯୭୧**

**ଶ୍ରୀମା :** ପ୍ରବଳ ଗତିବେଗ ସହ ବିରୋଧୀ ଶକ୍ତିମାନଙ୍କର ଏକ ଭିଡ଼ ଦେଖା ଦେଇଛି । ଏକ ପାଗଳ ଭିଡ଼ । କିନ୍ତୁ ଏହାର ଯଥାର୍ଥ ଉତ୍ତର ଆସିବା ଆରମ୍ଭ ହୋଇ ଯାଇଛି – ଏହା ମାତ୍ର ଏକ ସାମାନ୍ୟ ଆରମ୍ଭ । ପ୍ରତ୍ୟେକଙ୍କ ଭିତରେ ସତେ ଯେପରି ଏକ ଘୂର୍ଣ୍ଣିବାତ୍ୟା – ଏହା ପୂରା ଚାଲିଯାଇ ନାହିଁ । ଯେଉଁଗୁଡ଼ିକ ଉପରେ ବିଜୟ ହାସଲ କରି ତା'କୁ ହଟାଇ ଦୂର କରି ଦିଆଯାଇଛି ବୋଲି ବିଶ୍ୱାସ କରାଯାଇଥିଲା ସେଗୁଡ଼ିକ ପୁଣି ପ୍ରବଳ ବେଗରେ ଭିଡ଼ କରି ଫେରି ଆସୁଛନ୍ତି – ତାହା ପୁଣି ସବୁଠୁ ଅପ୍ରତ୍ୟାଶିତ ଲୋକମାନଙ୍କ ଭିତରେ – ସବୁପ୍ରକାର ରୂପରେ, କିନ୍ତୁ ବିଶେଷ କରି ସ୍ୱଭାବରେ – ଓଃ ! ସନ୍ଦେହ, ବିଦ୍ରୋହ ଓ ସେହିସବୁ ଜିନିଷ ...

(*ନୀରବତା*)

ସମଗ୍ର ଭାରତ ପାଇଁ ମୋ'ଠାରୁ ଏକ ବାର୍ତ୍ତା ମଗା ଯାଇଥିଲା । ମୁଁ ତାହା ଦେଇଛି । (ମା' ବାର୍ତ୍ତାଟିକୁ ଶିଷ୍ୟଙ୍କ ହାତକୁ ବଢ଼ାଇ ଦେଲେ)

*"Supreme Lord, Eternal Truth*
*Let us obey Thee alone*
*and live according to*
*Truth."*

ଅର୍ଥାତ୍,

''ପରମ ପ୍ରଭୋ, ଚିରନ୍ତନ ସତ୍ୟ
ଆମେ କେବଳ ତୁମର ଆଜ୍ଞାବହ ହୋଇଉଠୁ
ଏବଂ ଦିବ୍ୟ ସତ୍ୟର ବିଧାନକୁ ଆଶ୍ରୟ କରି
ଜୀବନ ଧାରଣ କରୁ ।''

ମିଥ୍ୟାଚାରର ପ୍ରବଳ ବେଗ ସହ ଏକ ଭୟଙ୍କର ଭିଡ଼ । ମନେହୁଏ ଯେପରି ସାରା ସଂସାର, ପ୍ରତ୍ୟେକଟି ଲୋକ ମିଥ୍ୟାର ଆଶ୍ରୟ ନେଉଛନ୍ତି, ଏପରିକି ସବୁଠୁ ଅପ୍ରତ୍ୟାଶିତ ଲୋକ – ସର୍ବତ୍ର, ସର୍ବତ୍ର, ସର୍ବତ୍ର । ଏବଂ ମୋ ପାଇଁ ଏହା ଏକ ଜୀବନ୍ତ ଜିନିଷ (*ମା' କିଛି ଦେଖିବାର ଏକ ଅଙ୍ଗଭଙ୍ଗି କଲେ*) ଓଃ ! ଭୟଙ୍କର, ତୁମେ କଳ୍ପନା କରିପାରିବ ନାହିଁ ... ଡାହାଣ ପଟକୁ ଟିକେ ମୋଡ଼, ବାଁ ପଟକୁ ଟିକେ ମୋଡ଼ ... ସାମାନ୍ୟ ଟିକେ ମୋଡ଼ ... କିଛି, କିଛି, କୌଣସି କିଛି ମଧ୍ଯ ସିଧାସଳଖ ନୁହେଁ । ସେତେବେଳେ ଶରୀର ନିଜକୁ ପଚାରିଲା ''ତୋର ମିଥ୍ୟାଚାର କେଉଁଠି ?'' ଏହା ନିଜ ପ୍ରତି ଦୃଷ୍ଟି ପକାଇଲା ଏବଂ ଦେଖିଲା ସେହି ପୁରୁଣା କାହାଣୀ : ''ଯେତେବେଳେ ଅବସ୍ଥା ଜରୁରୀ ଓ ଗୁରୁତ୍ୱପୂର୍ଣ୍ଣ ହେବ କେବଳ ସେତିକିବେଳେ ଭଗବାନଙ୍କୁ ଡକାଯାଏ (*ମା' ହସିଲେ*) । ତୁମେ ତ' ପୂରା ସମୟ ତାଙ୍କ ସଙ୍ଗେ ରହିବାକୁ ଆଶା କର ନାହିଁ ।'' ସେତେବେଳେ ଏହା ଏକ ଚପେଟାଘାତ ପାଇଲା, ଏହା ଆକ୍ରମଣାତ୍ମକ ନ ଥିଲା, ଏହା ଥିଲା ନମ୍ର ଧରଣର କିଛି – କିନ୍ତୁ ବେଶ୍ ଏକ ଚପେଟାଘାତ ।

ଅପ୍ରିୟ ଜିନିଷଗୁଡ଼ିକର ଏହା ଥିଲା ଏକ କ୍ରୋଧୋନ୍ମାଦ – ଅପ୍ରିୟଠାରୁ ଅଧିକ; ସତରେ, ସତରେ ଏହା ଥିଲା ଦୁଷ୍ଟ, ମନ୍ଦ ଓ ଅନିଷ୍ଟକାରୀ । ଯଥାର୍ଥ ବୁଝିବାଟା ଆସିବା ପୂର୍ବରୁ ଏହା ଥିଲା ଏକ କ୍ରୋଧୋନ୍ମାଦ । ତା'ପରେ ସମଗ୍ର ଶରୀରରେ ଏହି ଅନୁଭବଟି ଆସିଲା, ସମସ୍ତ ଦେହ କୋଷଗୁଡ଼ିକରେ, ସର୍ବତ୍ର, ସାରାକ୍ଷଣ ଧରି – ଏହା ଏପରି ଏକ ଅବସ୍ଥାରେ ପହଞ୍ଚିଲା ଯେ ମୁଁ ଖାଉଥିବା ସମୟରେ କିଛି ଢୋକି ପାରୁ ନ ଥିଲି – ଯେତେବେଳେ ଶେଷରେ ସବୁକିଛିରେ, ସବୁକିଛିରେ ମୋର ଏହି ପ୍ରତୀତି ଆସିଲା ଯେ ''ମୁଁ କେବଳ ଭଗବାନଙ୍କ ଦ୍ୱାରାହିଁ ରହିଛି, ଭଗବାନଙ୍କ ବିନା ମୋର ଜୀବନ ଧାରଣ ଅସମ୍ଭବ, ତାଙ୍କୁ ଛାଡ଼ି ମୁଁ ବଞ୍ଚି ପାରିବି ନାହିଁ ... ଭଗବାନ୍ ହେବା ଛଡ଼ା ମୁଁ ନିଜେ ବୋଲି କିଛି ହୋଇ ପାରିବି ନାହିଁ ।'' – ଏହାପରେ ସବୁ ଠିକ୍ ହୋଇଯିବାକୁ ଆରମ୍ଭ କଲା । ବର୍ତ୍ତମାନ ଶରୀର ସତ୍ୟଟି ବୁଝିନେଇ ପାରିଛି ।

(*ଦୀର୍ଘ ନୀରବତା*)

ତୁମର କିଛି ପଚାରିବାର ନାହିଁ ?

*ଶିଷ୍ୟ : ଭାଗ୍ୟ ଖରାପ ହେବା ପରି ମୋତେ ଲାଗୁଛି ।*

ଶ୍ରୀମା : ନା । ଏହା ସତ୍ୟ ନୁହେଁ । ଏହା ମିଥ୍ୟାଚାରରହିଁ ଏକ ଅଂଶ, ଏହାହିଁ ସେହି ମିଥ୍ୟାଚାର । ଖରାପ ଭାଗ୍ୟ କିଛି ନାହିଁ, ଏହା ଏକ ମିଥ୍ୟା । ଏହା ବାସ୍ତବରେ ଏକ ମିଥ୍ୟା ... ଏହା ଆଦୌ ସତ୍ୟ ନୁହେଁ, ଆଦୌ ନୁହେଁ, ଆଦୌ ନୁହେଁ ।

ଦେଖ ଏହାହିଁ, ଠିକ୍ ଏହାହିଁ, ତୁମକୁ ଏକ ଉଦାହରଣ ଦିଏ : ଏହା ଏହିପରି, ସର୍ବତ୍ର ଏହିପରି (*ମା ଏକ ପଞ୍ଝା ପରି କିଛିର ଭଙ୍ଗି ଦେଖାଇଲେ*) ମୋତେ ତ ଏପରି ଲାଗୁଛି ଯେ ମୁଁ ଏପରି ସବୁ ଅନିଷ୍ଟକାରୀ ଅପସତ୍ତାମାନଙ୍କୁ ଦେଖୁଛି ଯେଉଁମାନେ ପଞ୍ଝା ବିସ୍ତାର କରି, ଆଙ୍କୁଡ଼ି ପରି ହାତରେ ପ୍ରତ୍ୟେକ ଲୋକଙ୍କୁ ଧରି ନେବାକୁ ଚେଷ୍ଟା କରୁଛନ୍ତି । ଆଃ, ତୁମେ ସେମାନଙ୍କୁ ଟିକେ ଦେଖିବା ଦରକାର, ତା'ପରେ ହସିବ ଓ ଭଦ୍ରତା ଶିଖି ନଥିବା ପିଲାଙ୍କ ପରି ସେମାନଙ୍କୁ ଜିଭ ଦେଖାଇ ତାଚ୍ଛଲ୍ୟ କରିବା ଦରକାର ।

(*ଦୀର୍ଘ ନୀରବତା*)

*ଶିଷ୍ୟ : ଯାହା ବି ହେଉ, ଆପଣଙ୍କ ଉପରେ ଚାରିଆଡୁ ଆକ୍ରମଣ ହେଉଛି ।*

ଶ୍ରୀମା : ଓଃ ... ମୁଁ ତୁମକୁ କହୁଛି ଏହା ଏକ ପ୍ରବଳ ଆକ୍ରମଣାତ୍ମକ ଭିଡ଼ — କିନ୍ତୁ ଏଥିରେ କିଛି ଯାଏ ଆସେ ନାହିଁ ... ଏହାର ଉର୍ଦ୍ଧ୍ୱକୁ ଉଠିଯିବାକୁ ହେବ ଏବଂ ତା'ପରେ (*ମା' ଉର୍ଦ୍ଧ୍ୱକୁ ଦେଖିବାର ଏକ ଅଙ୍ଗଭଙ୍ଗି କଲେ*)

ମୁଁ ତୁମକୁ ଯାହା କହିଛି ତାହାହିଁ ସତ୍ୟ,
— ଏହାହିଁ ଏକମାତ୍ର ପ୍ରତିଷେଧକ ।
କେବଳ ଭଗବାନଙ୍କ ପାଇଁ ଜୀବନ ଧାରଣ କରିବା ।
କେବଳ ଭଗବାନଙ୍କ ଦ୍ୱାରାହିଁ ଜୀବନ ଧାରଣ କରିବା ।
କେବଳ ଭଗବାନଙ୍କ ସେବାରେ ଜୀବନ ଧାରଣ କରିବା ।
କେବଳ ଭଗବାନ୍ ହୋଇ ଉଠିହିଁ ଜୀବନ ଧାରଣ କରିବା ।
ଏହାହିଁ ସତ୍ୟ ।

''ତୁମେ'' ବୋଲି କେହି ନାହିଁ, ''ପ୍ରତୀକ୍ଷା କରିବାକୁ ହେବ'' ବୋଲି କିଛି ନାହିଁ, ''ଏହା ତା'ର ନିଜ ସମୟରେ ଆସିବ'' ବୋଲି କିଛି ନାହିଁ, ଏପରି କିଛି ନାହିଁ ... ଏ ସମସ୍ତ ଜିନିଷଗୁଡ଼ିକ ଖୁବ୍ ଯୁକ୍ତିବୁଦ୍ଧିସମ୍ମତ, କିନ୍ତୁ ସେଗୁଡ଼ିକ ଆଉ ତିଷ୍ଠି ରହି ନାହାନ୍ତି — କେବଳ 'ତାହା'ହିଁ ରହିଛି, (*ମା' ତାଙ୍କର ମୁଷ୍ଟି ତଳକୁ ଆଣିଲେ*) ତାହା ରହିଛି ଏକ ଖଣ୍ଡାର ଫଳକ ପରି । ଏହାହିଁ ତାହା । ସବୁକିଛି ସତ୍ତ୍ୱେ ଏହା ତାହାହିଁ : ଭଗବାନ୍, କେବଳ ଭଗବାନ୍ । ଅସଦିଚ୍ଛା, ବିଦ୍ରୋହ ଓ ... ଏ ସମସ୍ତ ଆବର୍ଜନା (*ମା' ତାଙ୍କ ତର୍ଜନୀ ଉଠାଇଲେ*) ଝାଡ଼ି ଦୂର କରି ଦେବାକୁ ହେବ । ଏବଂ ସେହି 'ତାହା' ଦ୍ୱାରା ଆମେ ଧ୍ୱଂସ ଓ ବିନାଶପ୍ରାପ୍ତ ହୋଇଯିବୁ ବୋଲି ଯାହା କୁହେ ତାହା ହେଉଛି ଅହଂ — ଏହି ଅହଂ ମହାଶୟହିଁ ଚାହାଁନ୍ତି ତାଙ୍କୁ ଯଥାର୍ଥ ସତ୍ତା ବୋଲି ଗ୍ରହଣ କରାଯାଉ ।

କିନ୍ତୁ ଶରୀର ଶିଖି ନେଇ ପାରିଛି ଯେ ଏପରି କି ଅହଂ ବିନା ଏହା ପ୍ରକୃତରେ ଯାହା, ତାହାହିଁ ହୋଇଛି, କାରଣ ଅହଂ ଦ୍ୱାରା ଏହା ତାହା ହୋଇ ନାହିଁ, ଏହା ତାହା ହୋଇଛି ଭଗବାନଙ୍କ ଇଚ୍ଛା ଦ୍ୱାରା — ଆମର ଅସ୍ତିତ୍ୱ ରହିଛି ଭଗବାନଙ୍କ ଇଚ୍ଛା ଦ୍ୱାରା, ଅହଂ ଦ୍ୱାରା ନୁହେଁ । ଅହଂ ଏକ ନିମିତ୍ତ ମାତ୍ରହିଁ ଥିଲା — ବହୁ ଶତାବ୍ଦୀ ଧରି ଏହା ଏକ ନିମିତ୍ତ ଥିଲା — ବର୍ତ୍ତମାନ ଆଉ ଏହାର କୌଣସି ପ୍ରୟୋଜନ ବା ମୂଲ୍ୟ ନାହିଁ, ଏହାର ସମୟ ଚାଲିଯାଇଛି । ବର୍ତ୍ତମାନ (*ମା' ତାଙ୍କର ମୁଷ୍ଟି ତଳକୁ ଆଣିଲେ*) ... ଚେତନା, ଏହାହିଁ ହେଉଛି ଭଗବାନ୍; ଶକ୍ତି, ଏହାହିଁ ହେଉଛି ଭଗବାନ୍; କର୍ମ, ଏହାହିଁ ହେଉଛି ଭଗବାନ୍; ବ୍ୟକ୍ତିତ୍ୱ, ଏହାହିଁ ହେଉଛି ଭଗବାନ ।

ଏବଂ ଶରୀର ଏହା ବୁଝିପାରିଛି, ଖୁବ୍ ଭଲ ଭାବେ ଅନୁଭବ କରିଛି; ଏହା ଉପଲବ୍ଧି କରିଛି, ବୁଝି ପାରିଛି ଯେ ଏକ ପୃଥକ୍ ବ୍ୟକ୍ତିତ୍ୱର ବୋଧ ପୂରାପୂରି ଅର୍ଥହୀନ, ପୂରାପୂରି; ଏହା ତିଷ୍ଠି ରହିବା ଆଦୌ ଅପରିହାର୍ଯ୍ୟ ନୁହେଁ, ଏହା ପୂରାପୂରି ବେକାର, ଅର୍ଥହୀନ । ଏହା ତିଷ୍ଠି ରହିଛି ଅନ୍ୟ ଏକ ଶକ୍ତି ଦ୍ୱାରା, ଅନ୍ୟ ଏକ ଇଚ୍ଛା ଦ୍ୱାରା, ଯାହାକି ବ୍ୟକ୍ତିଗତ ନୁହେଁ, ଏହା ଭଗବାନଙ୍କ ଇଚ୍ଛା । ଏବଂ ଏହା ଯାହା ହେବା ଉଚିତ ତାହା ହୋଇ ଉଠିବ କେବଳ ସେହିଦିନ ଯେଉଁଦିନ ଏହା ଅନୁଭବ କରିବ ଯେ ତା' ଭିତରେ ଓ ଭଗବାନଙ୍କ ଭିତରେ ଆଉ କୌଣସି ପାର୍ଥକ୍ୟ ନାହିଁ । ବାସ୍ ।

(MCW, Vol. 11, pp. 258 - 260)

# ଉଷାପୂର୍ବର ଅନ୍ଧକାର

## ଶ୍ରୀଅରବିନ୍ଦ

ତୁମ ବାଧାବିଘ୍ନଗୁଡ଼ିକ ଏହି ଯେଉଁ ଚରମ ଅବସ୍ଥାରେ ପହଞ୍ଚିଛି ଓ ତୀବ୍ର ରୂପ ଧାରଣ କରିଛି ତା'ର କାରଣ ହେଉଛି ଯୋଗ ଓହ୍ଲାଇ ଆସିଛି ନିଶ୍ଚେତନାର ସେହି ପ୍ରସ୍ତର ଶଯ୍ୟାର ତଳକୁ, ତା' ବିରୋଧରେ । ତାହାହିଁ ସମସ୍ତ ପ୍ରତିରୋଧର ମୂଳ ଭିତ୍ତି । ଆତ୍ମାର ବିଜୟ ଓ ସେହି ବିଜୟ ଦିଗରେ ଆଗେଇ ନେଉଥିବା ଦିବ୍ୟ ଭଗବତ୍ କର୍ମର ବିରୋଧରେ ଏହି ପ୍ରତିରୋଧ ଛିଡ଼ା ହୋଇଛି ବ୍ୟକ୍ତି ଭିତରେ ତଥା ପୃଥିବୀରେ । ଆଶ୍ରମରେ ତଥା ବାହ୍ୟ ଜଗତରେ ଏହି ସମସ୍ତ ବାଧାବିଘ୍ନ ବ୍ୟାପକ ଭାବେ ସାଧାରଣ ରୂପରେ ପ୍ରକଟିତ ହେଉଛି । ସନ୍ଦେହ, ହତୋତ୍ସାହ, ବିଶ୍ୱାସର ହ୍ରାସ ବା ଅଭାବ, ଆଦର୍ଶ ପାଇଁ ପ୍ରାଣିକ ଉତ୍ସାହରେ ଭଟ୍ଟା, ଭବିଷ୍ୟତ୍ ସଂପର୍କରେ ବୁଦ୍ଧିବଣା ଭାବ ଓ ଆଶାଭଙ୍ଗ – ଏଗୁଡ଼ିକହିଁ ହେଉଛି ସେହି ବାଧାବିଘ୍ନର ସାଧାରଣ ରୂପ । ବାହ୍ୟ ଜଗତରେ ଏହା ଅପେକ୍ଷା ବା ଆହୁରି ଅଧିକ ମନ୍ଦ ଲକ୍ଷଣସବୁ ପ୍ରକାଶ ପାଉଛି : ଯଥା – ମାନବ-ବିଦ୍ୱେଷୀ ଭାବର ବ୍ୟାପକ ବୃଦ୍ଧି, ଆଦୌ କିଛି ଉପରେ ବିଶ୍ୱାସ ସ୍ଥାପନ ପାଇଁ ଅସ୍ୱୀକାର, ସଚ୍ଚୋଟତାର ହ୍ରାସ, ବିପୁଳ ଭ୍ରଷ୍ଟାଚାର, ଉଚ୍ଚତର ଜିନିଷଗୁଡ଼ିକୁ ଆଡ଼େଇ ବିଦା କରିଦେଇ ଆହାର, ଅର୍ଥ, ସୁଖ ସ୍ୱାଚ୍ଛନ୍ଦ୍ୟ ଓ ଭୋଗବିଳାସରେ ମାତିଯିବା ଏବଂ ପୃଥିବୀ ପାଇଁ ଆହୁରି ମନ୍ଦ ଓ ଭୟଙ୍କର ଜିନିଷସବୁ ମାଡ଼ି ଆସିବାର ଆଶଙ୍କା ଓ ଅପେକ୍ଷାରେ ରହିବା ଇତ୍ୟାଦି । ଏହିସବୁଗୁଡ଼ିକ ଯେତେ ତୀବ୍ର ଆକାର ଧାରଣ କରୁନା କାହିଁକି, ଯେଉଁମାନେ ବିଶ୍ୱଶକ୍ତିର କ୍ରିୟା ସଂପର୍କରେ ଓ ଆତ୍ମାର କ୍ରିୟା ସଂପର୍କରେ କିଛିଟା ଜାଣନ୍ତି, ସେମାନଙ୍କ ପାଇଁ ଏହି ଘଟଣାଗୁଡ଼ିକ କ୍ଷଣସ୍ଥାୟୀ ଓ ଏଥିପାଇଁ ସେମାନେ ପ୍ରସ୍ତୁତ ଥିଲେ । ମୁଁ ନିଜେ ମଧ୍ୟ ଆଗରୁ ଦେଖି ପାରିଥିଲି ଯେ ଏହି ଧରଣର ଖରାପରୁ ଆହୁରି ଖରାପ ଜିନିଷସବୁ ଆସିବ, ଏହା ହେଉଛି ଉଷା ପୂର୍ବରୁ ରାତ୍ରିର ଅନ୍ଧକାର; ତେଣୁ ମୁଁ ହତୋତ୍ସାହିତ ହୋଇ ନାହିଁ । ମୁଁ ଜାଣେ ଏହି ଅନ୍ଧକାର ପଛରେ କେଉଁ ଜିନିଷ ନିଜକୁ ପ୍ରସ୍ତୁତ କରୁଛି । ଏବଂ ତା'ର ଆଗମନୀର ପ୍ରଥମ ଲକ୍ଷଣଗୁଡ଼ିକ ମୁଁ ଦେଖି ପାରୁଛି ଓ ଅନୁଭବ କରିପାରୁଛି । ଯେଉଁମାନେ ଭଗବାନଙ୍କୁ ପାଇବାକୁ ଚାହାନ୍ତି, ସେମାନଙ୍କୁ ଦୃଢ଼ ହୋଇ ଛିଡ଼ା ହେବାକୁ ହେବ ଏବଂ ନିଜର ଅନ୍ୱେଷଣରେ ଲାଗି ରହିବାକୁ ହେବ । ଗୋଟାଏ ସମୟ ପରେ ଅନ୍ଧକାର ପତଳା ହୋଇ ପୂରା ଅନ୍ତର୍ଦ୍ଧାନ ହୋଇଯିବାକୁ ଆରମ୍ଭ କରିବ ଏବଂ ଦିବ୍ୟ ଆଲୋକର ଆବିର୍ଭାବ ହେବ ।

(୯ ଏପ୍ରିଲ, ୧୯୪୭)

(SABCL, Vol. 26, pp.169 - 170)

# ଧମ୍ମପଦ

## (୧୨)

## (ଶ୍ରୀମା'ଙ୍କ ଭାଷ୍ୟ ସମ୍ବଳିତ)

[ଭାରତୀୟ ସଭ୍ୟତା ଓ ସଂସ୍କୃତିର ତିନୋଟି ସମୁଜ୍ଜ୍ୱଳ ରତ୍ନ ହେଲା ଉପନିଷଦ୍, ଗୀତା ଏବଂ ଧମ୍ମପଦ। ବୈଦିକ ଶାସ୍ତ୍ରରେ ଉପନିଷଦ୍‌ର ସ୍ଥାନ ଏବଂ ମହାଭାରତରେ ଗୀତାର ସ୍ଥାନ ଯେପରି, ବୌଦ୍ଧଗ୍ରନ୍ଥମାନଙ୍କ ମଧ୍ୟରେ ଧମ୍ମପଦର ସ୍ଥାନ ସେହିପରି। ଏହି ତିନି ମହାରତ୍ନହିଁ ଭାରତବର୍ଷକୁ ବିଶ୍ୱସମାଜରେ ଶ୍ରଦ୍ଧାର ଆସନରେ ବସାଇଛି।

ବୌଦ୍ଧ ଧର୍ମଶାସ୍ତ୍ରର ତିନୋଟି ଭାଗ ଅଛି : ୧. ବିନୟପିଟକ (ନୀତି ଶାସ୍ତ୍ର), ୨. ସୁତ୍ତପିଟକ (ଗଳ୍ପ ଓ ନୀତି ଶାସ୍ତ୍ର), ୩. ଅଭିଧମ୍ମପିଟକ (ଦର୍ଶନ ଶାସ୍ତ୍ର)। ଏହି ତିନୋଟି ମହାଗ୍ରନ୍ଥ ଯଥାକ୍ରମେ ଉପାଲି, ଆନନ୍ଦ ଓ କାଶ୍ୟପ ନାମକ ବୁଦ୍ଧଙ୍କର ବିଶିଷ୍ଟ ଶିଷ୍ୟତ୍ରୟଙ୍କ ଦ୍ୱାରା ଉକ୍ତ ହୋଇଛି। ସୁତ୍ତପିଟକ ପାଞ୍ଚ ଭାଗରେ ବିଭକ୍ତ, ଯଥା : ଦୀଘ ନିକାୟ, ମଜ୍ଝିମ ନିକାୟ, ସଂଯୁତ୍ତ ନିକାୟ, ଅଙ୍ଗୁତ୍ତର ନିକାୟ ଓ ଖୁଦ୍ଦକ ନିକାୟ। କେତେଗୁଡ଼ିଏ ଛୋଟ ଛୋଟ ଗ୍ରନ୍ଥ ଖୁଦ୍ଦକ ନିକାୟର ଅନ୍ତର୍ଗତ। ଏହି ଖୁଦ୍ଦକ ନିକାୟର ଦ୍ୱିତୀୟ ଗ୍ରନ୍ଥ ହେଲା ଧମ୍ମପଦ। ଏହା ଛବିଶଟି ଅଧ୍ୟାୟରେ ବିଭକ୍ତ ଏବଂ ଏଥିରେ ୪୨୩ଟି ଶ୍ଳୋକ ଅଛି। ଅନ୍ୟାନ୍ୟ ପ୍ରାଚୀନ ବୌଦ୍ଧଶାସ୍ତ୍ର ପରି ଧମ୍ମପଦ ପାଲି ଭାଷାରେ ଲିଖିତ। ଗୌତମ ବୁଦ୍ଧଙ୍କ ଶିକ୍ଷାର ଶ୍ରେଷ୍ଠ ସଂପଦ ଏହାର ଅନ୍ତର୍ଭୁକ୍ତ ଏବଂ ଏହା ଭଗବଦ୍ ଗୀତା ତୁଲ୍ୟ ଅତ୍ୟନ୍ତ ଜନପ୍ରିୟ।

'ଧମ୍ମପଦ' ଗ୍ରନ୍ଥଟି ଶ୍ରୀମା'ଙ୍କର ଗଭୀର ସମ୍ମାନ ଓ ଆଦର ଲାଭ କରିଛି। ୧୯୫୭ ମସିହା ଅଗଷ୍ଟ ମାସରୁ ୧୯୫୮ ମସିହା ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ପ୍ରତ୍ୟେକ ଶୁକ୍ରବାର ଦିନ ସନ୍ଧ୍ୟା କ୍ଲାସରେ ଶ୍ରୀମା ଧମ୍ମପଦର ପାଲି ଶ୍ଳୋକଗୁଡ଼ିକର ଫ୍ରେଞ୍ଚ ଅନୁବାଦ ସହ ତାହାର ବ୍ୟାଖ୍ୟା ପଢ଼ୁଥିଲେ। ମୂଳ ପାଲି ଶ୍ଳୋକଗୁଡ଼ିକର ଫ୍ରେଞ୍ଚ ଅନୁବାଦ କରିଛନ୍ତି ବୌଦ୍ଧ ସନ୍ନ୍ୟାସିନୀ ବିଦୁଷୀ ଫ୍ରେଞ୍ଚ ମହିଳା ମାଦାମ୍ କାର୍‌ପେଲେସ୍ (Madame Karpeles – ଭାରତୀଦି' ନାମରେ ପରିଚିତା)। ଶ୍ରୀମା ପ୍ରତ୍ୟେକଟି ମୂଳ ଶ୍ଳୋକର ଫ୍ରେଞ୍ଚ ଅନୁବାଦ ପଢ଼ି ତାହାର ସରଳ ବ୍ୟାଖ୍ୟା ଫ୍ରେଞ୍ଚ ଭାଷାରେ କରୁଥିଲେ ଏବଂ ବ୍ୟାଖ୍ୟା ପରେ ସେହିସବୁ ଶ୍ଳୋକଗୁଡ଼ିକର ସାରମର୍ମ ଉପରେ ଧ୍ୟାନ କରିବାକୁ କହୁଥିଲେ। ଏହି ବ୍ୟାଖ୍ୟା ସମ୍ବଳିତ 'ଧମ୍ମପଦ' ପୁସ୍ତକ ଫ୍ରେଞ୍ଚ ଭାଷାରେ "Commentaries surle Dhammapada" ନାମରେ ପ୍ରକାଶିତ ହୋଇଛି। ...

ଶ୍ରୀମା'ଙ୍କର ସରଳ, ସୁସ୍ପଷ୍ଟ, ମର୍ମସ୍ପର୍ଶୀ ଓ ଜ୍ଞାନଗର୍ଭକ ଭାଷ୍ୟ ପ୍ରତ୍ୟେକ ଚିନ୍ତାଶୀଳ ଭାରତବାସୀର ଗଭୀର ଅନୁଧ୍ୟାନର ବିଷୟ। ଶ୍ରୀମା'ଙ୍କର ବିଶ୍ୱଜନୀନ ଉପଦେଶ ସହିତ କୌଣସି ଧର୍ମର ସଂଘର୍ଷଣ ଅସମ୍ଭବ। ଏହା ଜଗତର କୌଣସି ଧର୍ମର ବିରୋଧୀ ନୁହେଁ। ... ଶ୍ରୀମା'ଙ୍କ ଭାଷ୍ୟ ସମ୍ବଳିତ 'ଧମ୍ମପଦ'ର ଅନୁବାଦ ଭାରତୀୟ ଭାଷାମାନଙ୍କ ମଧ୍ୟରେ ଏହାହିଁ ପ୍ରଥମ। ଆଶା କରୁ ଓଡ଼ିଶାର ପାଠକ ପାଠିକାମାନେ ଏହା ପାଠ କରି ବିଶେଷ ଉପକୃତ ହେବେ। – ସଂପାଦନା]

ଅଷ୍ଟମ ଅଧ୍ୟାୟ

### ସହସ୍‌ସବଗ୍‌ଗୋ (ସହସ୍ରବର୍ଗ)

(୧)

ସହସ୍‌ସମପି ଚେ ବାଚା ଅନତ୍‌ଥପଦସଂହିତା।
ଏକଂ ଅତ୍‌ଥପଦଂ ସେୟ୍ୟୋ ୟଂ ସୁତ୍ୱା ଉପସମ୍ମତି ॥

(Better than a thousand phrases built with meaningless words, is one single meaningful word which brings tranquillity to the hearer.)

ଅର୍ଥହୀନ ଶବ୍ଦଯୁକ୍ତ ସହସ୍ରସଂଖ୍ୟକ ବାକ୍ୟ ଅପେକ୍ଷା ଗୋଟିଏ ଅର୍ଥପୂର୍ଣ୍ଣ ଶବ୍ଦ ଶ୍ରେୟସ୍କର, ଯାହା ଶ୍ରୋତାକୁ ଶାନ୍ତି ଦାନ କରେ।

(୨)

ସହସ୍ସମପି ଚେ ଗାଥା ଅନତ୍ଥପଦସଂହିତା ।
ଏକଂ ଗାଥାପଦଂ ସେୟ୍ୟୋ ଯଂ ସୁତ୍ୱା ଉପସମ୍ମତି ॥

(Better than a thousand verses built with meaningless words is one single verse that brings tranquillity to the hearer.)

ଅର୍ଥହୀନ ଶବ୍ଦଯୁକ୍ତ ସହସ୍ରସଂଖ୍ୟକ ଗାଥା ଅପେକ୍ଷା ଗୋଟିଏ ଗାଥା ଶ୍ରେୟସ୍କର, ଯାହା ଶ୍ରୋତାକୁ ଶାନ୍ତି ଦାନ କରେ ।

(୩)

ୟୋ ଚ ଗାଥା ସତଂ ଭାସେ ଅନତ୍ଥପଦସଂହିତା ।
ଏକଂ ଧମ୍ମପଦଂ ସେୟ୍ୟୋ ଯଂ ସୁତ୍ୱା ଉପସମ୍ମତି ॥

(Better than a hundred verses built with meaningless words on the lips is one single word of the Law that tranquillises you when you hear it.)

ଅର୍ଥହୀନ ଶବ୍ଦଯୁକ୍ତ ଶତସଂଖ୍ୟକ ଗାଥାର ଆବୃତ୍ତି ଅପେକ୍ଷା ଗୋଟିଏ ଧର୍ମପଦ ଶ୍ରେୟସ୍କର, ଯାହା ଶ୍ରବଣ କରି ଲୋକ ଶାନ୍ତ ହୁଏ ।

(୪)

ୟୋ ସହସ୍ସଂ ସହସ୍ସେନ ସଙ୍ଗାମେ ମାନୁସେ ଜିନେ ।
ଏକଂ ଚ ଜେୟ୍ୟମତ୍ତାନଂ ସ ବେ ସଙ୍ଗାମଜୁତ୍ତମୋ ॥

(One may conquer thousands and thousands of men in a battle, but he is the best among conquerors who has conquered himself.)

ଜଣେ ସହସ୍ର ସହସ୍ର ମନୁଷ୍ୟକୁ ସଂଗ୍ରାମରେ ଜୟ କରିପାରେ; କିନ୍ତୁ ଯେ ନିଜକୁ ଜୟ କରିଛନ୍ତି, ସେ ସର୍ବୋତ୍ତମ ବିଜୟୀ ।

(୫)

ଅତ୍ତା ହବେ ଜିତଂ ସେୟ୍ୟୋ ୟା ଚାୟଂ ଇତରା ପଜା ।
ଅତ୍ତଦନ୍ତସ୍ସ ପୋସସ୍ସ ନିଚ୍ଚଂ ସଞ୍ଞତଚାରିନୋ ॥

(Better to have conquered one’s own self than to have conquered all these peoples.)

ଆତ୍ମଜୟ ସର୍ବଜଗତ୍ ଜୟ ଅପେକ୍ଷା ଶ୍ରେୟସ୍କର ।

(୬)

ନେବ ଦେବୋ ନ ଗନ୍ଧବ୍ବୋ ନ ମାରୋ ସହ ବ୍ରହ୍ମୁନା ।
ଜିତଂ ଅପଜିତଂ କୟିରା ତଥାରୂପସ୍ସ ଜନ୍ତୁନୋ ॥

( And if one has conquered the self and moves always self-controlled, neither gods nor angels nor *Mãra* nor even Brahma can change that victory of his into defeat.)

ଆତ୍ମ-ବିଜୟୀ, ନିତ୍ୟସଂଯତାଚାରୀ ପୁରୁଷର ବିଜୟ-ଗୌରବକୁ ଦେବ, ଗନ୍ଧର୍ବ, ମାର ବା ବ୍ରହ୍ମା ମଧ୍ୟ ପରାଜୟରେ ପରିଣତ କରିପାରିବେ ନାହିଁ ।

(୭)

ମାସେ ମାସେ ସହସ୍ସେନ ୟୋ ୟଜେଥ ସତଂ ସମଂ ।
ଏକଞ୍ଚ ଭାବିତତ୍ତାନଂ ମୁହୁତ୍ତମପି ପୂଜୟେ ।
ସା ୟେବ ପୂଜନା ସେୟ୍ୟୋ ଯଂ ଚେ ବସ୍ସସତଂ ହୁତଂ ॥

(If month after month one offers sacrifices by thousands for one hundred years and if one worships an accomplished soul even for a single moment, then this worship is greater than the other hundred year sacrifice.)

ଯଦି ଜଣେ ମାସ ମାସ ଧରି ଶହେ ବର୍ଷ ପର୍ଯ୍ୟନ୍ତ ସହସ୍ର ସହସ୍ର ଯଜ୍ଞାନୁଷ୍ଠାନ କରେ ଏବଂ ଯଦି ଜଣେ ସିଦ୍ଧପୁରୁଷଙ୍କ ପୂଜା ଏକ ମୁହୂର୍ତ୍ତମାତ୍ର କରିପାରେ, ତା' ହେଲେ ସେହି ପୂଜା ଶତବର୍ଷବ୍ୟାପୀ ଯଜ୍ଞାନୁଷ୍ଠାନ ଅପେକ୍ଷା ଶ୍ରେଷ୍ଠ ।

(୮)

ୟୋ ଚ ବସ୍ସସତଂ ଜନ୍ତୁ ଅଗ୍‌ଗିଂ ପରିଚରେ ବନେ ।
ଏକଂ ଚ ଭାବିତତ୍ତାନଂ ମୁହୂତ୍ତମପି ପୂଜୟେ ।
ସା ୟେବ ପୂଜନା ସେୟ୍ୟୋ ୟଂ ଚେ ବସ୍ସସତଂ ହୁତଂ ॥

(If for hundred years one tended the fire in a forest, and if one worshipped an accomplished soul even for a single moment, then that worship is worth more than the sacrifice done through hundred years.)

ଯଦି କେହି ଶତ ବର୍ଷ ଧରି ଅରଣ୍ୟରେ ଅଗ୍ନିର ପରିଚର୍ଯ୍ୟା କରେ, କିନ୍ତୁ ଯଦି କେହି ସିଦ୍ଧପୁରୁଷଙ୍କ ପୂଜା ଏକ ମୁହୂର୍ତ୍ତ ମାତ୍ର କରେ, ସେହି ପୂଜା ଶତବର୍ଷବ୍ୟାପୀ ଯଜ୍ଞାନୁଷ୍ଠାନ ଅପେକ୍ଷା ଶ୍ରେଷ୍ଠ ।

(୯)

ୟଂ କିଂଚି ୟିଟ୍‌ଠଂ ଚ ହୁତଂ ଚ ଲୋକେ,
ସଂବଚ୍ଛରଂ ୟଜେଥ ପୁଞ୍ଞପେକ୍‌ଖୋ ।
ସବ୍‌ବମ୍ପି ତଂ ନ ଚତୁଭାଗମେତି,
ଅଭିବାଦନା ଉଜ୍ଜୁଗତେସୁ ସେୟୋ ॥

(Whatever sacrifice or offering is made in this world for a whole year, in expectation of merit, is not worth even a fourth part of that greater thing, the homage done to the Righteous.)

ପୁଣ୍ୟକାମୀ ବର୍ଷସାରା ଇହଲୋକରେ ଯାହାକିଛି ଯଜ୍ଞ ବା ହୋମର ଅନୁଷ୍ଠାନ କରନ୍ତି, ତାହାର ମୂଲ୍ୟ ତଦପେକ୍ଷା ଶ୍ରେଷ୍ଠତର ସାଧୁସେବାର ମୂଲ୍ୟର ଏକଚତୁର୍ଥାଂଶ ସହିତ ମଧ୍ୟ ସମାନ ନୁହେଁ ।

(୧୦)

ଅଭିବାଦନସୀଲିସ୍‌ସ ନିଚ୍ଚଂ ବଦ୍ଧାପଚାୟିନୋ ।
ଚତ୍ତାରୋ ଧମ୍ମା ବଡ୍‌ଢନ୍ତି ଆୟୁ ବଣ୍ଣୋ ସୁଖଂ ବଳଂ ॥

(In him who is always full of respect for the aged, these four attributes increase – life, beauty, happiness and strength.)

ଯେ ସର୍ବଦା ବୟୋବୃଦ୍ଧଙ୍କ ପ୍ରତି ସମ୍ମାନ ପ୍ରଦର୍ଶନରେ ତତ୍ପର ତାଙ୍କର ଏହି ଚାରୋଟି ଧର୍ମ(ସୁକୃତ) ବୃଦ୍ଧିପ୍ରାପ୍ତ ହୁଏ – ଆୟୁ, ରୂପ, ସୁଖ ଓ ବଳ ।

(୧୧)

ୟୋ ଚ ବସ୍ସସତଂ ଜୀବେ ଦୁସ୍‌ସୀଲୋ ଅସମାହିତୋ ।
ଏକାହଂ ଜୀବିତଂ ସେୟ୍ୟୋ ସୀଲବନ୍ତସ୍‌ସ ଝାୟିନୋ ॥

(Better than one who lives a hundred years in immorality and dissipation is one who lives a single day in righteousness and contemplation.)

ଦୁଃଶୀଳ ଓ ଅସମାହିତ ବ୍ୟକ୍ତିର ଶତବର୍ଷ ବ୍ୟାପୀ ଜୀବନ ଅପେକ୍ଷା ଶୀଳବନ୍ତ ଓ ଧ୍ୟାନତତ୍ପର ବ୍ୟକ୍ତିର ଦିବସମାତ୍ର ବ୍ୟାପୀ ଜୀବନ ଶ୍ରେୟସ୍କର ।

(୧୨)

ୟୋ ଚ ବସ୍ସସତଂ ଜୀବେ ଦୁପ୍ପଞ୍ଞୋ ଅସମାହିତୋ ।
ଏକାହଂ ଜୀବିତଂ ସେୟ୍ୟୋ ପଞ୍ଞାବନ୍ତସ୍‌ସ ଝାୟିନୋ ॥

(Better than one who lives a hundred years in ignorance and dissipation is the one

who lives one single day in wisdom and meditation.)

ଅବିଦ୍ୟାସକ୍ତ ଓ ଅସମାହିତ ବ୍ୟକ୍ତିର ଶତବର୍ଷବ୍ୟାପୀ ଜୀବନ ଅପେକ୍ଷା ଜ୍ଞାନବାନ୍ ଓ ଧ୍ୟାନରତ ବ୍ୟକ୍ତିର ଦିବସମାତ୍ରବ୍ୟାପୀ ଜୀବନ ଶ୍ରେୟସ୍କର ।

(୧୩)

ୟୋ ଚ ବସ୍‌ସସତଂ ଜୀବେ କୁସୀତୋ ହୀନବୀରିୟୋ ।
ଏକାହଂ ଜୀବିତଂ ସେୟ୍ୟୋ ବିରିୟମାରଭତୋ ଦଲ୍‌ହଂ ॥

(Better than one who lives a hundred years in indolence and inertia is the one who lives in strength and energy.)

ଅଳସ ଓ ହୀନବୀର୍ଯ୍ୟ ବ୍ୟକ୍ତିର ଶତବର୍ଷବ୍ୟାପୀ ଜୀବନ ଅପେକ୍ଷା ପୌରୁଷଯୁକ୍ତ ଏବଂ ଶକ୍ତିମାନ୍ ବ୍ୟକ୍ତିର ଦିବସମାତ୍ରବ୍ୟାପୀ ଜୀବନ ଶ୍ରେୟସ୍କର ।

(୧୪)

ୟୋ ଚ ବସ୍‌ସସତଂ ଜୀବେ ଅପସ୍‌ସଂ ଉଦୟବ୍ୟୟଂ ।
ଏକାହଂ ଜୀବିତଂ ସେୟ୍ୟୋ ପସ୍‌ସତୋ ଉଦୟବ୍ୟୟଂ ॥

(Better than one who lives a hundred years seeing neither the beginning nor the end is the one who lives a single day, seeing both the beginning and the end.)

ଆଦି ଓ ଅନ୍ତର ଦର୍ଶନହୀନ ଶତବର୍ଷବ୍ୟାପୀ ଜୀବନ ଅପେକ୍ଷା ଆଦି, ଅନ୍ତ ବୁଝୁଥିବା ବ୍ୟକ୍ତିର ଦିବସମାତ୍ରବ୍ୟାପୀ ଜୀବନ ଶ୍ରେୟସ୍କର ।

(୧୫)

ୟୋ ଚ ବସ୍‌ସସତଂ ଜୀବେ ଅପସ୍‌ସଂ ଅମତଂ ପଦଂ ।
ଏକାହଂ ଜୀବିତଂ ସେୟ୍ୟୋ ପସ୍‌ସତୋ ଅମତଂ ପଦଂ ॥

(Better than one who lives a hundred years and does not see the seat of immortality is one who lives a single day but sees the seat of immortality.)

ଅମୃତ ପଦ (ନିର୍ବାଣ)ର ଦର୍ଶନହୀନ ଶତବର୍ଷବ୍ୟାପୀ ଜୀବନ ଅପେକ୍ଷା ତାହାକୁ (ନିର୍ବାଣକୁ) ଦେଖୁଥିବା ବ୍ୟକ୍ତିର ଦିବସମାତ୍ରବ୍ୟାପୀ ଜୀବନ ଶ୍ରେୟସ୍କର ।

(୧୬)

ୟୋ ଚ ବସ୍‌ସସତଂ ଜୀବେ ଅପସ୍‌ସଂ ଧମ୍ମମୁତ୍ତମଂ ।
ଏକାହଂ ଜୀବିତଂ ସେୟ୍ୟୋ ପସ୍‌ସତୋ ଧମ୍ମମୁତ୍ତମଂ ॥

(Better than one who lives a hundred years not seeing the Supreme Law is the one who lives a single day but sees the Supreme Law.)

ପରମ ସତ୍ୟଧର୍ମକୁ ନ ବୁଝି ବ୍ୟକ୍ତିର ଶହେବର୍ଷ ବଞ୍ଚିରହିବା ଅପେକ୍ଷା ପରମ ସତ୍ୟଧର୍ମକୁ ବୁଝୁଥିବା ବ୍ୟକ୍ତିର ଦିବସମାତ୍ରବ୍ୟାପୀ ଜୀବନ ଶ୍ରେୟସ୍କର ।

**ଶ୍ରୀମା'ଙ୍କ ଭାଷ୍ୟ :**

ଏଠାରେ ଏକହିଁ ଆଖ୍ୟାନରେ ନାନାବିଧ ବିଷୟ ଏକତ୍ରିତ କରାହୋଇଛି । ଏଠାରେ ଭାବର ଏକତ୍ରୀକରଣ ଅପେକ୍ଷା ଶବ୍ଦର ଏକତ୍ରୀକରଣ ଅଧିକ । କିନ୍ତୁ ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଏହି ଯେ ବହିର୍ଦୃଷ୍ଟି ଭକ୍ତିଭାବାପନ୍ନ ଦୀର୍ଘଜୀବନ ଅପେକ୍ଷା ମୁହୂର୍ତ୍ତକ ପାଇଁ ଅକପଟ ସରଳତା ଅଧିକ ବାଞ୍ଛନୀୟ ଏବଂ ବହିର୍ଜଗତରେ ଯାବତୀୟ ବିଜୟଲାଭ ଅପେକ୍ଷା ନିଜର ମନୋବୃତ୍ତି ଉପରେ ବିଜୟ ଏବଂ ନିଜର ଆଧ୍ୟାତ୍ମିକ ବିଜୟଲାଭ ଅଧିକ ଗୁରୁତ୍ୱପୂର୍ଣ୍ଣ ।

ଏଠାରେ ଆହୁରି ଗୋଟିଏ ମନୋଯୋଗ ଆକର୍ଷଣ କରୁଥିବା ଚିନ୍ତାର ବିଷୟ ଏହି ଯେ ନିଜ ଉପରେ ବିଜୟହିଁ

ଏକମାତ୍ର ବିଜୟ ଯାହାକି କୌଣସି ଦେବତା ବା ପ୍ରାକୃତିକ ଶକ୍ତି ବା କୌଣସି ଅମଙ୍ଗଳ ଶକ୍ତିର ହସ୍ତକ୍ଷେପରୁ ପ୍ରକୃତରେ ନିରାପଦ । ଯଦି ତୁମେ ନିଜର କୌଣସି ଏକ ଅବସ୍ଥା ଉପରେ ପ୍ରଭୁତ୍ୱ ସ୍ଥାପନ କର, ତାହାହେଲେ କୌଣସି ଉଚ୍ଚତମ ଶକ୍ତି – ଅଧିମାନସ ଜଗତର ଦେବତା ହୁଅନ୍ତୁ ବା ଜଗତର କୌଣସି ଅଦିବ୍ୟ ଶକ୍ତି ହେଉନା କାହିଁକି – ତୁମକୁ ତହିଁରୁ ବିଚ୍ଛିନ୍ନ କରିପାରିବ ନାହିଁ, କାରଣ ତାହା ସେମାନଙ୍କର ଅନାୟତ୍ତ ।

ପ୍ରାରମ୍ଭରେ ଏହି ପାଠ ଉଲ୍ଲେଖ କରୁଛି ଯେ ଅର୍ଥହୀନ ସହସ୍ର ଶବ୍ଦ ଅପେକ୍ଷା ଶାନ୍ତିଦାୟକ ଗୋଟିଏ ଶବ୍ଦର ମୂଲ୍ୟ ଅଧିକ – ଏହା ପ୍ରତ୍ୟେକେ ବୁଝି ପାରନ୍ତି – କିନ୍ତୁ ଏଠାରେ ଆହୁରି କୁହାଯାଉଛି ଯେ ତୁମର ମାନସିକ କ୍ରିୟାର ସନ୍ତୋଷ ବିଧାନ ନିମନ୍ତେ ସହସ୍ର ଶବ୍ଦ ଅପେକ୍ଷା ଶାନ୍ତିପ୍ରଦ ଗୋଟିଏ ଶବ୍ଦର ମୂଲ୍ୟ ଅଧିକ, କାରଣ ଉକ୍ତ ସହସ୍ର ଶବ୍ଦ ତୁମ ସତ୍ତାର ମନୋବୃତ୍ତି ଉପରେ କୌଣସି ପ୍ରଭାବ ବିସ୍ତାର କରେ ନାହିଁ ।

ପରିଶେଷରେ ଯେବେ ତୁମେ ଏପରି କିଛି ଲାଭ କର ଯାହା ତୁମର ଅଚେତନ ଓ ଜଡ଼ ଅବସ୍ଥା ଉପରେ ବିଜୟଲାଭରେ ସାହାଯ୍ୟ କରିବାକୁ ସକ୍ଷମ, ତେବେ ମଧ୍ୟ ଚୂଡ଼ାନ୍ତ ଫଳ ପ୍ରାପ୍ତ ହେବା ପର୍ଯ୍ୟନ୍ତ ଉକ୍ତ ଶବ୍ଦ ବା ବାକ୍ୟାଂଶର ସକଳ ତାତ୍ପର୍ଯ୍ୟ ସଂପୂର୍ଣ୍ଣରୂପେ କାର୍ଯ୍ୟରେ ପରିଣତ କରିବାକୁ ହେବ ଏବଂ ତତ୍ପରେ ତୁମେ ଅନ୍ୟ ବିଧାନର ଅନୁସନ୍ଧାନ କରିପାର ।

ମସ୍ତିଷ୍କରେ ବହୁସଂଖ୍ୟକ ଆଦର୍ଶ ଭାବଧାରା ସଂଗ୍ରହର ଚେଷ୍ଟା କରିବା ଅପେକ୍ଷା, ତୁମର ସ୍ୱୀକୃତ କୌଣସି ଗୋଟିଏ ଆଦର୍ଶ ଭାବଧାରାର ତାତ୍ପର୍ଯ୍ୟ ଶେଷସୀମା ପର୍ଯ୍ୟନ୍ତ ଅନୁଶୀଳନ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ । କାଳକ୍ରମେ ସେହି ଭାବଧାରାସମୂହ ଯଥାସମୟରେ କାର୍ଯ୍ୟକାରୀ ହେବ, ବିଶେଷତଃ, ତୁମେ ଯଦି ତୁମର ଆନ୍ତର ବିଜୟ (inner victory) ନିମିତ୍ତ ଉପଯୁକ୍ତ କୌଣସି ସକ୍ରିୟ ଭାବଧାରାର ତାତ୍ପର୍ଯ୍ୟ ଚରମସୀମା ପର୍ଯ୍ୟନ୍ତ ଅନୁଧାବନ କର । ଅର୍ଥାତ୍ କେବଳ ସିଦ୍ଧାନ୍ତମୂଳକ ଜ୍ଞାନ ନିଜ ମଧ୍ୟରେ ପୁଞ୍ଜିତ ରଖିବା ଅପେକ୍ଷା ବରଂ ନିଜର ଲବ୍ଧ ଜ୍ଞାନର କାର୍ଯ୍ୟତଃ ଅନୁଶୀଳନ କରିବା ତୁମର ମୁଖ୍ୟ ଉଦ୍ଦେଶ୍ୟ (ଏକମାତ୍ର ନହେଲେ ମଧ୍ୟ) ହେବା ଉଚିତ ।

ସୁତରାଂ ସଂକ୍ଷେପରେ କୁହାଯାଇପାରେ – ତୁମେ ଯାହା ଜାଣ ସେ ବିଷୟ ପୂର୍ଣ୍ଣ ଭାବରେ କାର୍ଯ୍ୟତଃ ଜୀବନରେ ପ୍ରୟୋଗ କର, ତଦ୍ଦ୍ୱାରା କେବଳ ତୁମେ ତୁମର ସିଦ୍ଧାନ୍ତମୂଳକ ଜ୍ଞାନ କାର୍ଯ୍ୟୋପଯୋଗୀ ଭାବରେ ବୃଦ୍ଧି କରିପାରିବ ।

(କ୍ରମଶଃ)

("Mother's Commentary on the Dhammapada"
ଶ୍ରୀମା'ଙ୍କ ଭାଷ୍ୟ ସମ୍ବଳିତ ଧମ୍ମପଦ,
ପୃଷ୍ଠା : ୭୭ - ୮୪)
ଅନୁବାଦ : ଶ୍ରୀ ଲଳିତମୋହନ ଘୋଷ ❖

## ବିଶେଷ ସୂଚନା

ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ Online (Bank or Mobile) ମାଧ୍ୟମରେ ପ୍ରଣାମୀ ପଠାଉଛନ୍ତି, ଏବେଠାରୁ ନୂଆ Income Tax Guidelines ଅନୁସାରେ ସେମାନେ **କେବଳ** website:
**donations.sriaurobindoashram.org**
Donations to Sri Aurobindo Ashram Trust
ସହାୟତାରେ ପ୍ରଣାମୀ ଦାଖଲ କରିପାରିବେ । ଏହା ସହଜ ଏବଂ ସରଳ ଭାବେ ଉପଲବ୍ଧ ।

ଯଦି ଆପଣ Cheque କିଂବା Draft ମାଧ୍ୟମରେ ପ୍ରଣାମୀ ଦେଉଥା'ନ୍ତି ତାହା **Sri Aurobindo Ashram Trust** ନାମରେ ହେବା ବିଧେୟ । ଏଥି ସହିତ ଆପଣଙ୍କର PAN କିଂବା Aadhar Card Number ସବୁଥିରେ ଦେବା ଜରୁରୀ ଅଟେ ।
ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନବଜ୍ୟୋତି କାର୍ଯ୍ୟାଳୟ ସହ ଫୋନ୍ (୦୪୧୩ -୨୨୩୩୬୩୩) ଯୋଗେ ଯୋଗାଯୋଗ କରିପାରନ୍ତି ।

– ନବଜ୍ୟୋତି କାର୍ଯ୍ୟାଳୟ

# କଥୋପକଥନ

## ନୀରଦବରଣ

*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

ମୁଁ ଶ୍ରୀଅରବିନ୍ଦଙ୍କର କଣ୍ଠସ୍ୱର ବିଷୟରେ ଏତେ କଥା କହିଲି, ତାଙ୍କର ଚକ୍ଷୁ ବିଷୟରେ କିଛି କହେଁ । ଏ ସମ୍ବନ୍ଧରେ ମତାନୈକ୍ୟ ରହିଛି ଏବଂ ଯେଉଁ ବ୍ୟକ୍ତି ସେ ଦୁଇଟିକୁ ଦର୍ଶନ କରେ, ତାହା ସେ ବ୍ୟକ୍ତିର ଆନ୍ତର ଗୁଣ ଉପରେ ନିର୍ଭର କରେ । ତତ୍କାଳୀନ ବଙ୍ଗଦେଶର ରାଜ୍ୟପାଳ ଏର୍ଡ୍‌ୱାର୍ଡ୍ ବେକର, ଯେ କି ଶ୍ରୀଅରବିନ୍ଦଙ୍କର ଅଗ୍ନିମୟୀ ଜାତୀୟତାର ଘୋର ବିରୋଧୀ ଥିଲେ ସେ ଶ୍ରୀଅରବିନ୍ଦଙ୍କ ଚକ୍ଷୁକୁ ଏକ ପାଗଳର ଚକ୍ଷୁ ବୋଲି ବର୍ଣ୍ଣନା କରିଥିଲେ, ସେ ତାଙ୍କୁ ଆଲିପୁର ଜେଲରେ ଦେଖି ଏପରି ମନ୍ତବ୍ୟ ପ୍ରକାଶ କରିଥିଲେ । ବରୋଦା କଲେଜର ସାହେବ ଅଧ୍ୟକ୍ଷ ଥରେ କହିଥିଲେ, ''ତାଙ୍କ ଚକ୍ଷୁରେ ରହିଛି ରହସ୍ୟବାଦୀଙ୍କ ଜ୍ୟୋତିଃ ଏବଂ ଅଗ୍ନି, ତାହା କାଳାତୀତ ମଧ୍ୟରେ ପ୍ରବେଶ କରିପାରେ । ଜୋଆନ୍ ଅଫ୍ ଆର୍କ ଯଦି ସ୍ୱର୍ଗୀୟ ବାଣୀ ଶୁଣି ପାରୁଥିଲେ, ଶ୍ରୀଅରବିନ୍ଦ ନିଶ୍ଚୟ ସ୍ୱର୍ଗୀୟ ଦୃଶ୍ୟ ଦେଖିପାରୁଥିବେ ।'' ବିପ୍ଳବୀ ଜୀବନରେ ଶ୍ରୀଅରବିନ୍ଦଙ୍କର ଜନୈକ ଅତି ନିକଟବର୍ତ୍ତୀ ସହକର୍ମୀ ଉପେନ୍ଦ୍ର ବାନାର୍ଜି ତାଙ୍କ ସହିତ ନିଜର ପ୍ରଥମ ସାକ୍ଷାତ୍ ବିଷୟରେ ବର୍ଣ୍ଣନା କରିଛନ୍ତି, ''ସେହି ରୁଗ୍ଣ, କୃଷ୍ଣବର୍ଣ୍ଣ, ମ୍ୟାଲେରିଆ ପ୍ରପୀଡ଼ିତ ବ୍ୟକ୍ତି ଅରବିନ୍ଦ ? ସେଇ କ'ଣ ଆମର ମୁଖ୍ୟ ? ମୋ ମନ ତାଙ୍କୁ ଦେଖି ଏକେବାରେ ଆମ୍ବିଳା ହୋଇଗଲା । କିନ୍ତୁ ସେତିକିବେଳେ ସେ ମୋ ଆଡ଼କୁ ଚାହିଁବାକୁ ଆରମ୍ଭ କଲେ । ମୁଁ ଜାଣେ ନାହିଁ, କିପରି ସେଇ ଚାହାଣିକୁ ବର୍ଣ୍ଣନା କରିବି ? ସେଥିରେ ଥିଲା ଏକ ତରଳ ହର୍ଷୋଜ୍ଜ୍ୱଳ ରସିକତା, ମାତ୍ର ତାଙ୍କର ଚକ୍ଷୁର ଡୋଳା ଦୁଇଟି ଦେଖିଲେ ମନେ ହେଲା ଯେପରି ଏହା ଅତଳ ଆଶ୍ଚର୍ଯ୍ୟମୟ ବସ୍ତୁ, ଯାହା ସକଳ ବିଶ୍ଳେଷଣର ଉର୍ଦ୍ଧ୍ୱରେ । ଆଜି ପର୍ଯ୍ୟନ୍ତ ବି ଏହି ରହସ୍ୟ ମୋଠାରୁ ଦୂରେଇ ଯାଇ ନାହିଁ ।''

ଆର୍ଜବ (ଜେ. ଏ. ଚାଡ୍‌ୱିକ୍) କହିଥିଲେ, ''ସେ କେତେ ସୁନ୍ଦରଭାବେ ଲେଖନ୍ତି, ସ୍ଫଟିକ ତୁଲ୍ୟ କେଡ଼େ ସ୍ୱଚ୍ଛ, ଟିକିଏ ବି ଅସ୍ୱଚ୍ଛତା କେଉଁଠି ନଥାଏ । କେବଳ ଦେଖେଇ ହେବା ପାଇଁ ଅର୍ଥହୀନ ଶବ୍ଦାଡ଼ମ୍ବର ନଥାଏ, ବରଂ କିଭଳି ଜ୍ୟୋତିର୍ମୟ – ସର୍ବଦା ଉତ୍ତାପହୀନ ଆଲୋକ ବିଚ୍ଛୁରଣ କରୁଥାଏ – ଠିକ୍ ତାଙ୍କର ଚକ୍ଷୁ ଦୁଇଟି ଭଳି ।''

ମୁଁ ପୂର୍ବରୁ କହିଛି, ଶ୍ରୀଅରବିନ୍ଦ କେବେ ବି ଆମ ଚକ୍ଷୁକୁ ଚାହୁଁ ନଥିଲେ, କେବଳ ଦର୍ଶନ ଦିନ ଛଡ଼ା । ଦର୍ଶନ ଦିନ ସମସ୍ତଙ୍କ ଚକ୍ଷୁ ପ୍ରତି ସେ ତୀକ୍ଷ୍ଣ ଦୃଷ୍ଟି ଦେଉଥିଲେ ବୋଲି ସେ କହୁଥିଲେ । ସେ ହୁଏତ ସମ୍ମୁଖକୁ ଦେଖୁଥିଲେ, ନହେଲେ ତଳକୁ ଦେଖୁଥିଲେ ଏବଂ ଚକ୍ଷୁଦ୍ୱୟ କେବେ ବି ପୂରା ଖୋଲା ହେଉ ନଥିଲା । ଆମ୍ଭେମାନେ ଜନ୍ମଦିବସରେ ତାଙ୍କ ପ୍ରକୋଷ୍ଠରେ ତାଙ୍କୁ ପ୍ରଣାମ କଲାବେଳେ କିଂବା ଦର୍ଶନ ଦିବସରେ ସେ ଆମ୍ଭମାନଙ୍କ ଚକ୍ଷୁ ପ୍ରତି ଗଭୀର ଭାବେ ଏବଂ ସ୍ଥିର ଭାବେ ଦୃଷ୍ଟି ଦେଉଥିଲେ । ସେତିକିବେଳେ ମୁଁ ତାଙ୍କ ଚକ୍ଷୁ ଭିତରର ରଙ୍ଗ ପ୍ରତି ଲକ୍ଷ୍ୟ କରିଛି – ତାହା ନୀଳଧୂସର ବର୍ଣ୍ଣ । ତାଙ୍କ ଚକ୍ଷୁରେ କୋମଳତା ଓ କରୁଣା ବ୍ୟତୀତ ଆଉ କେବେ ବି କିଛି ମୁଁ ଦେଖିପାରି ନାହିଁ । କିନ୍ତୁ ଥରକ ପାଇଁ, କେବଳ ଥରକ ପାଇଁ ଦୁଇଟି ଭିନ୍ନ ଚକ୍ଷୁ ମୁଁ ଦେଖିଛି ! ସେହି ସ୍ମୃତି କେବେ ବି ଭୁଲି ହେବ ନାହିଁ । ସେ ମଧ୍ୟାହ୍ନ ଭୋଜନ ଶେଷ କରିଛନ୍ତି ଏବଂ ମୁଁ ତାଙ୍କ ପାଖରେ ରହିଛି । ମୁହୂର୍ତ୍ତକ ପାଇଁ ତାଙ୍କ ଆଖି ଅର୍ଦ୍ଧମୁକ୍ତ ହେଲା ଏବଂ ତହିଁରେ ମୁଁ ଦେଖିଲି ଦୁଇଟି ଗଭୀର ପୁଷ୍କରିଣୀ, ଅତି ଗାଢ଼କଳା, ମଧୁର, ଶାନ୍ତ, ଦୁର୍ଜ୍ଞେୟ ଓ ଅତଳସ୍ପର୍ଶୀ । ଏହା ମନେ ହେଲା ଯେପରି ତୁମେ କୌଣସି ଏକ ନୀରବ ଅପରାହ୍ଣରେ ଘୋର ଅରଣ୍ୟାନୀ ମଧ୍ୟରେ ପ୍ରବେଶ କରିଛ ଏବଂ ହଠାତ୍ ତୁମ ଚକ୍ଷୁ ସମ୍ମୁଖରେ ଏକ ଗଭୀର ପୁଷ୍କରିଣୀ ଦେଖାଦେଲା ଏବଂ ସେଥିରେ ଦେଖିଲି ସେଇ କୃଷ୍ଣବର୍ଣ୍ଣ, ଶାନ୍ତ, ସ୍ଥିର ଜଳରାଶି ।

ଯେଉଁମାନେ ଆମର ଚିଠିପତ୍ର ପଢ଼ିଥିବେ, ସେମାନଙ୍କର ଧାରଣା ହୋଇଥିବ ଯେ ଆମର ସବୁ ସମୟ ଅତି ମଜାରେ, ଥଟ୍ଟା ତାମସାରେ ରଙ୍ଗରସରେ କଟିଥିବ । ପ୍ରକୃତରେ ଜଣେ ବନ୍ଧୁ ବିଶ୍ୱାସ କଲେ ନାହିଁ ଯେ ଆମର ଏହି ହସଖୁସି ଅଳ୍ପ ସମୟ ପାଇଁ ଘଟିଥିଲା । ନଚେତ୍ ଜଣେ ଯୋଗୀ ପଦବାଚ୍ୟ ହେବେ ନାହିଁ । ପୁଣି ଶ୍ରୀଅରବିନ୍ଦ ତ ଏସବୁରେ କେବେ ବି ନଥିଲେ । ସ୍ୱଦେଶୀ ଯୁଗରୁ, ଏପରିକି ବିଲାତରେ ବାଲ୍ୟଜୀବନରୁ ଶ୍ରୀଅରବିନ୍ଦଙ୍କ ସ୍ୱଭାବ ସହିତ ଯେ ପରିଚିତ, ସେ କଦାପି ମୋ କଥାରେ ବିବାଦ କରିବ ନାହିଁ । ଏହାର କାରଣ କ'ଣ ? ଯୋଗସାଧନା ନା ଜନ୍ମଗତ ଚରିତ୍ର ?

ଦିଲୀପକୁମାର ତାଙ୍କର ଏକ ପତ୍ରରେ ନାଲିଶ କରିଥିଲେ ଯେ ଶ୍ରୀଅରବିନ୍ଦ ହସନ୍ତି ନାହିଁ, ଏପରିକି ସ୍ମିତହାସ୍ୟ ମଧ୍ୟ କରନ୍ତି ନାହିଁ; ଶ୍ରୀଅରବିନ୍ଦ ତାହାର ଉତ୍ତରରେ ଲେଖିଥିଲେ ଯେ ସେ ପିଲାଦିନୁ ପରିବାରଠାରୁ ଦୂରରେ ରହିଛନ୍ତି ଏବଂ ଏକାକୀ ଜୀବନଯାପନ କରିବାରେ ଅଭ୍ୟସ୍ତ ହୋଇଛନ୍ତି । ସୁତରାଂ ତାଙ୍କର ସ୍ୱଭାବ ଗମ୍ଭୀର, ପ୍ରାୟଶଃ ସୁଦୂର ହୋଇଯାଇଛି ଏବଂ ବ୍ୟକ୍ତିଗତ ଭାବାବେଗକୁ ପ୍ରକାଶ କରିବାରେ ସେ ସଂକୋଚ ବୋଧ କରନ୍ତି । ଆଉ ମଧ୍ୟ ଇଂରେଜମାନଙ୍କ ଜାତୀୟ ପ୍ରକୃତିର ଗାମ୍ଭୀର୍ଯ୍ୟ ତାଙ୍କ ଚରିତ୍ରଗଠନରେ ନିଶ୍ଚୟ ପ୍ରଭାବ ପକାଇଥିବ । ପୁନଶ୍ଚ ସେ ଯେଉଁପରି ଯୋଗସାଧନା ଆରମ୍ଭ କଲେ – ସର୍ବପ୍ରଥମେ ବିଶ୍ୱାତୀତ ନିର୍ବାଣର ଅନୁଭୂତି ନେଇ, ଏବଂ ଏହାହିଁ ତାଙ୍କ ଅଭ୍ୟାସର ମୁକୁଟ ରୂପେ କାର୍ଯ୍ୟ କରିଥିବ । ମୋର ବିଶ୍ୱାସ, ବୁଦ୍ଧଦେବ ତାଙ୍କର ସମସ୍ତ କରୁଣା ଥିବା ସତ୍ତ୍ୱେ ଦୈନନ୍ଦିନ ଜୀବନରେ ଅବଶ୍ୟ ନୈର୍ବ୍ୟକ୍ତିକ ହୋଇଥିବେ । ଏହି ବିଶାଳ ନୈର୍ବ୍ୟକ୍ତିକତା ବ୍ୟକ୍ତିଗତ ସମ୍ବନ୍ଧରକ୍ଷାର କ୍ଷେତ୍ରରେ ମଧ୍ୟ ତାଙ୍କ ଯୋଗସାଧନାର ଭିତ୍ତି ହୋଇଥିବ । ମୁଁ ଅନେକ ସମୟରେ ଆଶ୍ଚର୍ଯ୍ୟ ହେଉଥିଲି ଯେ ସେ କେଉଁପରି ଅବସ୍ଥାରେ ଓ ଚେତନାରେ ବାସ କରି ଆମ ସହିତ କଥାବାର୍ତ୍ତା କରୁଥିଲେ ଅଥବା 'ସାବିତ୍ରୀ'ର ଶ୍ରୁତଲିଖନ ଦେଉଥିଲେ । ବର୍ତ୍ତମାନ ମୁଁ ବୁଝିଛି ଯେ ଚେତନାର ତିନୋଟି ସ୍ତର – ବିଶ୍ୱାତୀତ, ବିଶ୍ୱଗତ ଏବଂ ବ୍ୟକ୍ତିଗତ ଏକ ସମୟରେହିଁ କାର୍ଯ୍ୟ କରିପାରେ ଆଉ ବି ମୁଁ ଆଶ୍ଚର୍ଯ୍ୟ ହେଉଥିଲି, ସେ କିପରି ଅତି ତୁଚ୍ଛ ବସ୍ତୁ – ଅଣଆଧ୍ୟାତ୍ମିକ ବ୍ୟାପାରରେ ଯେପରି କି ଘୁଙ୍ଗୁଡ଼ି ମାରିବା କି ମସ୍ତକରୁ କେଶ ଝଡ଼ିଯିବା ପ୍ରଭୃତି ବିଷୟ ନେଇ ଗପସପରେ ଅଂଶ ଗ୍ରହଣ କରୁଥିଲେ । ସେ ପ୍ରତ୍ୟେକ ବସ୍ତୁରେ ରସ, ଅର୍ଥାତ୍ ବ୍ରହ୍ମରସ ଆସ୍ୱାଦନ କରୁଥିଲେ । କିନ୍ତୁ ତାଙ୍କର ପରିହାସ ଆଦି ଆଦୌ ନିମ୍ନ ସ୍ତରର ନଥିଲା । ସେସବୁ ଅତି କୌତୁକପ୍ରଦ ଥିଲେ ବି ସେଥିରେ ସବୁବେଳେ ବୌଦ୍ଧିକ ଉପାଦାନ ରହୁଥିଲା ।

ଗତ ଅଧ୍ୟାୟରେ ମୁଁ ତାଙ୍କର ହାସ୍ୟରସ ସମ୍ବନ୍ଧରେ ଅନେକ ଉଦାହରଣ ଦେଇଛି । ଆଉ କେତୋଟି ଉଦାହରଣ ଦେବି ଯେଉଁଥିରୁ ତାଙ୍କର ହାଲୁକାମନର ପରିଚୟ ମିଳିବ । ଦିନେ ହଠାତ୍ ତାଙ୍କର ନୀରବତା ଭଙ୍ଗ କରି ସେ ପୁରାଣୀଙ୍କୁ ଡାକି କହିଲେ, ''ପୁରାଣୀ, ତୁମ ପାଇଁ କିଛି ଚମତ୍କାର ଜିନିଷ ଅଛି (କେବଳ ଥରେ ମାତ୍ର ସେ ପୁରାଣୀଙ୍କ ନାମ ଧରି ଡାକିଛନ୍ତି !) ।''

ପୁରାଣୀ – ମୋ ପାଇଁ ?

ଶ୍ରୀଅରବିନ୍ଦ – ଶ୍ରୀଅରବିନ୍ଦ ଆଶ୍ରମ ଠିକଣାରେ ଆମେରିକାରୁ ଗୋଟିଏ ପତ୍ର ଆସିଛି । ଆଶ୍ରମକୁ ଉଦ୍ଦେଶ୍ୟ କରି ପତ୍ରଲେଖକ କହିଛନ୍ତି, ''ମୁଁ ଶୁଣିଛି ତୁମେ ଜଣେ ମହାନ୍ ଯୋଗୀ, ମୁଁ ମଧ୍ୟ ଜଣେ ଯୋଗୀ । ମୁଁ ଖେଳ ବିଷୟରେ ଭବିଷ୍ୟତ୍ ବାଣୀ କରିବାକୁ ଆରମ୍ଭ କରିଛି । ମୁଁ ସମାଧିସ୍ଥ ହୋଇପାରେ ଓ ସବୁକିଛି ଜାଣିପାରେ । ଯଦି ତୁମେ ମୋ ସଙ୍ଗେ କାମ କରିବାକୁ ରାଜି ହୁଅ, ତେବେ ଆମର ଲାଭାଂଶକୁ ଆମେ ବାଣ୍ଟି ନେବା । ତୁମର ଏଥିରେ ସର୍ତ୍ତ କ'ଣ ଜଣାଅ ଯଦି ତୁମେ ଟଙ୍କା ନେବାକୁ ନଚାହଁ, ତେବେ ତାହା ଗରିବମାନଙ୍କୁ ଦେଇ ଦେଇପାର । ଆମର ଏକତ୍ର କାମ କରିବା ଦ୍ୱାରା ତୁମର ଓ ମୋର ଦରିଦ୍ରଙ୍କର ସେବା ହେବ ।'' ପୁରାଣୀ, ତୁମର ଏଥିରେ ମତ କ'ଣ ? ତୁମେ 'ସମାଧି'କୁ ଯାଇପାର, ଅଥବା ନୀରଦକୁ 'ସମାଧି'କୁ ପଠାଇପାର ।

ଆଳାପୀ ବ୍ୟକ୍ତି କହିଲେ, ଆମେ ଯାହା ବୁଝୁ ସେଇ ଅର୍ଥରେ ଶ୍ରୀଅରବିନ୍ଦ ଜଣେ ଆଳାପୀ ବ୍ୟକ୍ତି ନଥିଲେ । ରବୀନ୍ଦ୍ରନାଥ ଜଣେ ଆଳାପୀ ବ୍ୟକ୍ତି ଥିଲେ । ଯେଉଁମାନେ ରବୀନ୍ଦ୍ରନାଥଙ୍କ ଆଳାପ ଆଲୋଚନା ଶୁଣିଛନ୍ତି, ସେମାନେ ନିଜ ନିଜର ଅନୁଭୂତିକୁ ମନେପକାଇ 'ମହାନ୍' ଆଖ୍ୟା ଦେଇଛନ୍ତି । ଆମେ ଯେତେବେଳେ ତାଙ୍କର କଥୋପକଥନ ପାଠ କରୁ, ସେଥିରୁ କଳ୍ପନା କରିହୁଏ, ସେ କିପରି ପ୍ରତିଭାଶାଳୀ ବ୍ୟକ୍ତି ଥିଲେ : ତାଙ୍କର ଐଶ୍ୱର୍ଯ୍ୟପୂର୍ଣ୍ଣ ରୂପକ, ଉପମା, ପ୍ରଦୀପ୍ତ ରସିକତା ଏବଂ ତରଳ ହାସ୍ୟରସ, ତାଙ୍କ ଚକ୍ଷୁପଲକର ଭଙ୍ଗି, ତାଙ୍କ ସ୍ୱରର ଲଘୁତା ଓ ଗୁରୁତା ଏବଂ ଅନ୍ୟାନ୍ୟ ନାଟକୀୟ ଅଙ୍ଗଭଙ୍ଗୀ ଦ୍ୱାରା ସେ ତାଙ୍କର ମହାନ୍ ବ୍ୟକ୍ତିତ୍ୱକୁ ସମ୍ମୁଖକୁ ଆଣି ପାରୁଥିଲେ, ଆଉ ତାଙ୍କର ସଂଳାପ ପଛକୁ ରହିଯାଉଥିଲା । ଏହାର ତୁଳନାରେ ଶ୍ରୀଅରବିନ୍ଦଙ୍କ ସମ୍ବନ୍ଧେ ଆମର ଯେଉଁ ଅଧ୍ୟୟନ; ତାହା ସଂପୂର୍ଣ୍ଣ ଭିନ୍ନ । ଏଠାରେ ଜୀବନଯାତ୍ରା ଧୀରସ୍ଥିର, ଏଠାରେ ପ୍ରତିସ୍ରୋତ ବା ଆବର୍ତ୍ତନ ନାହିଁ, ଜଳଧାରାଟି ବିନାବାଧାରେ ସ୍ୱଚ୍ଛନ୍ଦ ଧୀର ଗତିରେ ପ୍ରବାହିତ ହେଉଛି – ହାସ୍ୟ-ପରିହାସ ପ୍ରସଙ୍ଗକ୍ରମେ ଦେଖାଦେଲେ ବି ଇଂରେଜୀ ଢଙ୍ଗରେ ପରିବେଷିତ ହେଉଛି – ଯେଉଁଥିରେ ତୁମେ ଆହୁରି ବେଶୀ ହସିବ । ଏଠାରେ ବ୍ୟକ୍ତିତ୍ୱ ରହୁଥିଲା ପଶ୍ଚାତରେ ଏବଂ ବିଷୟବସ୍ତୁ ପ୍ରାଧାନ୍ୟ ଲାଭ କରୁଥିଲା ।

ଡାକ୍ତର ମଣିଲାଲଙ୍କ ସହିତ ତାଙ୍କର କଥାବାର୍ତ୍ତା ବିଶେଷ

ଉଲ୍ଲେଖଯୋଗ୍ୟ । ଡାକ୍ତର ମଣିଲାଲ ଉଭୟ ଡାକ୍ତରୀ ଓ ସଂସାରୀ ବିଦ୍ୟାରେ ନିପୁଣ ଥିଲେ । ସ୍ୱୟଂ ଶ୍ରୀମା କହୁଥିଲେ ଯେ ତାଙ୍କ ନିଜ ଡାକ୍ତରୀ ବିଦ୍ୟାରେ ସେ ଅଭୂତପୂର୍ବ ପାରଙ୍ଗମତା ଲାଭ କରିଥିଲେ । ତଥାପି ତାଙ୍କ ମଧରେ ଏକ ଶିଶୁତୁଲ୍ୟ ସରଳତା ଥିଲା ଓ ସେ ଶ୍ରୀଅରବିନ୍ଦଙ୍କ ସହ ଖୋଲାଖୋଲି ଭାବେ କଥାବାର୍ତ୍ତା କରୁଥିଲେ । ଶ୍ରୀଅରବିନ୍ଦ ମଧ ତାଙ୍କର ପିତୃତୁଲ୍ୟ, ଅଥବା ବନ୍ଧୁତୁଲ୍ୟ ସ୍ମିତହାସ୍ୟ ନେଇ ସେହି ପ୍ରଗଳ୍‌ଭତାକୁ ଶୁଣୁଥିଲେ । ଜୈନଧର୍ମ ସମ୍ବନ୍ଧରେ ମଣିଲାଲଙ୍କର ଲମ୍ବା, ଅସଂଲଗ୍ନ ଆଲୋଚନା ଯାହା ଶୁଣି ଆମେ ବିରକ୍ତି ପ୍ରକାଶ କରୁଥିଲୁ, ସେସବୁ ଶୁଣିବାକୁ ଶ୍ରୀଅରବିନ୍ଦଙ୍କୁ ମଜା ଲାଗୁଥିଲା ଏବଂ ମଣିଲାଲ ଫେରିଗଲା ପରେ ଶ୍ରୀଅରବିନ୍ଦ ପୁରାଣୀଙ୍କୁ ପଚାରୁ ଥିଲେ ଯେ ମଣିଲାଲଙ୍କର ଜୈନଧର୍ମ ସମ୍ବନ୍ଧରେ ଜ୍ଞାନ କେତେଦୂର ଯଥାର୍ଥ ଓ ନିର୍ଭରଯୋଗ୍ୟ । ଶ୍ରୀଅରବିନ୍ଦ ମଣିଲାଲଙ୍କ ସହ କିପରି ଖେଳୁଥିଲେ, ତାଙ୍କୁ ଚିଡ଼ାଉଥିଲେ ଓ ବାକ୍‌ଚାତୁରୀ କରୁଥିଲେ – ତାହା ଦେଖି ଆମକୁ ଖୁବ୍ ମଜା ଲାଗୁଥିଲା । ତଥାପି ତାଙ୍କର ଡାକ୍ତରୀ ନିର୍ଦ୍ଦେଶ ବରାବର ପାଳନ କରୁଥିଲେ । ହଠାତ୍ ଶ୍ରୀଅରବିନ୍ଦ କହି ଉଠିବେ, ''ଓଃ, ବର୍ତ୍ତମାନ ଡାକ୍ତର ମଣିଲାଲ ଆସିବେ, ଏବେ ମୋତେ ପାଦ ଝୁଲାଇ ରଖିବାକୁ ହେବ ।'' ଆମେ ସଙ୍ଗେ ସଙ୍ଗେ କହୁଥିଲୁ, ''ଆପଣ ତ ଡାକ୍ତର ମଣିଲାଲଙ୍କୁ ଭୟ କରୁଛନ୍ତି !'' ମନେ ହେବ ଯେପରି ଶ୍ରୀଅରବିନ୍ଦ ତାଙ୍କର ଜଣେ ବନ୍ଧୁଙ୍କ ସଙ୍ଗେ ଆଳାପ କରୁଛନ୍ତି – ଡାକ୍ତରଙ୍କ ବୟସ, ପଦମର୍ଯ୍ୟାଦା ଓ ସ୍ୱଭାବ ଯେଉଁଭଳି, ଶ୍ରୀଅରବିନ୍ଦ ଠିକ୍ ସେହିଭଳି ସମାନ ଭାବେ ତାଙ୍କ ସଙ୍ଗେ କଥାବାର୍ତ୍ତା କରନ୍ତି । ଥରେ ଶ୍ରୀଅରବିନ୍ଦ କହିଥିଲେ ଯେ ଡାକ୍ତର ପିଲାଟିଏ ପରି ଅତି ସରଳ ଓ ଅମାୟିକ ଥିଲେ ।

ଆମର କଥାବାର୍ତ୍ତା ବହୁ ବର୍ଷ ଧରି ଚାଲିଥିଲା ଏବଂ ଏହି କଥାବାର୍ତ୍ତା ବହୁ ବିଭିନ୍ନ ବିଷୟକୁ ଧରି ହେଉଥିଲା । ମୋର କେବେ ବି ମନେ ପଡୁ ନାହିଁ ଯେ ଶ୍ରୀଅରବିନ୍ଦ ଆମ ସହ କଥାବାର୍ତ୍ତା ବେଳେ ଥରେ ବି ଧୈର୍ଯ୍ୟ ହରାଇଛନ୍ତି । କୌଣସି ପ୍ରଶ୍ନର ଉତ୍ତର ଦେବାକୁ ସେ କେବେ ବି ମନା କରୁ ନଥିଲେ, ବରଂ କୌଣସି ବିଷୟ ଆମେ ବୁଝି ନ ପାରିଲେ ବାରଂବାର ବିସ୍ତୃତ ଭାବେ ବୁଝାଉଥିଲେ ଏବଂ ଶେଷରେ ଅତି ନରମ ଗଳାରେ ପଚାରୁ ଥିଲେ, ''ବୁଝିଲ ତ ?'' ତାଙ୍କର କଣ୍ଠସ୍ୱର ସର୍ବଦା ସ୍ନେହସିକ୍ତ ଥିଲା । ଏପରିକି ଥରେ ଆମ ଭିତରୁ ଜଣେ ଯେତେବେଳେ କହି ବସିଲେ ଯେ ତାଙ୍କ ଯୋଗ ସେ ଗ୍ରହଣ କରିପାରୁ ନାହାନ୍ତି, ସେ ନିରପେକ୍ଷ ଭାବରେ ତାହାର ଆପତ୍ତି ତଥା ବାଧାବିଘ୍ନଗୁଡ଼ିକୁ ସଦୟ ବିଚାର କରି ସମାଧାନକୁ ନେଇ ଆସିଲେ । ଏହା ତାଙ୍କର ସ୍ୱାଭାବିକ ଗୁଣ ଥିଲା ଏବଂ ଯୋଗସାଧନାରୁ ମଧ ସେ ଏଗୁଣ ଅଧିକ କିଛି ଲାଭ କରିଥିଲେ । ତାଙ୍କ ଆଗରେ ଆମେ ଗରମାଗରମ ଆଲୋଚନା କରୁଥିଲୁ । ସେ ଧୀର ଭାବରେ ଆମର ପିଲାଳିଆ ଆସ୍ଫାଳନର କଥା ଶୁଣୁଥିଲେ ଓ ଆମର ଭୁଲ୍ କେଉଁଠି ତାଙ୍କୁ ନ ପଚାରିଲା ଯାଏଁ ସେ ମତାମତ ଦେଉ ନଥିଲେ । ତାଙ୍କ ସହ ଆଳାପ ଆଲୋଚନା କରିବା ଫଳରେ ଯେତିକି ଉପକୃତ ହେବା କଥା ସେତିକି ଉପକୃତ ଆମେ ନହୋଇ ପାରିଲେ ମଧ ତାଙ୍କର ଧୈର୍ଯ୍ୟପୂର୍ଣ୍ଣ ସହନଶୀଳତା, ପ୍ରଶ୍ରୟଦାନ ଏବଂ ଦୃଷ୍ଟିର ପ୍ରସାରତା ତଥା ହାସ୍ୟରସ ଦ୍ୱାରା ସଜୀବତା ଆମ ଆତ୍ମା ଉପରେ ଏକ ଉଜ୍ଜ୍ୱଳ ପ୍ରଭାବ ପକାଇଛି । ଯେବେ ସେହି ଅତୀତ ଦିନଗୁଡ଼ିକ ଉପରେ ଆମେ ଦୃଷ୍ଟି ପକାଉ, ମୃଦୁ ହିଲ୍ଲୋଳରେ ଶୁଣିବାକୁ ପାଉ ଏକ ଦୀର୍ଘଶ୍ୱାସର ଗୁଞ୍ଜନ, ''ସେହିସବୁ ମଧୁମୟ ଦିବସ ଆଉ ଫେରିବ ନାହିଁ !'' ଆମେସବୁ ମିଳିତ ହେଲାବେଳେ ଏବଂ ସେହି ବିଗତ କେତେ ବର୍ଷର କଥା ଆଲୋଚନା କଲାବେଳେ ଆକୁଳ ସ୍ମୃତି ଜାଗ୍ରତ୍ ହୋଇଉଠେ । ସତ୍ୟେନ୍ଦ୍ର ସେଦିନ ମୋତେ ଗୋଟିଏ ବିଷୟ କହିଲେ ଯାହା ମୁଁ ଏକାବେଳକେ ବିସ୍ମୃତ ହୋଇଯାଇଥିଲି । ଥରେ ଶ୍ରୀମା ଆସି ଶ୍ରୀଅରବିନ୍ଦଙ୍କୁ କହିଲେ ଯେ ଭୀଷ୍ମଦେବ (ବଙ୍ଗଳାର ସୁପ୍ରସିଦ୍ଧ ଗାୟକ ଏବଂ ଆଶ୍ରମବାସୀ) କଲିକତା କେନ୍ଦ୍ରରୁ ଗୀତ ଗାଇବେ, ଏବଂ ସେ ଶ୍ରୀଅରବିନ୍ଦଙ୍କୁ ତାହା ଶୁଣିବାକୁ ବିଶେଷ ଅନୁରୋଧ କରିଛନ୍ତି । ସେଥିପାଇଁ ରେଡ଼ିଓ ତାଙ୍କ ପାଖକୁ ଅଣାଗଲା ଏବଂ ତା'ପରେ ରେଡ଼ିଓ ସଙ୍ଗୀତ ଏବଂ ଶ୍ରୀଅରବିନ୍ଦଙ୍କ ସ୍ପଞ୍ଜସ୍ନାନ ଏକସଙ୍ଗରେ ଚାଲିଲା । ଭୀଷ୍ମଦେବଙ୍କର ଗାନ ସମାପ୍ତ ହେଲା, ଆମେ ପଚାରିଲୁ, ''ଆପଣଙ୍କୁ ସଙ୍ଗୀତ କିପରି ଲାଗିଲା ?'' ସେ ଉତ୍ତର ଦେଲେ, ''ଆଃ, ମୁଁ ଏକେବାରେ ଭୁଲିଯାଇଛି !'' ଆମ୍ଭେମାନେ ଜୋର୍‌ରେ ହସି ଉଠିଲୁ । ଏହିପରି ଆଉ ଏକ ଘଟଣା ଦିଲୀପଙ୍କ ବିଷୟରେ ମଧ ଘଟିଥିଲା । କଲିକତା ରେଡ଼ିଓ ଷ୍ଟେସନରୁ ତାଙ୍କ ଗୀତ ପରିବେଷଣର ସମୟ ଜଣାଇ ସେ ଶ୍ରୀଅରବିନ୍ଦଙ୍କୁ ତାହା ଶୁଣିବା ପାଇଁ ଅନୁରୋଧ କରିଥିଲେ । ଚମ୍ପକଲାଲଙ୍କୁ ଶ୍ରୀଅରବିନ୍ଦ କହି ରଖିଲେ ଏ ବିଷୟ ସ୍ମରଣ କରାଇ ଦେବା ପାଇଁ, ଯେତେବେଳେ ସଙ୍ଗୀତ ଶେଷ ହେଲା ସେ ପଚାରିଲେ, ''ଦିଲୀପର ଗୀତ କାହିଁ ?'' ଚମ୍ପକଲାଲ

ହସିଲେ ଏବଂ କହିଲେ ''ଏପର୍ଯ୍ୟନ୍ତ ତ ତାହାହିଁ ଶୁଣୁଥିଲେ ।''

ପରିଶେଷରେ ଯେଉଁମାନେ ମୋର ଶ୍ରୀଅରବିନ୍ଦଙ୍କ ସହିତ କଥାବାର୍ତ୍ତା ଓ ମୋ ସହିତ ତାଙ୍କର ପତ୍ରାଳାପ ପଢ଼ିଥିବେ, ସେମାନେ ଏହି ଉଭୟ ବସ୍ତୁ ମଧ୍ୟରେ ଏକ ସ୍ପଷ୍ଟ ପାର୍ଥକ୍ୟ ଲକ୍ଷ୍ୟ କରି ପାରିଥିବେ । ଉଭୟ ମଧ୍ୟରେ ଅନ୍ତରଙ୍ଗତା ଓ ସରସତା ଥିଲେ ମଧ୍ୟ ଚିଠିପତ୍ରରେ ଶ୍ରୀଅରବିନ୍ଦ ଅଧିକ ମୁକ୍ତ । ଚିଠିପତ୍ରରେ ସେ ନିଜକୁ ପୂରାପୂରି ଖୋଲି ଦିଅନ୍ତି, କିନ୍ତୁ କଥାବାର୍ତ୍ତାରେ ସେ କିଛି ପରିମାଣରେ ସଂଯମ ରକ୍ଷା କରନ୍ତି । ଏହାର କାରଣ କ'ଣ କେବଳ ଭିନ୍ନ ପରିବେଶ ଓ ଭିନ୍ନ ପରିସ୍ଥିତି ନା ଆଉ କିଛି ? ମୁଁ ଯଦି ତାଙ୍କ ସହିତ ଏକାକୀ ବାସ କରିଥା'ନ୍ତି, ତେବେ ବି ଲେଖିବା ସମୟରେ ସେ ଯେତିକି ମୁକ୍ତ, କଥାବାର୍ତ୍ତାରେ ସେ ସେତିକି ମୁକ୍ତ ହୋଇ ନଥା'ନ୍ତେ । ତାଙ୍କର ସଂକୋଚ ଓ ଗମ୍ଭୀର ସ୍ୱଭାବ ସଂପୂର୍ଣ୍ଣ ଖୋଲାଖୋଲି କଥାବାର୍ତ୍ତା କରିବାରେ ନିଶ୍ଚୟ ବାଧା ଦେଇଥା'ନ୍ତା । ଅବଶ୍ୟ ପତ୍ରାଳାପ କେବଳ ଜଣେ ବ୍ୟକ୍ତି ପ୍ରତି ଓ କେତେକ ବିଷୟ ମଧ୍ୟରେହିଁ ସୀମାବଦ୍ଧ ଥିଲା, ମାତ୍ର କଥାବାର୍ତ୍ତା ବହୁ ବିଭିନ୍ନ ବିଷୟ ଉପରେ ତଥା ଭିନ୍ନ ଭିନ୍ନ ବ୍ୟକ୍ତିଙ୍କ ସମ୍ମୁଖରେ ହେଉଥିଲା, ସେସବୁର କେତେକ ନିଜସ୍ୱ ସୁବିଧା ମଧ୍ୟ ଥିଲା ।

('ଶ୍ରୀଅରବିନ୍ଦଙ୍କ ସହ ବାରବର୍ଷ'ରୁ ସଂଗୃହୀତ : ପୃଷ୍ଠା : ୨୦୦-୨୦୫) ❖

## ଶ୍ରୀମାଙ୍କର ଏକ ବାର୍ତ୍ତା

ଅଧିକାଂଶ ସାଧକ ଧ୍ୟାନ, ଏକାଗ୍ରତା ଓ ସ୍ଥୂଳ ଜୀବନରୁ ପ୍ରତ୍ୟାହାର ଓ ସ୍ଥୂଳ ଜୀବନର କର୍ମର ପରିତ୍ୟାଗକୁ ନିଜର ମାର୍ଗରୂପେ ଗ୍ରହଣ କରିଥାଆନ୍ତି । କର୍ମର ମାର୍ଗ ଅପେକ୍ଷା ଏହା ନିଶ୍ଚୟ ଅଧିକ ସହଜ । କିନ୍ତୁ ସେମାନେ ସ୍ଥୂଳ ଚେତନାକୁ ସେହିପରି ରହିବାକୁ ଛାଡ଼ିଦେଇ ଥାଆନ୍ତି, କେବେହେଲେ ଏହାର ପରିବର୍ତ୍ତନ କରିପାରନ୍ତି ନାହିଁ । କିନ୍ତୁ ଜଣେ ସାଧୁ ବା ବୈରାଗୀ ନ ହେଲେ ଯେକି ସମସ୍ତ ସକ୍ରିୟ ଜୀବନକୁ ପଛରେ ଛାଡ଼ି ଆସିଥାଏ ଏବଂ ସବୁ ସମୟରେ ଧ୍ୟାନ ଓ ଏକାଗ୍ରତାରେ ରୁହେ, ସେ ଆଦୌ କିଛି କୃତିତ୍ୱ ଅର୍ଜନ କରିପାରେ ନାହିଁ ।

ଆମେ ଯାହା ଚାହୁଁ ତାହା ଦୈହିକ ଚେତନାର ରୂପାନ୍ତର, ବର୍ଜନ ନୁହେଁ ।

ତେଣୁ ଏ କ୍ଷେତ୍ରରେ ଶ୍ରୀଅରବିନ୍ଦ ସବୁଠୁ ସିଧାସଳଖ ଓ ସାମଗ୍ରିକ ମାର୍ଗରୂପେ ଯାହା ଉପସ୍ଥାପିତ କରିଛନ୍ତି ତାହା ହେଉଛି ଭଗବାନଙ୍କ ପାଖରେ ସମର୍ପଣ – ଏପରି ଏକ ସମର୍ପଣ ଯାହା ଅଧିକରୁ ଅଧିକ ପୂର୍ଣ୍ଣାଙ୍ଗ, ପ୍ରଗତିଧର୍ମୀ ହୋଇଥିବ ଓ ନିଜ ଭିତରେ ସ୍ଥୂଳ ଦୈହିକ ଚେତନା ଓ ଦୈହିକ କର୍ମକୁ ଅନ୍ତର୍ଭୁକ୍ତ କରୁଥିବ । ଏବଂ ଜଣେ ଯଦି ଏଥିରେ କୃତକାର୍ଯ୍ୟ ହୁଏ ତା'ହେଲେ ସ୍ଥୂଳ-ଦୈହିକ ଜୀବନ ଏକ ପ୍ରତିବନ୍ଧକ ହେବା ପରିବର୍ତ୍ତେ ଏକ ସହାୟକ ହୋଇ ଉଠିବ ।

*୧୯ ସେପ୍ଟେମ୍ବର ୧୯୫୬*

ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ :

# ବନ୍ଦେ ମାତରମ୍

## ଶ୍ରୀଅରବିନ୍ଦ

### ଏକ ବିବରଣ

ମି. ଜନ୍ ମୋର୍ଲେ ସଂସଦ ଗୃହରେ ସ୍ୱତଃ ସମୟ ଶକ୍ତି ବିନିଯୋଗ କରି ଗୋଟିଏ ଶାଣିତ କଟୂକ୍ତିଯୁକ୍ତ ଓ ଲଗାମଛଡ଼ା ବିବରଣ ଅର୍ପଣ କରିଥିଲେ ଯେ ପୂର୍ବବଙ୍ଗରେ ଘଟିଥିବା ଗଣ୍ଡଗୋଳ ପାଇଁ ସବୁଯାକ ଦୋଷ ହିନ୍ଦୁମାନଙ୍କର ଥିଲା । ସେମାନେ କୁଆଡ଼େ ଶାରୀରିକ ବଳପ୍ରୟୋଗପୂର୍ବକ ଏକ ହିଂସାତ୍ମକ ତଥା ଉଚ୍ଛୃଙ୍ଖଳ ଆନ୍ଦୋଳନ ଚଳେଇ ମୁସଲମାନମାନଙ୍କୁ କ୍ରୋଧରେ ଜର୍ଜରିତ କରି ଲାଗିଥିଲେ ଯାହା ଶେଷରେ ବିଦ୍ରୋହର ରୂପ ନେଇଥିଲା । ଘଟଣାସ୍ଥଳରେ ଉପସ୍ଥିତ ଥିବା କୌଣସି ବ୍ୟକ୍ତି ପ୍ରତି ପ୍ରେମ ମଧୁର ବିଶ୍ୱସନୀୟତା ପ୍ରକଟ କରି ହେଉ କିଂବା ତାଙ୍କର ଦାର୍ଶନିକ ଅଭିମତ ଓ ବିଚାର ବୁଦ୍ଧିର ସହଜାତ ସାମର୍ଥ୍ୟ ବଳରେ ସେ ଯେ ଏହି ବିବରଣଟି ପ୍ରସ୍ତୁତ କରିଛନ୍ତି ସେଥିପାଇଁ ଆମେ ଆଦୌ ବିବ୍ରତ ନୋହୁଁ । ପ୍ରତ୍ୟେକ ବ୍ୟକ୍ତି ଜାଣନ୍ତି ଯେ ଏହି ବିବରଣଟି ହେଉଛି ଅସତ୍ୟ । ଯେମିତି 'ବ୍ଲାକ୍ ହଣ୍ଡ୍ରେଡ୍'ର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନର ପଶ୍ଚାତରେ ଚୂଡ଼ାନ୍ତ କାରଣ ଥିଲା ରୁଷିଆର ବୈପ୍ଳବିକ ଆନ୍ଦୋଳନ ସେମିତି ଠିକ୍ ବର୍ଜନ ଆନ୍ଦୋଳନ ଯେ ପୂର୍ବାଞ୍ଚଳରେ ଗୁଣ୍ଡାରାଜର ଚୂଡ଼ାନ୍ତ କାରଣ ଥିଲା ଏଥିରେ ସନ୍ଦେହର କୌଣସି ଅବକାଶ ନାହିଁ । କିନ୍ତୁ କାରଣ ହିସାବରେ ଦେଖିଲେ ଏହା ଆଦୌ ଆଶୁ କାରଣ ନଥିଲା କିଂବା ସେମିତି କିଛି ପରିଣାମ ସୃଷ୍ଟି କଲାପରି କରାମତି ମଧ ଏହାର ନଥିଲା । କାରଣଟା ଏହାର ଚୂଡ଼ାନ୍ତ ମର୍ମରେ ଏଇ ଯେ ତା'ର ପ୍ରାରମ୍ଭିକ ସଫଳତା ସାର୍ ବାମ୍ଫିଲ୍ଡ ଫୁଲାର୍‌ଙ୍କୁ ବାଧ କରିଥିଲା ଗୋଟିଏ ପ୍ରତିରୋଧକାରୀ ପ୍ରଭାବର ସନ୍ଧାନ ନେବା ପାଇଁ ଆଉ ଢାକାର ନବାବଙ୍କ ନିକଟରେ ସେ ଏଇ ପ୍ରଭାବର ସନ୍ଧାନ ପାଇଥିଲେ ଏବଂ ହିନ୍ଦୁ ଓ ମୁସଲମାନମାନଙ୍କ ମଧରେ ଗୋଟିଏ ଫାଟ ସୃଷ୍ଟି କରିବା ଉଦ୍ଦେଶ୍ୟରେ ନବାବଙ୍କ ଆସନରୁ ସାହାଯ୍ୟ ମିଳିପାରିବ ବୋଲି ଠଉରାଇ ପାରିଥିଲେ । ମଇମନ୍‌ସିଂରେ ଗଣ୍ଡଗୋଳ ସହିତ ବର୍ଜନ ଆନ୍ଦୋଳନର ତାହାହିଁ ମୋଟାମୋଟି ଏବଂ ଏକମାତ୍ର ସମ୍ପର୍କ ଥିଲା । ପରେ ବାକୀ ଯାହା ଯାହା ସବୁ ଘଟଣା ଘଟିଗଲା ତାହା ହେଉଛି କ୍ରମିକ ବିକାଶର ସ୍ୱାଭାବିକ ଧାରା । ସାର୍ ବାମଫିଲ୍ଡ ମୁସଲମାନମାନଙ୍କୁ ଅନୁଗ୍ରହ କଲାବେଳେ ହିନ୍ଦୁଙ୍କୁ ନିରୁତ୍ସାହିତ କରିଥିଲେ । ବାମ୍ଫିଲ୍ଡ଼ ମହାଶୟ ମୁକ୍ତ କଣ୍ଠରେ ଘୋଷଣା କରିଦେଲେ ଯେ ତାଙ୍କର ଦୁଇ ପତ୍ନୀଙ୍କ ମଧରୁ ମୁସଲମାନମାନେ ହେଉଛନ୍ତି ତାଙ୍କର ଅତି ପ୍ରିୟ ଏବଂ ତାଙ୍କର ପକ୍ଷପାତିତା ସ୍ପଷ୍ଟ ବାରି ହେଉଥିଲା, ତାହା ଥିଲା ଖୁଲମ୍‌ଖୁଲା ଓ ବେଶ୍ ଅନୁଭବନୀୟ । ସର୍ବସାଧାରଣଙ୍କ ସମ୍ମୁଖରେ ସେ ତାଙ୍କର ଏଇ ଭାବକୁ ପ୍ରଦର୍ଶନ କରି ଚାଲିଥିଲେ ତାକୁ ଗୋପନ ରଖିବା ପରିବର୍ତ୍ତେ । ଢାକାର ନବାବ ମଧ ତାଙ୍କର ସମଧର୍ମାବଲମ୍ବୀମାନଙ୍କୁ ପ୍ରଚାର କରିଆରେ ବୁଝେଇ ଚାଲିଥିଲେ ଯେ ହିନ୍ଦୁମାନଙ୍କ ଦ୍ୱାରା ସେମାନେ ନିର୍ଯାତନାର ଶରବ୍ୟ ହେଉଛନ୍ତି ଆଉ ତା' ସହିତ ସେମାନଙ୍କୁ ସେ ଆହ୍ୱାନ ଦେଇଥିଲେ ସମସ୍ତ ପ୍ରକାରର ଅନିଷ୍ଟ ଓ କ୍ଷତିକାରକ ସେଇ ସମ୍ପନ୍ଧରୁ ନିଜକୁ ଦୂରେଇ ରଖିବା ପାଇଁ । ତାଙ୍କର ଏଇ ହିନ୍ଦୁ ବିରୋଧୀ ଅଭିଯାନ ସମ୍ବନ୍ଧୀୟ ସକଳ କାର୍ଯ୍ୟକଳାପ ଭିତରେ କୌଣସି ପ୍ରକାରର ଗୋପନୀୟତା ନଥିଲା । ବାମ୍ଫିଲ୍ଡ ମହାଶୟ ତାଙ୍କ ସ୍ୱାର୍ଥ ସାଧନର ଦୃଶ୍ୟପଟରୁ ଅନ୍ତର୍ହିତ ହୋଇଗଲା ପରେ ଶିଲଂ ସରକାରଙ୍କର ଇସଲାମଧର୍ମ ପ୍ରତି ଥିବା ଅନୁରାଗକୁ ଏଣିକି ଖାଲି ସର୍ବସାଧାରଣରେ ଖୋଲାଖୋଲି ଭାବେ ପ୍ରସାରିତ କରାଗଲା ନାହିଁ ବରଂ ବାସ୍ତବ କ୍ଷେତ୍ରରେ ତାକୁ ଅବାଧରେ ଅବ୍ୟାହତ ରଖାଗଲା । ନବାବଙ୍କ ସହିତ ଆଙ୍ଗ୍ଲୋ-ଭାରତର ମିତ୍ରତା ଗଢ଼ି ଉଠିବା ମୂଳରେ ମୁଖ୍ୟତଃ 'ଇଂଲିଶମ୍ୟାନ୍' ପତ୍ରିକା ଆରମ୍ଭରୁ ପ୍ରମୁଖ ଭୂମିକା ଗ୍ରହଣ କରି ଆସିଥିଲା ଯାହାକୁ କିଛି କାଳ ଧରି ବଳବତ୍ତର ରଖାଗଲା ସକ୍ରିୟ ମୁସଲମାନ ଅନୁରାଗୀ ଓ ହିନ୍ଦୁବିରୋଧୀ ଏକ ଧର୍ମଯୁଦ୍ଧ ଭାବରେ ପ୍ରକାଶ ପାଉଥିବା ତା' ସ୍ତମ୍ଭଗୁଡ଼ିକ ମାଧମରେ; ସେ ଯଥାସାଧ ତା'ର ଉଦ୍ୟମ କରିଥିଲା ଦୁଇ ସମ୍ପ୍ରଦାୟ ଭିତରେ ଶତ୍ରୁତାକୁ ଉତ୍ତେଜିତ କରିବା ପାଇଁ । ଏହିପରି ପ୍ରଥମେ ସଂଘଟିତ ହେଲା ମଇମନ୍‌ସିଂର ଗଣ୍ଡଗୋଳ, କୋମିଲା ଦଙ୍ଗା ଏବଂ ଶେଷରେ ଜମାଲପୁରରୁ ଆରମ୍ଭ ହୋଇଥିବା ଭୟାବହ କାଣ୍ଡ ଚରମ ପର୍ଯ୍ୟାୟରେ ପହଞ୍ଚିଲା । ସେଇ ଉପଦ୍ରବ ପୂର୍ଣ୍ଣାଙ୍ଗ ରୂପେ ସମ୍ପନ୍ନ ହେଲା ମୌଲବୀମାନଙ୍କ ଦ୍ୱାରା, ଯେଉଁମାନେ ଢାକାସ୍ଥିତ ନବାବ ଏବଂ ସରକାରଙ୍କ ଦ୍ୱାହି ଦେଇ ଆକ୍ରମଣ ଓ ଲୁଣ୍ଠନର ନୀତିଶିକ୍ଷାକୁ ସମ୍ପ୍ରସାରିତ କଲେ; ଏହି ଆରୋପକୁ ଖଣ୍ଡନ କରିବା ପାଇଁ

ଢାକାର ନବାବଙ୍କ ପକ୍ଷରୁ କୌଣସି ଉଦ୍ୟମ କରାଗଲାନି, ଯଦିବା ଏକଥା କୁହାଯାଇଛି ଯେ ଦୁଇ ସମ୍ପ୍ରଦାୟ ମଧ୍ୟରେ ସଦ୍ଭାବ ପ୍ରତିଷ୍ଠାର ଇଚ୍ଛା ପ୍ରକାଶ କରି ସେ ଯେଉଁ ଫମ୍ପା ପ୍ରତିଶ୍ରୁତି ଘୋଷଣା କରିଥିଲେ ତା'ର ପ୍ରତ୍ୟୁତ୍ତରରେ ସେ ଏହା କରିବା ପାଇଁ ଡାକରା ପାଇଛନ୍ତି, ଯେତେବେଳେ କି ଶିଲଂର ସରକାର ଏହାକୁ ଖଣ୍ଡନ କରିଛନ୍ତି କେବଳ ଅତ୍ୟନ୍ତ ସଂକୋଚରେ ଆଉ ମୋଟାମୋଟି ଭାବେ କହିବାକୁ ଗଲେ ପରୋକ୍ଷରେ ଓ ପୁନରାୟ ସମ୍ପୂର୍ଣ୍ଣଭାବେ ଅନିଷ୍ଟ ଘଟି ସାରିଲା ପରେ। ମୌଲବୀମାନଙ୍କ ଦ୍ୱାରା ଏବଂ କୁଖ୍ୟାତ ଲାଲ ପୁସ୍ତିକା (Red Pamphlet)ର କାରପଟ୍‌ଦାର୍‌ମାନଙ୍କ ଦ୍ୱାରା ତେଜି ଦିଆ ଯାଉଥିବା ସମସ୍ତ ପ୍ରକାରର ପ୍ରରୋଚନା ଭିତରେ ମୁସଲମାନମାନଙ୍କ ଉପରେ ବର୍ଜନ ଆନ୍ଦୋଳନକୁ ଜୋର୍ ଜବରଦସ୍ତି ଆଣି ହିଂସାତ୍ମକ ଭାବେ ଲଦି ଦିଆଯାଇଛି ବୋଲି କେଉଁଠି ଉଲ୍ଲେଖ କରାଯାଇନି କିଂବା ଅଦ୍ୟାବଧି ସମାପ୍ତ ହୋଇ ସାରିଥିବା ବିଚାର ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଦ୍ୱାରା ଏ ପ୍ରକାର କୌଣସି ସମ୍ପର୍କକୁ ସାବ୍ୟସ୍ତ କରାଯାଇନି । ମି. ଜନ୍ ମୋର୍ଲେଙ୍କର ସିଦ୍ଧାନ୍ତ ତେଣୁ ଗୋଟିଏ ନୀରସ ଉକ୍ତି ଏବଂ କୌଣସି ମଣିଷ ପାଇଁ ସେମିତି ଆଗ୍ରହ ସୃଷ୍ଟିକଲା ଭଳି ଆଦୌ କିଛି ପ୍ରସଙ୍ଗ ନୁହଁ ।

ଅବଶ୍ୟ ଅମଲାତନ୍ତ୍ର ଶାସନ ଏହି ନିର୍ଜୀବ ପାଳଭୂତ (dead scarecrow)ର ଅସ୍ଥିଗୁଡ଼ିକ ପରି ବୃଥା ଆଶଙ୍କା ଉପୁଜେଇ କେତେ ଖେଳ ଖେଳିବ; ବିଶୃଙ୍ଖଳାର ଆଳ ଦେଖେଇ ସ୍ୱଦେଶୀବାଦ ବିରୋଧରେ ସଂଗ୍ରାମ ଚଳେଇବ; କିନ୍ତୁ ତା'ର ଏକମାତ୍ର କାରଣ ହେଲା ଅନ୍ୟ ସକଳ ଶାସନତନ୍ତ୍ର ପରି ତାହା ବିଚାରବୋଧ, ଘଟଣାର ସତ୍ୟାସତ୍ୟତା ତଥା ଜନମତ ପ୍ରତି ମହତୋଦାର ଭାବେ ନିର୍ବିକାର ହୋଇଯାଇଛି । ଏକ କପୋଳକଳ୍ପିତ କାହାଣୀର ଅବଲମ୍ବନରେ ତା'ର ପାଳିକୁ ସେ ସମ୍ପନ୍ନ କରିଛି; ଯାହାକୁ ଅନ୍ୟାୟରେ ସେ ଲଦି ଦେଇଛି କିଛି ମାତ୍ରାରେ କୁହେଳି ଆଚ୍ଛନ୍ନ ସଂସଦ ଭବନ ଉପରେ, ସତ୍ୟବତ୍ସଳ ଜନ୍‌ଙ୍କର ଶ୍ରୀମୁଖ ନିଃସୃତ ସେ ମନଗଢ଼ା କଥା ଉଚ୍ଛ୍ୱସିତ କରତାଳି ଭିତରେ ସମସ୍ତେ ବାଧ୍ୟରେ ମାନି ନେଇଛନ୍ତି ସତ ବୋଲି, ତାହା ଯଦି ସହସ୍ରାଧିକ ଥର ମିଥ୍ୟା ବୋଲି ପ୍ରମାଣିତ ହୋଇଯାଏ ତା'ହେଲେ ମଧ୍ୟ ପ୍ରଶାସନ ସେଥିପ୍ରତି ଆଦୌ ଖାତିର କରିବ ନାହିଁ । ଏଇ ମନଗଢ଼ା କାହାଣୀକୁ ସତ ବୋଲି ପ୍ରତିପାଦିତ କରିବା ପାଇଁ ପ୍ରଶାସନ ଚେଷ୍ଟା କରି ଚାଲିବ । କିନ୍ତୁ ବିବୃତିର ଆବଶ୍ୟକତା ରହିଛି ବୋଲି ଆମେ ଅନୁଭବ କରୁନୁ ଯାହା ଅଧିକ ସଂଖ୍ୟକ ବଙ୍ଗୀୟ ନେତୃବର୍ଗ ପ୍ରକାଶିତ କରିସାରିଛନ୍ତି ଆଉ ଆମେ ମଧ୍ୟ ଶୁଣିବାକୁ ପାଉଛୁ ଯେ ଏ ସଂକ୍ରାନ୍ତରେ ଇଂଲଣ୍ଡକୁ ତାରବାର୍ତ୍ତା ପଠାଯିବାର ଅଛି କିଂବା ପଠା ହୋଇ ସାରିଛି । ବିଶ୍ୱ ଜନମତ ସମ୍ମୁଖରେ ଆମର ସ୍ଥିତିକୁ ଯଦି ଠିକଣା ଭାବେ ଉପସ୍ଥାପିତ କରିବା ଆମର ଲକ୍ଷ୍ୟ ହୋଇଥାଏ, ତା'ହେଲେ ତ ଭଲ, ତାହା ଯେ ଏକ ନିରପରାଧ ଚିତ୍ତ ବିନୋଦନର କାର୍ଯ୍ୟ । ଯଦି ଏକଥାରେ ମି. ଜନ୍ ମୋର୍ଲେଙ୍କର ସନ୍ଦେହ ମୋଚନ କରିବାର ଚେଷ୍ଟା ହେଉଛି ତେବେ ତାହା ବୃଥା । ମି. ମୋର୍ଲେ ତାଙ୍କର ଏଇ ବୟସରେ ଯେ ନିଜକୁ ଏମିତି ସହଜରେ ବିଶ୍ୱାସ କରିବାକୁ ଛାଡ଼ିଦେବେ ଇଏ ଏକ ଅଯୌକ୍ତିକର ଧାରଣା । ସେ ଏତେ ମାତ୍ରାରେ ବୟୋବୃଦ୍ଧ ଏକ ବିଜ୍ଞ ହୋଇ ଯାଇଛନ୍ତି ଯେ ଅଖାଡୁଆ ସତ ଘଟଣାଗୁଡ଼ିକ ସ୍ୱୀକାର କରିଯିବାଟା ତାଙ୍କ ପକ୍ଷରେ ସମ୍ଭବ ନୁହେଁ । ବିବୃତିରେ ଅନେକ କିଛି କଥା ରହିଛି ଯାହାକୁ ସମଗ୍ର ବଙ୍ଗଳା ଜାଣିଛି, ଯାହାକୁ ସମଗ୍ର ଭାରତ ମଧ୍ୟ ନିଶ୍ଚିତ ରୂପେ ବିଶ୍ୱାସ କରିବ ଆଉ ଯାହାକୁ ସମୁଦାୟ ଅଧିକାରୀବର୍ଗ ଅସ୍ୱୀକାର କରିବେ । ଏତତ୍ ବ୍ୟତୀତ ବିବୃତିଟି ତା'ର ନିଜସ୍ୱ ଧାରାରେ ହେଉଛି ବେଶ୍ ପାରଦର୍ଶୀ । ଅଯଥା ଗୁଡ଼ିଏ କାଗଜପତ୍ରର ଅପଚୟ କରିବା, ବ୍ରିଟିଶ ସାମ୍ରାଜ୍ୟକୁ ଚାଞ୍ଚଲ୍ୟକର ସମ୍ବାଦ ପଠେଇବା ଆଉ ଟେଲିଗ୍ରାଫ୍ କାର୍ଯ୍ୟାଳୟକୁ ସମୃଦ୍ଧ କରିବା, ଏଇଟା କ'ଣ କରଣୀୟ ଥିଲା ?

(ବନ୍ଦେ ମାତରମ୍, ଜୁନ୍ ୬, ୧୯୦୭)

## ଆଦେଶ-ପତ୍ରର ଅବମାନନା

କଲେଜଗୁଡ଼ିକ ଖୋଲିବାକୁ ଏବଂ ଛାତ୍ରମାନେ କଲିକତା ପ୍ରତ୍ୟାବର୍ତ୍ତନ କରିବାକୁ ଆଉ ଦୀର୍ଘ ଦିନ ନାହିଁ । ସେମାନେ ଆସି ପହଞ୍ଚିଲା ମାତ୍ରେ ଯୁବଗୋଷ୍ଠୀଙ୍କୁ ଅକ୍ତିଆର କରିନେବା ପାଇଁ ଲଢ଼େଇର ସୂତ୍ରପାତ ନିଶ୍ଚୟ ହୋଇଯିବ । ପ୍ରଶାସନ ସେଥିପାଇଁ ଆହ୍ୱାନ ଦେଇଛି ଏବଂ ଏହି କାର୍ଯ୍ୟକ୍ରମର ପ୍ରତ୍ୟେକଟି ଲକ୍ଷଣ ବର୍ତ୍ତମାନ ପ୍ରକାଶ ପାଇଲାଣି । ମି. ଏନ୍. ଏନ୍. ଘୋଷଙ୍କ ଦଳରେ ମାତ୍ର ଜଣେ ସଭ୍ୟ, ତେଣୁ ଆମର କିଛି ବ୍ୟସ୍ତ ହେବାର ନାହିଁ । ଏହାକୁ ଛାଡ଼ିଦେଲେ ବାକୀ ସବୁଦଳର ଲୋକେ ଏକମତ ହୋଇଛନ୍ତି ଯେ ଆଦେଶନାମାକୁ ବିନା ଦ୍ୱିଧାରେ ମାନିନେବାର ପ୍ରଶ୍ନ ଉଠୁନି । ଯଦି ସେମିତି କିଛି ମତପାର୍ଥକ୍ୟ ଥାଏ, ତେବେ ତାକୁ ବିରୋଧ କରିବାକୁ ହେଲେ ଏହାହିଁ ହେବ ସର୍ବୋତ୍କୃଷ୍ଟ

ପନ୍ଥା; ଆଉ ଏ ପ୍ରସଙ୍ଗରେ କିଛି ପ୍ରାଥମିକ ଗୁରୁତ୍ୱ ନାହିଁ । ଆମ ନିଜ ତରଫରୁ ଆମେ ଶିକ୍ଷା ସମ୍ପର୍କିତ ଗୋଟିଏ ଧର୍ମଘଟ ସପକ୍ଷରେ ମତ ପ୍ରକାଶ କରିସାରିଛୁ, କାରଣ ତାହାହିଁ ଶାନ୍ତିପୂର୍ଣ୍ଣ ପ୍ରତିରୋଧର ସବୁଠୁ ପ୍ରତ୍ୟକ୍ଷ, ସବୁଠୁ ପୌରୁଷଧର୍ମୀ ଏବଂ ସବୁଠାରୁ ଆକ୍ରମଣାତ୍ମକ ସ୍ୱରୂପ ଯାହା ନିମନ୍ତେ ବର୍ତ୍ତମାନର ପରିସ୍ଥିତି ଆମକୁ ଆଣି ସୁଯୋଗ ଜୁଟେଇଛି । ଆମର ମତ ହେଉଛି ଜାଗରଣ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆମମାନଙ୍କର ସମଗ୍ର ରାଷ୍ଟ୍ରକୁ ଗୋଟିଏ ଅଭ୍ୟାସ ଭିତରେ ଆଣି ରଖିବାକୁ ପଡ଼ିବ, ଯେମିତିକି ସଂଘର୍ଷ ପାଇଁ କୌଣସି ଆହ୍ୱାନର ସମ୍ମୁଖୀନ ହେବା ପରିବର୍ତ୍ତେ ସେ ଖାଲି ଆହ୍ୱାନ ପରେ ଆହ୍ୱାନ ଦେଇ ଚାଲିଥିବ, ଆଉ ଯେତେବେଳେ ସେ ପଶ୍ଚାତରେ ବିଦ୍ୟମାନ ରହିଛି, ତା' ସମ୍ମୁଖରେ ଉନ୍ମୁକ୍ତ ଥିବା ସବୁଠାରୁ କ୍ଷିପ୍ରତମ ତଥା ପ୍ରତ୍ୟକ୍ଷ ବିକ୍ଷୋଭର ଢାଞ୍ଚାକୁ ସେ ନିଶ୍ଚୟ ଗ୍ରହଣ କରିବ । ଉପରୁ ପଡୁଥିବା ଚାପର ବିରୋଧରେ ଯାନ୍ତ୍ରିକ ପ୍ରତିକ୍ରିୟାର ଏକ ନିଶ୍ଚଳ ତଥା ନିଷ୍କ୍ରିୟ ମନୋଭାବ ନେଇ କିଂବା ଏକ ସକ୍ରିୟ ତଥା ସୃଜନାତ୍ମକ ଉଦ୍ଦୀପନାରେ ଶାନ୍ତିପୂର୍ଣ୍ଣ ପ୍ରତିରୋଧକୁ ଆଗେଇ ନିଆଯାଇ ପାରେ, କେହି ଆସି ତାକୁ ସଂଚାଳିତ କରିବା ପରିବର୍ତ୍ତେ ସେ ନିଜେ ଆଗଭର ହୋଇ ବାହାରି ପାରେ; ଖାଲି ଆପଣା ଦୁର୍ଗଟିର ସୁରକ୍ଷା ପ୍ରବନ୍ଧ କରିବା ପରିବର୍ତ୍ତେ ସେ ଶତ୍ରୁର ଦୁର୍ଗ ଉପରେ ଚଢ଼ାଉ କରିପାରେ । ଏଇ ମୁହୂର୍ତ୍ତରେ ଭାରତ ଯାହା ନିହାତି ଚାହୁଁଛି ତାହା ହେଲା ଆକ୍ରମଣାତ୍ମକ ନୀତିର ଉତ୍କର୍ଷ, ଗୋଟିଏ ଉନ୍ନତ ମାନର ଆଦର୍ଶବାଦ, ନିର୍ଭୀକ ସୃଜନଶୀଳତା, ଭୟଭ୍ରାନ୍ତିଶୂନ୍ୟ ପ୍ରତିରୋଧ, ସାହସିକ ଆକ୍ରମଣ; ଜଡ଼ବତ୍ ନିଷ୍କ୍ରିୟ ତାମସିକ ମନୋଭାବ ଆମର ତ ଢେର ହୋଇଗଲାଣି । ଆମର ବର୍ତ୍ତମାନ ଲୋଡ଼ା ଆଉ ଗୋଟିଏ ପ୍ରଶିକ୍ଷଣ ଓ ମିଜାଜର, ଆଉ ଏକ ମାନସିକ ଅନୁଶୀଳନର ବିକାଶ । ସାଂପ୍ରତିକ ପରିସ୍ଥିତିରେ ଆମ ପାଇଁ ପ୍ରଯୁଜ୍ୟ ହେବ ଡାଣ୍ଟନ୍(Danton)ଙ୍କ ମୂଳମନ୍ତ୍ର; ତାହାହିଁ ଆମେ ଚାହୁଁଛୁ, ସର୍ବୋପରି ଆମକୁ ବର୍ତ୍ତମାନ ଖାଲି ଶିକ୍ଷା ଆହରଣ କରିବାକୁ ପଡ଼ିବ, କିପରି ଆମେ ସାହସ ପରେ ସାହସ, ଆଗକୁ ଆହୁରି ସାହସର ସହିତ ମାଡ଼ି ଚାଲିବା ।

ସେ ଯାହାହେଉ ଆମେ ଉପଲବ୍ଧି କରୁଛୁ ଯେ ମନକୁ ଆଚ୍ଛନ୍ନ କରି ରଖିଥିବା ଘୋର ତାମସିକ ସ୍ଥିତି ଭିତରୁ ରାଜସିକ, ସକ୍ରିୟ, ବିରାମହୀନ, ନିର୍ଭୀକ ଏବଂ ସୃଷ୍ଟିମୁଖର ସ୍ଥିତି ମଧ୍ୟକୁ ହଠାତ୍ ଲମ୍ଫ ପ୍ରଦାନ କରିବା ଗୋଟିଏ ରାଷ୍ଟ୍ରପକ୍ଷରେ ସହଜସାଧ୍ୟ ନୁହେଁ ଆଉ ସେଇଥିପାଇଁ ଯଦି ଆମେ ସବୁଠାରୁ ଶ୍ରେଷ୍ଠ ପନ୍ଥାଟିର ଆଶ୍ରୟ ନେଇପାରୁନୁ, ତା'ହେଲେ ଆମକୁ ତା' ପଛରେ ଥିବା ଆଉ ଏକ ଉତ୍କୃଷ୍ଟ ପନ୍ଥା ଅବଲମ୍ବନ କରିବାକୁ ପଡ଼ିବ ପ୍ରତିରୋଧର ସୂତ୍ରଟିକୁ ପାରୁପର୍ଯ୍ୟନ୍ତ ଅକ୍ଷୁଣ୍ଣ ରଖିବା ପାଇଁ । ଯଦି ସରକାର ସ୍କୁଲ କଲେଜ ସହିତ ସମ୍ପର୍କକୁ ଅବାଧରେ ଛିନ୍ନ କରିବା ପାଇଁ ଏବଂ ଶିକ୍ଷା ଉପରୁ ନିଜ ନିୟନ୍ତ୍ରଣକୁ ପ୍ରତ୍ୟାହାର କରିବା ପାଇଁ ପ୍ରସ୍ତୁତ ନଥା'ନ୍ତି ତା'ହେଲେ ଆଦେଶନାମାର ବ୍ୟାପକ ବିରୋଧ ଫଳରେ ତାହା ଅକାମୀ ହୋଇ ପଡ଼ିବ । ଏହା ଅବଶ୍ୟ ସମ୍ଭବ, ଏ ଦେଶ ତା' ନିଜ ଶିକ୍ଷାର ଦାୟିତ୍ୱ ନିଜ ହାତକୁ ନେଇପାରିବନି ବୋଲି ଯଦି ସେମାନଙ୍କର ଦୃଢ଼ ବିଶ୍ୱାସ ଜନ୍ମେ, ତା'ହେଲେ ସମଗ୍ର ଦେଶକୁ ସେମାନଙ୍କର ଅନୁଗତ କରି ରଖିବା ଆଶାରେ ସେମାନେ ଏଭଳି ପଦକ୍ଷେପ ନେଇପାରନ୍ତି । କିନ୍ତୁ ଏ ଧରଣର ଖେଳ ଖେଳିବାଟା ବିପଜ୍ଜନକ ହୋଇପଡ଼ିବ; କାରଣ ଏକ ବ୍ୟାପକ ଏବଂ ବିସ୍ତୃତ ଜାତୀୟ ଶିକ୍ଷା ବ୍ୟବସ୍ଥା ଥାଇ ଅନୁଷ୍ଠାନଟି ଗଢ଼ିବା ଏବଂ ପ୍ରକୃତରେ ତା'ର ବାସ୍ତବ ରୂପାୟନକୁ ପ୍ରମୁଖତଃ ମହାନ୍ କରି ତୋଳିବା ନିମନ୍ତେ ଏକମାତ୍ର ପ୍ରୟୋଜନୀୟ କଥା ହେଲା ଶକ୍ତି ସଂଗ୍ରହ ପ୍ରତି ପ୍ରବଳ ଆଗ୍ରହ ଯାହାର ସୂତ୍ରପାତ ହୋଇଥିଲା କାର୍ଲାଇଲ୍ ଆଦେଶନାମା (Carlyle Circular) ଜାରୀ ହେଲାପରେ । ଜନସାଧାରଣ ଏବଂ ପ୍ରଶାସନ ମଧ୍ୟରେ ଏକ କଠୋର ଓ ଦାରୁଣ ସଂଘର୍ଷ ଫଳରେହିଁ ସମ୍ଭବତଃ ଏମିତି ଏକ ଅଦମ୍ୟ ଉତ୍ସାହର ଉଦ୍ରେକ ହୋଇପାରିବ । ଜାତୀୟ ଶିକ୍ଷା (National Education) କେବେହେଲେ ଅସମ୍ଭବ କିଂବା କଷ୍ଟସାଧ୍ୟ ବ୍ୟାପାର ନୁହେଁ, ଏଥିପାଇଁ ଆଉ କିଛି ଲୋଡ଼ା ହୁଏନି, କେବଳ ଦରକାର ଦେଶ ଭିତରେ ଏକ ଅଦମ୍ୟ ଉତ୍ସାହ ଆଉ ଅଜ୍ଞାତ ବସ୍ତୁ ଆଡ଼କୁ ଲମ୍ଫ ପ୍ରଦାନ କରିବା ପାଇଁ ସାହସ । ବ୍ୟକ୍ତି ବିଶେଷଙ୍କ ପକ୍ଷରେ ଏ ଧରଣର ସାହସ ଅତି ସାଧାରଣ କଥା ଯାହା ରାଷ୍ଟ୍ରମାନଙ୍କ ମଧ୍ୟରେ ଦୃଷ୍ଟିଗୋଚର ହୁଏ ନାହିଁ ଆଉ ପରାଧୀନ ରାଷ୍ଟ୍ରଗୁଡ଼ିକ ନିକଟରେ ତାହା ସବୁଠୁ ସାମାନ୍ୟ ପରିମାଣରେ ଥାଏ; ଏବଂ ତେବେ ବି ଅଗ୍ନିର ସଂଯୋଗ ଯେତେବେଳେ ଘଟିଛି, ଅନ୍ୟ କେହି ନ ହେଲେ ବି ପରାଧୀନ ରାଷ୍ଟ୍ରଗୁଡ଼ିକ ଲମ୍ଫ ପ୍ରଦାନ କରିବାକୁ ତତ୍ପର ଥିବାର ଦେଖିବାକୁ ମିଳୁଛି ।

ପ୍ରଶାସନ ଯେ ପ୍ରସଙ୍ଗଗୁଡ଼ିକୁ ଏମିତି ଏକ ସଙ୍କଟ ଆଡ଼କୁ ଠେଲି ନେଇଯିବା ପାଇଁ ଆଗ୍ରହ ପ୍ରକାଶ କରିବ ଆମର ବିଶ୍ୱାସ ହେଉ ନାହିଁ । ବଙ୍ଗଳାରେ ଶିକ୍ଷାଗତ ବ୍ୟବସ୍ଥାର ସମୁଦାୟ ଭିତ୍ତିକୁ

ସମୂଳେ ଉତ୍ପାଟିତ ନକରି ଯେକୌଣସି ସ୍ଥାନରେ ଛୋଟ ଛୋଟ ଅତ୍ୟାଚାରମୂଳକ ପଦକ୍ଷେପମାନ ନେଇ ଆମମାନଙ୍କର ପ୍ରତିରୋଧକୁ ଟାଳିଦେବା ଉଦ୍ଦେଶ୍ୟରେ ସେମାନେ ଏହି ଆଦେଶନାମାର ସଦୁପଯୋଗ କରିବାର ସମ୍ଭାବନା ଅଧିକ । ତେଣୁ ଦେଶ ବର୍ତ୍ତମାନ ଆମ ପାଖରୁ ଯାହାସବୁ ଦାବି କରୁଛି ତା' ହେଲା ନିରନ୍ତର ଏକ କଠୋର ସଙ୍କଳ୍ପ, ଯାହାକିଛି କ୍ଷତି ହୋଇଯାଉ, ଯେତେ ତ୍ୟାଗ ବରଣ କରିବାକୁ ପଡୁପଛେ ସେଥିପ୍ରତି ଖାତିର ନକରି ସେଇ ଆଦେଶନାମାକୁ ଅକାମୀ କରିଦେବା ପାଇଁ । ଆଦେଶନାମାକୁ ଘୋର ବିରୋଧ କରିବାର, ପ୍ରଶାସନର ପ୍ରସ୍ତାବକୁ ପରଖ କରିବାର ପ୍ରତିଟି ସୁଯୋଗକୁ ଯେମିତି ହେଲେ ଆମକୁ ନେବାକୁ ପଡ଼ିବ ଏବଂ ତା'ସହିତ ଏକସଙ୍ଗେ ଭାରତର ଅନ୍ୟାନ୍ୟ ଅଞ୍ଚଳରେ ନହେଲେ ମଧ୍ୟ ସମଗ୍ର ବଙ୍ଗଳାରେ ଅଭିଯାନକୁ ନିଶ୍ଚୟ ଆଗେଇ ନେବାକୁ ହେବ । କିନ୍ତୁ କଲିକତାକୁହିଁ ଏଥିପାଇଁ ସଙ୍କେତ ଦେବାକୁ ପଡ଼ିବ ନିଶ୍ଚୟ । ପ୍ରକୃତରେ କଲିକତା ସଙ୍କେତ ଦେଇସାରିଛି । ସଭାସମିତିମାନ ଅନୁଷ୍ଠିତ ହୋଇଯାଇଛି, ଯେଉଁଥିରେ ଶିକ୍ଷକ ତଥା ଛାତ୍ରମାନେ ଉପସ୍ଥିତ ରହିବା ସହିତ ସକ୍ରିୟ ଭୂମିକା ଗ୍ରହଣ କରିଛନ୍ତି; ଏଇ ଧରଣର ଅଧିକ ସଭାମାନ ଅନୁଷ୍ଠିତ ହେବ ଆଉ କଲେଜଗୁଡ଼ିକ ଖୋଲିଗଲେ ମନମୁଖି ହୁକୁମନାମାଗୁଡ଼ିକର ବିରୋଧ କରାଯିବ । ଥରେ କଲିକତା ଅଭିଯାନର ନେତୃତ୍ୱ ନେଲେ, ପୂର୍ବବଙ୍ଗଠାରେ ଅନୁରୂପ ପ୍ରତିକ୍ରିୟା ପ୍ରକାଶ ପାଇବ ଏବଂ ପଶ୍ଚିମବଙ୍ଗ ଏଇ ସାର୍ବଜନିକ ଦୃଷ୍ଟାନ୍ତର ଅନୁସରଣ କରିବ । ରିସ୍‌ଲେ ଆଦେଶ-ପତ୍ର ତା'ର ପୂର୍ବସୂରୀମାନଙ୍କର ପ୍ରଦର୍ଶିତ ମାର୍ଗରେ ଅଗ୍ରସର ହେବାଟା ନିର୍ଧାର୍ଯ୍ୟ ।

**ପ୍ରସଙ୍ଗ କ୍ରମେ :**

**ଆମେ ତିନି କେତେବେଳେ ପୁଣି ଭେଟାଭେଟି ହେବା ?**

ଶାସନତନ୍ତ୍ରର ବର୍ତ୍ତମାନ ମୁଖପତ୍ର ପରି ମନେ ହେଉଥିବା 'ଷ୍ଟେଟସ୍‌ମ୍ୟାନ୍' ଏହି ମର୍ମରେ ଗୋଟିଏ ଅର୍ଦ୍ଧସରକାରୀ ବିଜ୍ଞପ୍ତି ପ୍ରକାଶ କରିଥିଲା ଯେ ବଙ୍ଗଳାର ତିନୋଟି ପତ୍ରିକା ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନମାନ ନିଆ ହେଉଛି ଯେଉଁମାନେ ଏବେ ନିକଟରେ ସେମାନଙ୍କ ବକ୍ତବ୍ୟଗୁଡ଼ିକ ପ୍ରଦାନ କରିବାକୁ ଯାଇ ଅତ୍ୟନ୍ତ ଉଗ୍ର ହୋଇ ଉଠିଛନ୍ତି । ଏହି ଆନନ୍ଦଦାୟକ ସମ୍ବାଦଟି ଅନୁଧ୍ୟାନର ଏକ କୌତୂହଳୋଦ୍ଦୀପକ ଦିଗରେ ମାର୍ଗଟିକୁ ଖୋଲି ଦେଇଛି ଆଉ ଏଥିପାଇଁ ଆମେ ପରାମର୍ଶ ଦେଇ କହିବୁ ଯେ ଆମ ସହଯୋଗୀମାନଙ୍କ ମଧ୍ୟରୁ ଜଣେ, ଅର୍ଥାତ୍ 'ସନ୍ଧ୍ୟା' ହତଭାଗା ଦୁର୍ଗତମାନଙ୍କର ଠିକ୍ ତାଲିକା ପ୍ରସ୍ତୁତ କରିବା ପାଇଁ ଗୋଟିଏ ଜନମତ କିଂବା ପୁରସ୍କାର ପ୍ରତିଯୋଗିତା ଆରମ୍ଭ କରିଦେଇ ପାରେ । ଅବଶ୍ୟ ପୁରସ୍କାରଟି ସେଇ ପ୍ରତିଯୋଗୀଙ୍କୁ ପ୍ରଦାନ କରାଯିବ ଯିଏ ଯୋଗ୍ୟ ନାମଗୁଡ଼ିକ ଉପଯୁକ୍ତ କ୍ରମ ଅନୁସାରେ ସଜାଡ଼ି ଆଣିଥିବେ । ତୁଳନାତ୍ମକଭାବେ ଏହି ଜଟିଳ ପ୍ରଶ୍ନ ସମ୍ପର୍କରେ ଜନମାନସରେ ଏବଂ ବଙ୍ଗ ସରକାରଙ୍କ ଉପରେ ପଡ଼ିଥିବା ଗଭୀର ପ୍ରଭାବଗୁଡ଼ିକ ମେଳ ଖାଉଛି କି ନାହିଁ ତା' ଜାଣିଲେ କେମିତି ଏକ ବିଚିତ୍ର ଅନୁଭବ ହେବ । ଯଦି ସରକାରଙ୍କ ପ୍ରଦତ୍ତ ଏହି ସ୍ୱତନ୍ତ୍ର ସମ୍ମାନର ଗ୍ରହୀତାମାନଙ୍କ ମଧ୍ୟରୁ ଆମେ ନିଜେ ଜଣେ ହୋଇଥାଉ ତା'ହେଲେ ଆଗରୁ ଆମକୁ କର୍ତ୍ତୃପକ୍ଷଙ୍କୁ ଆବେଦନ କରିବାକୁ ପଡ଼ିବ – ଏମିତିକି ଆମ ନୀତିନିୟମଗୁଡ଼ିକୁ ଜଳାଞ୍ଜଳି ଦେଇ – ଯେଉଁ ତିନି ଜଣ ସମ୍ପାଦକଙ୍କୁ ସେଇ କ୍ଷୁଦ୍ର କକ୍ଷରେ ରହିବା ପାଇଁ ଏବଂ ସେଇ ପୁରୁଣା ଖିଅକୁ ଧରି କିଂବା ଆମ ପାଇଁ ସାଇତା ହୋଇ ରହିଥିବା ଅନ୍ୟ କେଉଁ ମନମଉଜ ବ୍ୟାପାରରେ ପରସ୍ପରକୁ ସାହାଯ୍ୟ କରିବା ପାଇଁ ସୁଯୋଗ ଯେପରି ପ୍ରଦାନ କରାଯାଏ, ଯାହା ଫଳରେ ପରସ୍ପରକୁ ଆମେ ଧରି ବାନ୍ଧି ରଖିପାରିବା ''ଗୋଟିଏ ଗୌରବର ଜଞ୍ଜାଳକୁ ମଥାରେ ବହନ କରି ଯେଉଁଥିପାଇଁ ଆମେ  ସମ୍ମତ ହୋଇ ନଥିଲୁ ।'' ପରନ୍ତୁ ଏକଥା ବରାବର ଜଣାଶୁଣା ଯେ ''ଇଣ୍ଡିଆନ୍ ନେଶନ୍''ର ସମ୍ପାଦକ ଏଇ ତିନି ଜଣଙ୍କ ମଧ୍ୟରୁ କେହି ଜଣେ ବି ନୁହନ୍ତି ।

*

କିଞ୍ଚିତ୍ ବିଳମ୍ବରେ ହେଲେ ମଧ୍ୟ ପଞ୍ଜାବ ଉପନିବେଶୀକରଣ ବିଲ୍ (Colonisation Bill)କୁ ମଞ୍ଜୁରି ଦେବା ସକାଶେ ବଡ଼ଲାଟଙ୍କର ମହାନୁଭବ ପ୍ରତ୍ୟାଖ୍ୟାନ ପ୍ରତି ଭାରତୀୟ ସମ୍ବାଦପତ୍ରମାନେ କୌଣସି ଧ୍ୟାନ ଦେଇ ନାହାନ୍ତି ବୋଲି 'ଦି ଏମ୍ପାୟାର୍' ଭୟଙ୍କର କ୍ଷୁବ୍ଧ ହୋଇ ପଡ଼ିଛି । ଆମ ପତ୍ରିକା-ବନ୍ଧୁ (Contemporary) ଜଣକ ଭାବୁଛି ଯେ ଖାଲି ଜିଦ୍‌ଖୋର ମନୋଭାବବଶତଃ ଆମେ କୁଆଡ଼େ ଚୁପ୍‌ଚାପ୍ ରହିଗଲୁ । ଏଡ଼େ ନିର୍ଦ୍ଦୟ । ଆମେ ତା'ହେଲେ କହିବା, ଆମ ପ୍ରିୟ ଅଭିଜ୍ଞ ଶ୍ୱେତାଙ୍ଗ ଭ୍ରାତାଜଣକ (White brother) –

ଅଥବା ଆମ ପ୍ରିୟ ଅନଭିଜ୍ଞ ଭ୍ରାତାଜଣକ (Green brother) କ'ଣ ଏତିକି ହୃଦୟଙ୍ଗମ କରିପାରିଲେନି ଯେ ସେ କ୍ଷେତ୍ରରେ ଅନ୍ୟାନ୍ୟ କାରଣମାନ ରହିଥିଲା ଏଇ ସର୍ବସମ୍ମତ ନୀରବତା ଅବଲମ୍ବନ ପାଇଁ – ତାହା ମର୍ଯ୍ୟାଦାଜନକ କିଂବା ସ୍ୱାଭାବିକ ହେଉ । ଏକଥା ହୁଏତ ଘଟିଥାଇପାରେ ତୁଚ୍ଛା ଭୟମିଶ୍ରିତ ବିସ୍ମୟରୁ କିଂବା ବାଷ୍ପରୁଦ୍ଧ ଆବେଗର ତାଡ଼ନାରେ । ସଂଭ୍ରମତାବଶତଃ କିଛି ବିବେକାନୁମୋଦିତ ସଙ୍କୋଚ, 'କ୍ରୋଧ ଅପେକ୍ଷା ବରଂ ଦୁଃଖ'ର ଏକପ୍ରକାର ଅନୁଭବ, ବୋଧେ ଏମିତିକି ଅତିମାତ୍ରାରେ ରାଜଭକ୍ତି ବାକ୍‌ର ପ୍ରବାହକୁ ରୁଦ୍ଧ କରିଥାଇ ପାରେ । ଉଦାହରଣସ୍ୱରୂପ, ମନେ କରାଯାଉ ଆମ କୃତଜ୍ଞତାର ତନାଘନା ଭିତରେ ରାଓଲପିଣ୍ଡିରେ ଗଣ୍ଡଗୋଳ ଏବଂ ବଡ଼ଲାଟଙ୍କର ଅଚାନକ ଓ ଅତି ବିଶାଳ ମହାନୁଭବତା ମଧ୍ୟରେ ରହିଥିବା ସମ୍ବନ୍ଧକୁ ନେଇ ଜଣକ ମୁହଁରୁ କିଛି ଅପ୍ରୀତିକର ଟିପ୍ପଣୀ ବାହାରି ପଡ଼ିଲା ! ଏ ପ୍ରକାର କଠୋର ସତ୍ୟଗୁଡ଼ିକ ଦ୍ୱାରା ଆମ ହୃଦୟବାନ୍ ବଡ଼ଲାଟଙ୍କର ଭାବନାକୁ କିଏ ବା ଆଘାତ ଦେବାକୁ ଇଚ୍ଛା ପ୍ରକଟ କରିବ ! ଅବା ପୁଣି ମନେ କରାଯାଉ ବଙ୍ଗଳାର ଖବରକାଗଜମାନେ ପଞ୍ଜାବ ଓ ବଙ୍ଗଳାର ଘଟଣାବଳିକୁ ମନେ ମନେ ତଉଲ କରୁଥିଲେ ? ସେମାନେ ଗୋଟିଏ ଚମତ୍କାର ତୁଳନା ଉପସ୍ଥାପିତ କରିଛନ୍ତି । ବଙ୍ଗଳାରେ ଆମେ ଦୁଇ ବର୍ଷ ଧରି ଆନ୍ଦୋଳନ କରିଛୁ; – ପ୍ରଥମେ ବାରଂବାର ଆବେଦନ କରି, ଅସଂଖ୍ୟ ପ୍ରତିବାଦ ସଭାଗୁଡ଼ିକ ଜରିଆରେ, ଅନେକବାର ପ୍ରେସ ଏବଂ ମଞ୍ଚ ମାଧ୍ୟମରେ ମଥାକୁ କୋଡ଼ି ବିଳାପ କରି ଆଉ କେତେ ଯେ ନେହୁରା ହୋଇ; କିନ୍ତୁ ସେଥିରୁ ଆମକୁ କିଛି ସାହାଯ୍ୟ ମିଳିଲା ନାହିଁ, ଲାଭ ହେଲା ଖାଲି ଆମର ଅପମାନ ଓ ଉପହାସ । ତା'ପରେ ଜୋର୍‌ଦାର ପ୍ରତିବାଦର ପ୍ରତିଟି ଆଇନ ଅନୁମୋଦିତ ପନ୍ଥା ଜରିଆରେ, ଆଇନର ପରିସର ଭିତରେ ରହି ପ୍ରତ୍ୟେକ ରକମର ଶାନ୍ତିପୂର୍ଣ୍ଣ ପ୍ରତିରୋଧ ବଳରେ ଆମେ ଚେଷ୍ଟା କରିଚାଲିଥିଲୁ । ଲାଭ, – କିଛି ହେଲାନି । କିନ୍ତୁ ପଞ୍ଜାବରେ ସେମାନେ କିଛି ସପ୍ତାହ ଧରି ଆବେଦନ ଓ ପ୍ରତିବାଦ କରିଚାଲିଲେ ଆଉ ତା'ପରେ – ୟୁରୋପୀୟମାନଙ୍କୁ, ତାଙ୍କର ବ୍ୟକ୍ତି-ବିଶେଷଙ୍କୁ, ତାଙ୍କର ସମ୍ପତ୍ତିବାଡ଼ି ଏବଂ ଯାହା କିଛି ସେମାନଙ୍କ ସାଥିରେ ସମ୍ପୃକ୍ତ ଥିଲା ସେଗୁଡ଼ିକୁ ଦଖଲ କରିବା ପାଇଁ ଆଗେଇ ଆସିଲେ । ଫଳସ୍ୱରୂପ – ଜଳକରକୁ ମୁଲତବୀ ରଖାଗଲା, ଉପନିବେଶୀକରଣ ବିଲ୍‌ଟିକୁ ରଦ୍ଦ କରାଗଲା । ଅବଶ୍ୟ ଅନୁଗତ ପ୍ରଜାଗଣଙ୍କ ପରି, ଏଇ ଯେମିତି 'ଏମ୍ପାୟାର୍' ଚାହୁଁଛି ଆମେ କ୍ରୋଧ ପରିବର୍ତ୍ତେ ଦୁଃଖର ସହିତ ବରଂ ଏ ବୈଷମ୍ୟ ପ୍ରତି ଧ୍ୟାନ ଦେବା ଉଚିତ । କିନ୍ତୁ ଆମେ ଯଦି ସର୍ବସାଧାରଣଙ୍କ ସମ୍ମୁଖରେ ଏଇ ପ୍ରସଙ୍ଗଗୁଡ଼ିକ ଖୋଲାଖୋଲି ପ୍ରକାଶ କରିଦେଉ, ତା'ହେଲେ ଆମର ମନୋଭାବ, ଆମର ଅସଲ ଅଭିପ୍ରାୟକୁ ସମସ୍ତେ ଭୁଲ୍ ବୁଝିବେନି କି ? ଏମିତି କ'ଣ ଘଟିବାର ସମ୍ଭାବନା ରହିନି ଯେ ପୁଲିସ କନେଷ୍ଟବଳ ଆଣ୍ଟ୍ୟ ଆମକୁ ଦେଶଦ୍ରୋହ ଅପରାଧରେ ଗିରଫ କରି ନେଇଯିବ ତା'ର ନୂଆ-ପୁରୁଣା କ୍ଷମତା ବଳରେ ? ଆଉ ଗୋଟିଏ ସରକାର ଗୋଡ଼ାଣିଆ ପ୍ରେସ ଏଭଳି ଭୁଲ୍ ଧାରଣାର ବଶବର୍ତ୍ତୀ ହୋଇ ନିଜକୁ କିପରି ଧରାପକେଇ ଦେଇ ପାରିଲା ? ଟିକିଏ ମୁଣ୍ଡ ଖେଳେଇଲେ 'ଏମ୍ପାୟାର୍' ଆମ ସହିତ ନିଶ୍ଚୟ ଏକମତ ହେବ ଯେ ନୀରବତା ଅବଲମ୍ବନ କରିଥିଲେ ସବୁଠୁ ଭଲ ହୋଇଥା'ନ୍ତା ।

*

କଲିକତାର ଛକଜାଗାମାନଙ୍କରେ ଅନୁଷ୍ଠିତ ବଙ୍ଗୀୟ ସଭାଗୁଡ଼ିକର ବିବରଣୀ ଉପସ୍ଥାପିତ କରିବା ଭିତରେ 'ଇଂଲିଶ୍‌ମ୍ୟାନ୍' ସେସବୁର ଗୁରୁତ୍ୱକୁ ସମ୍ପୂର୍ଣ୍ଣରୂପେ ଉପଲବ୍ଧି କରିଛି ବୋଲି ଦେଖିବାକୁ ମିଳୁଛି ଯାହା ବର୍ତ୍ତମାନର ରାଜନୀତିରେ ନୂଆ ତଥ୍ୟ, ମନକୁ ପାଇଲା ପରି ଗୋଟିଏ ବିଶେଷତ୍ୱ । କଲେଜ ଛକରେ ଅନୁଷ୍ଠିତ ସଭାରେ ପୌରୋହିତ୍ୟ କରିଥିବା ଶ୍ରୀଯୁକ୍ତ କୃଷ୍ଣକୁମାର ମିତ୍ରଙ୍କ ପ୍ରତି ଏବଂ ବିଡନ୍ (Beadon) ଛକରେ ବିପିନ ଚନ୍ଦ୍ର ପାଲ୍‌ଙ୍କ ଦ୍ୱାରା ଆହୂତ ସଭାପ୍ରତି ଅନୁକୂଳ ମନୋଭାବ ଦୃଷ୍ଟିଗୋଚର ହୋଇଛି । କିନ୍ତୁ ବିବରଣୀରେ ସ୍ଥାନ ପାଇଥିବା ତଥ୍ୟଗୁଡ଼ିକ ଯେ ନିର୍ଭୁଲ ଏଥିରେ ଆମର ସନ୍ଦେହ ରହିଛି । କାରଣ ଯେଉଁ ବଙ୍ଗୀୟ ଭଦ୍ରବ୍ୟକ୍ତି ଜଣକ ଆମ ପତ୍ରିକା-ବନ୍ଧୁ ତରଫରୁ ବିବରଣୀ ପ୍ରଦାନ କରିଛନ୍ତି ତାଙ୍କୁ ଗୋଟିଏ ଧାରଣା ସର୍ବଦା ଘାରିରଖିଛି ଯେ ସେ ହେଉଛନ୍ତି ଅତି ବ୍ୟଙ୍ଗରସପ୍ରିୟ ଆଉ ବ୍ୟଙ୍ଗରସ ହିସାବରେ ଯଦି ତାହା ନିର୍ଭୁଲ ହୋଇଥାଏ ତା'ହେଲେ ତା'ଠାରୁ ଆଉ ସାଂଘାତିକ କିଛି ନାହିଁ । ଏହି ମଧୁର ଭାବ ନିକ୍ୱଣିତ ଭ୍ରାନ୍ତିକୁ ଅବା ରିପୋର୍ଟର୍‌ଙ୍କ ସ୍ୱତନ୍ତ୍ର ଶୈଳୀର ପ୍ରତ୍ୟୁତ୍ପନ୍ନମତିତ୍ୱକୁ ଆମେ ବିରୋଧ କରି ନଥାନ୍ତୁ ଯଦି ଏହା ନିରନ୍ତର ଆମକୁ କୌତୁକ ଛଳରେ ବାହାରେ ଥିବା ବ୍ରିଟିଶ ରାଜଧାନୀର ମହାପ୍ରତାପୀ ନାଗରିକର କଥାକୁ ବାରଂବାର ସ୍ମରଣ କରେଇ ଦେଇଥା'ନ୍ତା, ଯିଏ ଭାବେ ଯେ ତା'ର ସାଥି

ନାଗରିକମାନଙ୍କୁ ମୟୂରଚୂଳରେ ସରସର କରିବା କିଂବା ସେମାନଙ୍କ ମଥାର କେଶକୁ ନେଇ ମନ୍ତବ୍ୟ ଦେବା ଅବା ଟୋପି ସମ୍ପର୍କରେ ଅନ୍ୟକିଛି ହାଲୁକା ଏବଂ ଶାଣିତ କଟୂକ୍ତିଭରା ଟିପ୍ପଣୀ ଦେବା ହେଉଛି ଏକ ମସ୍ତବଡ଼ ପରିହାସ । ସେ ଯାହାହେଉ ଏଇ କଥା ଲକ୍ଷ୍ୟ କରି ଆମ ମନ ପୂରିଉଠିଛି ଯେ ଶିକ୍ଷକ ଓ ଛାତ୍ରମାନେ ସଭାରେ ଯୋଗ ଦେଇଥିଲେ । ଜଣେ ଶିକ୍ଷକ ପୌରୋହିତ୍ୟ କରିଥିଲେ, ଆଉ ଜଣେ ଶିକ୍ଷକ କିଛି କହିଥିଲେ ଏବଂ ଜଣେ ଛାତ୍ର ପ୍ରସ୍ତାବକୁ ସମର୍ଥନ କରିଥିଲେ । ଆମେମାନେ ମଧ ଏ ପ୍ରସଙ୍ଗରେ କର୍ତ୍ତୃପକ୍ଷଙ୍କର କାର୍ଯ୍ୟାନୁଷ୍ଠାନକୁ ଆଗ୍ରହର ସହ ପ୍ରତୀକ୍ଷା କରି ରହିଛୁ ।

*

ଆମର ମାନ୍ୟବର ବନ୍ଧୁ 'ଇଣ୍ଡିଆନ୍ ମିରର୍' ଗୁରୁଗମ୍ଭୀର ସ୍ୱରରେ ଆଶ୍ୱାସନା ଦେଇଛନ୍ତି ଯେ କୌଣସି ସରକାର ସିଏ ରକ୍ଷଣଶୀଳ ଅବା ଉଦାରବାଦୀ ହୁଅନ୍ତୁ ତାଙ୍କୁ ସେଇ ହିଂସାତ୍ମକ ପନ୍ଥାଗୁଡ଼ିକର ସମ୍ମୁଖୀନ ହେବାକୁ ପଡ଼ିବ, ଚରମପନ୍ଥୀମାନେ ଏପର୍ଯ୍ୟନ୍ତ ଯାହାର ଆଶ୍ରୟ ନେଇଛନ୍ତି । ନିଃସନ୍ଦେହରେ କେଉଁ ଦିବ୍ୟ ଉତ୍ସରୁ ସଂଗ୍ରହ କରି ଆଣିଥିବା ଏହି ବିସ୍ମୟଜନକ ସନ୍ଦେଶ ପାଇଁ ଅନେକ ଅନେକ ଧନ୍ୟବାଦ । କିନ୍ତୁ ଆମେ ତଥାପି ଅନୁସନ୍ଧାନ ନକରି ରହିପାରୁନୁ, କେଉଁ ସଇତାନର ବୋଲରେ ପଡ଼ି ସେମାନେ ଏହା କରିଛନ୍ତି ? କୌଣସି ଇଂରେଜ ଲୋକ ଚରମପନ୍ଥୀ ନୀତିକୁ ଯେ ସମର୍ଥନ କରିବ ଏ ସମ୍ପର୍କରେ ସାମାନ୍ୟ ଜ୍ଞାନ ଥାଉ ବା ନଥାଉ କେହି ହେଲେ କେବେ ବି ସ୍ୱପ୍ନ ଦେଖିନି । ଆମେ ଆଗ୍ରହର ସହିତ ଲକ୍ଷ୍ୟ କରୁଛୁ ଯେ ବୟକଟ୍, ଶାନ୍ତିପୂର୍ଣ୍ଣ ପ୍ରତିରୋଧ, ଜାତୀୟ ଶିକ୍ଷା, ମଧ୍ୟସ୍ଥ ବିଚାର (Arbitration) ଏବଂ ଶାରୀରିକ ପ୍ରଶିକ୍ଷଣ (Physical Training)ଗୁଡ଼ିକ ଉଗ୍ରପନ୍ଥା ବୋଲି 'ମିରର୍' (Mirror) ଭାବି ନେଉଛି । ପକ୍ଷାନ୍ତରେ ଆମେ ଦେଖିବାକୁ ପାଉଛୁ ଯେ ଏବେ ନିକଟରେ ଶ୍ରୀଯୁକ୍ତ ନରେନ୍ଦ୍ରନାଥ ସେନ୍‌ଙ୍କ ଦସ୍ତଖତ ଥାଇ ଗୋଟିଏ ବିବୃତି ଜାରୀ ହୋଇଛି ଯେଉଁଥିରେ ବଙ୍ଗଳାରେ ହିଂସାତ୍ମକ ପନ୍ଥାଗୁଡ଼ିକର ପ୍ରୟୋଗକୁ ନିଷିଦ୍ଧ କରାଯାଇଛି । ସ୍ୱାଗତଂ ତୁମକୁ, ହେ ପାବନ ଜ୍ୟୋତିଃ, ତୁମେ ପୁନର୍ବାର ଦିବ୍ୟ ସାର୍ଥକତାକୁ ତୋଳି ଧରିଛ, ହେ 'ମିରର୍' !

*

'ଷ୍ଟେଟ୍‌ସ୍‌ମ୍ୟାନ୍' ଯେଭଳି ଭାବେ ଅଣନିଃଶ୍ୱାସୀ ହୋଇ ରାଷ୍ଟ୍ରର ଘଟଣାଗୁଡ଼ିକ ସମ୍ପର୍କରେ ଆଇନ ପ୍ରଣୟନ କରି ଚାଲିଛି, ଆଉ ତା'ର ପରିଚାଳନା କରୁଛି ତାହା ଲକ୍ଷ୍ୟ କଲେ ମଥା ଘୂରିଯାଏ । ଦିନେ ମି. ଜନ୍ ମୋର୍ଲେଙ୍କ ସହିତ ନିଃସଂଶୟରେ ମୁଣ୍ଡ ଖଟାଇ ସିମ୍‌ଲା ସରକାର ସ୍ଥାନୀୟ ପ୍ରଶାସନର କୋମଳ ଅନୁକମ୍ପା ପାଖରେ ପ୍ରେସକୁ ଅର୍ପଣ କରି ଏକ ବିଜ୍ଞପ୍ତି ପ୍ରକାଶ କରିଛନ୍ତି, କିନ୍ତୁ ତାଙ୍କୁ ଖୋଦ୍ ଭଦ୍ରୋଚିତ ଆଚରଣ ପାଇଁ ଗୋଟିଏ ଚେତାବନୀର ଅଙ୍କୁଶ ଲଗେଇଛନ୍ତି ଏବଂ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପୂର୍ବରୁ ଏହାର ପ୍ରଭାବ ଉପରେ ସତର୍କ ଦୃଷ୍ଟି ରଖାଯିବ । ଦୀର୍ଘ ଚବିଶ ଘଣ୍ଟା ଧରି ଏହାର ପ୍ରଭାବ ଉପରେ ନଜର ପକେଇ ସାରିଲା ପରେ 'ଷ୍ଟେଟ୍‌ସ୍‌ମ୍ୟାନ୍' ଦାର୍ଜିଲିଂରୁ ଗୋଟିଏ ହୁକୁମନାମା ଜାରୀ କରିଛି ସୁଦୀର୍ଘ ତାଲିକା ମଧ୍ୟରୁ ଯେକୌଣସି ତିନୋଟି ଇଂରେଜୀ ଖବରକାଗଜ ଏବଂ ବଙ୍ଗଳା ଭାଷାରେ ପ୍ରକାଶ ପାଉଥିବା ସମସ୍ତ ଖବରକାଗଜ ପ୍ରତି ଆଇନଗତ ଦଣ୍ଡବିଧାନ କରିବା ପାଇଁ । ସବୁଠୁ ଯେଉଁ ଖବରକାଗଜ ବେଶୀ ତୁମ୍ଫି ତୋଫାନ କରୁଥିବ ତା'ର ନାଁ ରହିବ ଆଗରେ; ଏଇଟାହିଁ ହେବ ମନୋନୟନର ସୂତ୍ର, ପ୍ରେସ ଏହି ଝଟ୍‌କାରୁ ତ୍ରାହି ପାଇବା ପୂର୍ବରୁ ଯେତେବେଳେ କି 'ଇଂଲିଶ୍‌ମ୍ୟାନ୍' ଠାରୁ ଆରମ୍ଭ କରି 'ମିହିର୍ ସୁଧାକର' ପର୍ଯ୍ୟନ୍ତ ପ୍ରତ୍ୟେକଟି ଖବରକାଗଜ ଅତୀତରେ କୃତ ତା'ର ଗର୍ହିତ କାର୍ଯ୍ୟ ପାଇଁ ଚିନ୍ତାପ୍ରକଟ କରୁଛି ଆଉ ହାତକଡ଼ା ସହିତ ପୁଲିସ ଆସି ପହଞ୍ଚିଯିବ ବୋଲି ପ୍ରସ୍ତୁତ ହେଉଛି, ଏପରିକି ଯେତେବେଳେ 'ମିରର୍' ଓ 'ନେଶନ୍' ଜମାଲପୁରର ଅତ୍ୟାଚାର ସମ୍ପର୍କରେ ଗୋଟିଏ କିଂବା ଦୁଇଟି ବିଚାରହୀନ ଲେଖାର ଅସ୍ୱସ୍ତିକର ସ୍ମୃତିକୁ ବିଲୋପ କରିବା ପାଇଁ ଚେଷ୍ଟା ଚଳେଇ ଥିଲେ, ଆରେ ଦେଖରେ, ସିମ୍‌ଲା ଠାରେ 'ଷ୍ଟେଟ୍‌ସ୍‌ମ୍ୟାନ୍' ତା'ର ରାଜପ୍ରତିନିଧି ପରିଷଦ (Viceregal Council)ରେ ଜାଲିଆତିବଶତଃ ଏକ ନୂଆ କାନୁନ ବାହାର କରିଛି ଯାହା ଆଇନଗତ କାର୍ଯ୍ୟାନୁଷ୍ଠାନ ବ୍ୟତୀତ କୌଣସି କଷ୍ଟ ସ୍ୱୀକାର ନକରି ସିଧାସଳଖ ପ୍ରେସର ମୁଖରୋଧ କରିଦେବ । ଆମେ ଜାଣୁ ଯେ ଏ ଯୁଗ ହେଉଛି ବିଦ୍ୟୁତ୍ ପରିଚାଳିତ ଟ୍ରାମ୍ ଓ ମୋଟର୍‌ଗାଡ଼ିର ଏବଂ ଟେଲିପାଥି ଓ ୱାୟାର୍‌ଲେସ୍ ଟେଲିଗ୍ରାଫିର ଯୁଗ, କିନ୍ତୁ ସତରେ ଇଏ ତ ସବୁକିଛିକୁ ଟପିଗଲା ! ଅନୁଗ୍ରହପୂର୍ବକ ଟିକିଏ ଧୀର ମନ୍ଥର ଗତିରେ ଅଗ୍ରସର ହୁଅ ।

[ବନ୍ଦେ ମାତରମ୍, ଜୁନ୍ ୭, ୧୯୦୭]

(କ୍ରମଶଃ)

ଅନୁବାଦ : ଶ୍ରୀ ଉମେଶ ପ୍ରସାଦ ପଟ୍ଟନାୟକ

# ପଞ୍ଚମ ସୂକ୍ତ, ଅଗ୍ନିଙ୍କ ପ୍ରତି

**ଶ୍ରୀଅରବିନ୍ଦ**

**ଋଗ୍‌ବେଦ, ମଣ୍ଡଳ-୫, ସୂକ୍ତ-୫, ଋଷି : ବସୁଶ୍ରୁତ ଆତ୍ରେୟ**
**ଦେବହୂତି ସୂକ୍ତ**

[ଏହି ସୂକ୍ତଟି ଦିବ୍ୟ ଅଗ୍ନିଙ୍କ ଆହ୍ୱାନ ଦ୍ୱାରା ମୁଖ୍ୟ ଦେବତାମାନଙ୍କୁ ଯଜ୍ଞକୁ ଆମନ୍ତ୍ରଣ କରୁଛି । ପ୍ରତ୍ୟେକ ଦେବ ତାଙ୍କର ସେହି ସାମର୍ଥ୍ୟ ଓ କ୍ରିୟାତ୍ମକତାକୁ ନେଇ ଏଠାରେ ଏଭଳି ଭାବେ ବର୍ଣ୍ଣିତ ତଥା ଆହୂତ ଯେ ଯେଉଁଥିପାଇଁ ସେ ଆବଶ୍ୟକ ଏବଂ ବ୍ୟକ୍ତି-ଆତ୍ମାର ପୂର୍ଣ୍ଣତା ନିମନ୍ତେ ତଥା ତାହାର ଦିବ୍ୟ ବିକାଶରେ ଓ ସିଦ୍ଧିପ୍ରାପ୍ତିରେ ସେ ସହାୟକ ।]

ସୁସମିଦ୍ଧାୟ ଶୋଚିଷେ ଘୃତଂ ତୀବ୍ରଂ ଜୁହୋତନ ।
ଅଗ୍ନୟେ ଜାତବେଦସେ ॥୧॥

ତୁମେ ସେହି ଦେବଙ୍କୁ ତୁମର ପ୍ରୋଜ୍ଜ୍ୱଳ ଶୁଦ୍ଧ ମନକୁ ତାଙ୍କୁ ଆହୁତି ଦିଅ [ତୀବ୍ରଂ ଘୃତଂ ଜୁହୋତନ] ଯିଏ ହେଉଛନ୍ତି ସେହି ଦିବ୍ୟ ସଂକଳ୍ପ [ଅଗ୍ନୟେ], ଯିଏ ସକଳ ଜନ୍ମର ଜ୍ଞାତା [ଜାତବେଦସେ], ଉନ୍ନତ ଜିହ୍ୱାରେ ଯିଏ ଜାଜ୍ୱଳ [ସୁସମିଦ୍ଧାୟ], ନିର୍ମଳଭାବେ ସୁଦୀପ୍ତ [ଶୋଚିଷେ] ।

ନରାଶଂସଃ ସୁଷୂଦତୀମଂ ଯଜ୍ଞମଦାଭ୍ୟଃ ।
କବିର୍ହି ମଧୁହସ୍ତ୍ୟଃ ॥୨॥

ଇଏ ହେଉଛନ୍ତି ସେଇ ଦେବ ଯିଏ ଦେବଗଣଙ୍କ ଶକ୍ତିର ଅଭିବ୍ୟଞ୍ଜକ [ନରାଶଂସଃ], ଇଏ ହେଉଛନ୍ତି ସେହି ଅଦମ୍ୟ ଶକ୍ତି [ଅଦାଭ୍ୟଃ] ଯିଏ ଆମର ଏହି ଯଜ୍ଞ ପ୍ରତି ଆସୁଥିବା ନିଜ ମାର୍ଗରେ ଗତି ସଂଚାର କରିଥା'ନ୍ତି [ଇମଂ ଯଜ୍ଞଂ ସୁଷୂଦତି], ଇଏ ହେଉଛନ୍ତି ସେଇ ଦ୍ରଷ୍ଟା ଯିଏ ନିଜ ହସ୍ତରେ ମଧୁମଦ୍ୟକୁ ଧାରଣ କରି ଆସିଥା'ନ୍ତି [କବିଃ ହି ମଧୁହସ୍ତ୍ୟଃ] ।

ଈଳିତୋ ଅଗ୍ନ ଆ ବହେନ୍ଦ୍ରଂ ଚିତ୍ରମିହ ପ୍ରିୟମ୍ ।
ସୁଖୈ ରଥେଭିରୂତୟେ ॥୩॥

ହେ ଶକ୍ତିଦେବ [ଅଗ୍ନେ], ଆମ ଉପାସନା ଦ୍ୱାରା ଆମେ ତୁମକୁ ଖୋଜି ପାଇଛୁ [ଈଳିତଃ], ଆମର ଅଭିବୃଦ୍ଧି ନିମନ୍ତେ [ଊତୟେ] ଐଶ୍ୱର-ମାନସଙ୍କୁ[୧] [ଇନ୍ଦ୍ରମ୍] ଆନନ୍ଦରଥରେ [ସୁଖୈଃ ରଥେଭିଃ][୨] ଏଠାକୁ ବହନ କରିଆଣ [ଆ ବହ] ।

ଊର୍ଣମ୍ରଦା ବି ପ୍ରଥସ୍ୱାଽଭ୍ୟର୍କା ଅନୂଷତ ।
ଭବା ନଃ ଶୁଭ୍ର ସାତୟେ ॥୪॥

କାନ୍ତ ବହଳଭାବେ ଆଚ୍ଛାଦିତ ତୁମେ [ଊର୍ଣମ୍ରଦା] ନିଜକୁ ପ୍ରସାରିତ କରି ବ୍ୟାପିଯାଅ [ବି ପ୍ରଥସ୍ୱ][୩], ଜ୍ଞାନଦୀପ୍ତିଯୁକ୍ତ ଆମ ଉଚ୍ଚାରଣଗୁଡ଼ିକ [ଅର୍କାଃ] ତୁମ ଦିଗରେ କମ୍ର ହୋଇଛନ୍ତି [ଅଭି ଅନୂଷତ] । ଆମ ମଧ୍ୟରେ ତୁମେ ଧବଳୋଜ୍ଜ୍ୱଳ ହୋଇଉଠ [ଶୁଭ୍ର ଭବ] ଯେପରିକି ଆମେ ଜୟ ଲାଭ କରିପାରୁଁ [ନଃ ସାତୟେ] ।

(୧) ଇନ୍ଦ୍ରଙ୍କୁ ।
(୨) ନିଜ ପୂର୍ଣ୍ଣ ସ୍ୱରୂପରେ ବିଦ୍ୟମାନ ଦିବ୍ୟ-ମନର ବହୁବିଧ ଗତିବୃତ୍ତିକୁ ସୂଚିତ କରିବା ନିମନ୍ତେ ବହୁବଚନର ପ୍ରୟୋଗ ହୋଇଛି ।
(୩) ଦିବ୍ୟମନ ସ୍ୱରୂପ ଇନ୍ଦ୍ରଙ୍କୁ ସଂବୋଧନ କରି ଏହି ଋକ୍ ଉଚ୍ଚାରିତ ହୋଇଛି, ଏହାଙ୍କ ମାଧ୍ୟମରେ ଅତିମାନସ ସତ୍ୟର ଜ୍ଞାନଦୀପ୍ତିର ଆଗମନ ଘଟିଥାଏ; ଏହି 'ଆଲୋକ'ଦାତାଙ୍କ ରଥ ଯେତିକି ଆଗେଇ ଚାଲୁଥାଏ ଆମେ ସେତେ ଦିବ୍ୟ ସମ୍ପଦରାଜିକୁ ଜୟ କରିଥାଉ ।

ଦେବୀର୍ଦ୍ୱାରୋ ବି ଶ୍ରୟଧ୍ୱଂ ସୁପ୍ରାୟଣା ନ ଉତୟେ ।
ପ୍ରପ୍ର ୟଜ୍ଞଂ ପୃଣୀତନ ॥୫॥

ହେ ଦିବ୍ୟ ଦ୍ୱାରଗଣ [ଦେବୀଃ ଦ୍ୱାରଃ](୪) ପୂର୍ଣ୍ଣରୂପେ ଖୋଲି ହୋଇଯାଅ [ବି ଶ୍ରୟଧ୍ୱମ୍], ଆମର ବ୍ୟାପ୍ତି ନିମନ୍ତେ [ନଃ ଉତୟେ] ଆମକୁ ସୁଗମ ପଥ ପ୍ରଦାନ କର [ସୁପ୍ରାୟଣାଃ]; ଦୂରକୁ, ଆହୁରି ଦୂରକୁ ଆମକୁ ନେଇଯାଅ [ପ୍ରପ୍ର] ଏବଂ ଆମ ଯଜ୍ଞକୁ ପରିପୂର୍ଣ୍ଣ କର [ୟଜ୍ଞଂ ପୃଣୀତନ] ।

ସୁପ୍ରତୀକେ ବୟୋବୃଧା ୟହ୍ୱୀବୀ ଋତସ୍ୟ ମାତରା ।
ଦୋଷାମୁଷାସମୀମହେ ॥୬॥

ଆମେ 'ତମଃ' ଓ 'ଉଷା' ଉଭୟଙ୍କୁ ବାଞ୍ଛା କରୁଛୁ [ଦୋଷାମ୍ ଉଷାସମ୍ ଈମହେ](୫), ଏ ଦୁହେଁ ଋତର ଦୁଇ ଶକ୍ତିଶାଳିନୀ ମାଆ [ଋତସ୍ୟ ୟହ୍ୱୀ ମାତରା], ସ୍ପଷ୍ଟରୂପେ ଆମର ପ୍ରାମୁଖ୍ୟ କରୁଛନ୍ତି [ସୁପ୍ରତୀକେ], ଆମର ପ୍ରଶସ୍ତ ସତ୍ତାକୁ ଅଭିବୃଦ୍ଧି ପ୍ରଦାନ କରୁଛନ୍ତି [ବୟୋବୃଧା] ।

ବାତସ୍ୟ ପତ୍ମନ୍ନୀଳିତା ଦୈବ୍ୟା ହୋତାରା ମନୁଷଃ ।
ଇମଂ ନୋ ୟଜ୍ଞମା ଗତମ୍ ॥୭॥

ଆହୁରି ମଧ୍ୟ ଆମ ମାନବତାର ହେ ଦିବ୍ୟ ପୁରୋହିତଦ୍ୱୟ [ମନୁଷଃ ଦୈବ୍ୟା ହୋତାରା], ହେ ପୂଜିତ ଯୁଗଳ [ଈଳିତା], ଆମର ଏହି ଯଜ୍ଞକୁ [ନଃ ଇମଂ ୟଜ୍ଞମ୍] ପ୍ରାଣ-ଶ୍ୱାସର ପଥଦେଇ [ବାତସ୍ୟ ପତ୍ମନ୍] ଆଗମନ କର [ଆ ଗତମ୍] ।

ଇଳା ସରସ୍ୱତୀ ମହୀ ତିସ୍ରୋ ଦେବୀର୍ମୟୋଭୁବଃ ।
ବର୍ହିଃ ସୀଦନ୍ତ୍ୱସ୍ରିଧଃ ॥୮॥

ଯିଏ ଜ୍ଞାନଦୃଷ୍ଟିରୂପା [ଇଳା], ଯିଏ ଅନ୍ତଃପ୍ରେରଣାର ପ୍ରବାହସ୍ୱରୂପା [ସରସ୍ୱତୀ], ଯିଏ ମହତ୍-ସ୍ୱରୂପା [ମହୀ], ଏହି ତ୍ରିଦେବୀ [ତିସ୍ରଃ ଦେବୀଃ](୬) ଆନନ୍ଦର ଜନ୍ମଦାତ୍ରୀ [ମୟୋଭୁବଃ], ସେମାନେ କେବେ ପଥ ଭ୍ରାନ୍ତିରେ ପଡ଼ନ୍ତି ନାହିଁ [ଅସ୍ରିଧଃ](୭), ଯଜ୍ଞବେଦୀରେ ବିଛା ଯାଇଥିବା ସେମାନଙ୍କ ଆସନକୁ [ବର୍ହିଃ] ସେମାନେ ଗ୍ରହଣ କରନ୍ତୁ [ସୀଦନ୍ତୁ] ।

ଶିବସ୍ତ୍ୱଷ୍ଟରିହା ଗହି ବିଭୁଃ ପୋଷ ଉତ ତ୍ମନା ।
ୟଜ୍ଞେୟଜ୍ଞେ ନ ଉଦବ ॥୯॥

ବସ୍ତୁମାନଙ୍କର ହେ ନିର୍ମାତା [ତ୍ୱଷ୍ଟଃ](୮), ଶୁଭପ୍ରଦ [ଶିବଃ] ! ଏଠାକୁ ଆମ ମଧ୍ୟକୁ ଆସ [ଇହ ଆ ଗହି]; ତୁମ ନିଜ ସତ୍ତା ଦ୍ୱାରା ତୁମେ ସର୍ବଭୂତରେ ଅନୁପ୍ରବେଶ କରିଛ [ବିଭୁଃ], ସମସ୍ତେ ତୁମ ପୋଷଣ ପ୍ରାପ୍ତ ହେଉଛନ୍ତି [ପୋଷଃ]

---

(୪) ମନୁଷ୍ୟର ଯଜ୍ଞ କହିଲେ ଈଶ୍ୱରଙ୍କ ଦିଗରେ ତା'ର ପ୍ରୟାସ ଓ ଅଭୀପ୍ସା, ଏହା ମଧ୍ୟ ଏକ ଯାତ୍ରା ଯେଉଁଥିରେ ଆମ ମଧ୍ୟରେ ଯେଉଁ ସବୁ ସଂଗୁପ୍ତ ସ୍ୱର୍ଗୀୟ ପ୍ରଦେଶ ରହିଛି ତାହାର ଉନ୍ମୋଚନ ଘଟିଥାଏ, ବ୍ୟକ୍ତି-ଆତ୍ମାର ବ୍ୟାପ୍ତିକ୍ରମରେ ସେହି ରାଜ୍ୟଗୁଡ଼ିକୁ ଜଣେ ଜୟ କରି କରି ଚାଲିଥାଏ ।

(୫) ଆମ ସତ୍ତାଗତ ଦିବ୍ୟ ଓ ମାନବ ଉଭୟ ଚେତନାର କ୍ରମାବର୍ତ୍ତନର ପ୍ରତୀକ ହେଉଛନ୍ତି 'ରାତ୍ରି' ଓ 'ଦିବା' । ଆମର ସାଧାରଣ ଚେତନାରୂପକ 'ରାତ୍ରି' ସେହି ସବୁକୁହିଁ ଧାରଣ କରି ପ୍ରସ୍ତୁତ କରେ ଯାହାକୁ 'ଉଷା' ସଚେତନ ମଧ୍ୟରେ ଅଭିବ୍ୟକ୍ତ କରିଥାଏ ।

(୬) ଇଳା, ସରସ୍ୱତୀ, ମହୀ; ସେମାନଙ୍କ ନାମର ଅନୁବାଦ ଏପରି କରିବାର କାରଣ ଯେ ସେମାନଙ୍କର କ୍ରିୟାତ୍ମକତା ବିଷୟରେ ଧାରଣା କରିହେବ ।

(୭) ଅଥବା, ସେମାନେ ଅଧୃଷ୍ୟ ଅର୍ଥାତ୍ ଅଜ୍ଞାନତା ଓ ଅନ୍ଧକାର ଦ୍ୱାରା ଯେଉଁମାନଙ୍କୁ ଆକ୍ରମଣ କରିବା ସମ୍ଭବ ନୁହେଁ, ଯେଉଁମାନେ କି ଦୁଃଖକଷ୍ଟର କାରଣ ।

(୮) ତ୍ୱଷ୍ଟୃ, ତ୍ୱଷ୍ଟା, ନିର୍ମାତା ।

ଏବଂ ତୁମ ନିଜ ଦ୍ୱାରା [ଉତ ତ୍ମନା][୯] ଯଜ୍ଞ ପରେ ଯଜ୍ଞ ମଧ୍ୟରେ [ୟଜ୍ଞେୟଜ୍ଞେ] ଆମ ଉତ୍ତରଣକୁ ପରିପୁଷ୍ଟ କର [ନ ଉତ୍ ଅବ]।

ୟତ୍ର ବେଥ ବନସ୍ପତେ ଦେବାନାଂ ଗୁହ୍ୟା ନାମାନି।
ତତ୍ର ହବ୍ୟାନି ଗାମୟ ॥୧୦॥

ହେ ଆନନ୍ଦର ପ୍ରଭୋ [ବନସ୍ପତେ] ![୧୦] ଆମର ହବ୍ୟଗୁଡ଼ିକୁ ସେହି ଲକ୍ଷ୍ୟ[୧୧] ଦିଗରେ ନେଇଯାଅ [ତତ୍ର ହବ୍ୟାନି ଗାମୟ] ଯେଉଁଠାରେ ତୁମେ ଦେବଗଣଙ୍କର ଗୁହ୍ୟ ନାମଗୁଡ଼ିକୁ ଜାଣ [ୟତ୍ର ଦେବାନାଂ ଗୁହ୍ୟା ନାମାନି ବେଥ]।

ସ୍ୱାହାଗ୍ନୟେ ବରୁଣାୟ ସ୍ୱାହେନ୍ଦ୍ରାୟ ମରୁଦ୍‌ଭ୍ୟଃ।
ସ୍ୱାହା ଦେବେଭ୍ୟୋ ହବିଃ ॥୧୧॥

ଦିବ୍ୟସଂକଳ୍ପଙ୍କୁ ଓ ବିଶାଳତାର ଦେବଙ୍କୁ[୧୨] ସ୍ୱାହା [ଅଗ୍ନୟେ ବରୁଣାୟ ସ୍ୱାହା], ଐଶ୍ୱର-ମନଙ୍କୁ ଓ ଏହି ମନର ଧୀଶକ୍ତିଗଣଙ୍କୁ ସ୍ୱାହା[୧୩] [ଇନ୍ଦ୍ରାୟ ମରୁଦ୍‌ଭ୍ୟଃ ସ୍ୱାହା] ଦେବଗଣଙ୍କ ପ୍ରତି ଆମର ଆହୁତି-ଅନ୍ନ ସ୍ୱାହା ହେଉ[୧୪] [ଦେବେଭ୍ୟଃ ହବିଃ ସ୍ୱାହା]।

(କ୍ରମଶଃ)

[CWSA, Vol. 15, pp. 409-12]

ଅନୁବାଦ : ଶ୍ରୀ ମଧୁସୂଦନ ମହାପାତ୍ର

(୯) ଭଗବାନ୍ ସକଳ ବିଷୟର ନିର୍ମାତା, ସେ ଯାହାସବୁ ନିର୍ମାଣ କରିଛନ୍ତି ସେସବୁରେ ସେ ଅନୁପ୍ରବିଷ୍ଟ ହୋଇ ରହିଛନ୍ତି। ସେ ନିଜର ଉଭୟ ସ୍ୱରୂପରେ ବିଦ୍ୟମାନ – ଅକ୍ଷର ସ୍ୱୟମ୍ଭୂ ସ୍ୱରୂପ ଓ କ୍ଷର ସ୍ୱରୂପ, ଯିଏ ସକଳ ବସ୍ତୁରେ ସ୍ୱୟଂ ବିକଶିତ ହେଉଛନ୍ତି, ଏହି କାରଣରୁ ପ୍ରତୀତ ହୁଏ ଯେ ଆତ୍ମାର ବିକାଶ ଓ ବୃଦ୍ଧି ଘଟୁଛି ଏବଂ ନୂଆ ନୂଆ ରୂପ ଗ୍ରହଣ କରୁଛି। ପ୍ରଥମ ସ୍ୱରୂପରେ ସେ ଅନ୍ତରବାସୀ ଈଶ୍ୱର ଓ ନିର୍ମାତା, ଦ୍ୱିତୀୟ ସ୍ୱରୂପରେ ସେ ନିଜେ ନିଜ କର୍ମର ଉପାଦାନ।

(୧୦) ସୋମ।

(୧୧) 'ଆନନ୍ଦ', ଦିବ୍ୟ ପ୍ରହ୍ଲାଦନର ଅବସ୍ଥା, ଯାହା ମଧ୍ୟରେ ଆମ ସତ୍ତାର ସମସ୍ତ ଶକ୍ତି ସାମର୍ଥ୍ୟ ନିଜର ପୂର୍ଣ୍ଣ ଦେବସ୍ୱରୂପରେ ବ୍ୟକ୍ତ ହୋଇଥାଏ, ତାହାହିଁ ଆମଠାରେ ଅଜ୍ଞେୟ ଓ ଗୁପ୍ତ ହୋଇ ରହିଛି।

(୧୨) ବରୁଣ।

(୧୩) ମରୁଦ୍‌ଗଣ ହେଲେ ଆମ ସତ୍ତାର ସ୍ନାୟବିକ ବା ପ୍ରାଣିକ ଶକ୍ତିଗଣ, ଏହି ଦେବଗଣ ଚିନ୍ତନ ମଧ୍ୟରେ ସଚେତ ଅଭିବ୍ୟକ୍ତିରେ ସିଦ୍ଧ, ଭାଗବତ ମନସ୍ୱରୂପ ଇନ୍ଦ୍ରଙ୍କ ଉଦ୍ଦେଶ୍ୟରେ ଏମାନେ ସ୍ତୁତିଗାନ କରନ୍ତି।

(୧୪) ଅର୍ଥାତ୍, ଆମ ମଧ୍ୟରେ ଯାହାକିଛି ରହିଛି ଆମେ ସେସବୁକୁ ସମର୍ପଣ କରୁଛୁ, ସେ ସମସ୍ତ ଯେପରି ଦିବ୍ୟଜୀବନ ଦିଗରେ ବଦଳି ଯିବେ, ଦିବ୍ୟ ପ୍ରକୃତିର ଆତ୍ମଜ୍ୟୋତି ଓ ଆତ୍ମଶକ୍ତିରେ ଉପନୀତ ହେବେ।

# ଶ୍ରୀମା'ଙ୍କର ମହାପ୍ରୟାଣ

## ଶ୍ରୀ ମାଧବ ପଣ୍ଡିତ

[**୧୯୭୩ ମସିହା ନଭେମ୍ବର ୨୮** ତାରିଖରେ ଶ୍ରୀମାଙ୍କର ମହାପ୍ରୟାଣ ସମ୍ପର୍କରେ ଅରୋଭିଲ୍ **'Peace'** ଅଞ୍ଚଳ ମଧ୍ୟସ୍ଥ ଏକ କେନ୍ଦ୍ରରେ ଶ୍ରୀ ମାଧବ ପଣ୍ଡିତଙ୍କର ପ୍ରଦତ୍ତ ଏକ ଭାଷଣର କିଛି ନିର୍ବାଚିତ ଅଂଶ ।]

...ଆପଣମାନଙ୍କ ମଧ୍ୟରୁ ଯେଉଁମାନେ ମା' ଶ୍ରୀଅରବିନ୍ଦଙ୍କ ଲେଖା ପଢ଼ିଛନ୍ତି ସେମାନେ ଜାଣନ୍ତି ଯେ ସେମାନଙ୍କର ପ୍ରଧାନ ଉଦ୍ଦେଶ୍ୟ ହୋଇ ଆସିଛି ସତ୍ୟ-ଜଗତର ଚେତନାକୁ ଏହି ପୃଥିବୀପୃଷ୍ଠରେ ଉତାରି ଆଣିବା – ଯାହାକୁ କି ସେମାନେ ଅତିମାନସ ଚେତନା ଏବଂ ଶକ୍ତି କହନ୍ତି । ସେମାନେ ଶହେ ଥର ଏକଥା ଘୋଷଣା କରିଛନ୍ତି ଯେ ପୃଥିବୀପୃଷ୍ଠରେ ସତ୍ୟ-ଚେତନାର ଅଭିବ୍ୟକ୍ତି ଘଟାଇବା, ଏକ ସକ୍ରିୟ ତତ୍ତ୍ୱ ରୂପେ ଏହାକୁ ପୃଥିବୀରେ ପ୍ରତିଷ୍ଠିତ କରିବା ଏବଂ ଧୀରେ ଧୀରେ ଏହାକୁ ମାନବ ଜୀବନକୁ ଦିବ୍ୟ-ଜୀବନରେ ରୂପାନ୍ତର କରିବା ନିମନ୍ତେ ସମର୍ଥ କରି ତୋଳିବା ହେଉଛି ସେମାନଙ୍କର କାର୍ଯ୍ୟ । ସେମାନେ ଦର୍ଶାଇ ଦେଇଛନ୍ତି ଯେ କେବଳ ସତ୍ୟ-ଶକ୍ତି, ସତ୍ୟ-ସଂକଳ୍ପ ବ୍ୟତୀତ ଅନ୍ୟ କୌଣସି ଶକ୍ତି ଏ କାର୍ଯ୍ୟ କରିପାରିବ ନାହିଁ । ହଜାର ହଜାର ବର୍ଷ ଧରି ମଣିଷ ନିଜକୁ, ନିଜ ଜୀବନକୁ ତଥା ନିଜ ପରିବେଶକୁ ପୂର୍ଣ୍ଣାଙ୍ଗ କରି ତୋଳିବାକୁ ପ୍ରୟାସ କରି ଆସିଛି, କିନ୍ତୁ ସଫଳ ହୋଇପାରି ନାହିଁ । ସଫଳ ନହେବାର ସିଧାସଳଖ କାରଣଟି ହେଉଛି ପ୍ରତିଟି ଶକ୍ତି ଯାହାକୁ ସେ ନିଜର ଚାଳକ ବୋଲି ମାନିଛି, ତାକୁ କାର୍ଯ୍ୟରେ ଲଗାଇଛି, ତାହା ହୋଇ ପଡ଼ିଛି ଅପେକ୍ଷାକୃତ ଏକ ନିକୃଷ୍ଟ ଶକ୍ତି – ସତ୍ୟର ଶକ୍ତି ନୁହେଁ କିନ୍ତୁ ପରୋକ୍ଷଭାବେ ସତ୍ୟଠାରୁ ଆସିଥିବା ଏକ ଶକ୍ତି ।

ବିବର୍ତ୍ତନର ଦୀର୍ଘ ଯାତ୍ରା ପଥରେ, ପ୍ରତ୍ୟେକ ବିବର୍ତ୍ତନଗତ ସନ୍ଧିକ୍ଷଣରେ ଉର୍ଦ୍ଧ୍ୱତର ଭୂମିରୁ ସେସମୟରେ ଧାରଣା କରା-ଯାଉଥିବା ଉଚ୍ଚତମ ଶକ୍ତିକୁ ଉତାରି ଆଣିବା ନିମନ୍ତେ ଓ ତାକୁ ପୃଥିବୀପୃଷ୍ଠରେ ପ୍ରତିଷ୍ଠିତ କରିବା ନିମନ୍ତେ ପୂର୍ବରୁ ଅବତାରମାନେ ଜନ୍ମ ନେଇଛନ୍ତି । ଆମେ ଜାଣୁ ଶ୍ରୀରାମ ଆସିଥିଲେ ସାତ୍ତ୍ୱିକ ମନକୁ ଉତାରି ଆଣିବାକୁ ଓ ତା'ର ଧାରାକୁ କ୍ରିୟାଶୀଳ କରିବାକୁ । ଏହାର ଯୁଗ ଯୁଗ ପରେ ଶ୍ରୀକୃଷ୍ଣ ଆସିଲେ ଯେ କି ଅଧିମାନସ ଚେତନା, ଭାଗବତ ଆନନ୍ଦମୟ ଚେତନାର ପ୍ରକାଶ ଘଟାଇଲେ । ତା'ପରେ ପରବର୍ତ୍ତୀ ପଦକ୍ଷେପ ନେବା ପାଇଁ ଯୁଗ ଯୁଗ ବିତିଗଲା । ପରବର୍ତ୍ତୀ ପଦକ୍ଷେପ ଥିଲା ବିଜ୍ଞାନ, ସତ୍ୟ ଚେତନା, ଅତିମାନସ ଶକ୍ତିକୁ ପୃଥିବୀପୃଷ୍ଠରେ ଉତାରି ଆଣିବା, ଏକ ବ୍ୟକ୍ତିଗତ ସିଦ୍ଧି ହିସାବରେ ନୁହେଁ ଯାହାକୁ କି ବୈଦିକ ଋଷିମାନେ ହଜାର ହଜାର ବର୍ଷ ତଳେ କରି ଥିଲେ, ବରଂ ସମଗ୍ର ମାନବ-ସମାଜ ପାଇଁ – ଏହା ଏପରି କିଛି ଯାହାକି ଏକ ନିର୍ଦ୍ଦିଷ୍ଟ ବ୍ୟକ୍ତି ପାଇଁ ଉପଯୋଗୀ ଏକ ବ୍ୟକ୍ତିଗତ ସିଦ୍ଧି ନହୋଇ ଏକ ସ୍ଥାୟୀ ଶକ୍ତି ହିସାବରେ ପୃଥିବୀପୃଷ୍ଠରେ କ୍ରିୟା କରି ପାରିବ ।

ଏହି ଲକ୍ଷ୍ୟ ଶ୍ରୀଅରବିନ୍ଦଙ୍କ ମଧ୍ୟରେ ସ୍ୱଷ୍ଟ ହୋଇଉଠିଲା କେବଳ ସେ ପଣ୍ଡିଚେରୀ ଆସିବା ପରେ । ସେ ପ୍ରଥମେ ଏହାର ସଂଯୋଜନା କରି ''ଆର୍ଯ୍ୟ'' ପତ୍ରିକାରେ ତାହା ପ୍ରକାଶ କଲେ । ମା' ମଧ୍ୟ ଶ୍ରୀଅରବିନ୍ଦଙ୍କ ସହ ଯୋଗଦେବା ପୂର୍ବରୁ ତାଙ୍କ 'ଧ୍ୟାନ ଓ ପ୍ରାର୍ଥନା' ବହିରେ ଏହି ଦିବ୍ୟ-ଚେତନା ସମ୍ପର୍କରେ ଲେଖିଥିଲେ । ମା' କୌଣସି ଦାର୍ଶନିକ ଢଙ୍ଗରେ କହି ନାହାନ୍ତି, ସେ ସିଧାସଳଖ ସ୍ୱଷ୍ଟଭାବରେ କହିଛନ୍ତି : ଦିବ୍ୟ-ଚେତନା ପ୍ରକାଶିତ ହେବ ଓ ଜୀବନକୁ ରୂପାନ୍ତର କରିବ । ତେଣୁ ଉଭୟେ ଆର୍ଯ୍ୟରେ ପ୍ରକାଶିତ ଘୋଷଣାପତ୍ରରେ ଘୋଷଣା କଲେ ଯେ ଏକ ନୂତନ ଯୁଗ, ଏକ ପୂର୍ଣ୍ଣାଙ୍ଗ ଜୀବନ, ଏକ ପୂର୍ଣ୍ଣ ମାନବ ଗଢ଼ି ତୋଳିବା ନିମିତ୍ତ ଏପର୍ଯ୍ୟନ୍ତ ଅଭିବ୍ୟକ୍ତ ହୋଇ ନଥିବା ଏକ ନୂତନ ଚେତନାକୁ ଉତାରି ଆଣିବାକୁ ହେବ ଏବଂ ପୃଥିବୀପୃଷ୍ଠରେ ତାକୁ ସକ୍ରିୟ କରିବାକୁ ହେବ । ଏହି ଉଦ୍ଦେଶ୍ୟ ନେଇ ଶ୍ରୀମା ୧୯୨୦ ମସିହାରେ ଶ୍ରୀଅରବିନ୍ଦଙ୍କ ସହ ଯୋଗ ଦେଲେ ଓ ଶ୍ରୀଅରବିନ୍ଦ ମଧ୍ୟ ଯେଉଁ ବ୍ୟକ୍ତିମାନେ ଏହି ଆଦର୍ଶକୁ ଗ୍ରହଣ କରିବା ନିମିତ୍ତ ଓ ସେଥିପାଇଁ ସାଧନା କରିବାକୁ ଏକ ଆହ୍ୱାନ ଅନୁଭବ କଲେ ସେମାନଙ୍କୁ ଶିଷ୍ୟ ରୂପେ ଗ୍ରହଣ କଲେ । ଆପଣମାନେ ସମସ୍ତେ ଜାଣନ୍ତି ୧୯୨୬ ମସିହାରେ କିପରି ଆଶ୍ରମ ଆରମ୍ଭ ହେଲା । ସେଦିନ ଥିଲା ନଭେମ୍ବର ୨୪ ତାରିଖ ଯେତେବେଳେ କି ଅଧିମାନସ ଚେତନା (ଯାହାକୁ ଶ୍ରୀକୃଷ୍ଣ ପ୍ରଥମେ ଉତାରି ଆଣିଥିଲେ) ଶ୍ରୀଅରବିନ୍ଦଙ୍କ ଭୌତିକ ଶରୀର

ମଧ୍ୟକୁ ଅବତରଣ କଲା ଓ ସେ ସମ୍ପୂର୍ଣ୍ଣ ରୂପେ ବାହ୍ୟ କାର୍ଯ୍ୟରୁ ଅବସର ଗ୍ରହଣ କରି ତା'ର ପରବର୍ତ୍ତୀ ପଦକ୍ଷେପ ସତ୍ୟ-ଚେତନାର ଅବତରଣ ଉପରେ ତାଙ୍କର ସକଳ ଶକ୍ତି ଓ ସାଧନା ଏକାଗ୍ର କରିବା ନିମନ୍ତେ ସେ ଅନୁଭବ କଲେ ।

୧୯୨୬ ମସିହା ଠାରୁ ଶ୍ରୀଅରବିନ୍ଦଙ୍କ ସହ ଚିଠିପତ୍ରର ଆଦାନ-ପ୍ରଦାନ ଚାଲିଲା । ଏହି ଆଦାନପ୍ରଦାନ ୧୯୩୮ ମସିହା ତାଙ୍କର ଦୁର୍ଘଟଣା ଘଟିବା ପର୍ଯ୍ୟନ୍ତ ଅବ୍ୟାହତ ରହିଲା । ପ୍ରତିଦିନ ରାତିରେ ସେ ଚିଠିପତ୍ରର ଟିକିନିଖି ଉତ୍ତରସବୁ ଦେଉଥିଲେ । ୧୯୩୪ ମସିହାରେ କେବେ ଥରେ ସେ କହିଥିଲେ ଅତିମାନସକୁ ସାମାନ୍ୟତମ ଅଂଶରେ ସେ ଧରି ପାରିଛନ୍ତି । ପରେ ସେ କହିଥିଲେ ଯେ ଏହି ଶକ୍ତି ଆସୁଛି ଏବଂ ଚାଲିଯାଉଛି । ମା' ମଧ୍ୟ କୌଣସି ସ୍ଥାନରେ କହିଛନ୍ତି ଅତିମାନସ ଶକ୍ତି ଶ୍ରୀଅରବିନ୍ଦଙ୍କ ମଧ୍ୟକୁ ଆସିବାର, ସେଠାରେ କିଛି ସମୟ ରହିବାର ଓ ପୁଣି ଫେରିଯିବାର ସେ ଦେଖିଥିଲେ । ବର୍ଷ ପରେ ବର୍ଷ ସେମାନଙ୍କର ସାଧନା ଚାଲିଲା । ପୃଥିବୀରେ ଯାହାକିଛି ଘଟୁଥିଲା ସେମାନେ ସେସବୁକୁ ତାଙ୍କର ଉଦ୍ଦେଶ୍ୟର ବାହାର ବୋଲି ବିଚାର କରୁ ନଥିଲେ । ସେମାନେ ତାଙ୍କର ବିଶ୍ୱ-ଯୋଜନାର ଏକ ଅଂଶ ରୂପେ ପ୍ରଳୟଙ୍କରୀ ଦ୍ୱିତୀୟ ମହାଯୁଦ୍ଧ ଓ ଭାରତର ରାଜନୈତିକ ଆନ୍ଦୋଳନ ତଥା ବିପ୍ଳବ ପ୍ରତି ସମ୍ପୂର୍ଣ୍ଣ ରୂପେ ଦୃଷ୍ଟି ରଖିଥିଲେ ।

୧୯୫୦ କିଂବା ସେହି ସମୟରେ ଏକ ପରିସ୍ଥିତି ଦେଖା ଦେଲା ଯାହା ଫଳରେ ଶ୍ରୀଅରବିନ୍ଦ ଦେଖିଲେ ଅତିମାନସ ଶକ୍ତିର ଅବତରଣ ନିମନ୍ତେ ପୃଥିବୀର ଅବସ୍ଥା ବାଧା ଦେଉଛି । ସେହି ଅବସ୍ଥାରେ ଯଦି ଅତିମାନସ ଶକ୍ତିକୁ ଅବତରଣ କରାଯାଏ ତେବେ ସବୁକିଛି ଭାଙ୍ଗି ଯିବ । ବେଦରେ ଆମର ଗୋଟିଏ ମନ୍ତ୍ର ଅଛି ଯେଉଁଥିରେ ''ପୋଡ଼ହୀନ ମୃଣ୍ମୟ ପାତ୍ର'' ବିଷୟ ଉଲ୍ଲେଖ ଅଛି । ଏହାର ଅର୍ଥ ହେଉଛି ପାତ୍ରଟି ଯଦି ଭଲଭାବେ ପୋଡ଼ି ନହୋଇଛି ଅର୍ଥାତ୍ ଆଧାର ଯଦି ଯଥେଷ୍ଟ ପରିମାଣରେ ଶକ୍ତ ଓ ସୁଦୃଢ଼ ନହୋଇଛି ତେବେ ଏହା ଭଗବତ୍ ଅବତରଣକୁ ସମ୍ଭାଳି ପାରିବ ନାହିଁ । ଶ୍ରୀଅରବିନ୍ଦ ଦେଖିଲେ ଭୌତିକ ପଦାର୍ଥ ଏହି ଅବତରଣକୁ ସମ୍ଭାଳିବା ନିମନ୍ତେ ପ୍ରସ୍ତୁତ ନୁହେଁ । ତା'ପରେ ସେ ଏକ ସିଦ୍ଧାନ୍ତ ଗ୍ରହଣ କଲେ । ଏହା ପ୍ରାୟ ୧୯୨୩ ଓ ୧୯୨୬ ମଧ୍ୟରେ । ଥରେ ଏକ ସାନ୍ଧ୍ୟ କଥୋପକଥନ (ମୁଁ ଜାଣେ ନାହିଁ ଏଇ କଥୋପକଥନଟି ପ୍ରକାଶ ପାଇଛି କି ନାହିଁ) ସମୟରେ ଶ୍ରୀଅରବିନ୍ଦଙ୍କୁ ପଚରାଗଲା, ''ଆପଣ ମୃତ୍ୟୁ ଉପରେ ବିଜୟ ହାସଲ କରିଛନ୍ତି କି ?'' ସେ ଉତ୍ତର ଦେଲେ, ''ଏପରିକି ଯଦି ମୁଁ ଏକ କପ ବିଷ ପାନ କରେ ତଥାପି ଏହା ମୋତେ ମାରିପାରିବ ନାହିଁ ।'' ଆଉ ଜଣେ ପଚାରିଲେ, ''ତା'ର ଅର୍ଥ ଆପଣଙ୍କର ମୃତ୍ୟୁ ହୋଇପାରିବ ନାହିଁ ?'' ସେ ଉତ୍ତର ଦେଲେ, ''କେବଳ ତିନୋଟି ସର୍ତ୍ତ ରହିଛି ଯେଉଁଥି ଯୋଗୁଁ ମୁଁ ଶରୀରତ୍ୟାଗ କରିବି : ଗୋଟିଏ ହେଉଛି ମୋର ଲକ୍ଷ୍ୟର ସଫଳ ସମାପ୍ତି, ଦ୍ୱିତୀୟଟି ହେଉଛି ଯଦି ମୁଁ ଜାଣିପାରେ ଯେ ଏଥର ଏହା ଘଟିବ ନାହିଁ, ତୃତୀୟରେ ଯଦି କୌଣସି ଦୁର୍ଘଟଣା ଘଟେ ।'' ୧୯୫୦ ମସିହାରେ ସେ ସ୍ଥିର କଲେ ଯେ ପୃଥିବୀ ବାତାବରଣ ପ୍ରସ୍ତୁତ ହୋଇ ନଥିବାରୁ ନିଜ ଶରୀରରେ ଅତିମାନସର ଅବତରଣ ଘଟାଇ ସେ ଶରୀରତ୍ୟାଗ କରିବେ ।

ସେ ନିଜେ ଅସଂଖ୍ୟ ଲୋକଙ୍କୁ ଅସଂଖ୍ୟ ରୋଗରୁ ନିଜର ଆଧ୍ୟାତ୍ମିକ ଶକ୍ତି ପ୍ରୟୋଗ କରି ଆରୋଗ୍ୟ କରିଛନ୍ତି; କିନ୍ତୁ ୧୯୫୦ ମସିହାରେ ଯେତେବେଳେ ତାଙ୍କୁ ରୋଗ ଆକ୍ରମଣ କଲା ସେତେବେଳେ ସେ ନିଜକୁ ଆରୋଗ୍ୟ କରିବାକୁ ମନା କଲେ । ଯେତେବେଳେ ଜଣେ ତାଙ୍କୁ ପଚାରିଲେ, ''ଆଜ୍ଞା, ଆପଣ କାହିଁକି ଏହାକୁ ଆରୋଗ୍ୟ କରୁ ନାହାନ୍ତି ?'' ସେ କହିଲେ, ''ତୁମେ ବୁଝିପାରିବ ନାହିଁ'' । ଶରୀରତ୍ୟାଗର ସିଦ୍ଧାନ୍ତ ସେ ଗ୍ରହଣ କଲେ କିନ୍ତୁ ତା' ସଙ୍ଗେ ସଙ୍ଗେ ତାଙ୍କର ସ୍ୱାଭାବିକ ସାହସ ଯୋଗୁଁ ସେ ତାଙ୍କ ଶରୀରକୁ ଏକ ଉଦ୍ଦେଶ୍ୟମୂଳକ ଭାବେ ବଳି ଦେବାକୁ ସ୍ଥିର କଲେ । ଶେଷ ସମୟ ଯେତେ ନିକଟ ହୋଇ ଆସୁଥିଲା ଦେଖା ଯାଉଥିଲା ସେ ଶକ୍ତିକୁ ସେତେ ଆକର୍ଷଣ କରିବାରେ ଲାଗିଛନ୍ତି । ଯେତେବେଳେ ଶକ୍ତି ଅବତରଣ କଲା ତାଙ୍କ ଶରୀର ବିନଷ୍ଟ ହୋଇଗଲା । ତାହା ଥିଲା ତାଙ୍କର ଆତ୍ମବଳି । ସେଦିନ ଯେଉଁ ଅବତରଣ ଘଟିଲା ସେଭଳି ଅବତରଣ କେବେ ବି କୌଣସି ପାର୍ଥିବ ଆଧାର ଗ୍ରହଣ କରି ନଥିଲା । ଏହି ଅବତରଣ ଘଟି ତାଙ୍କ ଶରୀରରେ ତାହା ପ୍ରତିଷ୍ଠିତ ହେବା ସଙ୍ଗେ ସଙ୍ଗେ ମା'ଙ୍କ ଭିତରେ ମଧ୍ୟ ଆଲୋକମୟ ମନର ପ୍ରକାଶ ଘଟିଲା । ତାଙ୍କର ଆଧାର ମଧ୍ୟ ଶ୍ରୀଅରବିନ୍ଦଙ୍କ ଆଧାର ଭଳି ସମାନ ଭାବରେ ବିକାଶପ୍ରାପ୍ତ ହୋଇଥିଲା । ଆପଣମାନେ ଜାଣନ୍ତି ଯେ ଆଲୋକମୟ ମନ ହେଉଛି ଅତିମାନସ ଚେତନା ଦ୍ୱାରା ଅଧିକୃତ ଏବଂ ଆଲୋକିତ ଭୌତିକ ମନ । ଏ ଘଟଣା ହେଉଛି ୧୯୫୦ ମସିହାର କଥା ।

ଆପଣମାନଙ୍କ ମଧ୍ୟରୁ ସେସମୟରେ ଯେଉଁମାନେ ଏଠାରେ ନଥିଲେ ସେମାନେ କଳ୍ପନା କରିପାରିବେ ନାହିଁ ଯେ ସାରା ଆଶ୍ରମ କିପରି ଅବସାଦଗ୍ରସ୍ତ ହୋଇ ପଡ଼ିଲା ଓ ସାରା ପୃଥିବୀର ସମସ୍ତ ବନ୍ଧୁ ଓ ଶୁଭେଚ୍ଛୁ କିପରି ଆଘାତ ପାଇଲେ । ଏହା ଥିଲା ସମ୍ପୂର୍ଣ୍ଣ ଏକ ଅପ୍ରତ୍ୟାଶିତ ଘଟଣା । କିନ୍ତୁ ଏସବୁ ସତ୍ତ୍ୱେ ଶ୍ରୀମା ଥିଲେ । ସେ ଅବସ୍ଥାକୁ ସମ୍ଭାଳି ନେଲେ; ବିଶ୍ୱାସ, ଭରସା ଓ ପ୍ରଫୁଲ୍ଲତାର କିରଣ ଛଟାରେ ସମସ୍ତଙ୍କୁ ସଂଜୀବିତ କଲେ । ସେ ଏଇ ନିଶ୍ଚୟତା ପ୍ରଦାନ କଲେ ଯେ ସତ୍ୟ-ଚେତନା ପୃଥିବୀପୃଷ୍ଠରେ ପ୍ରତିଷ୍ଠିତ ନହେବା ପର୍ଯ୍ୟନ୍ତ ଶ୍ରୀଅରବିନ୍ଦ ପୃଥିବୀ ବାତାବରଣ ଛାଡ଼ିବେ ନାହିଁ ।

ତା'ପରେ ମା ବୀରତ୍ୱପୂର୍ଣ୍ଣ ଭାବରେ, ନିର୍ବିବାଦରେ ସବୁକିଛିକୁ ସହି ସେହି ନିର୍ଦ୍ଦିଷ୍ଟ କାର୍ଯ୍ୟଟି କରି ଚାଲିଲେ । ୧୯୫୬ ମସିହା ପୂର୍ବରୁ କେଉଁଠି ଥରେ ମା ନିଶ୍ଚିତତାର ସହ ପ୍ରକାଶ କରିଥିଲେ ଯେ ଏହି ବର୍ଷଟି ପୃଥିବୀପୃଷ୍ଠରେ ଅତିମାନସ ଚେତନାର ଅବତରଣ ଦର୍ଶନ କରିବ – ଗୋଟିଏ, ଦୁଇଟି ଶରୀରରେ ନୁହେଁ, ସାଧାରଣଭାବେ ସମଗ୍ର ପୃଥିବୀରେ । ସେହି ବର୍ଷ ନୂଆ ବର୍ଷ ବାଣୀରେ ମା' କହିଲେ :

''ବୃହତ୍ତମ ବିଜୟଗୁଡ଼ିକ ସବୁଠୁ କମ୍ ଗୋଳମାଳ ଭିତରେ ହୋଇଥାଏ ।

ଏକ ନୂତନ ଜଗତର ଅଭିବ୍ୟକ୍ତି ଡ୍ରମ୍ ବଜା ଯାଇ ଘୋଷଣା କରାଯାଏ ନାହିଁ ।''

କିନ୍ତୁ ଯାହା ଘଟିଲା ତାହା ମା'ଙ୍କୁ ତଥା ସମସ୍ତଙ୍କୁ ବିସ୍ମୟାଭିଭୂତ କରିଦେଲା । ସେହି ବର୍ଷ ଫେବ୍ରୁଆରୀ ୨୯ ତାରିଖ । ପ୍ଲେ-ଗ୍ରାଉଣ୍ଡରେ ମା' ବୁଧବାର-କ୍ଲାସ ନେଇ ସାରିବା ପରେ ସମସ୍ତେ ଧ୍ୟାନ କରିବା ଲାଗି ବସିଥିଲେ । ଆପଣମାନେ ଜାଣନ୍ତି ସାବିତ୍ରୀରେ ବର୍ଣ୍ଣନା ମୁତାବକ ମା କିପରି ସେଦିନ ଏକ 'ଦ୍ୱିବିଧ ଦରଜା'ର ସମ୍ମୁଖୀନ ହେଲେ ଓ ଆଘାତ କରି ସେଇ ଦରଜାକୁ ଭାଙ୍ଗି ସତ୍ୟ-ଚେତନାର ସୁଅ ପୃଥିବୀବକ୍ଷରେ ଛୁଟାଇ ଦେଲେ, ଯେଉଁଥିରେ ସମଗ୍ର ପୃଥିବୀ ପ୍ଲାବିତ ହୋଇଗଲା । ମା' କେତେକଙ୍କୁ ବ୍ୟକ୍ତିଗତ ଭାବରେ କହିଥିଲେ ଯେ ଏହି ଅବତରଣ ଫଳରେ ପ୍ଲେ-ଗ୍ରାଉଣ୍ଡର ସମସ୍ତେ ମୂର୍ଚ୍ଛା ହୋଇ ଯାଇଥିବେ, କିନ୍ତୁ ସେ ଦେଖିଲେ ସମସ୍ତେ ଫେରିବାର ଉପକ୍ରମ କରୁଛନ୍ତି । ଯାହାହେଉ ମା ଏଥିରେ ନିରାଶ ହୋଇ ନଥିଲେ, କାରଣ ସେ ଥରେ କହୁଥିଲେ ଯେ ତାଙ୍କ କାର୍ଯ୍ୟର ସଫଳତା ପାଇଁ ସେ ମଣିଷସମାଜ ଉପରେ କେବେ ବି ନିର୍ଭର କରନ୍ତି ନାହିଁ । ସେ ମଣିଷସମାଜ ପାଇଁ ଦାସତ୍ୱ ଗ୍ରହଣ କରିଛନ୍ତି କିନ୍ତୁ ସାମାନ୍ୟତମ ପ୍ରତିଦାନ ସେମାନଙ୍କଠାରୁ ଚାହିଁ ନାହାନ୍ତି । ସେ କେବେ ବି ପ୍ରତିବାଦ କରି ନାହାନ୍ତି । ସେ ସବୁବେଳେ ସହାନୁଭୂତି ପ୍ରକାଶ କରିଛନ୍ତି, ସାହାଯ୍ୟ କରିବାକୁ ଚେଷ୍ଟା କରିଛନ୍ତି କିନ୍ତୁ କାହାରି ପ୍ରତ୍ୟୁତ୍ତରର ଅଭାବରେ କିଂବା ସହଯୋଗର ଅଭାବରେ ସେ କେବେ ବି ପ୍ରତିବାଦ କରି ନାହାନ୍ତି । ଏ ଘଟଣା ୧୯୫୬ ମସିହାର କଥା ।

୧୯୫୬ ମସିହା ଫେବ୍ରୁଆରୀ ୨୯ ତାରିଖ ରାତିରେ ସତ୍ୟ-ଚେତନାର ପୃଥିବୀପୃଷ୍ଠରେ ଅବତରଣ ଘଟିବା ଫଳରେ ଶ୍ରୀମାଶ୍ରୀଅରବିନ୍ଦ ଯେଉଁ ଲକ୍ଷ୍ୟ ରଖିଥିଲେ ଯେ ଅତିମାନସ ଚେତନାକୁ ପୃଥିବୀପୃଷ୍ଠକୁ ଉତାରି ଆଣି ତାକୁ ପୃଥିବୀର ଏକ ଅଂଶରେ ପରିଣତ କରିବା ତାହା ପୂର୍ଣ୍ଣ ହେଲା । ଯେ କେହି ବ୍ୟକ୍ତି ଏହା ଚାହିଁବ, ଏଥିଲାଗି ସାଧନା କରିବ ଏବଂ ସେ ତାହା ପାଇ ପାରିବ । ତଥାପି ମା ଏକଥା ପ୍ରକାଶ କଲେ ନାହିଁ । ଅଳ୍ପ କିଛି ଦିନ ଭିତରେ ଏହି ସମ୍ବାଦ ବିଭିନ୍ନ ଲୋକଙ୍କ ମଧ୍ୟରେ ଖେଳିଗଲା । ମୁଁ ଯେତେବେଳେ ମା'ଙ୍କୁ ପଚାରିଲି, ''ମା କିଛି କହି ନାହାନ୍ତି କିନ୍ତୁ ଅତିମାନସ ଚେତନାର ଅବତରଣ ସମ୍ବାଦ ଚାରିଆଡ଼େ ପ୍ରଚାରିତ ହୋଇ ଗଲାଣି ।'' ମା ଆଦୌ ଆଶ୍ଚର୍ଯ୍ୟ ନହୋଇ କହିଲେ, ''ଆଃ !'' ତା'ପରେ ମାର୍ଚ୍ଚ ୨୯ ତାରିଖରେ ସମସ୍ତଙ୍କୁ ବିତରଣ କରାଯିବା ନିମନ୍ତେ ଆଶ୍ରମର ଜଣେ ଆର୍ଟିଷ୍ଟ 'ହିରଣ୍ମୟ ପୁରୁଷ' (Golden Purush) ନାମରେ ଗୋଟିଏ ପେଣ୍ଟିଙ୍ଗ୍ କରିଥିଲେ । ସେଥିରେ 'ଧ୍ୟାନ ଓ ପ୍ରାର୍ଥନା' (Prayers and Meditations)ର କିଛି ଅଂଶ ଉଦ୍ଧାର କରିଥିଲେ :

''ପ୍ରଭୁ ସଂକଳ୍ପ କରିଛନ୍ତି ଓ ତୁମେ ତାହା
କାର୍ଯ୍ୟକାରୀ କରୁଛ :
ଏକ ନୂତନ ଆଲୋକ ପୃଥିବୀପୃଷ୍ଠରେ ଫାଟି ପଡ଼ିବ
ଜନ୍ମ ନେବ ଏକ ନୂତନ ଜଗତ୍,
ଏବଂ ଯାହା ଘୋଷଣା କରାଯାଇଛି ତାହା ପୂରଣ ହେବ ।''

*(The Lord has willed and*
*Thou dost execute :*
*A new Light shall break upon the earth.*
*A new world shall be born,*
*And the things that were promised*
*shall be fulfilled.)*

ଏହି ଲେଖା ସହ ହିରଣ୍ମୟ ପୁରୁଷ ଚିତ୍ରକଳାର କପି ପ୍ରେସରୁ ଆସି ମା'ଙ୍କ ପାଖରେ ପହଞ୍ଚିଲା । ଆମେ ଚାରି, ପାଞ୍ଚ ଜଣ ସେଠାରେ ଉପସ୍ଥିତ ଥିଲୁ । ମା' ସେ କାଗଜକୁ ନେଇ ନିଜ ହାତରେ ପରିବର୍ତ୍ତନ କଲେ । ଯେଉଁଠି ଭବିଷ୍ୟତ୍ କାଳ ଥିଲା ତାକୁ ବର୍ତ୍ତମାନ କାଳରେ ପରିଣତ କଲେ । ସେ କାଗଜଟି ଏପର୍ଯ୍ୟନ୍ତ ସ୍ମୃତି ରୂପେ ମୋ ରୁମ୍‌ରେ ଅଛି । ମା ନିମ୍ନମତେ ସଂଶୋଧନ କରିଥିଲେ :

''ପ୍ରଭୁ, ତୁମେ ସଂକଳ୍ପ କରିଛ, ଏବଂ ମୁଁ ତାକୁ
କାର୍ଯ୍ୟକାରୀ କରିଛି :
ଏକ ନୂତନ ଆଲୋକ ପୃଥିବୀପୃଷ୍ଠରେ ଫାଟି ପଡ଼ୁଛି,
ଜନ୍ମ ନେଇଛି ଏକ ନୂତନ ଜଗତ୍ ।
ଯାହା ପ୍ରତିଶ୍ରୁତି ଦିଆଯାଇଥିଲା ତାହା ପୂର୍ଣ୍ଣ ହୋଇଛି ।''
(Lord, Thou hast willed, and I execute :
A new light breaks upon the earth,
A new world is born.
The things that were promised
are fulfilled.)

ଆମମାନଙ୍କ ପ୍ରଶ୍ନ ଲାଗି ଏହା ଥିଲା ତାଙ୍କର ଉତ୍ତର । ଶ୍ରୀମା ଶ୍ରୀଅରବିନ୍ଦ ଯେଉଁ ପ୍ରଧାନ ଉଦ୍ଦେଶ୍ୟ ନେଇ ପୃଥିବୀପୃଷ୍ଠରେ ଜନ୍ମ ହୋଇଥିଲେ ସେଇ ଉଦ୍ଦେଶ୍ୟ ପୂରଣ ପଥରେ ତଥା ପୃଥିବୀର ବିବର୍ତ୍ତନଗତ ଯାତ୍ରା ପଥରେ ଏହା ଥିଲା ଏକ ମାଇଲ ଖୁଣ୍ଟ ଭଳି ।

ତା'ପରର ପ୍ରଶ୍ନ ହେଉଛି ଏହାର ଫଳାଫଳ ନିମନ୍ତେ ଏହାକୁ କାର୍ଯ୍ୟକାରୀ କରାଇବା । ପ୍ରଧାନ କାର୍ଯ୍ୟ ଶେଷ ହୋଇଛି । ମା କହିଛନ୍ତି, ଥରେ ଅତିମାନସ ଚେତନା ପୃଥିବୀପୃଷ୍ଠରେ ପ୍ରତିଷ୍ଠିତ ହୋଇଗଲେ ତା' ପରବର୍ତ୍ତୀ କାର୍ଯ୍ୟକ୍ରମ ହେଉଛି ତାକୁ ଅଧିକରୁ ଅଧିକ ସମ୍ପ୍ରସାରିତ କରିବା ଯାହା ଫଳରେ ପୃଥିବୀ ଏହି ଚେତନାର ସ୍ପନ୍ଦନକୁ ଗ୍ରହଣ କରିବାରେ ଅଭ୍ୟସ୍ତ ହୋଇଯିବ । ୧୯୫୬ ମସିହାଠାରୁ ମା ସେହି କାର୍ଯ୍ୟ କରି ଆସୁଛନ୍ତି । (ମାଙ୍କର ମହାପ୍ରୟାଣ ପର୍ଯ୍ୟନ୍ତ) ଏହି ବିଗତ ୧୭ ବର୍ଷ ମଧ୍ୟରେ ପୃଥିବୀ ବାତାବରଣରେ ବହୁତ ପରିବର୍ତ୍ତନ ସଙ୍ଘଠିତ ହୋଇ ଚାଲିଛି ।

ସେହି ୧୯୫୬ରେ ମଧ୍ୟ ଆନ୍ତର୍ଜାତିକ କ୍ଷେତ୍ରରେ ଏହି ଅତିମାନସ ଚେତନା ଓ ଶକ୍ତିର ପ୍ରଭାବ ପରିଲକ୍ଷିତ ହୋଇଥିଲା । ନିକଟରେ ମୋର ଭାରତର ଜଣେ ପୁରୁଣା ରାଷ୍ଟ୍ରନେତାଙ୍କ ସହ ସାକ୍ଷାତ୍ ହୋଇଥିଲା । ସେ ମୋତେ କହିଲେ ଯେ କିପରି ବିଭିନ୍ନ ତଥ୍ୟ ଓ ତାଙ୍କ ନିଜର ଅନୁମାନକୁ ନେଇ ସେ ଆଶା କରୁଥିଲେ ଯେ ବ୍ରିଟେନ୍ ଓ ଫ୍ରାନ୍ସ ନଭେମ୍ବର ୯ ତାରିଖରେ ସୁଏଜ୍ କେନାଲ ଗଣ୍ଡଗୋଳ ନେଇ ଆକ୍ରମଣ ଆରମ୍ଭ କରିବେ । କିନ୍ତୁ ଏପରି କିଛି ଘଟିଲା ଯାହା ଫଳରେ ନଭେମ୍ବର ୨ ତାରିଖରେ ଆକ୍ରମଣ ଆରମ୍ଭ ହୋଇଗଲା । ସେ ଖୁବ୍ ବିଚଳିତ ହୋଇ ପଡ଼ିଲେ । ସେ ଯେତେବେଳେ ଆଶ୍ରମ ଆସିଥିଲେ ସେତେବେଳେ ଏ ବିଷୟ ମା'ଙ୍କୁ କହି ପଚାରିଲେ, ''ମୋର ଗଣନା କେବେ ବି ଭୁଲ୍ ହୋଇ ନାହିଁ, ଏଥର କାହିଁକି ଏପରି ଆଶ୍ଚର୍ଯ୍ୟଜନକ ଘଟଣା ଘଟିଲା ?'' ମା ଟିକିଏ ହସି କହିଲେ, ''ଏକଥା ସତ ଯେ ତୁମେ ସବୁ ବିଷୟ ଗଣନାରେ ନେଇଛ କେବଳ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ବାଦ୍ ଦେଇ ।'' ତା'ପରେ ସେ ମା'ଙ୍କୁ ସେ ବିଷୟଟି କ'ଣ ବୋଲି ପଚାରିବାରୁ ମା' କହିଲେ, ''ଯେଉଁ ନୂତନ ଶକ୍ତି ଅବତରଣ କରିଛି ତୁମେ ତାକୁ ଗଣନାରେ ନେଇ ନାହଁ ।'' ତା'ପରେ ସାଙ୍ଗେ ସାଙ୍ଗେ ସେ ଏହି ନୂତନ ପରିସ୍ଥିତି ସମ୍ପର୍କରେ ସଚେତନ ହୋଇ ଉଠିଲେ ।

୧୯୫୬ ମସିହାଠାରୁ ଏହି ଅତିମାନସ ଶକ୍ତିର ସଙ୍ଗତି ଓ ଐକ୍ୟର ପ୍ରଭାବ ଯୋଗୁଁ ଯେଉଁ ପରିସ୍ଥିତି ପୂର୍ବରୁ ସହଜରେ ପୃଥିବୀବ୍ୟାପୀ ମହାସମର ଘଟାଇ ପାରୁଥିଲା ତାହା ସେପରି ହେବାକୁ ସୁଯୋଗ ପାଉ ନାହିଁ । ଏକ ତୃତୀୟ ମହାସମର ଘଟିବା ଅସମ୍ଭବ । ସାମାନ୍ୟ ଖଣ୍ଡଯୁଦ୍ଧ, ଆଞ୍ଚଳିକ ସଂଘର୍ଷ ଅନ୍ୟ ଦେଶମାନଙ୍କରେ ଲାଗିପାରେ, କିନ୍ତୁ ପୃଥିବୀ ମହାସମର ଅସମ୍ଭବ । ମୂଳ ସତ୍ୟର ଐକ୍ୟ, ସଙ୍ଗତି ଓ ପ୍ରେମର ପ୍ରତିଷ୍ଠା ଫଳରେ ହିଂସା ଏବଂ ଯୁଦ୍ଧ ପଶ୍ଚାତରେ ଥିବା ଶକ୍ତିର ମୂଳଦୁଆକୁ ଭାଙ୍ଗି ଦିଆଯାଇଛି । ଏକ ନୂତନ ଧାରା ସୃଷ୍ଟି ହୋଇଛି ଯାହା ଆମମାନଙ୍କ ମନରେ ନିଶ୍ଚିତ ଧାରଣା ଦେଉଛି ଯେ ପୃଥିବୀ ଏକ ହେବା ଦିଗରେ ଗତି କରୁଛି । ଏ ତ କେବଳ ଗୋଟିଏ ଫଳାଫଳ, ଆହୁରି ଅନେକ ରହିଛି । ଅତିମାନସ ଅବତରଣର ବହୁତ ଫଳାଫଳ ରହିଛି – କେତେକ ସମଷ୍ଟିଗତ ସ୍ତରରେ କାର୍ଯ୍ୟକାରୀ ହେବ, କେତେକ ବ୍ୟକ୍ତିଗତ କ୍ଷେତ୍ରରେ କାର୍ଯ୍ୟକାରୀ ହେବ, କିନ୍ତୁ ସବୁକିଛି ସମନ୍ୱିତ ହେବ ।

ଅତିମାନସର ଅବତରଣ ଫଳରେ ମନକୁ ପୂର୍ଣ୍ଣତା ପ୍ରାପ୍ତ କରିବାକୁ ହେବ । ମନରେ ପ୍ରକାଶ ପାଇବ ଅଭ୍ରାନ୍ତ ଜ୍ଞାନ । ଏହି ଜ୍ଞାନ ସହ ତାଳ ଦେଇ ଚାଲିବା ନିମନ୍ତେ ଆବଶ୍ୟକ ଶକ୍ତି

ମଧ୍ୟ ହାସଲ କରିବାକୁ ହେବ, ମଣିଷର ପ୍ରକୃତି ପରିଣତ ହେବ ଦିବ୍ୟ-ପ୍ରକୃତିରେ, ତା'ପରେ ଯାଇ ରୂପାନ୍ତର କ୍ରିୟା ସମ୍ଭବ ହେବ । ଆହୁରି ମଧ୍ୟ ଭୌତିକ ଅଥବା ପାର୍ଥିବ ଅମରତ୍ୱର କଥା ରହିଛି । କିନ୍ତୁ ମନେ ରଖିବାକୁ ହେବ ଏସବୁ ଏକ କେନ୍ଦ୍ରୀୟ କ୍ରିୟାର ଫଳାଫଳ ମାତ୍ର, ଯେଉଁ କ୍ରିୟାକୁ କି ଧୀରେ ଧୀରେ କାର୍ଯ୍ୟକାରୀ କରିବାକୁ ହେବ । ମା କହୁଥିଲେ ଯେ ଥରେ ସେ କୁଆଡ଼େ ଶ୍ରୀଅରବିନ୍ଦଙ୍କୁ ପଚାରିଥିଲେ, ''ଅତିମାନସର ଅବତରଣ ପରେ ରୂପାନ୍ତର କ୍ରିୟା କେତେ ସମୟ ଆବଶ୍ୟକ କରିବ ?'' ଶ୍ରୀଅରବିନ୍ଦ ଉପରକୁ ଚାହିଁଲେ ଏବଂ ମା'ଙ୍କୁ କହିଲେ ''ପ୍ରାୟ ତିନିଶହ ବର୍ଷ ।'' ଏହା ଯେ ଠିକ୍ ତିନିଶହ ବର୍ଷ ତା' ନୁହେଁ, ଯେଉଁ ଦୀର୍ଘ ସମୟ ଏଥିଲାଗି ଦରକାର ଏ କେବଳ ତା'ର ସୂଚନା ମାତ୍ର । ଏଇ କଥା କହିବା ସମୟରେ ମା ଆହୁରି ମଧ୍ୟ କହିଲେ, ''ଶ୍ରୀଅରବିନ୍ଦ କହିଲେ ତିନିଶହ ବର୍ଷ, କିନ୍ତୁ ତୁମେମାନେ ଜାଣ ଭଗବତ୍ କୃପା ବୋଲି ଗୋଟିଏ ଜିନିଷ ଅଛି – କେତେବେଳେ କ'ଣ ଘଟିପାରେ ।'' କିନ୍ତୁ ମା'ଙ୍କ ମନରେ କିଛି ସନ୍ଦେହ ନଥିଲା । ସେ ଥିଲେ ଆଜନ୍ମ ଯୋଦ୍ଧା, ନିଶ୍ଚୟ କାର୍ଯ୍ୟଟି ହେବ ଏଇ ଅଟଳ ବିଶ୍ୱାସ ନେଇ ସେ ସବୁବେଳେ କାର୍ଯ୍ୟ କରୁଥିଲେ ।

ମାନବିକ ପ୍ରକୃତିକୁ ଦିବ୍ୟ-ପ୍ରକୃତିରେ ପରିଣତ କରିବା ଯାହାକି ଆମ ପକ୍ଷରେ ଏକ ଜୀବନବ୍ୟାପୀ କାର୍ଯ୍ୟକ୍ରମ – ସେ ପ୍ରଶ୍ନ ମା'ଙ୍କ ଲାଗି ନଥିଲା । କାରଣ ବିଗତ ପଚାଶ କିଂବା ଷାଠିଏ ବର୍ଷ ଧରି ସେ ଦେଖି ଆସୁଛନ୍ତି ତାଙ୍କର ମାନବିକ ଶରୀରର ଯନ୍ତ୍ରାବଳି ଦିବ୍ୟ-ପ୍ରକୃତି ଧାରଣ କରୁଛନ୍ତି । ତେଣୁ ପ୍ରକୃତି ପରିବର୍ତ୍ତନର ପ୍ରଶ୍ନ ଉଠୁ ନାହିଁ । ମା'ଙ୍କ ବ୍ୟାଖ୍ୟା ଅନୁସାରେ ସ୍ଥୂଳ ଶରୀରର ରୂପାନ୍ତର ଅର୍ଥ ପ୍ରତ୍ୟେକ କୋଷକୁ ପରିବର୍ତ୍ତନ ନିମନ୍ତେ ବୁଝାଇବା, ରାଜି କରାଇବା, ସେମାନଙ୍କୁ ରୂପାନ୍ତରକାରୀ ଶକ୍ତି ଦିଗରେ ଖୋଲି ଧରିବା; ଯେଉଁଠି ସେମାନେ ବାଧା ଦିଅନ୍ତି ସେ କ୍ଷେତ୍ରରେ ଶରୀରରେ ଯନ୍ତ୍ରଣା ଆକାରରେ ତାହା ପ୍ରକାଶ ପାଏ ଯାହାକୁ କି କୌଣସି ଔଷଧ ଆରୋଗ୍ୟ କରିପାରିବ ନାହିଁ – ତାକୁ କେବଳ ସହିବାକୁ ହେବ । ମଣିଷ ଶରୀର ମଧ୍ୟରେ କୋଟି କୋଟି କୋଷ ରହିଛି । ତେଣୁ ସେସବୁକୁ ପରିବର୍ତ୍ତନ କରିବା ଏକ ଦୁଃସାଧ୍ୟ, ଧୈର୍ଯ୍ୟପୂର୍ଣ୍ଣ କାର୍ଯ୍ୟ ଯାହାକି ସେ କରି ଚାଲିଥିଲେ । କେବଳ କୌଣସି ଅଲୌକିକ କ୍ରିୟାର ଆଶ୍ରୟ ନେବା ବ୍ୟତୀତ ଏହି ରୂପାନ୍ତର କାର୍ଯ୍ୟ ଯେ ଖୁବ୍ କମ୍ ବର୍ଷ ଭିତରେ ହୋଇପାରିବ ଏକଥା କେହି ଗୁରୁତ୍ୱର ସହ ଆଶା କରୁ ନଥିଲେ । କିନ୍ତୁ ମା'ଙ୍କର ଧାରା ଓ କାର୍ଯ୍ୟକ୍ରମ କେବେ ବି ଅଲୌକିକ କ୍ରିୟାକୁ ଆଶ୍ରୟ କରେ ନାହିଁ ।

ନିମ୍ନରେ ମା'ଙ୍କ ଶରୀରର ବିଭିନ୍ନ କୋଷଗୁଡ଼ିକର ରୂପାନ୍ତର ସଙ୍ଗେ ସଙ୍ଗେ ଉର୍ଦ୍ଧ୍ୱରୁ ମଧ୍ୟ କାର୍ଯ୍ୟ ଚାଲିଥିଲା । ଶ୍ରୀଅରବିନ୍ଦ ତାଙ୍କ ପ୍ରତିଶ୍ରୁତି ଅନୁଯାୟୀ କାର୍ଯ୍ୟ କରୁଥିଲେ । ଏକ ନୂତନ ଶରୀର, ଅତିମାନସ ଶରୀର ଗଠିତ ହେଉଥିଲା । ସେହି ଶରୀର ଥିଲା ଏହି ପୁରାତନ ଶରୀରର ରୂପାନ୍ତରର ଶେଷ ପରିଣତି । ପୁରାତନ ଶରୀରର ଅବସାନ ପରେ ସେଇଥିରେ ତାଙ୍କର ଆଶ୍ରୟ ଗ୍ରହଣ କରିବାର ଥିଲା । ସେଇ ନୂତନ ଶରୀର ସମ୍ବନ୍ଧରେ ସେ ''ପଥର ଟିପ୍ପଣୀ'' (Notes on the Way)ରେ ବର୍ଣ୍ଣନା କରିଛନ୍ତି । ସେହି ଶରୀର ଦେଖିବାକୁ କିପରି ତାହା ମଧ୍ୟ ସେ ବର୍ଣ୍ଣନା କରିଛନ୍ତି । ପ୍ରାୟ ବର୍ଷକ ପୂର୍ବେ ସେ ଜଣଙ୍କୁ କହୁଥିଲେ, ''ମୁଁ ଚେଷ୍ଟା କରୁଛି ଏହି ଭୌତିକ ଶରୀରକୁ ସେହି ନୂତନ ଶରୀର ମଧ୍ୟରେ ମିଳାଇ ଦେବାକୁ, କିନ୍ତୁ ମୁଁ ଏପର୍ଯ୍ୟନ୍ତ ତା'ର ଉପାୟ ପାଇ ନାହିଁ ।'' ସେ ପୁଣି କହିଲେ, ''ପୃଥିବୀରେ କେହି ଏ କାର୍ଯ୍ୟ କରିବାକୁ ଚେଷ୍ଟା କରି ନାହିଁ, ଏ କାର୍ଯ୍ୟର ରହସ୍ୟ ବି ମୋତେ ଜଣା ନାହିଁ ।'' ଏହି କାର୍ଯ୍ୟ ଲାଗି ସେ ଉର୍ଦ୍ଧ୍ୱରୁ ମଧ୍ୟ କୌଣସି ସାହାଯ୍ୟ ପାଉ ନଥିଲେ ବୋଲି କହୁଥିଲେ । ଏହି ସାହାଯ୍ୟ ସେ ଅନ୍ୱେଷଣ କରିବାରେ ଲାଗିଥିଲେ ।

ଆପଣମାନଙ୍କ ମନରେ ଦୃଢ଼ ପ୍ରତ୍ୟୟ ଜନ୍ମାଇବା ଲାଗି ଗୋଟିଏ ଘଟଣା ଏଠାରେ ଉଲ୍ଲେଖ କରୁଛି । ଥରେ ମୋ ମନରେ ଏକ ଆକସ୍ମିକ ଝଲକ ରୂପେ ଏହି କଥାଟି ଆସିଲା ଯେ ମା'ଙ୍କର ସେହି ଜ୍ୟୋତିର୍ମୟ ଶରୀରଟି ପ୍ରସ୍ତୁତ ହେବା ସଙ୍ଗେ ସଙ୍ଗେ ସେ ମୃତ୍ୟୁବରଣ ନକରି ତା' ମଧ୍ୟକୁ ଚାଲିଯିବେ । 'ଏଠାରେ ମୃତ୍ୟୁବରଣ ନକରିବା' ଶରୀର ଅର୍ଥରେ କୁହାଯାଇ ନାହିଁ । ଶରୀର ମୃତ୍ୟୁବରଣ କରିବ; କିନ୍ତୁ ଚେତନା ଅବିଚ୍ଛିନ୍ନ ରହିବ, ନିଜ ବ୍ୟକ୍ତିତ୍ୱକୁ ସମ୍ପୂର୍ଣ୍ଣ ବଜାୟ ରଖି ମା ତାଙ୍କର ସେହି ଜ୍ୟୋତିର୍ମୟ ଶରୀର ମଧ୍ୟକୁ ଚାଲିଯିବେ । ଏ ବିଷୟ ମୋ ମନକୁ ଏକ ଝଲକ ରୂପେ ଆସିଲା ଓ ଏହା ଯେଉଁଭଳି ଭାବରେ ଆସିଲା ତାହା ଏକ ଧାରଣା ଭଳି ନୁହେଁ, ମୁଁ ଆସି ସଙ୍ଗେ ସଙ୍ଗେ ମୋର ଡାଏରିରେ ତାହା ଲେଖିଦେଲି । ତା'ପର ଦିନ ୧୯୭୩ ଜୁଲାଇ ୨୪ ତାରିଖରେ ସେ ଲେଖାକୁ ଦେଖିଲି । ଅନ୍ୟମାନଙ୍କୁ କାହାକୁ ବିଶେଷ ଏକଥା କହିବାକୁ ମୁଁ ଉଚିତ ମନେ କଲି ନାହିଁ । କେବଳ ମୋ ସହିତ ଯେଉଁମାନେ ଅତି ଘନିଷ୍ଠଭାବେ

ସମ୍ପୃକ୍ତ ସେଇମାନଙ୍କୁ କହିଥିଲି । ତା'ପରେ ଏଠାକାର ଜଣେ ବନ୍ଧୁ ମୋ ପାଖକୁ ଆସି ପଚାରିଲେ, ''ମା'ଙ୍କ ସମ୍ବନ୍ଧେ ପ୍ରଶ୍ନୋତ୍ତରରେ ଆପଣଙ୍କ ମୁହଁରୁ ସେଦିନ ସେପରି ଭିନ୍ନ ପ୍ରକାର କଥା କାହିଁକି ଶୁଣିଲି ?'' ମୁଁ ଜାଣିପାରିଲି ନାହିଁ ତାଙ୍କୁ କ'ଣ ଉତ୍ତର ଦେବି, ତେବେ ମୋର ମନ କିପରି କାର୍ଯ୍ୟ କରିଥିଲା ସେତିକି କହିଲି ।

ତା'ପରେ ନଭେମ୍ବର ୧୭ ତାରିଖ ସକାଳ ୯ଟା ସମୟରେ ମୋର ଜଣେ ବନ୍ଧୁଙ୍କ ସହ ସାକ୍ଷାତ୍ ହେଲା । ଗୁହ୍ୟ ଅଭିଜ୍ଞତା ଓ ଗୁହ୍ୟ ଜ୍ଞାନରେ ତାଙ୍କର କିଛି ଦଖଲ ଅଛି । ସାଧାରଣତଃ ଆମର ଯେତେବେଳେ ପରସ୍ପର ସହ ସାକ୍ଷାତ୍ ହୁଏ ସେତେବେଳେ ଆମେ ସେହି ଗୁହ୍ୟ ଅଭିଜ୍ଞତା ସମ୍ବନ୍ଧେ କଥାବାର୍ତ୍ତା ହୋଇଥାଉ । ସେଦିନ ସେ ମୋତେ କହିଲେ, ''ମୁଁ ମା'ଙ୍କର ଜ୍ୟୋତିର୍ମୟ ଶରୀର ଦେଖିଛି ।'' ଏକଥା ଶୁଣି ମୁଁ ଆଗ୍ରହୀ ହୋଇଉଠିଲି । ସେ ପୁଣି କହିଲେ, ''ମା'ଙ୍କର ନୂତନ ଶରୀର ଆଲୋକରେ ପୂର୍ଣ୍ଣ କିନ୍ତୁ ପୃଥିବୀ ବାତାବରଣରେ କାର୍ଯ୍ୟ କରିବା ପାଇଁ ଏହା ଯଥେଷ୍ଟ ପରିମାଣରେ ଘନତ୍ୱ ପ୍ରାପ୍ତ ହୋଇ ନାହିଁ । ସେହି ଶରୀରକୁ ଦେଖି ମୋର ଏହି ବୋଧ ଆସିଲା ଯେ ପୃଥିବୀ ବାତାବରଣରେ ତିଷ୍ଠି ରହିବା ପାଇଁ ଓ କାର୍ଯ୍ୟ କରିବା ପାଇଁ ସେହି ଶରୀର ଯଥେଷ୍ଟ ପରିମାଣରେ ଘନତ୍ୱ ପ୍ରାପ୍ତ ହେଲେ ମା' ସେ ଶରୀର ମଧ୍ୟରେ ପ୍ରବେଶ କରିବେ, ତାହା ଦୃଶ୍ୟମାନ ହେଉ ବା ଅଦୃଶ୍ୟ ହେଉ । କିନ୍ତୁ ଭୌତିକ ଶରୀରର ପୁନର୍ଜୀବନ ପ୍ରାପ୍ତିର ପ୍ରଶ୍ନ ଉଠୁ ନାହିଁ ।'' ସେ ଆହୁରି ମଧ୍ୟ କହିଲେ, ''ମା'ଙ୍କ ଚାରିପଟେ ଥିବା ଜ୍ୟୋତିଃର ବଳୟକୁ ଯେଉଁମାନେ ଦେଖିପାରନ୍ତି ସେମାନେ ସେହି ଜ୍ୟୋତିର୍ମୟ ଶରୀରକୁ ଦେଖି ପାରିବେ ।'' ଚାରି ମାସ ପୂର୍ବେ ଯାହା ମୁଁ ଦେଖିଥିଲି ଏହା ତାକୁ ଆହୁରି ସୁଦୃଢ଼ କରିଦେଲା ।

ସେହିଦିନ ସନ୍ଧ୍ୟା ୭.୨୫ ମିନିଟରେ ଆପଣମାନେ ଜାଣନ୍ତି ମା ଶରୀରତ୍ୟାଗ କଲେ । କୁହାଯାଏ ତାଙ୍କ ଶରୀରତ୍ୟାଗର କାରଣ ଥିଲା ହୃଦ୍‌ଯନ୍ତ୍ର କ୍ରିୟା ବନ୍ଦ ହୋଇଯିବା, କିନ୍ତୁ ମୁଁ ଆପଣମାନଙ୍କୁ କହୁଛି ହୃଦ୍‌ଯନ୍ତ୍ର କ୍ରିୟା ବନ୍ଦ ହେବା କାରଣ ନଥିଲା ବରଂ ଶରୀରତ୍ୟାଗର ଏହା ଥିଲା ପରିଣତି । ସେ ସ୍ଥିର କରି ସାରିଥିଲେ, ଯେଉଁ ମୁହୂର୍ତ୍ତରେ ଅନ୍ୟ ଶରୀରଟି ପ୍ରସ୍ତୁତ ହୋଇଗଲା ସେ ତା' ମଧ୍ୟକୁ ଚାଲିଗଲେ ।

ମା' ମୃତ୍ୟୁବରଣ କରି ନାହାନ୍ତି, ସେ କେବଳ ତାଙ୍କ ଶରୀର ପରିବର୍ତ୍ତନ କରିଛନ୍ତି । ଗୀତାରେ ବର୍ଣ୍ଣିତ ଆତ୍ମା ଯେପରି ଶରୀର ପରିବର୍ତ୍ତନ କରେ ସେପରି ନୁହେଁ, କିନ୍ତୁ ସଚେତନ ଭାବେ ତାଙ୍କ ପୂର୍ଣ୍ଣ ବ୍ୟକ୍ତିତ୍ୱ ରକ୍ଷା କରି ସେ ସେହି ଶରୀର ମଧ୍ୟକୁ ଚାଲିଗଲେ । ସେ ଦିନର ମୋର ଅଭିଜ୍ଞତା ଅନୁଯାୟୀ ମା' ସେହି ନୂତନ ଶରୀର ମଧ୍ୟରେ ଥାଇ ତାଙ୍କ ପ୍ରତି ଉନ୍ମୁକ୍ତ ତାଙ୍କର ଯନ୍ତ୍ରମାନଙ୍କ ଦ୍ୱାରା ଅତିମାନସର ଅବତରଣଜନିତ ପରିଣାମକୁ ତ୍ୱରାନ୍ୱିତ କରିବେ । କିନ୍ତୁ ଏଣିକି ମା'ଙ୍କର କାର୍ଯ୍ୟ ଆଶ୍ରମ କିଂବା ଅରୋଭିଲ୍‌ରେ ସୀମାବଦ୍ଧ ରହିବ ନାହିଁ, ସମଗ୍ର ପୃଥିବୀ ହେବ ତାଙ୍କର ଆଶ୍ରମ । ପୂର୍ବଦିନ ରେଡ଼ିଓରେ ମୁଁ ଯାହା କହିଥିଲି, ''ମା ଯେଉଁ ଦିବ୍ୟପ୍ରେମର ସାଗର ଥିଲେ ତାହା ବର୍ତ୍ତମାନ ମହାସାଗର ରୂପରେ ଉଦ୍‌ବେଳିତ''; ଏକଥା ଏକ ଧାରଣା କିଂବା କଳ୍ପନା ନୁହେଁ, ବରଂ ଏକ ଅଭିଜ୍ଞତା ।

ମୁଁ ଏ ସମ୍ବନ୍ଧେ ନିଶ୍ଚିତ ଯେ ଆପଣମାନେ ସମସ୍ତେ ମା'ଙ୍କର ଉପସ୍ଥିତି ଅନୁଭବ କରି ପାରୁଥିବେ । ତାଙ୍କର ଉପସ୍ଥିତି ଯେପରି ଅନୁଭୂତ ହେଉଛି ଅନ୍ୟ କୌଣସି ମୃତ ବ୍ୟକ୍ତିଙ୍କର ସେପରି ହୋଇପାରିବ ନାହିଁ । ଆଶ୍ରମ ବାତାବରଣରେ ଆପଣମାନେ କୌଣସି ଆତଙ୍କ ଅନୁଭବ କରୁଛନ୍ତି କି ? ଦୁଇ ହଜାର ଲୋକ ତାଙ୍କର ନେତାଙ୍କୁ ହରାଇ ଯେଉଁ ଶାନ୍ତି ଓ ସ୍ଥିରତା ଅନୁଭବ କରୁଛନ୍ତି ତାହା ଆପଣମାନେ କଳ୍ପନା କରିପାରୁଛନ୍ତି ତ ? ଦୁଃଖର ଚିହ୍ନ ଅଛି କି ? ତଥାପି ସ୍ଥୂଳ ବିଚ୍ଛେଦର କିଛିଟା ଯନ୍ତ୍ରଣା ରହିଛି, କିନ୍ତୁ ସେ ତ ସବୁବେଳେ ଉପସ୍ଥିତ ଅଛନ୍ତି । ହଜାର ହଜାର ଭକ୍ତ ଯେଉଁମାନେ ମା'ଙ୍କ ଶରୀରତ୍ୟାଗ ପରେ ଦର୍ଶନ ଲାଗି ଆସିଥିଲେ ସେମାନେ କହୁଥିଲେ : ''ଆମେମାନେ ଅତିଶୟ ଦୁଃଖ ଓ ଅବସାଦଗ୍ରସ୍ତ ହୋଇ ପଡ଼ିଥିଲୁ, ଆମେ ଜାଣିପାରିଲୁ ନାହିଁ କ'ଣ କରିବାକୁ ହେବ । ଯାହା ପାଇଲୁ – ଉଡ଼ାଜାହାଜ, ଟ୍ରେନ୍, ବସ୍, କାର୍ – କିଛି ବିଚାର ନକରି ସେଥିରେ ପଳାଇ ଆସିଲୁ ।'' ସେମାନେ କହନ୍ତି ଯେ ସେମାନେ ଏଠାରେ ପହଞ୍ଚିବାର ଅଧ ଘଣ୍ଟାଏ କିଂବା ଘଣ୍ଟାଏ ପରେ ସେମାନଙ୍କର ଦୁଃଖ ପୋଛି ହୋଇଯାଇଛି । ସେମାନେ ଭାବିଲେ ଯେ ସେମାନଙ୍କର ଆସିବା ସାର୍ଥକ ହୋଇଛି । ମା କୁଆଡ଼େ ଯାଇ ନାହାନ୍ତି, ଏଠାରେ ଅଛନ୍ତି । 'ସେ ଏଠାରେ ଅଛନ୍ତି' ଅର୍ଥ ଏଇ ପୃଥିବୀରେ ଅଛନ୍ତି ।

ମା' ଆମମାନଙ୍କୁ ଏ ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି ଯେ ଶ୍ରୀଅରବିନ୍ଦ ସୂକ୍ଷ୍ମ ଭୌତିକ ଜଗତରେ ତାଙ୍କ ଅତିମାନସ ଶରୀରରେ ରହିଛନ୍ତି ଓ ପୃଥିବୀରେ ଅଭିବ୍ୟକ୍ତ ହେବା ନିମନ୍ତେ ଅନୁକୂଳ ଅବସ୍ଥାକୁ ଅପେକ୍ଷା କରି ରହିଛନ୍ତି । ଆମେ ଜାଣିନୁ

ସେସମୟ କେତେବେଳେ ଆସିବ । ପୃଥିବୀ ଉପାଦାନ ପରିବର୍ତ୍ତନ ନହେଲେ ସେ ଶରୀର ଏଠାରେ କାର୍ଯ୍ୟ କରିପାରିବ ନାହିଁ । ମା ଯେଉଁ ନୂତନ ଶରୀର ଗ୍ରହଣ କରିଛନ୍ତି ତାହା ପୃଥିବୀର ନିକଟତର । ସୂକ୍ଷ୍ମଭୌତିକ ଜଗତରେ ଶ୍ରୀଅରବିନ୍ଦଙ୍କ ଅତିମାନସ ଶରୀର ଓ ଏହି ପାର୍ଥିବ ଜଗତ୍ ମଧ୍ୟରେ ମା ଏକ ସେତୁ ହେବାକୁ ଯାଉଛନ୍ତି । ଶ୍ରୀଅରବିନ୍ଦ ସାବିତ୍ରୀରେ ମା'ଙ୍କ ସମ୍ବନ୍ଧେ କହିଛନ୍ତି :

ସ୍ୱର୍ଣ୍ଣମୟ ସେତୁ ସିଏ ଅଦ୍ଭୁତ ବହ୍ନି ।

(She is the golden bridge, the wonderful fire.)

ଆମେମାନେ ଯେଉଁମାନେ ତାଙ୍କ ପ୍ରତି ବିଶ୍ୱସ୍ତ, ତାଙ୍କରି ଲକ୍ଷ୍ୟ ପୂରଣ ନିମିତ୍ତ ଓ ଆମଠାରୁ ଯେଉଁ ପୂର୍ଣ୍ଣତା ସେ ଚାହୁଁଛନ୍ତି ତାକୁ ହାସଲ କରିବା ନିମିତ୍ତ ଜୀବନର ପ୍ରତିଟି ମୁହୂର୍ତ୍ତ ଉତ୍ସର୍ଗ କରିବାକୁ ସଂକଳ୍ପବଦ୍ଧ ସେଇମାନଙ୍କ ପାଇଁ ଊର୍ଦ୍ଧ୍ୱରୁ ଯାହାକିଛି ଆସିବ ତା'ରି ସେ ସେତୁ ରୂପେ କାର୍ଯ୍ୟ କରୁଛନ୍ତି । ସେ ଆମମାନଙ୍କ ପାଇଁ ଯାହା କରିଛନ୍ତି ସେଥିନିମନ୍ତେ କୃତଜ୍ଞତା ଜଣାଇବାର ଏକମାତ୍ର ଉପାୟ ହେଉଛି ଆମେ ଆମର ନିଜ ନିଜ ଧାରା ଅନୁଯାୟୀ ତାଙ୍କୁହିଁ ଆମମାନଙ୍କ ମଧ୍ୟରେ ଜୀବନ୍ତ, ଜାଗ୍ରତ୍ ରଖି ଆମର ସତ୍ତାରେ ପ୍ରକାଶିତ ହେବାକୁ ଦେବା ।

ସମଗ୍ର ପୃଥିବୀକୁ ଆଚ୍ଛାଦନ କରି ସେ ଅଛନ୍ତି । ଯେଉଁମାନଙ୍କର ତାଙ୍କ ପ୍ରତି ଉନ୍ମୀଳନ, ପ୍ରେମ ଓ ଭକ୍ତି ରହିଛି, ବନ୍ୟା ଭଳି ସେମାନଙ୍କ ମଧ୍ୟକୁ ତାଙ୍କର ଚେତନା, ପ୍ରେମ ଓ ଶକ୍ତି ପ୍ରବେଶ କରୁଛି । ସେଇ ସମ୍ପର୍କ ବଜାୟ ରଖନ୍ତୁ ଓ ତାଙ୍କ ନିମନ୍ତେ ଏକ ପ୍ରେମପୂର୍ଣ୍ଣ ଭାବ ପୋଷଣ କରନ୍ତୁ । କୃତଜ୍ଞତାଭରା ଆନନ୍ଦର ସହ ତାଙ୍କର ଚେତନା ମଧ୍ୟରେ ବାସ କରନ୍ତୁ । ତାଙ୍କ ପାଇଁ ମୃତ୍ୟୁ ନାହିଁ ।

ମୋର ମନେପଡ଼େ ଏହି ୧୯୭୩ ମସିହା ଫେବ୍ରୁଆରୀ ୨୧ ତାରିଖ ମା'ଙ୍କ ଜନ୍ମ ଦିନରେ ଯେତେବେଳେ ମୁଁ ତାଙ୍କୁ ସାକ୍ଷାତ୍ କରିଥିଲି ସେତେବେଳେ ସ୍ୱତଃସ୍ଫୂର୍ତ୍ତ ଭାବରେ ମୁଁ ତାଙ୍କୁ କହି ପକାଇଥିଲି, ''ଯଦି ମୋର ଜୀବନ ବିନିମୟରେ ତୁମର ଭୌତିକ ପରମାୟୁ ଗୋଟିଏ ଦିନ ବି ବଢ଼ି ଯାଇପାରେ ତେବେ ଅନୁଗ୍ରହ କରି ଏ ଜୀବନ ଗ୍ରହଣ କରନ୍ତୁ ।'' ସେ କିଛି ସମୟ ଆନ୍ତର ଚେତନା ଭିତରକୁ ଚାଲିଗଲେ ଓ ମୋର ହାତକୁ ଧରି କହିଲେ, ''ଜୀବନ ଚିରନ୍ତନ'' ।

ସେ ଶାଶ୍ୱତ ମଧ୍ୟରେ ବାସ କରୁଥିଲେ । ସେ କେବଳ ପାର୍ଥିବ ସ୍ଥାନ, କାଳ ମଧ୍ୟରେ ଆବଦ୍ଧ ନଥିଲେ । ତାଙ୍କର ଜୀବନ ଓ କର୍ମ ନିମନ୍ତେ ସବୁବେଳେ ରହିଥିଲା ଏକ ଭିନ୍ନ ପରିସୀମା । ମୋ ଭଳି ଅନ୍ୟ ଜଣେ କର୍ମୀଙ୍କୁ ସେ ଥରେ କହୁଥିଲେ, ''ଯଦି ମୁଁ ବର୍ତ୍ତମାନ କିଛି କୁହେ ତେବେ ଅନୁଗ୍ରହ କରି ସେଇ କଥାକୁ ଅଧଘଣ୍ଟାଏ ପରେ ଯେପରି ମୋ ବିରୋଧରେ ଉଦ୍ଧାର ନକର, କାରଣ ସେଇ ଅଧଘଣ୍ଟାଏ ଭିତରେ ମୁଁ ୫୦୦ ମାଇଲ ଆଗକୁ ଚାଲି ଯାଇଥିବି'' । ଏକଥା ବହୁ ବର୍ଷ ପୂର୍ବର କଥା । ତାଙ୍କ ଯଥାର୍ଥ ବ୍ୟକ୍ତିତ୍ୱର କିଛି କିଛି ଆଭାସ ସେ ଏଇ ରୂପେ ଆମକୁ ଦେଇଥିଲେ । ଥରେ ଜଣେ ବ୍ୟକ୍ତି ତାଙ୍କ ସହ କଥାବାର୍ତ୍ତା କରୁଥିଲେ, ସେଇ ସମୟରେ ମୁଁ ସେଠାରେ ଉପସ୍ଥିତ ଥିଲି । ସେ ତାଙ୍କୁ କହୁଥିଲେ, ''ତୁମେ କ'ଣ ଦେଖିପାରୁନା ଯେ ମୋର ଯେଉଁ ଅଂଶଟି ଏଇ ବିଶ୍ୱର ଅନ୍ତର୍ଗତ କେବଳ ସେଇ ଅଂଶଟି ଏଠାରେ ଅଛି'' !

ଏଇସବୁ କଥାରୁ ଆପଣମାନେ ସହଜରେ ଜାଣି ପାରୁଥିବେ ତାଙ୍କର ଅତିଭୌତିକ ଦିଗ ସମ୍ବନ୍ଧେ । ମୋର ସେ ସମ୍ବନ୍ଧେ ବିଶେଷ କିଛି କହିବା ଆବଶ୍ୟକ ନାହିଁ । ଆପଣମାନଙ୍କର ସମସ୍ତଙ୍କର ତାଙ୍କ ଉପରେ ବିଶ୍ୱାସ ଓ ଭରସା ଅଛି; ତେଣୁ ଆପଣମାନଙ୍କ ଆଗରେ କିଛି ପ୍ରମାଣ କରି ବୁଝାଇବା ଲାଗି ମୁଁ ଏହା କହୁ ନାହିଁ, କେବଳ ଆପଣମାନେ ଏକଥା ଶୁଣିବାକୁ ଭଲ ପାଇବେ ବୋଲି କହୁଛି । ...

... ଯିଏ ମା'ଙ୍କୁ ଓ ମା'ଙ୍କର ବ୍ୟକ୍ତିତ୍ୱକୁ ବୁଝିପାରିଛି ତା' ପାଇଁ କୌଣସି ସମସ୍ୟା ନାହିଁ । ଏ ଆଦର୍ଶ ମହାନ୍, ମହାନ୍ ଏହାର ଗୁରୁ । ସଫଳତା, ବିଫଳତାର ପ୍ରଶ୍ନ ଏଠି ଉଠୁ ନାହିଁ, ଯେଉଁ ବିଧିନିର୍ଦ୍ଦିଷ୍ଟ କାର୍ଯ୍ୟ ସେମାନେ କରିବାକୁ ଆସିଥିଲେ ତାହା କଲେ । ଗତ କିଛି ବର୍ଷ ଧରି ଏହି ଆଦର୍ଶ ପୃଥିବୀ ସାରା ବ୍ୟାପିବାରେ ଲାଗିଛି ଓ ଏହା ନିରବଚ୍ଛିନ୍ନ ଭାବେ ବ୍ୟାପିବାରେ ଲାଗି ରହିବ । ଆମମାନଙ୍କ ପ୍ରତ୍ୟେକଙ୍କର ରହିଛି ଏକ କର୍ତ୍ତବ୍ୟ । ତାହା ହେଉଛି ପୂର୍ଣ୍ଣାଙ୍ଗ ଜୀବନର ମହାନ୍ ଆଦର୍ଶ, ମାନବଜୀବନକୁ ଦିବ୍ୟ-ଜୀବନରେ ରୂପାନ୍ତର, ଆମର ବିକାଶପ୍ରାପ୍ତ ଅଂଶ ତାହା ଯେତେ କ୍ଷୁଦ୍ର ହେଉ ପଛେ ସେଥିରେ ସତ୍ୟ ଚେତନାର ଅଭିବ୍ୟକ୍ତି ଆଦି ଉଦ୍ଦେଶ୍ୟକୁ କାର୍ଯ୍ୟକାରୀ କରିବା । ବର୍ତ୍ତମାନ ମୁହୂର୍ତ୍ତରେ ଆଉ ଅଧିକ କିଛି ମୁଁ କହୁ ନାହିଁ ।

(The Mother's Service Society ପତ୍ରିକାର Service Letter No. 13ରୁ ଅନୂଦିତ) ✥

# ଆତ୍ମାର ଅସୀମତା

## ଶ୍ରୀଅରବିନ୍ଦ

କାଳର ସୃଷ୍ଟି ପୂର୍ବରୁ ମୁଁ ଯାହା ଥିଲି ହୋଇଅଛି ତାହା ।
ଗୋପନ ପରଶେ ଏକ ପ୍ରସମିତ ଚିନ୍ତା, ସମ୍ବେଦନ :
ପ୍ରତିନିଧି ମାନସର ସରଜନା ଯହିଁ ଅଛି ଯାହା
ମହାଶୂନ୍ୟେ ମୌନ ମହିମାରେ ସେ ସକଳ ହୁଏ ନିମଗନ ।

ସ୍ତବ୍ଧତାର ଜୀବନ ମୋ ସଂକଳିତ କାଳାତୀତ ହାତେ;
ନିମଜ୍ଜିତ ଜଗତଟା ମୃତ୍ୟୁହୀନ ଅବଲୋକନରେ ।
ପରିଧାନୁ ନଗ୍ନ ହୋଇ ଆତ୍ମା ମୋର ବିରାଜେ ସାକ୍ଷାତେ;
ଏକାକୀ ମୁଁ ଥାଏ ମୋର ଆତ୍ମରୂପ ଶୂନ୍ୟ ଗହଣରେ ।

କେନ୍ଦ୍ର ଏକ ଆନନ୍ତ୍ୟର ହୋଇଅଛି ଅନ୍ତର ମୋହର,
ଦେହ ମୋର ବିନ୍ଦୁ ଏକ ସୁବିଶାଳ ଆତ୍ମାର ପ୍ରସାରେ ।
ନିମ୍ନେ ମୋର ଜାଗିଉଠେ ରସାତଳ ସର୍ବ-ସତ୍ତାଙ୍କର,
ଏକଦା ଯା' ରହିଥିଲା ଅତିକାୟ ଅବିଦ୍ୟା ଉହାଡ଼େ ।

ଅମଳ ଓ ଅନାବୃତ ଅନିମେଷ ଏକ ବୃହଉର୍ଦ୍ଧ୍ୱ,
ଶାଶ୍ୱତ, ଅବଧି ମୁହିଁ ସର୍ବସ୍ଥାନେ ହୁଏ ବିସ୍ତାରିତ ।

[ଶ୍ରୀଅରବିନ୍ଦଙ୍କ ରଚିତ **'The Self's Infinity'**
କବିତାର ଭାଷାନ୍ତର]
ଅନୁବାଦ : ଶ୍ରୀ ରବୀନ୍ଦ୍ର କୁମାର ପାଢ଼ୀ ✤



# ସୂର୍ଯ୍ୟୋଦୟ ଦ୍ୱାରା ସମ୍ଭବ ନୁହେଁ ଯେଉଁ ଅନ୍ଧକାରର ଅବସାନ

## ଶ୍ରୀ ମନୋଜ ଦାସ

ଭବିଷ୍ୟତ୍ ଦୁଇ ପ୍ରକାର । ଗୋଟିଏ ସ୍ୱୟଂଚାଳିତ – ତୁଚ୍ଛା ସମୟର ହିସାବ ସମ୍ବଳିତ କାଳର ନାମ । ସେଭଳି ହିସାବ ଅନୁସାରେ ବିଂଶ ପରେ ଏକବିଂଶ ଶତାବ୍ଦୀ ଆସିବହିଁ ଆସିବ, ଯେମିତି ୧୯୯୭ ପରେ ୧୯୯୮ ଅନିବାର୍ଯ୍ୟ ଭାବରେ ଆସିଯାଉଛି । କିନ୍ତୁ ଦ୍ୱିତୀୟ ଅର୍ଥରେ ଭବିଷ୍ୟତ୍ ଏକ ନୂତନ ସମୟର ଚମକ । ଖୁବ୍ ସହଜ, ସରଳ ଭାଷାରେ କହିଲେ, 'ବର୍ତ୍ତମାନ' ଆମେ ଯେଉଁସବୁ ଅପୂର୍ଣ୍ଣତା ଅନୁଭବ କରୁଛୁ, ସେସବୁ ଅନାଗତ କାଳରେ ଦୂରୀଭୂତ ହୋଇଥିବ ବୋଲି ଆମେ କଳ୍ପନା କରୁ । ଯେଉଁସବୁ ଗୁଣ ଏବଂ ଉପାଦାନ ଆମଠି ଅଥବା ଆମ ସମାଜଠି ଥିଲେ ଆମେ ତୃପ୍ତ ବା ସୁଖୀ ହୋଇ ପାରନ୍ତୁ, ସେସବୁର ସମାହାରରେ ଭବିଷ୍ୟତରେ ଏକ ପୂର୍ଣ୍ଣାଙ୍ଗ ମାନବଜାତି ସମ୍ଭବ ହେବ ବୋଲି ଆମେ ଆଶା କରୁ । କେତେବେଳେ 'ୟୁଟୋପିଆ', କେତେବେଳେ ବା 'ଏଲ୍‌ଡ଼ୋରାଡ଼ୋ' ଭାବରେ ଆମେ ତା'ର ସ୍ୱପ୍ନ ଦେଖିଚାଲୁ ।

ଏକଦା ପାଶ୍ଚାତ୍ୟ ଭୂଖଣ୍ଡର ବହୁ ଅଞ୍ଚଳର ଲୋକେ ଉଡ଼ନ୍ତା ଥାଳିଆ (Flying Saucer) ଦେଖିବାର ଶୁଣାଗଲା । ରାତିରେ ଗୋଟାଏ ଉଜ୍ଜ୍ୱଳ ଚକ୍ରାକାର ବସ୍ତୁ ଆକାଶରେ ଦେଖାଦେଇ କିୟତ୍‌କ୍ଷଣ ଗତି କରି ଅଦୃଶ୍ୟ ହୋଇଯାଏ । ଅନେକେ ମନେ କଲେ କୌଣସି ଏକ ସୁଦୂର ଗ୍ରହର ପ୍ରାଣୀମାନେ ଏକ ଯାନ ଯୋଗେ ଆସି ଆମ ପୃଥିବୀ ଅନୁଧ୍ୟାନ କରି ଲେଉଟି ଯାଉଛନ୍ତି । ସେମାନଙ୍କ ଅବତରଣ ପାଇଁ ଏ ପୃଥିବୀ କେତେଦୂର ଯୋଗ୍ୟ, ସେମାନେ ହୁଏତ ତାହାହିଁ ବିଚାରୁଛନ୍ତି ।

ଉପର୍ଯ୍ୟୁପରି ବହୁ ବ୍ୟକ୍ତି ଏଭଳି ଦୃଶ୍ୟ ଦେଖିବାର ତାତ୍ପର୍ଯ୍ୟ କ'ଣ ? ଏ ପ୍ରଶ୍ନର ଉତ୍ତରରେ ପ୍ରଖ୍ୟାତ ମନସ୍ତତ୍ତ୍ୱବିତ୍ କାର୍ଲ ଗୁସ୍ତାଭ୍ ୟୁମ୍ (C. J. Jung) ଲେଖିଲେ – ''ପୃଥିବୀର ପରିସ୍ଥିତିରେ ଆମର ହତାଶା, ଏ ପରିସ୍ଥିତିକୁ ବଦଳାଇବା ଦିଗରେ ଆମ ନିଜ ଅକ୍ଷମତା-ଜନିତ ସାମୂହିକ ଅବଚେତନ ଭିତରୁ ଏ ଦୃଶ୍ୟର ଉତ୍ପତ୍ତି । ଗ୍ରହାନ୍ତରରୁ ଆକସ୍ମିକ ଭାବରେ କୌଣସି ଶକ୍ତି ଆସି ଆମ ଅବସ୍ଥା ବଦଳାଇ ଦେବ, ଏହା ପଛରେ ରହିଛି ଏହିଭଳି ସାମୂହିକ ଆକାଂକ୍ଷା ।''

ଭାରତ ସରକାରଙ୍କ ଶିକ୍ଷା ବିଭାଗ ଅନ୍ତର୍ଭୁକ୍ତ ଏକ ପ୍ରତିଷ୍ଠାନ ହେଲା ଜାତୀୟ ୟୁନେସ୍କୋ କମିସନ । ଉକ୍ତ କମିସନ ଏ ଲେଖକକୁ 'ଶିକ୍ଷା ଏବଂ ମାନବଜାତିର ଭବିଷ୍ୟତ୍' ଉପରେ ଏକ ବକ୍ତୃତା ଦେବା ନିମନ୍ତେ ନିମନ୍ତ୍ରଣ କରିଥିଲେ । ୧୯୯୭ ଡିସେମ୍ବର ୮ ତାରିଖ ଦିନ ସନ୍ଧ୍ୟାରେ ଦିଲ୍ଲୀର ଜାତୀୟ ଯାଦୁଘର ପ୍ରେକ୍ଷାଳୟରେ କେନ୍ଦ୍ର ଶିକ୍ଷା ସଚିବ ତଥା ଉକ୍ତ କମିସନର ସେକ୍ରେଟାରୀ-ଜେନେରାଲ ଶ୍ରୀ ପି. ଆର. ଦାଶଗୁପ୍ତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସେ ସଭାରେ ମୁଖ୍ୟତଃ ଉପସ୍ଥିତ ଥିଲେ ଦିଲ୍ଲୀର ଶିକ୍ଷାବିତ୍, ଅଧ୍ୟାପକବୃନ୍ଦ ତଥା ବିଦେଶାଗତ ଦଳେ ଶିକ୍ଷା-ତାଲିମଦାତା । ୟୁନେସ୍କୋ କମିସନ ଏକ ସମ୍ମାନଜନକ ପ୍ରତିଷ୍ଠାନ ଏବଂ ସେମାନେ ପ୍ରଥମ ଥର ପାଇଁ ଏଭଳି ସଭାଟିଏ କରୁଥିବା ଯୋଗୁଁ ଶୀତ ସମେତ ମୃଦୁ ବର୍ଷା ସତ୍ତ୍ୱେ ପ୍ରେକ୍ଷାଳୟ ଭର୍ତ୍ତି ହୋଇ ଯାଇଥିଲା ।

ଉଦ୍ୟୋକ୍ତାବର୍ଗଙ୍କ ଭିତରେ କେବଳ ମାତ୍ର ଶିକ୍ଷା ବିଭାଗର ଯୁଗ୍ମ ସଚିବ ଶ୍ରୀ ଚମ୍ପକ ଚାଟାର୍ଜୀଙ୍କୁ ଚିହ୍ନିଥିଲି । କମିସନର ନିମନ୍ତ୍ରଣ ପାଇ ତାଙ୍କୁ ପଚାରିଥିଲି, ''ମୁଁ ଜଣେ ଶିକ୍ଷକ; କିନ୍ତୁ ଶିକ୍ଷାବିତ୍ ନୁହେଁ । ଶିକ୍ଷାଦାନକାରୀ ଓ ଶିକ୍ଷାବିତ୍‌ମାନଙ୍କ ସମାବେଶରେ ଏଭଳି ଏକ ବିଷୟରେ କହିବା ନିମନ୍ତେ ମୋ ଉପରେ ଦାୟିତ୍ୱ ନ୍ୟସ୍ତ କରୁଛନ୍ତି କାହିଁକି ?'' ସେ ଉତ୍ତର ଦେଇଥିଲେ, ''ଏ ସଭା ଜରିଆରେ ୟୁନେସ୍କୋ ଶ୍ରୀଅରବିନ୍ଦଙ୍କ ଏକଶତ ପଞ୍ଚବିଂଶତି ଜୟନ୍ତୀ ମଧ୍ୟ ପାଳନ କରୁଛି । ନୂତନ ଶତାବ୍ଦୀର ପାଦଶବ୍ଦ ଯେତିକି ଅଧିକ ସ୍ପଷ୍ଟ ହେଉଛି, ଆମେ ଭବିଷ୍ୟତ୍ ସମ୍ପର୍କରେ ସେତିକି ଅଧିକ ମାତ୍ରାରେ ସଚେତନ ହୋଇ ଉଠୁଛୁ । ଶ୍ରୀଅରବିନ୍ଦଙ୍କ ଭବିଷ୍ୟତ୍ ଦୃଷ୍ଟି ଏକାନ୍ତ ଗୁରୁତ୍ୱପୂର୍ଣ୍ଣ । ଆପଣ ତାଙ୍କରି ଆଲୋକରେ ଆପଣଙ୍କ ବକ୍ତବ୍ୟ ଉପସ୍ଥାପନ କରିବେ ।''

ବି. ଦ୍ର : ପ୍ରବନ୍ଧଟିର ରଚନାକାଳ ୧୯୯୮ ।

ଏକବିଂଶ ଶତାବ୍ଦୀ ଆଜି ଯାଏ 'ଭବିଷ୍ୟତ୍' ହୋଇ ରହିଛି । ଆଉ ଦିନ କେତୋଟି ପରେ 'ବର୍ତ୍ତମାନ' ବନିଯିବ । ଏକବିଂଶ ଶତାବ୍ଦୀର ପ୍ରଥମ ସୂର୍ଯ୍ୟୋଦୟ ସଙ୍ଗେ ସଙ୍ଗେ ଯଥାବିଧି ଅନ୍ଧକାର ଦୂର ହେବ ଯେମିତି ବିଂଶ ଶତାବ୍ଦୀରେ ପ୍ରତ୍ୟହ ପ୍ରଭାତରେ ହୋଇ ଆସିଛି; କିନ୍ତୁ ସେ ସୂର୍ଯ୍ୟୋଦୟ ହେବା ମାତ୍ରେ ଆମ ଚେତନାର ଅନ୍ଧକାର ଦୂର ହୋଇଯିବ ନାହିଁ । ୟୁନେସ୍କୋ କମିସନଙ୍କ ଆୟୋଜିତ ସଭାରେ ସମବେତ ସୁଧୀବୃନ୍ଦଙ୍କ ମନୋଯୋଗିତା ଲକ୍ଷ୍ୟ କରି ଭବିଷ୍ୟତ୍ ପାଇଁ ଆଶାୟୀ ଏ ଲେଖକକୁ ପରଦିନ କିନ୍ତୁ ଜଣେ, ଦୁଇଜଣ ସମ୍ପୂର୍ଣ୍ଣ ନିର୍ଭରଯୋଗ୍ୟ ଶିକ୍ଷା-ଉଦ୍ୟୋଗୀ ଏବଂ ଜଣେ ପ୍ରବୀଣ ଶିକ୍ଷା ବିଭାଗୀୟ କର୍ମକର୍ତ୍ତା (ପୂର୍ବରୁ ଶିକ୍ଷା-ତାଲିମ ମହାବିଦ୍ୟାଳୟର ଅଧକ୍ଷ) ଯେଉଁ ତଥ୍ୟମାନ ଶୁଣାଇଲେ ସେସବୁ ସତ୍ୟ ହୋଇଥିଲେ (ମିଥ୍ୟା ହେବାର ସମ୍ଭାବନା ଥାଆନ୍ତା ହେଲେ !) ସେ ତମସା କେବେ ଦୂର ହେବ, ସେ ବିଷୟରେ ସଂଶୟ ଉପୁଜିଛି ।

ଦିଲ୍ଲୀର ଅଧିକାଂଶ ସରକାରୀ ବିଦ୍ୟାଳୟରେ ଅଧ୍ୟାପନା ନାମକୁ ମାତ୍ର ହେଉଛି । ଶିକ୍ଷକମାନଙ୍କ ଦରମା ଯଥେଷ୍ଟ ବଢ଼ିବା ସତ୍ତ୍ୱେ ସେମାନଙ୍କୁ ପଙ୍ଗୁ କରି ପକାଇଛି ସାମୂହିକ ଦାୟିତ୍ୱହୀନତା ଏବଂ ଅର୍ଥ ଲାଳସାର ବ୍ୟାଧି । ଭାରତର ବହୁ ସରକାରୀ ହାସପାତାଳରେ ଯେମିତି ଚିକିତ୍ସା ପ୍ରତି ଅବହେଳା କରାଯାଏ, ଅଚଳ ଯନ୍ତ୍ରପାତିକୁ ସଚଳ କରିବା ଦିଗରେ ଯତ୍ନ ନିଆଯାଏ ନାହିଁ – ରୋଗୀମାନେ ସମ୍ପୃକ୍ତ ଚିକିତ୍ସକମାନଙ୍କ ଘରୋଇ ବ୍ୟବସ୍ଥାରେ ଚିକିତ୍ସା ଲୋଡ଼ିବାକୁ ବାଧ ହେବେ ବୋଲି; ସେମିତି ଶିକ୍ଷକମାନେ କ୍ଲାସରେ ଅଧ୍ୟାପନାରେ ଅବହେଳା କରନ୍ତି ଛାତ୍ରମାନେ ଟ୍ୟୁସନ୍ ନିମନ୍ତେ ସେମାନଙ୍କ ଦ୍ୱାରସ୍ଥ ହେବାକୁ ବାଧ ହେବେ ବୋଲି । ଏ ଦିଗରେ ଦୁର୍ମତି, ଦୁର୍ଗତି ଓ ଦୁର୍ନୀତିର ଆହୁରି ଯେଉଁସବୁ ରହସ୍ୟ ସେମାନେ ପ୍ରକଟ କଲେ ସେସବୁ ତିକ୍ତ କଥା ଲେଖିବାକୁ ସଙ୍କୋଚ ଲାଗୁଛି ।

ଯେଉଁ ଦେଶରେ ଶିକ୍ଷକକୁଳର ଏକ ଗୋଷ୍ଠୀ ନିଜର ଦାୟିତ୍ୱ ପ୍ରତି ବିଶ୍ୱାସଘାତକତା କରିପାରନ୍ତି, ସେ ଦେଶରେ ଖାଲି ଶିକ୍ଷାର ନୁହେଁ, ସମଗ୍ର ସମାଜର ଭବିଷ୍ୟତ୍ ଅନ୍ଧକାର । ସେ ଅନ୍ଧକାରକୁ ଦୂର କରି ପାରିବା ଭଳି ସୂର୍ଯ୍ୟୋଦୟ ଅସମ୍ଭବ । ଏ ପରିସ୍ଥିତିରୁ ମୁକ୍ତିର ପଥ କାହିଁ ? ସବୁ ସରକାରୀ ବିଦ୍ୟାଳୟ ବା ମହାବିଦ୍ୟାଳୟ ଏଭଳି ଅମାନୁଷିକତାର କ୍ରୀଡ଼ାକ୍ଷେତ୍ର ହୋଇ ନଥିବ କିଂବା ସମଗ୍ର ସରକାରୀ ଶିକ୍ଷକକୁଳ କଦାପି ତ ଏଭଳି ବିକଳ ପ୍ରଲୋଭନର ଶିକାର ନୁହନ୍ତି, ଏହି ଚିନ୍ତାରୁ ଆଶ୍ୱାସନା ପାଉଥିଲି; କିନ୍ତୁ ଏ ମହାଜାତିର ଖାସ୍ ରାଜଧାନୀରେ ଏଭଳି ପରିସ୍ଥିତି ଆଂଶିକ ଭାବରେ ବି ଯଦି ସମ୍ଭବପର ହେଲା, ତାହା କମ୍ ବେଦନାର କଥା ନୁହେଁ !

ପ୍ରତ୍ୟାବର୍ତ୍ତନ ମାର୍ଗରେ ଜଣେ ବୟୋବୃଦ୍ଧଙ୍କ ସହ ସାକ୍ଷାତ୍ ହେଲା । ସେ ସର୍ବୋଦୟ କର୍ମୀ ଥିଲେ । କଥାବାର୍ତ୍ତା ଭିତରେ ଏ ପ୍ରସଙ୍ଗ ପଡ଼ିଲା । ମୁଁ ଯାହା ଶୁଣିଥିଲି, କିନ୍ତୁ ସମ୍ପୂର୍ଣ୍ଣ ଭାବରେ ବିଶ୍ୱାସ କରିବାକୁ ଚାହୁଁ ନଥିଲି, ଅର୍ଥାତ୍ ମୋର ଯେତିକି ମୋହ ଥିଲା ତାକୁ ବି ସେ ଭାଙ୍ଗି ଦେଲେ । ଅଧିକନ୍ତୁ କହିଲେ, ''ଇନ୍ଦିରା ଗାନ୍ଧି ଜରୁରୀ ଅବସ୍ଥା ଜାରି କରନ୍ତେ ଆମ ଆନ୍ଦୋଳନର ପ୍ରବର୍ତ୍ତକ ବିନୋବା ଭାବେ ଅନୁଶାସନ ପର୍ବ ଆରମ୍ଭ ହେଲା ବୋଲି କହିଲେ । ମୁଁ ବିନୋବାଜିଙ୍କ ଉପରେ ଭାରି ଖପ୍ପା ହେଲି । ସେତେବେଳେ ସଞ୍ଜୟ ଗାନ୍ଧି ପରିଚାଳିତ ସରକାର ପ୍ରବଳ ଅନ୍ୟାୟ, ଅତ୍ୟାଚାର କରୁଥିଲା । ତାହା ସେଦିନ ଯେତିକି ନିନ୍ଦନୀୟ ଥିଲା ଆଜି ବି ସେତିକି ନିନ୍ଦନୀୟ; କିନ୍ତୁ ଜରୁରୀ ଅବସ୍ଥା ବେଳେ ମାଷ୍ଟ୍ରମାନେ ପାଠ ପଢ଼ାଉଥିଲେ, ହାସପାତାଳରେ ଠିକ୍ଠାକ୍ କାମ ଚାଲୁଥିଲା, ରେଳଗାଡ଼ି ସବୁ ନିର୍ଦ୍ଦିଷ୍ଟ ସମୟରେ ଯାତାୟାତ କରୁଥିଲେ । ଯେଉଁ ମଣିଷମାନେ ଜରୁରୀ ଅବସ୍ଥା ଆଗରୁ ବି ଏସବୁ କାମରେ ନିଯୁକ୍ତ ଥିଲେ, ହଠାତ୍ ସେମାନେ କେମିତି କର୍ତ୍ତବ୍ୟନିଷ୍ଠ ବନିଗଲେ ? ସେ ଯାଦୁ ହେଲା ଦଣ୍ଡଭୟ । ବିନୋବାଜିଙ୍କ ଅନ୍ତର୍ବୋଧ ଥିଲା । ଆମର ଏହି ଦୁର୍ବଳତା ସମ୍ପର୍କରେ ଆମେ ସଚେତନ ହେବୁ, ଅଥଚ ବହିଃଶାସନର ଆତଙ୍କ ଯୋଗୁଁ କାମ ନକରି ନିଜ ଅନ୍ତଃଶାସନ ଆମକୁ ନିୟନ୍ତ୍ରଣ କରିବ, କର୍ତ୍ତବ୍ୟନିଷ୍ଠ କରିବ, ସେ ଏହି କାମନା କରୁଥିଲେ; କିନ୍ତୁ ତାଙ୍କ ଆଶା ପୂରଣ ହେଲା ନାହିଁ । ଜରୁରୀ ଅବସ୍ଥାର ଅବସାନ ହୁଅନ୍ତେ, ଅର୍ଥାତ୍ ଚାବୁକ ଅବନମିତ ହୁଅନ୍ତେ, ଆମେ ଯଥା ପୂର୍ବଂ ତଥା ପରଂ ବନିଗଲୁ ।''

ଏହା ପରେ ବୃଦ୍ଧ ଏପରି ଏକ ଘଟଣା ଗପିଲେ, ଯାହା ମୋତେ ଏକ ବିଚିତ୍ର ମିଶ୍ରିତ ରସର ସ୍ୱାଦ ଦେଲା । ତାଙ୍କ ନାତି ଜଣେ ଉଚ୍ଚପଦସ୍ଥ ହାକିମ । ଦିନେ ଜଣେ ଭଦ୍ରଲୋକ କୌଣସି ଆବେଦନ ଧରି ତାଙ୍କ ପାଖରେ ପହଞ୍ଚିଲେ । ହାକିମ ନମସ୍କାର ନକଲେ ବି ଆଗନ୍ତୁକ ଆକର୍ଣ୍ଣ ହସି ତାଙ୍କୁ ଆଶୀର୍ବାଦ କଲେ । ହାକିମ କିନ୍ତୁ ଅନ୍ୟ ଦୁଇଜଣଙ୍କ ସହ କଥାବାର୍ତ୍ତାରେ ବ୍ୟାପୃତ ଥିଲେ ।

''ଆପଣ ବୋଧହୁଏ ମୋତେ ଚିହ୍ନି ପାରିଲେ ନାହିଁ ।'' – ମଝିରେ ଟିକିଏ ଅଧୈର୍ଯ୍ୟ ହୋଇ କହିଲେ ଆଗନ୍ତୁକ ।

''ଅପେକ୍ଷା କରନ୍ତୁ ।'' ହାକିମ ଶୁଷ୍କ ଭାବରେ କହିଲେ । ଅନ୍ୟମାନେ ଗଲେ । ହାକିମ ଆଗନ୍ତୁକଙ୍କ ଆଡ଼େ ଅନାଇ କହିଲେ, ''ସେମାନେ ପୂର୍ବରୁ ଯୋଗାଯୋଗ କରି ଆସିଥିଲେ, ତେଣୁ ସେମାନଙ୍କ ସହ ପ୍ରଥମେ କଥା ଛିଡ଼ାଇବା ମୋର କର୍ତ୍ତବ୍ୟ । କହନ୍ତୁ ଏଥର । ଆପଣଙ୍କ ବେପାର ଭଲ ଚାଲିଛି ତ ?''

''ଆପଣ ନିଶ୍ଚୟ ମୋତେ ଚିହ୍ନି ପାରୁ ନାହାନ୍ତି । ମୁଁ ନବଘନ ରାୟ (ପ୍ରକୃତ ନାମ ନୁହେଁ) । ଆପଣଙ୍କ ଶିକ୍ଷକ ଥିଲି ବୋଲି କହିବାରୁ ଆପଣଙ୍କ ପିଅନ ଏବଂ ପି. ଏ. ମୋତେ ବାଟ ଛାଡ଼ି ଦେଲେ ।'' – ଆଗନ୍ତୁକ ଜଣାଇଲେ ।

''ଶିକ୍ଷକ ଜାତି ପ୍ରତି ସେମାନଙ୍କର ସମ୍ମାନ ଅଛି ।'' – କୌଣସି ଆବେଗ ବିନା କହିଲେ ହାକିମ ।

''ରହନ୍ତା ନାହିଁ ? ସେମାନେ ତ ପୁଣି ଆପଣଙ୍କ କର୍ମଚାରୀ !'' କହିଲେ ଆଗନ୍ତୁକ ।

ତାଙ୍କର ଏ ସରସ ମନ୍ତବ୍ୟ ଉପରେ ଗୁରୁତ୍ୱ ନଦେଇ ହାକିମ କହିଲେ, ''କ'ଣ କରିପାରେ କୁହନ୍ତୁ ।''

ହତାଶାକୁ ଚାପିରଖି ଆଗନ୍ତୁକ ତାଙ୍କ ଆବେଦନ ଜଣାଇଲେ । ହାକିମ ଗମ୍ଭୀର ଭାବରେ କହିଲେ, ''ଦୁଃଖିତ । ଆପଣଙ୍କ ଅନୁରୋଧ ନିୟମାନୁମୋଦିତ ନୁହେଁ ।''

''ଆହା ! ସେଇଥିପାଇଁ ତ ଆପଣଙ୍କୁ, ମୋର ପୁରାତନ ଛାତ୍ର, ଯିଏ ମୋର ଗର୍ବ, ତାଙ୍କୁ ଭେଟୁଛି । ଜାଣେ ଆପଣଙ୍କ ଶିକ୍ଷକର ସମସ୍ୟା ପ୍ରତି ଆପଣ ସ୍ୱତନ୍ତ୍ର ଭାବରେ ଧ୍ୟାନ ଦେବେହିଁ ଦେବେ । ନିୟମକାନୁନ ଊର୍ଦ୍ଧ୍ୱରେ ତ ପୁଣି ମାନବିକତା, ନୈତିକତା ରହିଛି ।'' – କହିଲେ ଆଗନ୍ତୁକ ।

ହାକିମଙ୍କ ପଛରେ ତାଙ୍କ ପି. ଏ. ଆସି ଠିଆ ହୋଇଥିଲେ । ତାଙ୍କୁ ଚାଲିଯିବାକୁ ଇଙ୍ଗିତ ଦେଇ, ଫାଇଲ ବନ୍ଦ କରି ହାକିମ କହିଲେ, ''ନିୟମକାନୁନ ଉପରେ ନିଶ୍ଚୟ ମାନବିକତା ଓ ନୈତିକତା ରହିଛି । କିନ୍ତୁ ମହାଶୟ, ଆପଣଙ୍କ ଜୀବନରେ ଆପଣ ମାନବିକତା ବା ନୈତିକତା ତ ଦୂରର କଥା, ଯେଉଁ ନିୟମକାନୁନ ଆପଣଙ୍କୁ ଆହାର ଯୋଗାଇ ଦେଉଥିଲା, ତାକୁ ଅକାତରେ ପଦଦଳିତ କରିଛନ୍ତି । ଅର୍ଥାତ୍ ଆପଣ ଯେଉଁ ପରିଶ୍ରମ କରିବେ ବୋଲି ବିଶ୍ୱାସରେ ଦେଶ ଆପଣଙ୍କୁ ପାରିଶ୍ରମିକ ଦେଉଥିଲା, ଆପଣ ସେ ପରିଶ୍ରମର କିୟଦଂଶ ବି କରୁ ନଥିଲେ । ଦେଶର ସବୁ ବାପାଙ୍କ ଭଳି ମୋ ବାପା ବି ସରକାରଙ୍କୁ ବିଭିନ୍ନ କର ଦେଉଥିଲେ । ସେହି କରରୁ ସରକାର ଆପଣଙ୍କୁ ଦରମା ଦେଉଥିଲା । ଆପଣ କିନ୍ତୁ ଦରମା ନିୟମିତ ନେଇ, ବିଦ୍ୟାଳୟରେ ପାଠ ନପଢ଼ାଇ ଟ୍ୟୁସନ୍ ଉପରେ ଗୁରୁତ୍ୱ ଦେଉଥିଲେ । ମୋ ବାପାଙ୍କର ସାମାନ୍ୟ ସମ୍ବଳ ଥିଲା ବୋଲି ସେ ଆପଣଙ୍କ ସହ ଦରଦସ୍ତୁର କରି ଆପଣ ମୋତେ ଟ୍ୟୁସନ୍ କରିବାର ବ୍ୟବସ୍ଥା କରିଥିଲେ; କିନ୍ତୁ ମୋ ସହପାଠୀ କେତେଜଣ ଗରିବ ଘରର ଝିଅପୁଅ ଟ୍ୟୁସନ୍ ପାଇଁ ଖର୍ଚ୍ଚ କରିବାରେ ଅକ୍ଷମ ଥିଲେ । ଯୋଗ୍ୟତା ସତ୍ତ୍ୱେ ସେମାନେ ପରୀକ୍ଷାରେ ଭଲ କରି ପାରିଲେ ନାହିଁ ।''

ବଡ଼ ଇତସ୍ତତଃ ହୋଇ ଆଗନ୍ତୁକ କହିଲେ, ''ଟ୍ୟୁସନ୍ ଯୋଗେ ହେଉ ପଛେ, ମୁଁ ତ ଆପଣଙ୍କୁ ଶିକ୍ଷାଦାନ କରୁଥିଲି !''

''ଶିକ୍ଷାଦାନ ? ସେ ପବିତ୍ର ଶବ୍ଦ ବ୍ୟବହାର ନକଲେ ଭଲ ହୁଅନ୍ତା । ଶିକ୍ଷା ତୁଳନାରେ କର୍ତ୍ତବ୍ୟ କର୍ମ ଫାଙ୍କିବାରେ ଆପଣଙ୍କ ଦୃଷ୍ଟାନ୍ତ ଆମମାନଙ୍କୁ ଅଧିକ ମାତ୍ରାରେ କୁଶିକ୍ଷାହିଁ ଦେଉଥିଲା । ଆପଣ ମୋ ବାପାଙ୍କୁ ତଥା ସରକାରଙ୍କୁ, ଅର୍ଥାତ୍ ଦେଶକୁ ଠକିଛନ୍ତି । ଅନ୍ୟ ଶିକ୍ଷକମାନେ ଆପଣଙ୍କ ଦୃଷ୍ଟାନ୍ତ ଅନୁକରଣ କରିଛନ୍ତି । ଆମେ ଛାତ୍ରମାନେ ସେ କୁଶିକ୍ଷା ଆହରଣ କରିଛୁ । ଆପଣ ଯାନ୍ତ୍ରିକ ଭାବରେ ଦେଇଥିବା ଶିକ୍ଷାଠୁଁ ବହୁ ଅଧିକ ମାତ୍ରାରେ ସମସ୍ତଙ୍କୁ ପ୍ରଭାବିତ କରିଛି ଆପଣଙ୍କ କୁଶିକ୍ଷା । ମୁଁ ଆପଣଙ୍କଠୁଁ ପାଠ ସଉଦା କରିଥିଲି । ଶୀତ ପଡ଼ି ଆସିଲାଣି । ଗତକାଲି ମୁଁ ବଜାରରେ ମୁଲଚାଲ କରି ଯୋଡ଼ିଏ କମ୍ବଳ କିଣିଛି । ଆଜି ଯଦି କମ୍ବଳ-ବିକ୍ରେତା ମୋ ପାଖକୁ କୌଣସି ଆବେଦନ ନେଇ ଆସେ, ମୁଁ ତା' ପ୍ରତି ଦରଦୀ ହେବାର ଯେମିତି କାରଣ ନାହିଁ, ଆପଣଙ୍କ ପ୍ରତି ଦରଦୀ ହେବାର ବି ସେମିତି କାରଣ ନାହିଁ ।''

ଏ ଘଟଣା ଶୁଣିବା ବେଳେ ଲଜ୍ଜାରେ ଏ ଲେଖକର ମୁଣ୍ଡ ତଳକୁ ହୋଇ ଯାଇଥିଲା । ଜାଣେ, ପାଠକମାନଙ୍କ ଭିତରୁ ଅନେକଙ୍କୁ ମଧ୍ୟ ଲଜ୍ଜା କିଂବା ଅସ୍ୱସ୍ତି ଲାଗିବ । ସେମାନେ ଏ ଲେଖକକୁ କ୍ଷମା କରନ୍ତୁ; କିନ୍ତୁ ଆମେ ସଭିଏଁ ପ୍ରାର୍ଥନା କରିବା ଆସନ୍ତୁ – ଶିକ୍ଷକ ଜାତିରୁ ଜଣେ ବି କାହାକୁ ଏମିତି ରୂଢ଼, ରୁକ୍ଷ କଥା ଶୁଣିବାକୁ ନପଡୁ; ଏମିତି ହିନସ୍ତା ହେବାକୁ ନହେଉ ।

ଘଟଣାଟି ବିବୃତ କରିବା ଉତ୍ତାରୁ ବୃଦ୍ଧ କହିଥିଲେ, ''କର୍ମଫଳ ବୋଲି ବ୍ୟାପାରଟିଏ ରହିଛି ବୋଲି ଆମେ ଭୁଲିଯାଇଛୁ ।'' ❖

# ଅତିମାନସ ଓ ନୂତନ ଜଗତ୍

## ଶ୍ରୀ ପ୍ରପତ୍ତି

"I know with absolute certitude that the supramental is a truth and that its advent is in the very nature of things inevitable."

(CWSA, Vol. 35, p. 334) – Sri Aurobindo

ଶ୍ରୀଅରବିନ୍ଦଙ୍କ ଦର୍ଶନର ମହାନ୍ ଓ ଗଭୀର ତତ୍ତ୍ୱ ହେଲା ଅତିମାନସ ସତ୍ୟ । ଶ୍ରୀଅରବିନ୍ଦଙ୍କ ସିଦ୍ଧିହିଁ ହେଲା ଅତିମାନସ ସିଦ୍ଧି । ଯେଉଁ ପୂର୍ଣ୍ଣାଙ୍ଗ ଅଧ୍ୟାତ୍ମ ଶକ୍ତି ଓ ଜ୍ୟୋତିଃକୁ ଶ୍ରୀଅରବିନ୍ଦ ପୃଥିବୀପୃଷ୍ଠରେ ଉତାରି ଆଣିଛନ୍ତି ତାହାହିଁ ହେଲା ଅତିମାନସ ଶକ୍ତି ଓ ଜ୍ୟୋତିଃ । ଯେଉଁ ଶକ୍ତି ଓ ସାମର୍ଥ୍ୟ ବଳରେ ଏହି ପାର୍ଥିବ ଚେତନା, ପାର୍ଥିବ ପ୍ରକୃତି ତଥା ମାନବ ସ୍ୱଭାବ ଓ କର୍ମର ପରିବର୍ତ୍ତନ ତଥା ଚରମ ରୂପାନ୍ତର ସାଧିତ ହେବ; ତାହାହିଁ ହେଲା ଅତିମାନସ ସତ୍ୟ, ଜ୍ୟୋତିଃ ଓ ଶକ୍ତି । ଯେଉଁ ସତ୍ୟର ଉଦ୍‌ଘାଟନ ଦ୍ୱାରା ପୃଥିବୀ ବିବର୍ତ୍ତନରେ ଅନ୍ୟ ଏକ ପାବଚ୍ଛ ଉନ୍ମୋଚିତ ହେବ ବା ସମଗ୍ର ବିଶ୍ୱପ୍ରକୃତି ଆଉ ଏକ ପାଦ ଆଗେଇ ଯିବ, ତାହାହିଁ ଅତିମାନସ ସତ୍ୟ । "One step more towards eternity." ''ଶାଶ୍ୱତଙ୍କ ଆଡ଼କୁ ଆଉ ଏକ ପଦକ୍ଷେପ ।'' ଶ୍ରୀଅରବିନ୍ଦଙ୍କ ଜୀବନର ସମଗ୍ର ସାଧନା, ଉପଲବ୍ଧି ଓ ସିଦ୍ଧି ଥିଲା ଏହି ଅତିମାନସ ତୁଲ୍ୟ ପୂର୍ଣ୍ଣ ଜ୍ଞାନ, ପୂର୍ଣ୍ଣ ଶକ୍ତି ଓ ପୂର୍ଣ୍ଣ ଆନନ୍ଦକୁ ପୃଥିବୀରେ ପ୍ରତିଷ୍ଠା କରି ଦିବ୍ୟ ଜୀବନର ସମ୍ଭାବନାକୁ ରୂପାୟିତ କରିବା । ଦିବ୍ୟ ଜୀବନର ସମ୍ଭାବନା ଓ ସିଦ୍ଧି ଅତିମାନସ ସତ୍ୟ ଓ ଆଲୋକ ଉପରେ ପ୍ରତିଷ୍ଠିତ । ଏହାହିଁ ନବୀନ ସୃଷ୍ଟି, ବିଶ୍ୱ ସୃଷ୍ଟିର ଅନ୍ୟ ଏକ ପର୍ଯ୍ୟାୟ, ଅନ୍ୟ ଏକ ସ୍ତର, ଅନ୍ୟ ଏକ ଲୋକ ବା ଭୂମି । ... ଏହି ବ୍ୟାପକ ଓ ବୃହତ୍ ଅତିମାନସ ତତ୍ତ୍ୱ ସମ୍ବନ୍ଧରେ ଆଲୋଚନା କରିବା ଏଠାରେ ଆମ୍ଭମାନଙ୍କର ଅଭିପ୍ରାୟ ନୁହେଁ, କାରଣ ଶ୍ରୀଅରବିନ୍ଦ ଏହି ମହାସତ୍ୟ ବିଷୟରେ ତାଙ୍କର ବିଶାଳ ଗ୍ରନ୍ଥ ''ଦିବ୍ୟ ଜୀବନ''ରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି । ଏହି ପ୍ରବନ୍ଧରେ ଆମ୍ଭେମାନେ ଅତିମାନସ ସମ୍ବନ୍ଧରେ ସାମାନ୍ୟ ଧାରଣା ଦେବା ଏବଂ ଶ୍ରୀଅରବିନ୍ଦ ଯେଉଁ ନୂତନ ଜଗତର ଅବତରଣ ଓ ପ୍ରତିଷ୍ଠା ବିଷୟ ଘୋଷଣା କରିଛନ୍ତି ତାହା କିପରି ଏହି ନୂତନ ଚେତନା, ଜ୍ୟୋତିଃ ଓ ଶକ୍ତି ଉପରେ ପ୍ରତିଷ୍ଠିତ ତାହାର କିଞ୍ଚିତ୍ ଆଲୋଚନା କରିବା ।

ଅତିମାନସର ଆବିଷ୍କାର, ଅବତରଣ ଓ ପୃଥିବୀପୃଷ୍ଠରେ ତାହାର କ୍ରିୟା ଓ ପ୍ରତିଷ୍ଠା ଶ୍ରୀଅରବିନ୍ଦଙ୍କ ସାଧନାର ବୈଶିଷ୍ଟ୍ୟ । କିନ୍ତୁ ବୈଦିକ ଋଷିଗଣ ବେଦର ବିଭିନ୍ନ ମନ୍ତ୍ରରେ ତଥା ଉପନିଷଦ୍‌ର ଋଷିଗଣ ଉପନିଷଦ୍‌ରେ 'ଅତିମାନସ'ର ଅବସ୍ଥିତି ସମ୍ବନ୍ଧେ ସ୍ପଷ୍ଟ ସୂଚନା ଦେଇଛନ୍ତି । ବେଦରେ ଏହା 'ଋତଚିତ୍' ନାମରେ ସୂଚିତ ହୋଇଛି ଏବଂ ଉପନିଷଦ୍‌ରେ ଏହା 'ବିଜ୍ଞାନ' ନାମରେ ଘୋଷିତ ହୋଇଛି । କେତେକ ଋଷି ଏହି ମହାନ୍ ସତ୍ୟର ଦର୍ଶନ କରିଥିଲେ କିନ୍ତୁ ଏହାର ଅବତରଣ ଓ କ୍ରିୟା ବିଷୟରେ କିଛିମାତ୍ର ଉଲ୍ଲେଖ କରି ନଥିଲେ । ଋକ୍ ବେଦରେ ନିମ୍ନୋକ୍ତ ପଂକ୍ତିରେ 'ଅତିମାନସ ଜ୍ୟୋତିଃ' ବିଷୟରେ ସ୍ପଷ୍ଟ ସୂଚିତ ହୋଇଛି ।

''ଉଦ୍ ବୟଂ ତମସସ୍ପରି ଜ୍ୟୋତିଷ୍ପଶ୍ୟନ୍ତ ଉତ୍ତରମ୍ ।
ଦେବଂ ଦେବତ୍ରା ସୂର୍ଯ୍ୟମଗନ୍ମ ଜ୍ୟୋତିରୁତ୍ତମମ୍ ॥''

ଅର୍ଥାତ୍, ''ଅନ୍ଧକାରର ସେ ପାଖରେ ଥିବା ଉର୍ଦ୍ଧ୍ୱତନ ସେହି ଆଲୋକର ଦର୍ଶନ କରି ଆମ୍ଭେ ଦେବତ୍ୱର ବାହନରେ ଦିବ୍ୟ ସୂର୍ଯ୍ୟର ସାମୀପ୍ୟ ଲାଭ କରୁ, ସର୍ବୋଚ୍ଚ, ସର୍ବୋତ୍ତମ ଜ୍ୟୋତିଃ ମଧ୍ୟରେ ପ୍ରବେଶ କରୁ ।''

ଅଥବା : ''ହଂସଃ ଶୁଚିଷତ୍ ... ଋତଜା ... ଋତଂ ବୃହତ୍ ॥''

ଅର୍ଥାତ୍, ''ପରମ ଶୁଦ୍ଧତା ମଧ୍ୟରେ ଅବସ୍ଥାନ କରୁଥିବା ସେହି ହଂସ ଋତରୁ ସଂଜାତ, ସେ ସ୍ୱୟଂହିଁ ଋତ, ସ୍ୱୟଂହିଁ ବୃହତ୍ ।''

ଅଥବା : ''ଋତେନ ଯାବୃତାବୃଧାବୃତସ୍ୟ ଜ୍ୟୋତିଷସ୍ପତୀ''

ଅର୍ଥାତ୍, ''ସତ୍ୟଲୋକର ସେହି ଅଧିକାରୀମାନେ ସତ୍ୟ ଦ୍ୱାରାହିଁ ସତ୍ୟର ଅଭିବୃଦ୍ଧି କରନ୍ତି ।''

ଅଥବା : ସତ୍ୟ, ଋତଂ, ବୃହତ୍ ...

ଉପନିଷଦ୍‌ରେ :

''ହିରଣ୍ମୟେନ ପାତ୍ରେଣ ସତ୍ୟସ୍ୟାପିହିତଂ ମୁଖମ୍ ।
ତତ୍ ତ୍ୱଂ ପୂଷନ୍ ଅପାବୃଣୁ ସତ୍ୟଧର୍ମାୟ ଦୃଷ୍ଟୟେ ॥
ପୂଷନ୍ନେକର୍ଷେ ... ବ୍ୟୂହ ରଶ୍ମିନ୍ ସମୂହ ।
... ଯତ୍ତେ ରୂପଂ କଲ୍ୟାଣତମଂ ତତ୍ତେ ପଶ୍ୟାମି ।
ଯୋଽସାବସୌ ପୁରୁଷଃ ସୋଽହମସ୍ମି ॥''

ଅର୍ଥାତ୍, ''ଏକ ହିରଣ୍ମୟ ପାତ୍ର ଦ୍ୱାରା ସତ୍ୟର ମୁଖ

ଅପିହିତ ହୋଇ ରହିଅଛି । ପୋଷଣକାରୀ ହେ ସୂର୍ଯ୍ୟ ! ତୁମେ ସେହି ପାତ୍ରଟିକୁ ଅପାବୃତ କର, ଅପସରାଇ ନିଅ : ସତ୍ୟଧର୍ମ ଓ ଦୃଷ୍ଟିର ପଥକୁ ଉନ୍ମୋଚିତ କର । ହେ ସୂର୍ଯ୍ୟ, ହେ ଏକର୍ଷି, ତୁମର ରଶ୍ମି ସମୂହକୁ ତୁମ ବ୍ୟୂହ ଭିତରକୁ ଠୁଳ କରି ଆଣ । ମୁଁ ତୁମର କଲ୍ୟାଣତମ ରୂପଟିକୁହିଁ ଦେଖିବାକୁ ଚାହୁଁଛି । ସେହି ଯେଉଁ ଚୈତନ୍ୟମୟ ପୁରୁଷ ସର୍ବତ୍ର ବ୍ୟାପ୍ତ ହୋଇ ରହି ଅଛନ୍ତି ତାହାହିଁ ମୁଁ ।''

ଉପନିଷଦ୍‌ର ଅନ୍ୟତ୍ର ବିଭିନ୍ନ କୋଷର ବର୍ଣ୍ଣନାରେ କୁହାଯାଇଛି :

''ସ ବା ଏଷ ପୁରୁଷୋଽନ୍ନରସମୟଃ । ...
ତସ୍ମାଦ୍ ବା ଏତସ୍ମାଦନ୍ନରସମୟାଦ୍
ଅନ୍ୟୋଽନ୍ତର ଆତ୍ମା ପ୍ରାଣମୟଃ ।
ତେନୈଷ ପୂର୍ଣ୍ଣଃ । ...
ଅନ୍ୟୋଽନ୍ତର ଆତ୍ମା ମନୋମୟଃ । ...
ଅନ୍ୟୋଽନ୍ତର ଆତ୍ମା ବିଜ୍ଞାନମୟଃ । ...
ଅନ୍ୟୋଽନ୍ତର ଆତ୍ମା ଆତ୍ମାନନ୍ଦମୟଃ । ତେନୈଷ ପୂର୍ଣ୍ଣଃ ॥''

ଅର୍ଥାତ୍, ''ଏକ ଅନ୍ନରସମୟ ଆତ୍ମା ଅଛନ୍ତି । ... ଏହି ଅନ୍ନରସମୟ ଆତ୍ମାର ଅନ୍ତର ଭିତରେ ରହି ଆଉ ଏକ ପ୍ରାଣମୟ ଆତ୍ମା ତାହାକୁ ପୂର୍ଣ୍ଣ କରି ରଖି ଅଛନ୍ତି । ପ୍ରାଣମୟ ଆତ୍ମା ମଧ୍ୟରେ ମନୋମୟ ଏବଂ ମନୋମୟ ଆତ୍ମା ମଧ୍ୟରେ ବିଜ୍ଞାନମୟ ଏବଂ ବିଜ୍ଞାନମୟ ଆତ୍ମା ମଧ୍ୟରେ ଆନନ୍ଦମୟ ଆତ୍ମା ଅବସ୍ଥାନ କରୁ ଅଛନ୍ତି ଏବଂ ତାହାକୁ ପୂର୍ଣ୍ଣ କରି ରଖି ଅଛନ୍ତି ।''

ଏଥିରୁ ସ୍ପଷ୍ଟ ସୂଚିତ ହେଉଛି ଯେ ପ୍ରାଚୀନ ଋଷିଗଣ ପୃଥିବୀ-ବିବର୍ତ୍ତନର ବିଭିନ୍ନ ସ୍ତର ସମ୍ବନ୍ଧରେ ସୁବିଦିତ ଥିଲେ ଏବଂ ବିଭିନ୍ନ ପର୍ଯ୍ୟାୟର ତତ୍ତ୍ୱଗୁଡ଼ିକ ବିଷୟରେ ଅବଗତ ଥିଲେ । ପୃଥିବୀ-ବିବର୍ତ୍ତନରେ ଅନ୍ନମୟ କୋଷ, ପ୍ରାଣମୟ କୋଷ, ମନୋମୟ କୋଷ, ବିଜ୍ଞାନମୟ କୋଷ ଏବଂ ଆନନ୍ଦମୟ କୋଷର ବିକାଶ ବିଭିନ୍ନ ପର୍ଯ୍ୟାୟରେ ସଂଘଟିତ ହେବ — ଏହା ମଧ୍ୟ ଏଠାରେ ସୂଚିତ ହୋଇଛି । ବିବର୍ତ୍ତନ ଧାରାରେ ଏ ଯାବତ୍ ଅନ୍ନ, ପ୍ରାଣ ଓ ମନର ବିକାଶ ଘଟିଛି କିନ୍ତୁ ବିଜ୍ଞାନର ବିକାଶ ବା ପ୍ରତିଷ୍ଠା ଘଟି ନାହିଁ ଏବଂ ତାହାର ପରବର୍ତ୍ତୀ ପାବଚ୍ଛ ଆନନ୍ଦମୟ କୋଷର ମଧ୍ୟ ବିକାଶ ହୋଇ ନାହିଁ । ଜଡ଼ ଭୂମିରେ ପ୍ରାଣର ଅବତରଣ ଫଳରେ ଜଡ଼ମଧ୍ୟସ୍ଥିତ ସୁପ୍ତ ପ୍ରାଣର ପ୍ରସ୍ଫୁଟନ ହେଲା ଏବଂ ପ୍ରାଣର ପ୍ରତିଷ୍ଠା ହେଲା । ଜଡ଼ ମଧ୍ୟରୁ ପ୍ରଥମେ ବୃକ୍ଷ, ଲତା, ଗୁଳ୍ମ ଇତ୍ୟାଦି ଜନ୍ମ ଲାଭ କରି ପଶୁସ୍ତର ପର୍ଯ୍ୟନ୍ତ ପ୍ରାଣର ଗତି ହୋଇଛି । ତା'ପରେ ମନୋଭୂମିରୁ ପ୍ରାଣ ମଧ୍ୟରେ ମନର ଅବତରଣ ଫଳରେ ମନର ପ୍ରତିଷ୍ଠା ହେଲା । ଜଡ଼ ମଧ୍ୟରେ ପ୍ରାଣର ପ୍ରତିଷ୍ଠା ଫଳରେ ଜଡ଼ର ଏକ ରୂପାନ୍ତର ଘଟିଲା । ପ୍ରାଣ ମଧ୍ୟରେ ମନର ଅବତରଣ ଫଳରେ ଜଡ଼ ଓ ପ୍ରାଣର ରୂପାନ୍ତର ଘଟିଲା ଏବଂ ମନୋମୟ ଜୀବର ପ୍ରତିଷ୍ଠା ହେଲା । ଯଦିଓ ମନୁଷ୍ୟ ଜଡ଼, ପ୍ରାଣକୁ ଧାରଣ କରିଛି, ତଥାପି ତାହା ମନ ଦ୍ୱାରା କିଛି ରୂପାନ୍ତରିତ ହୋଇ ପାରିଛି । ସେହିପରି ଜଡ଼-ପ୍ରାଣ-ମନୋମୟ ସତ୍ତା ମଧ୍ୟରେ ଅତିମାନସର ଅବତରଣ ଘଟିବା ଦ୍ୱାରା ଅନ୍ୟ ଏକ ବିପୁଳ ଓ ଚରମ ରୂପାନ୍ତର ସଂଘଟିତ ହେବ । ଜଡ଼, ପ୍ରାଣ, ମନ ସବୁକିଛି ଅପରାର୍ଦ୍ଧର ତତ୍ତ୍ୱ ଓ ଏସବୁ ନିମ୍ନଭୂମିର; କିନ୍ତୁ ଅତିମାନସ ବା ବିଜ୍ଞାନ ଊର୍ଦ୍ଧ୍ୱଭୂମିର ବା ପରାର୍ଦ୍ଧର ତତ୍ତ୍ୱ । ପରାର୍ଦ୍ଧ ହେଲା ଜ୍ଞାନ, ଜ୍ୟୋତିଃ, ଶକ୍ତି, ଅମୃତ, ବୈଭବ, ଐଶ୍ୱର୍ଯ୍ୟ ଓ ଆନନ୍ତ୍ୟର ଭୂମି । ତାହାର ଜ୍ୟୋତିଃ ଓ ଶକ୍ତି ଯଦି ନିମ୍ନ ଭୂମିରେ ଅବତରଣ କରେ ତେବେ ପରାର୍ଦ୍ଧର ଅମୃତ, ଜ୍ୟୋତିଃ, ଜ୍ଞାନ, ଆନନ୍ଦ, ଶକ୍ତି ଏଠାରେ ପ୍ରତିଷ୍ଠିତ ହେବ ଏବଂ ଏହି ପୃଥିବୀରେ ଏକ ଦିବ୍ୟ ସୃଷ୍ଟି, ଦିବ୍ୟ ମାନବଜାତି ଏବଂ ଦିବ୍ୟ ମାନବ ଦେଖାଦେବ । ଏହା ପୃଥିବୀର ପରିବର୍ତ୍ତନର ଧାରାକୁ ସମ୍ପୂର୍ଣ୍ଣ ପରିବର୍ତ୍ତନ କରିଦେବ ଏବଂ ପୂର୍ବକଳ୍ପିତ 'ଦିବ୍ୟଧାମ' ହୁଏତ ପୃଥିବୀରେ ପ୍ରତିଷ୍ଠିତ ହେବ । ଏପରି ଏକ ଚରମ ରୂପାନ୍ତର ତଥା ଅଗ୍ରଗତି ନିମିତ୍ତ ସମସ୍ତ ଜଗତ୍ ଯେ ଗତି କରୁଛି ଏବଂ ମନ ଯେ ପୃଥିବୀର ବିବର୍ତ୍ତନର ଚରମ ପାବଚ୍ଛ ନୁହେଁ, ସେକଥା ଶ୍ରୀଅରବିନ୍ଦ ବାରଂବାର ଘୋଷଣା କରିଛନ୍ତି ଏବଂ ପୃଥିବୀରେ ଅତିମାନସର ଅବତରଣ ସମ୍ବନ୍ଧରେ ମଧ୍ୟ ନିଶ୍ଚିତ ଓ ଦୃଢ଼ ଘୋଷଣା କରିଛନ୍ତି :

"The supramental change is a thing decreed and inevitable in the evolution of the earth-consciousness; for its upward ascent is not ended and mind is not its last summit."

(CWSA, Vol. 32, p. 26)

ଅର୍ଥାତ୍, ''ପାର୍ଥିବ ଚେତନାର ବିବର୍ତ୍ତନରେ ଅତିମାନସ ରୂପାନ୍ତର ନିୟତି ନିର୍ଦ୍ଦିଷ୍ଟ ଓ ଅବଶ୍ୟମ୍ଭାବୀ, କାରଣ ପାର୍ଥିବ ଚେତନାର ଊର୍ଦ୍ଧ୍ୱାୟନ ଗତି ଶେଷ ହୋଇ ନାହିଁ ଏବଂ ମନ ଏହି ବିକାଶର ସର୍ବୋଚ୍ଚ ସୀମା ନୁହେଁ ।''

ଅତିମାନସ ଯେ ପରମ ଏବଂ ସର୍ବୋଚ୍ଚ ସତ୍ୟ, ପୂର୍ଣ୍ଣ

ଜ୍ଞାନ, ପୂର୍ଣ୍ଣ ଶକ୍ତି ଏବଂ ପୂର୍ଣ୍ଣ ଆନନ୍ଦର ଭୂମି ଏବଂ ପରାପ୍ରର ସଚ୍ଚିଦାନନ୍ଦ ତତ୍ତ୍ୱକୁ ଏହା ନିରାଭରଣ ରୂପେ ପ୍ରକାଶ କରିପାରେ ଏବଂ ପୃଥିବୀ ବିବର୍ତ୍ତନର ପରବର୍ତ୍ତୀ ପାବଛ ହେଲା ଅତିମାନସ ଭୂମି – ଏ ସମ୍ବନ୍ଧରେ ଶ୍ରୀଅରବିନ୍ଦ ଅକାଟ୍ୟ, ଅଲଙ୍ଘନୀୟ ଓ ଅନତିକ୍ରମଣୀୟ ଯୁକ୍ତି ଦେଖାଇଛନ୍ତି । ଏହି ସତ୍ୟର ଉଦ୍‌ଘାଟନରେ ଏବଂ ପ୍ରତିଷ୍ଠାରେ କିଛି ଧର୍ମୀୟ (Religious) ବିଷୟ ବା ରହସ୍ୟମୟ (Mystical) ବ୍ୟାପାର ନାହିଁ ।

ଏହା ଏପରି ସ୍ୱଚ୍ଛ, ପ୍ରୋଜ୍ଜ୍ୱଳ ଏବଂ ସୁସ୍ପଷ୍ଟ ଯୁକ୍ତି ଉପରେ ପ୍ରତିଷ୍ଠିତ ଯେ ଏହାକୁ ବାଦ୍ ଦେଇ ପୃଥିବୀର ବିକାଶ, ବିବର୍ତ୍ତନ ଓ ଅଗ୍ରଗତି କଥା ଚିନ୍ତା କରିବା ଏକାନ୍ତ ଅସମ୍ଭବ । ଯେହେତୁ ଏହା ଏପର୍ଯ୍ୟନ୍ତ ଅବ୍ୟକ୍ତ ଏବଂ ଅପରିସ୍ଫୁଟ ଏବଂ ଯେହେତୁ ଏହା ଊର୍ଦ୍ଧ୍ୱ ଭୂମିର ସତ୍ୟ, ସେଥିପାଇଁ ଏହା ଅଧ୍ୟାତ୍ମ ତତ୍ତ୍ୱ ଓ ଅଧ୍ୟାତ୍ମ ବିଦ୍ୟାର ଅନ୍ତର୍ଗତ । ଯେକୌଣସି ଗଭୀରତର ଓ ଉଚ୍ଚତର ସତ୍ୟ ଅଧ୍ୟାତ୍ମ ବିଦ୍ୟାର ଅନ୍ତର୍ଗତ; ସୁତରାଂ ଅତିମାନସ ଯେ ସର୍ବୋଚ୍ଚ ଆଧ୍ୟାତ୍ମିକ ତତ୍ତ୍ୱ ଏ ସମ୍ବନ୍ଧରେ କିଛି କହିବାର ନାହିଁ ।

ଶ୍ରୀଅରବିନ୍ଦ ବେଦାନ୍ତର ପରମ୍ପରା ରକ୍ଷା କରି ସମଗ୍ର ବିଶ୍ୱର ବିବର୍ତ୍ତନର ଦୁଇଟି ଦିଗ ସ୍ପଷ୍ଟ କରିଛନ୍ତି । ଗୋଟିଏ ହେଲା ନିମ୍ନଭୂମି ବା ଅପରାର୍ଦ୍ଧ, ଅନ୍ୟଟି ହେଲା ଊର୍ଦ୍ଧ୍ୱଭୂମି ବା ପରାର୍ଦ୍ଧ । ନିମ୍ନଭୂମିର ବିକଶିତ ତତ୍ତ୍ୱ ହେଲା ଜଡ଼, ପ୍ରାଣ, ମନ ଏବଂ ଏହା ଅବିଦ୍ୟା ଓ ଅନ୍ଧକାର, ଅଚେତନା ଦ୍ୱାରା ନିର୍ଦ୍ଦିଷ୍ଟ ଏବଂ ପରିଚାଳିତ । ଏଠାରେ ବିବର୍ତ୍ତନ ଊର୍ଦ୍ଧ୍ୱ ପଥରେ ବା ଆରୋହଣ ମାର୍ଗରେ ଆଗେଇ ଚାଲିଛି, ମାତ୍ର ବିବର୍ତ୍ତନ ପୂର୍ଣ୍ଣାଙ୍ଗତା ପ୍ରାପ୍ତ ହୋଇ ନାହିଁ ବା ପୂର୍ଣ୍ଣ ବିକାଶ ସମ୍ଭବ ହୋଇ ନାହିଁ । ଊର୍ଦ୍ଧ୍ୱ ଭୂମିର ତତ୍ତ୍ୱ ହେଲା ସତ୍, ଚିତ୍, ଆନନ୍ଦ ଓ ବିଜ୍ଞାନ ଏବଂ ଏଗୁଡ଼ିକ ହେଲା ଆଲୋକ, ଜ୍ଞାନ, ପୂର୍ଣ୍ଣତା, ଶକ୍ତି ଓ ମୁକ୍ତିର ପରମ କ୍ଷେତ୍ର । ଏଠାରେ ଅବିଦ୍ୟା, ଅନ୍ଧକାର ଏବଂ ଅଚେତନା ନାହିଁ । ଏହା ପୂର୍ଣ୍ଣାଙ୍ଗ ଦିବ୍ୟ ଭୂମି । ନିମ୍ନରେ ଥିବା ତିନୋଟି ଭୂମି : ଜଡ଼, ପ୍ରାଣ, ମନ ଏବଂ ଊର୍ଦ୍ଧ୍ୱରେ ଥିବା ଚାରୋଟି ଭୂମି : ସତ୍, ଚିତ୍, ଆନନ୍ଦ ଓ ବିଜ୍ଞାନ ଏହି ଉଭୟ ମଧ୍ୟରେ ଏକ ପର୍ଦ୍ଦା ରହିଛି । ନିମ୍ନଭୂମି ଊର୍ଦ୍ଧ୍ୱଭୂମିଠାରୁ ବିଚ୍ଛିନ୍ନ ହୋଇଯାଇଛି ଏବଂ ବିଶ୍ୱପ୍ରକୃତି ସେହି ଅବିଦ୍ୟା, ଅନ୍ଧକାର, ଅଚେତନା ମଧ୍ୟରେ କୋଟି କୋଟି ବର୍ଷ ଧରି କଚ୍ଛପ ସଦୃଶ ମନ୍ଥର ଗତିରେ ଅଗ୍ରସର ହେଉଅଛି । ଏହି ନିମ୍ନ ପ୍ରକୃତି ଓ ବିଶ୍ୱବିବର୍ତ୍ତନ ଧାରାର ମୂଳରେ ସେହି ଦିବ୍ୟ ଚେତନା, ଶକ୍ତି ଓ ସାମର୍ଥ୍ୟ ଗୋପନରେ, ପ୍ରଚ୍ଛନ୍ନ ଭାବରେ ରହି ତାହାକୁ ଉଚ୍ଚ ସ୍ତର ଆଡ଼କୁ ଉଠାଇବାକୁ ବାଧ କରୁଛି । ଯଦି ଏହି ଏଷଣା, ପ୍ରେରଣା ବା ସଙ୍କଳ୍ପ ପ୍ରକୃତିର ବିବର୍ତ୍ତନ ମଧ୍ୟରେ ନଥା'ନ୍ତା, ତାହେଲେ ଆଜି ଯେଉଁ ବିବର୍ତ୍ତନ ଆମ୍ଭେମାନେ ଦେଖୁଛୁ ତାହା ମଧ୍ୟ ସମ୍ଭବ ହୋଇ ନ ଥାଆନ୍ତା । ପ୍ରକୃତି-ବିବର୍ତ୍ତନର ମୂଳ ରହସ୍ୟ ହେଲା ତନ୍ମଧ୍ୟସ୍ଥ ଦିବ୍ୟ ଏଷଣା, ଦିବ୍ୟ ସଙ୍କଳ୍ପ । ଏହାକୁ ଆମ୍ଭେମାନେ ସାଧାରଣତଃ drive, urge, motive force, nisus ବା ପ୍ରେରଣା ବୋଲି କହିଥାଉ । ଊର୍ଦ୍ଧ୍ୱଭୂମିର ତତ୍ତ୍ୱଗୁଡ଼ିକର ଅବତରଣ ଫଳରେ ନିମ୍ନଭୂମିର ଆରୋହଣ ସମ୍ଭବପର ହୁଏ ।

ଏହା ପ୍ରକୃତିର ଏକ ନିର୍ଦ୍ଧାରିତ ନିୟମ – ନିମ୍ନଭୂମିର ଡାକ ଓ ଆବାହନ ସଙ୍ଗେ ସଙ୍ଗେ ଊର୍ଦ୍ଧ୍ୱଭୂମିର ଅବତରଣ ଘଟେ । ନିମ୍ନର ପ୍ରସ୍ତୁତି ଏବଂ ଊର୍ଦ୍ଧ୍ୱର ଉତ୍ତରଦାନ – ଏହା ନିଶ୍ଚିତ ଘଟଣା । ଯେବେ ଜଡ଼ ମଧ୍ୟରେ ପ୍ରାଣର ଅଭୀପ୍ସା ଜାଗ୍ରତ୍ ହେଲା ଏବଂ ପ୍ରାଣକୁ ଧାରଣ କରିବା ନିମିତ୍ତ ପ୍ରସ୍ତୁତି ଦେଖାଦେଲା, ସେହି ଅନୁଯାୟୀ ପ୍ରାଣଭୂମିରୁ ପ୍ରାଣର ଅବତରଣ ଘଟିଲା ଏବଂ ପ୍ରକୃତିର ବିବର୍ତ୍ତନରେ ପ୍ରାଣର ପ୍ରକାଶ ହେଲା । ସେହିପରି ପ୍ରାଣର ପ୍ରସ୍ତୁତି ସଙ୍ଗେ ସଙ୍ଗେ ଚେତନାର ପୁନଶ୍ଚ ଊର୍ଦ୍ଧ୍ୱାୟନ ଗତି ହେଲା । ପ୍ରାଣ ମଧ୍ୟରେ ମନୋଲୋକରୁ ମନର ଅବତରଣ ଘଟିଲା ଏବଂ ମନୋମୟ ଜୀବ ସୃଷ୍ଟି ହେଲେ । ଜଡ଼, ପ୍ରାଣ, ମନ – ଏହି ପ୍ରତ୍ୟେକଟି ତତ୍ତ୍ୱ ଏକହିଁ ବ୍ୟାପକ, ବିରାଟ, ବିଶାଳ ଓ ଅଖଣ୍ଡ ଚେତନାର ବିଭିନ୍ନ ପାହାଚ ବା ଗ୍ରନ୍ଥି (knot) । ଏକ, ଅଖଣ୍ଡ, ଶାଶ୍ୱତ ଓ ସର୍ବବ୍ୟାପକ ଚେତନାର ପ୍ରବାହ ଊର୍ଦ୍ଧ୍ୱକୁ ଉଠିଚାଲିଛି ଏବଂ ଊର୍ଦ୍ଧ୍ୱରେ ଥିବା ଏହି ଚେତନାର ଅନ୍ୟ ଦିଗଗୁଡ଼ିକୁ କ୍ରମଶଃ ବିକଶିତ କରୁଛି । ବର୍ତ୍ତମାନ ଏହି ଚେତନା ଯେଉଁ ସ୍ତରରେ ପହଞ୍ଚିଛି ତାହା ହେଲା ମନୋମୟ ସ୍ତର । କିନ୍ତୁ ଆମ୍ଭେମାନେ ଅନୁଧ୍ୟାନ କଲେ ବୁଝିପାରିବା ଯେ ମନ ବିବର୍ତ୍ତନର ଶେଷ ପାବଛ ନୁହେଁ । ମନ ମଧ୍ୟରେ ପୂର୍ଣ୍ଣ ଚେତନାର ବିକାଶ ଘଟି ନାହିଁ; ମନ ଅସ୍ପଷ୍ଟ, ଅବିଦ୍ୟାଚ୍ଛନ୍ନ, ଅପୂର୍ଣ୍ଣ ଓ ବିଖଣ୍ଡିତ । ମନର ଊର୍ଦ୍ଧ୍ୱରେ ଏକ ଉଚ୍ଚତର ଚେତନା ରହିଛି ଯାହା ପୂର୍ଣ୍ଣତା, ଜ୍ଞାନ, ଆଲୋକ ଓ ଶକ୍ତି ପ୍ରଦାନରେ ସକ୍ଷମ ହେବ । ମନୁଷ୍ୟ ଯୁଗ ଯୁଗ ଧରି ଯେଉଁ ଅମୃତ, ଜ୍ୟୋତିଃ ଓ ଦିବ୍ୟତାର ଅନୁସନ୍ଧାନ କରୁଛି ତାହା ଏହି ଊର୍ଦ୍ଧ୍ୱାୟନ ଗତିରେହିଁ ପ୍ରାପ୍ତ ହେବ । କିନ୍ତୁ ଏହି ଊର୍ଦ୍ଧ୍ୱଭୂମିର ପୂର୍ଣ୍ଣ ଜ୍ୟୋତିର୍ମୟ, ପୂର୍ଣ୍ଣ ଜ୍ଞାନମୟ, ପୂର୍ଣ୍ଣ ଆନନ୍ଦମୟ ଚେତନାର ଅବତରଣ ଫଳରେହିଁ ନିମ୍ନଭୂମିର ଏକ ବିରାଟ ପରିବର୍ତ୍ତନ ଦେଖାଦେବ, ନିମ୍ନଭୂମିରେ ଦେହ, ପ୍ରାଣ ଓ ମନର ଏକ ଆମୂଳ ପରିବର୍ତ୍ତନ ଦେଖାଦେବ, ଅଜ୍ଞାନର

ବିବର୍ତ୍ତନ ଶେଷ ହୋଇ ବିବର୍ତ୍ତନର ଧାରା ଜ୍ଞାନ ଓ ଆଲୋକ ମଧ୍ୟରେ ପ୍ରବେଶ କରିବ । ନିମ୍ନରୁ ଏକ ଅପ୍ରତିହତ ଅଭୀପ୍ସା ଓ ତାକ ଫଳରେ ଊର୍ଦ୍ଧ୍ୱ ଭୂମିର ଏକ ଶୁଦ୍ଧ ସ୍ୱର୍ଣ୍ଣମୟ ଦିବ୍ୟ କରୁଣାର ଅବତରଣ ଘଟିବ । ଏହି ଉଭୟର ସଂଯୋଗରେ ଏକ ନୂତନ ସୃଷ୍ଟି ଦେଖା ଦେବ, ଏକ ନୂତନ ଜୀବନ ଓ ନୂତନ ଜଗତର ପ୍ରତିଷ୍ଠା ହେବ । ବିବର୍ତ୍ତନର ଧାରାରେ ଯେଉଁ ଶକ୍ତି ଓ ସାମର୍ଥ୍ୟ ନିହିତ ଅଛି ତାହାର ପ୍ରକାଶ ଓ ଅଭିବ୍ୟକ୍ତି ଯଦି ଅବ୍ୟର୍ଥ ହୁଏ, ତେବେ ଏକ ଦିବ୍ୟସୃଷ୍ଟିରେ ପହଞ୍ଚିବା ଏକ ନିଶ୍ଚିତ ଘଟଣା ।

ଶ୍ରୀଅରବିନ୍ଦ ତାଙ୍କ ଜୀବନର ଶେଷ ଚାଳିଶ ବର୍ଷ କାଳ ଏହି ବୃହତ୍ ଓ ବିଶାଳ ସତ୍ୟର ଆବିଷ୍କାର ତଥା ପ୍ରତିଷ୍ଠା ନିମିତ୍ତ ସାଧନା କରି ଯାଇଛନ୍ତି । ସେ ଅତିମାନସ ସତ୍ୟର ସାକ୍ଷାତ୍ କଲେ ଏବଂ ମାନବଜାତିର ପ୍ରତିନିଧି ରୂପେ ସେହି ସତ୍ୟକୁ ପୃଥିବୀରେ ଉତାରି ଆଣିଲେ – ନିଜ ମଧ୍ୟରେ ଏବଂ ସମଗ୍ର ବିଶ୍ୱ ମଧ୍ୟରେ । ଏହି ସତ୍ୟର ଏହି ପୃଥିବୀ ସହିତ ସଂଯୋଗ ଫଳରେ ଏକ ବିଶାଳ ଓ ବିପୁଳ ପରିବର୍ତ୍ତନ ଦେଖାଦେବ – ଏହିପରି ଘୋର ଘଡ଼ିସନ୍ଧି କ୍ଷଣରେ ଓ ବିପୁଳ ବ୍ୟାପକ ପରିବର୍ତ୍ତନ କାଳରେ ଆମ୍ଭେମାନେ ବାସ କରୁଛୁ । ସେଥିପାଇଁ ସକଳ ପ୍ରକାର ଦୁଃଖ, ବିପଦ, ଅବସାଦ ଓ ଦ୍ୱନ୍ଦ୍ୱ ଦେଖା ଦେଇଛି । ଏହି ଦ୍ୱନ୍ଦ୍ୱ ନୂତନ ଜ୍ୟୋତିଃ, ନୂତନ ଶକ୍ତି ଓ ନୂତନ ଜଗତ୍ ତଥା ପୁରାତନ ଅଜ୍ଞାନତା, ମୂର୍ଖତା ଓ ମୂଢ଼ତା ମଧ୍ୟରେ ଦେଖା ଦେଇଛି । ଆମ୍ଭେମାନେ ପ୍ରକୃତରେ ଯଦି ଏହି ମୁହୂର୍ତ୍ତର ମହତ୍ତ୍ୱ ଓ ଗୁରୁତ୍ୱ ପ୍ରତି ଅବହିତ ହେବାକୁ ଚାହୁଁ, ତେବେ ଶ୍ରୀମା'ଙ୍କ ନିମ୍ନଲିଖିତ ବାଣୀ ପ୍ରତି ଦୃଷ୍ଟିଦେବାକୁ ହେବ :

"THERE are, in the history of the earth, moments of transition when things that have existed for thousands of years must give way to those that are about to manifest. A special concentration of the world consciousness, one might almost say, an intensification of its effort, occurs at such times, varying according to the kind of progress to be made, the quality of the transformation to be realised. We are at precisely such a turning-point in the world's history. Just as Nature has already created upon earth a mental being, man, so too there is now a concentrated activity in this mentality to bring forth a supramental consciousness and individuality.

"...A great luminous consciousness broods over the earth, creating a kind of stir in its atmosphere. All who are open receive a ripple from this eddy, a ray of this light and seek to give form to it, each according to his capacity.

"We have here the unique privilege of being at the very centre of this radiating light, at the fount of this force of transformation.

"Sri Aurobindo, incarnating the supramental consciousness in a human body, has not only revealed to us the nature of the path to follow and the way to follow it in order to reach the goal, but has also by his own personal realisation given us the example; he has provided us, so to say, with the proof that the thing can be done and that the time has come to do it."

(CWM, Vol. 12, p. 72) – The Mother

ଅର୍ଥାତ୍, ''ପୃଥିବୀ ଇତିହାସରେ ବେଳେବେଳେ ଏପରି ପରିବର୍ତ୍ତନର ମୁହୂର୍ତ୍ତ ଆସେ, ଯେତେବେଳେ ହଜାର ହଜାର ବର୍ଷରୁ ଚାଲି ଆସିଥିବା ବସ୍ତୁଗୁଡ଼ିକ ବାଧ ହୋଇ ଲୋପ ପାଇଯାଏ ଏବଂ ପ୍ରକାଶୋଦ୍ୟତ ବସ୍ତୁଚୟ ତାହାର ସ୍ଥାନ ଗ୍ରହଣ କରେ । ଏପରି ଘଡ଼ିସନ୍ଧି ବେଳେ କୁହାଯାଇପାରେ ଯେ, ପାର୍ଥିବ ଚେତନା ବିଶେଷ ରୂପେ କେନ୍ଦ୍ରିତ ହୁଏ ଏବଂ ତାହାର ଉଦ୍ୟମରେ ଘୋର ତୀବ୍ରତା ଦେଖାଦିଏ । ଏହି ଚେତନାର କେନ୍ଦ୍ରୀକରଣ ଏବଂ ଉଦ୍ୟମର ତୀବ୍ରତା ସେହି ସମୟରେ ହେବାକୁ ଯାଉଥିବା ଅଗ୍ରଗତି ଓ ରୂପାନ୍ତରର ଗୁଣଧର୍ମ ଅନୁପାତରେ କମ୍ ବେଶୀ ହୁଏ । ଆମେ ଇତିହାସର ଏହିପରି ଏକ ମୋଡ଼ ଉପରେ ଛିଡ଼ା ହୋଇଛୁ । ପ୍ରକୃତି ପୃଥିବୀପୃଷ୍ଠରେ ଏକ ମନୋମୟ ସତ୍ତାକୁ ସୃଷ୍ଟି କରି ସାରିଛି, ବର୍ତ୍ତମାନ ସେ କଠିନ ଉଦ୍ୟମ କରୁଛି ଏକ ନୂତନ ଅତିମାନସ ଚେତନା, ସତ୍ତା

ଓ ବ୍ୟକ୍ତିତ୍ୱକୁ ଜନ୍ମଦେବା ନିମିତ୍ତ । ଏହି କାର୍ଯ୍ୟରେ ପ୍ରକୃତି ବର୍ତ୍ତମାନ ଏକାଗ୍ର ହୋଇଛି ।

''... ଏକ ବିଶାଳ ଜ୍ୟୋତିର୍ମୟ ଚେତନା ପୃଥିବୀ ଉପରେ ଘୂରି ବୁଲୁଛି ଏବଂ ତାହାର ବାୟୁମଣ୍ଡଳ ମଧ୍ୟରେ ଏକ ପ୍ରକାର ଘୂର୍ଣ୍ଣି ସୃଷ୍ଟି କରୁଛି । ଯେଉଁମାନଙ୍କ ମଧ୍ୟରେ ଗ୍ରହଣଶୀଳତା ଅଛି, ସେମାନେ ଏହି ଘୂର୍ଣ୍ଣିର ଏକ ତରଙ୍ଗ ବା ପ୍ରବାହ ବା ଜ୍ୟୋତିଃର ଏକ ଛଟାକୁ ଗ୍ରହଣ କରି ତାକୁ ତାଙ୍କରି ସାମର୍ଥ୍ୟ ଅନୁସାରେ ରୂପ ଦେବାକୁ ଚେଷ୍ଟା କରୁଛନ୍ତି ।

''ଏଠାରେ ଆମ୍ଭମାନଙ୍କର ଅଭୂତପୂର୍ବ, ଅତୁଳନୀୟ ସୁଯୋଗ ରହିଛି, ଯେହେତୁ ଆମ୍ଭେମାନେ ଏହି ଜ୍ୟୋତିଃ ବିକିରଣର କେନ୍ଦ୍ରରେ ଏବଂ ରୂପାନ୍ତରକାରୀ ଶକ୍ତିର ମୂଳ ଉତ୍ସରେ ରହିଛୁ ।

''ଶ୍ରୀଅରବିନ୍ଦ ସ୍ୱୀୟ ମାନବ ଶରୀରରେ ଅତିମାନସ ଚେତନାକୁ ମୂର୍ତ୍ତ କରିଥିଲେ ଏବଂ କେବଳ ଯେ ସେ ଆମ୍ଭମାନଙ୍କୁ କେଉଁ ପଥ ଅନୁସରଣ କରିବାକୁ ହେବ ଏବଂ କେଉଁ ଉପାୟ ଅବଲମ୍ବନ କଲେ ଲକ୍ଷ୍ୟସ୍ଥଳରେ ପହଞ୍ଚି ହେବ ତାହା ଦର୍ଶାଇଛନ୍ତି ସେତିକି ନୁହେଁ ବରଂ ତାଙ୍କର ବ୍ୟକ୍ତିଗତ ସିଦ୍ଧି ଦ୍ୱାରା ଆମ୍ଭମାନଙ୍କୁ ଉଦାହରଣ ଦେଇ ଦେଖାଇ ଦେଇଛନ୍ତି । ଏପରି କୁହାଯାଇପାରେ ଯେ ସେ ଆମ୍ଭମାନଙ୍କୁ ପ୍ରମାଣ କରି ଦେଇ ଯାଇଛନ୍ତି, ଏହାକୁ ଅବଶ୍ୟ ହାସଲ କରାଯାଇପାରିବ ଏବଂ ବର୍ତ୍ତମାନହିଁ ଏହା ସାଧିତ ହୋଇ ପାରିବ ।'' — ଶ୍ରୀମା

(ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ,
ଦ୍ୱିତୀୟ ଖଣ୍ଡ, ପୃ. ୩୨୭-୩୩)

How beautiful is the day when one can offer one's devotion to Sri Aurobindo.
(CWM, Vol. 13, p. 27) – The Mother

*With best compliments from :*

**AUM SWASTIK FOODS**

**MAITAPUR, BALASORE, ODISHA**

ସାଧନା-ପରମ୍ପରା :

# ଶ୍ରୀମଦ୍‌ଭଗବଦ୍‌ଗୀତା

## (ଆକ୍ଷରିକ ଓଡ଼ିଆ ପଦ୍ୟାନୁବାଦ ସହ)

[ପୂର୍ବାଭାଷ : ଭାରତୀୟ ସଂସ୍କୃତି ଏବଂ ଅଧ୍ୟାତ୍ମ ଚିନ୍ତା ଓ ଚେତନାର ମୂଳପିଣ୍ଡ ହେଉଛି ଶ୍ରୀମଦ୍‌ଭଗବଦ୍‌ଗୀତା – ଆଧ୍ୟାତ୍ମିକ ଉତ୍ତରଣ ପାଇଁ ଯେଉଁମାନେ ପ୍ରସ୍ତୁତ ସେମାନଙ୍କ ପାଇଁ ଏହା ଦେଇଛି ନିର୍ଭୁଲ ଦିଗ୍‌ଦର୍ଶନ । ଶ୍ରୀଅରବିନ୍ଦଙ୍କ ଉକ୍ତି ମଧ୍ୟ ଅନୁରୂପ – ''ଗୀତା ଜଗତର ଶ୍ରେଷ୍ଠ ଧର୍ମଗ୍ରନ୍ଥ । ଗୀତାରେ ଯେଉଁ ଜ୍ଞାନ ସଂକ୍ଷେପରେ ବ୍ୟାଖ୍ୟାତ ହୋଇଛି ସେହି ଜ୍ଞାନ ଚରମ ଓ ଗୁହ୍ୟତମ ।'' ମାତ୍ର ସଂସ୍କୃତରେ ଲିଖିତ ଗୀତାର ଅଧ୍ୟୟନ ଓ ଅନୁଶୀଳନ ସର୍ବସାଧାରଣଙ୍କ ପାଇଁ ସହଜସାଧ୍ୟ ନୁହେଁ । ଏହି ଆବଶ୍ୟକତାର ପରିପୂରଣ ପାଇଁ ଅନ୍ୟାନ୍ୟ ପ୍ରାଦେଶିକ ଭାଷା ଭଳି ଓଡ଼ିଆ ଭାଷାରେ ମଧ୍ୟ ଏହାର ବହୁବିଧ ଅନୁବାଦ ଉପଲବ୍ଧ । କିନ୍ତୁ **ପଣ୍ଡିତ ଶ୍ରୀ ରଘୁନାଥ ମିଶ୍ର**ଙ୍କର ଅନୁବାଦ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର । ଏଥିରେ ଆକ୍ଷରିକ ଅର୍ଥ ମର୍ଯ୍ୟାଦା ଓ ପଦ ସଂଯୋଜନାର ଗାମ୍ଭୀର୍ଯ୍ୟ ଅଧିକ ତ୍ରୁଟିଶୂନ୍ୟ ଓ ହୃଦୟଗ୍ରାହୀ ବୋଧହୁଏ । ସେଥି ନିମନ୍ତେ ପ୍ରାୟ ଶହେ ବର୍ଷ ପୂର୍ବେ ଅନୂଦିତ ଓ ପ୍ରକାଶିତ ଏହି ପୁସ୍ତକଟିକୁ ଅଧୁନା ଧାରାବାହିକ ଭାବରେ 'ନବଜ୍ୟୋତି' ପତ୍ରିକାରେ ଉପସ୍ଥାପନ କରିବାର ସିଦ୍ଧାନ୍ତ ନିଆଯାଇଛି । ପ୍ରକାଶ ଥାଉକି ଏହି ପୁସ୍ତକଟିର ଅନୁବାଦକ ପଣ୍ଡିତ ଶ୍ରୀ ରଘୁନାଥ ମିଶ୍ର ସତ୍ୟବାଦୀ ବନବିଦ୍ୟାଳୟରେ ଶିକ୍ଷକତା କରୁଥିବା ସମୟରେ ପଣ୍ଡିତ ଶ୍ରୀ ନୀଳକଣ୍ଠ ଦାସଙ୍କ ସହକର୍ମୀ ଥିଲେ । ସଂସ୍କୃତ ଭାଷାରେ ଯଥେଷ୍ଟ ଦକ୍ଷତା ନଥିବା ଗୀତା ଅଧ୍ୟୟନରେ ଅନୁରାଗୀ ବ୍ୟକ୍ତିବିଶେଷ ମୂଳ ସଂସ୍କୃତ ଶ୍ଲୋକ ସହ ଏହି ଅନୁବାଦକୁ ଅଧ୍ୟୟନ କରି ଉପକୃତ ହେବେ ବୋଲି ଆଶା କରାଯାଏ । – ସମ୍ପାଦନା]

| ଶ୍ରୀମଦ୍‌ଭଗବଦ୍‌ଗୀତା<br>**ଦ୍ୱିତୀୟୋଽଧ୍ୟାୟଃ**<br>**ସାଂଖ୍ୟଯୋଗଃ** | ଶ୍ରୀମଦ୍‌ଭଗବଦ୍‌ଗୀତା<br>**ଦ୍ୱିତୀୟ ଅଧ୍ୟାୟ**<br>**ସାଂଖ୍ୟଯୋଗ** |
|---|---|
| ସଞ୍ଜୟ ଉବାଚ | ସଞ୍ଜୟ ଉବାଚ |
| ତଂ ତଥା କୃପୟାବିଷ୍ଟମଶ୍ରୁପୂର୍ଣ୍ଣାକୁଲେକ୍ଷଣମ୍ ।<br>ବିଷୀଦନ୍ତମିଦଂ ବାକ୍ୟମୁବାଚ ମଧୁସୂଦନଃ ॥ ।୧। | ଏହି ରୂପେ କୃପାବିଷ୍ଟ, ବାଷ୍ପାକୁଳିତ-ଲୋଚନ<br>ବିଷାଦିତ ଧନଞ୍ଜୟେ କହିଲେ ମଧୁସୂଦନ । ।୧। |
| ଶ୍ରୀଭଗବାନୁବାଚ | ଶ୍ରୀଭଗବାନ୍ ଉବାଚ |
| କୃତସ୍ତ୍ୱା କଶ୍ମଳମିଦଂ ବିଷମେ ସମୁପସ୍ଥିତମ୍ ।<br>ଅନାର୍ଯ୍ୟଜୁଷ୍ଟମସ୍ୱର୍ଗ୍ୟମକୀର୍ତ୍ତିକରମର୍ଜୁନ ॥ ।୨। | ବିଷମ ସଂକଟେ ତବ କିପାଁ ହେଲା ବୀରବର !<br>ଆର୍ଯ୍ୟର ଅଯୋଗ୍ୟ ମୋହ, ଅସ୍ୱର୍ଗ୍ୟ ଅକୀର୍ତ୍ତିକର । ।୨। |
| କ୍ଲୈବ୍ୟଂ ମା ସ୍ମ ଗମଃ ପାର୍ଥ ନୈତତ୍ତ୍ୱୟ୍ୟୁପପଦ୍ୟତେ ।<br>କ୍ଷୁଦ୍ରଂ ହୃଦୟଦୌର୍ବଲ୍ୟଂ ତ୍ୟକ୍ତ୍ୱୋତ୍ତିଷ୍ଠ ପରନ୍ତପ ॥ ।୩। | ନ ଭଜ କ୍ଲୀବତ୍ୱ, ନୁହେଁ ତୁମ୍ଭ ଯୋଗ୍ୟ ହେ ଅର୍ଜୁନ !<br>ହୃଦୟ ଦୌର୍ବଲ୍ୟ କ୍ଷୁଦ୍ର ତେଜି ଉଠ, ଅରିନ୍ଦମ । ।୩। |
| ଅର୍ଜୁନ ଉବାଚ | ଅର୍ଜୁନ ଉବାଚ |
| କଥଂ ଭୀଷ୍ମମହଂ ସଂଖ୍ୟେ ଦ୍ରୋଣଂ ଚ ମଧୁସୂଦନ ।<br>ଇଷୁଭିଃ ପ୍ରତିଯୋତ୍ସ୍ୟାମି ପୂଜାର୍ହାବରିସୂଦନ ॥ ।୪। | ପୂଜ୍ୟ ଭୀଷ୍ମ, ଦ୍ରୋଣ ସହ କିପରି ହେ ଜନାର୍ଦ୍ଦନ !<br>ଶର ବର୍ଷି ପ୍ରତିଯୁଦ୍ଧ କରିବି ଅରିସୂଦନ ? ।୪। |

ଗୁରୂନହତ୍ୱା ହି ମହାନୁଭାବାନ୍
ଶ୍ରେୟୋ ଭୋକ୍ତୁଂ ଭୈକ୍ଷ୍ୟମପୀହ ଲୋକେ ।
ହତ୍ୱାର୍ଥକାମାଂସ୍ତୁ ଗୁରୂନିହୈବ
ଭୁଞ୍ଜୀୟ ଭୋଗାନ୍ ରୁଧିରପ୍ରଦିଗ୍ଧାନ୍ ॥ ।୫।

ନ ବଧିଣ ଗୁରୁ ମହତ୍ ଆଶୟ
ଭିକ୍ଷାନ୍ନ ଭୋଜନ ପରମ ମଙ୍ଗଳ
ଅର୍ଥଲୁବ୍ଧ ମନ ଗୁରୁ ହତ୍ୟା କରି
ରକ୍ତଲିପ୍ତ-ଭୋଗ ଭୁଞ୍ଜିବ କେବଳ । ।୫।

ନ ଚୈତଦ୍ ବିଦ୍ମଃ କତରନ୍ନୋ ଗରୀୟୋ
ୟଦ୍‌ବା ଜୟେମ ୟଦି ବା ନୋ ଜୟେୟୁଃ ।
ୟାନେବ ହତ୍ୱା ନ ଜିଜୀବିଷାମ –
ସ୍ତେଽବସ୍ଥିତାଃ ପ୍ରମୁଖେ ଧାର୍ତ୍ତରାଷ୍ଟ୍ରାଃ ॥ ।୬।

ନ ବୁଝଇ ମୁହିଁ କେ ଯେ ଶ୍ରେଷ୍ଠତର
ଜୟ, ପରାଜୟ, ହେ ଦାମୋଦର ?
ଯାହାଙ୍କୁ ବଧିଣ ନ ବାଞ୍ଛେ ଜୀବନ
ସେହି କୌରବେ ଯେ ସମ୍ମୁଖେ ମୋର । ।୬।

କାର୍ପଣ୍ୟଦୋଷୋପହତସ୍ୱଭାବଃ
ପୃଚ୍ଛାମି ତ୍ୱାଂ ଧର୍ମସଂମୂଢ଼ଚେତାଃ ।
ୟଚ୍ଛ୍ରେୟଃ ସ୍ୟାନ୍ନିଶ୍ଚିତଂ ବ୍ରୂହି ତନ୍ମେ
ଶିଷ୍ୟସ୍ତେଽହଂ ଶାଧି ମାଂ ତ୍ୱାଂ ପ୍ରପନ୍ନମ୍ ॥ ।୭।

କାତରତା ଦୋଷେ ଆଚ୍ଛନ୍ନ ସ୍ୱଭାବ
ପୁଚ୍ଛଇ ତୁମ୍ଭଙ୍କୁ ଧର୍ମ-ମୂଢ଼ମନ,
ନିଶ୍ଚିତ ଯା’ ଶ୍ରେୟଃ କହ, ଶିଷ୍ୟ ମୁହିଁ
ଶିକ୍ଷା ଦିଅ ମୋତେ ପଶିଲି ଶରଣ । ।୭।

ନ ହି ପ୍ରପଶ୍ୟାମି ମମାପନୁଦ୍ୟାଦ୍
ୟଚ୍ଛୋକମୁଚ୍ଛୋଷଣମିନ୍ଦ୍ରିୟାଣାମ୍ ।
ଅବାପ୍ୟ ଭୂମାବସପତ୍ନମୃଦ୍ଧଂ
ରାଜ୍ୟ ସୁରାଣାମପି ଚାଧିପତ୍ୟମ୍ ॥ ।୮।

ଦେଖୁ ନାହିଁ କିଛି କେ କରିବ ମୋର
ଇନ୍ଦ୍ରିୟଶୋଷକ ଶୋକମୋଚନ
ଧରାର ସମୃଦ୍ଧ ନିଷ୍କଣ୍ଟକ ରାଜ୍ୟ
କିଂବା ସୁରରାଜ୍ୟ ତ୍ରିଦିବ ଧାମ । ।୮।

ସଞ୍ଜୟ ଉବାଚ

ଏବମୁକ୍ତ୍ୱା ହୃଷୀକେଶଂ ଗୁଡ଼ାକେଶଃ ପରନ୍ତପଃ ।
ନ ୟୋତ୍ସ୍ୟ ଇତି ଗୋବିନ୍ଦମୁକ୍ତ୍ୱା ତୂଷ୍ଣୀଂ ବଭୂବ ହ ॥ ।୯।

ସଞ୍ଜୟ ଉବାଚ

ପରନ୍ତପ ଧନଞ୍ଜୟ ହୃଷୀକେଶେ ଏ ବଚନ
ଭାଷି, ‘ନ କରିବି ଯୁଦ୍ଧ’ ବୋଲି ରହିଲେ ମଉନ । ।୯।

ତମୁବାଚ ହୃଷୀକେଶଃ ପ୍ରହସନ୍ନିବ ଭାରତ ।
ସେନୟୋରୁଭୟୋର୍ମଧ୍ୟେ ବିଷୀଦନ୍ତମିଦଂ ବଚଃ ॥ ।୧୦।

ଶୁଣି ତା’ ସହାସ୍ୟେ କୃଷ୍ଣ କହିଲେ, ହେ କୁରୁରାଣ !
ଉଭୟ ସେନା ମଧ୍ୟସ୍ଥ ଅର୍ଜୁନେ ବିଷଣ୍ଣ ମନ । ।୧୦।

ଶ୍ରୀଭଗବାନୁବାଚ

ଅଶୋଚ୍ୟାନନ୍ୱଶୋଚସ୍ତ୍ୱଂ ପ୍ରଜ୍ଞାବାଦାଂଶ୍ଚ ଭାଷସେ ।
ଗତାସୂନଗତାସୂଂଶ୍ଚ ନାନୁଶୋଚନ୍ତି ପଣ୍ଡିତାଃ ॥ ।୧୧।

ଶ୍ରୀଭଗବାନ ଉବାଚ

ଅଶୋଚ୍ୟେ ଶୋକାର୍ତ୍ତ, ପୁଣି କହୁଛ ପଣ୍ଡିତ ସମ
ମୃତ ବା ଜୀବିତ ପାଇଁ ନ ଶୋଚଇ ଜ୍ଞାନୀଜନ । ।୧୧।

ନ ତ୍ୱେବାହଂ ଜାତୁ ନାସଂ ନ ତ୍ୱଂ ନେମେ ଜନାଧିପାଃ ।
ନ ଚୈବ ନ ଭବିଷ୍ୟାମଃ ସର୍ବେ ବୟମତଃ ପରମ୍ ॥ ।୧୨।

ନୁହେଁ ଏହା, ଆମ୍ଭେ ତୁମ୍ଭେ କିବା ନରପତିଗଣ
ଜନ୍ମି ନ ଥିଲେଇଁ କେବେ, କିଂବା ନ ହେବା ଜନମ । ।୧୨।

ଦେହିନୋଽସ୍ମିନ୍ ଯଥା ଦେହେ କୌମାରଂ ଯୌବନଂ ଜରା ।
ତଥା ଦେହାନ୍ତରପ୍ରାପ୍ତିର୍ଧୀରସ୍ତତ୍ର ନ ମୁହ୍ୟତି ॥ ।୧୩।

ଦେହୀର ଏ ଦେହେ ଯଥା କୌମାର, ଜରା, ଯୌବନ
ଦେହାନ୍ତର ପ୍ରାପ୍ତି ତଥା, ଧୀର ନୁହେଁ ମୁହ୍ୟମାନ । ।୧୩।

ମାତ୍ରାସ୍ପର୍ଶାସ୍ତୁ କୌନ୍ତେୟ ଶୀତୋଷ୍ଣସୁଖଦୁଃଖଦାଃ ।
ଆଗମାପାୟିନୋଽନିତ୍ୟାସ୍ତାଂସ୍ତିତିକ୍ଷସ୍ୱ ଭାରତ ॥ ।୧୪।

ବିଷୟେ ଇନ୍ଦ୍ରିୟ ଯୋଗୁଁ, ସୁଖ, ଦୁଃଖ, ଉଷ୍ଣ, ଶୀତ,
ଅନିତ୍ୟ ସରବେ ପାର୍ଥ ! ହେଉଥା'ନ୍ତି ଗତାଗତ । ।୧୪।

ୟଂ ହି ନ ବ୍ୟଥୟନ୍ତ୍ୟେତେ ପୁରୁଷଂ ପୁରୁଷର୍ଷଭ ।
ସମଦୁଃଖସୁଖଂ ଧୀରଂ ସୋଽମୃତତ୍ୱାୟ କଳ୍ପତେ ॥ ।୧୫।

ଯେ ଜନ ବ୍ୟଥିତ ନୁହେଁ ତହିଁରେ ପୁରୁଷବର !
ଦୁଃଖେ ସୁଖେ ସମଜ୍ଞାନ, ଅମର ସେ ଧୀର ନର । ।୧୫।

ନାସତୋ ବିଦ୍ୟତେ ଭାବୋ ନାଭାବୋ ବିଦ୍ୟତେ ସତଃ ।
ଉଭୟୋରପି ଦୃଷ୍ଟୋଽନ୍ତସ୍ତ୍ୱନୟୋସ୍ତତ୍ତ୍ୱଦର୍ଶିଭିଃ ॥ ।୧୬।

ନ ଜନ୍ମେ 'ଅସତ୍' କେବେ, 'ସତ୍' ନୁହେଁ ତିରୋହିତ
ତତ୍ତ୍ୱଦର୍ଶୀ ଜନେ ଏହା ହୋଇଅଛି ପ୍ରମାଣିତ । ।୧୬।

ଅବିନାଶି ତୁ ତଦ୍ ବିଦ୍ଧି ୟେନ ସର୍ବମିଦଂ ତତମ୍ ।
ବିନାଶମବ୍ୟୟସ୍ୟାସ୍ୟ ନ କଶ୍ଚିତ୍ କର୍ତ୍ତୁମର୍ହତି ॥ ।୧୭।

ଜାଣ ତୁମ୍ଭେ ଅବିନାଶୀ ଅଟେ ଆତ୍ମା ସର୍ବବ୍ୟାପ୍ତ
ସେ ଅବ୍ୟୟ ଆତ୍ମା ନାଶେ ନୁହଇ କେହି ସମର୍ଥ । ।୧୭।

ଅନ୍ତବନ୍ତ ଇମେ ଦେହା ନିତ୍ୟସ୍ୟୋକ୍ତାଃ ଶରୀରିଣଃ ।
ଅନାଶିନୋଽପ୍ରମେୟସ୍ୟ ତସ୍ମାଦ୍ ୟୁଧ୍ୟସ୍ୱ ଭାରତ ॥ ।୧୮।

ଅମର, ଅମେୟ, ନିତ୍ୟ, ଆତ୍ମାର ଏ କଳେବର
ଅନ୍ତଃଶୀଳ, ଅତଏବ ହେ ଭାରତ ! ଯୁଦ୍ଧ କର । ।୧୮।

ୟ ଏନଂ ବେତ୍ତି ହନ୍ତାରଂ ୟଶ୍ଚୈନଂ ମନ୍ୟତେ ହତମ୍ ।
ଉଭୌ ତୌ ନ ବିଜାନୀତୋ ନାୟଂ ହନ୍ତି ନ ହନ୍ୟତେ ॥ ।୧୯।

ଯେ ଏହାକୁ ଭାବେ ହନ୍ତା, ଯେ ଅବା ଭାବଇ ହତ,
ଅଜ୍ଞାନ ସେ ହେ ଭାରତ ! ଆତ୍ମା, ନୁହେଁ ହନ୍ତା ହତ । ।୧୯।

ନ ଜାୟତେ ମ୍ରିୟତେ ବା କଦାଚିତ୍
ନାୟଂ ଭୂତ୍ୱା ଭବିତା ବା ନ ଭୂୟଃ ।
ଅଜୋ ନିତ୍ୟଃ ଶାଶ୍ୱତୋଽୟଂ ପୁରାଣୋ
ନ ହନ୍ୟତେ ହନ୍ୟମାନେ ଶରୀରେ ॥ ।୨୦।

ନ ଜନ୍ମଇ ନ ମରଇ ଏହା କଦାଚିତ
ନ ଲଭଇ ବୃଦ୍ଧି ଜନ୍ମ ହୋଇ ପୁନଃ ପୁନଃ
ଅଜାତ, ନିତ୍ୟ, ଶାଶ୍ୱତ, ପୁରାଣ-ସ୍ୱରୂପ
ଶରୀର ନାଶେ ଏହାର ନୁହେଁ ବିନାଶନ । ।୨୦।

ବେଦାବିନାଶିନଂ ନିତ୍ୟଂ ୟ ଏନମଜମବ୍ୟୟମ୍ ।
କଥଂ ସ ପୁରୁଷଃ ପାର୍ଥ କଂ ଘାତୟତି ହନ୍ତି କମ୍ ॥ ।୨୧।

ଯେ ଜାଣେ ଅକ୍ଷୟ, ନିତ୍ୟ, ଅଜ, ଅବ୍ୟୟ ଏହାରେ
କେମନ୍ତେ ପାର୍ଥ କାହାକୁ ସେ ମରାଏ ବା ମାରିପାରେ । ।୨୧।

ବାସାଂସି ଜୀର୍ଣ୍ଣାନି ୟଥା ବିହାୟ
ନବାନି ଗୃହ୍ଣାତି ନରୋଽପରାଣି ।
ତଥା ଶରୀରାଣି ବିହାୟ ଜୀର୍ଣ୍ଣା –
ନ୍ୟନ୍ୟାନି ସଂୟାତି ନବାନି ଦେହୀ ॥ ।୨୨।

ବାସ ଜୀର୍ଣ୍ଣ ହେଲେ ଯଥା ତ୍ୟାଗ କରି ତା'କୁ
ଅନ୍ୟ ନବବାସ ନର କରଇ ଗ୍ରହଣ
ପରିତ୍ୟାଗ କରି ତଥା ଜୀର୍ଣ୍ଣ କଳେବର
ଗ୍ରହଣ କରଇ ଆତ୍ମା ନବ ଦେହ ଆନ । ।୨୨।

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ॥ ।୨୩।

ଶସ୍ତ୍ର ନ ଛେଦେ ଆତ୍ମାରେ ନ ଦହଇ ହୁତାଶନ
ନ କରେ ସିକ୍ତ ସଲିଳ, ନ ଶୁଖାଏ ସମୀରଣ । ।୨୩।

ଅଚ୍ଛେଦ୍ୟୋଽୟମଦାହ୍ୟୋଽୟମକ୍ଲେଦ୍ୟୋଽଶୋଷ୍ୟ ଏବ ଚ ।
ନିତ୍ୟଃ ସର୍ବଗତଃ ସ୍ଥାଣୁରଚଲୋଽୟଂ ସନାତନଃ ॥ ।୨୪।

ଅଚ୍ଛେଦ୍ୟ, ଅଦାହ୍ୟ ତାହା ଅମଜ୍ଜ୍ୟ, ଅଶୋଷ୍ୟ, ପୁଣ
ନିତ୍ୟ, ସର୍ବବ୍ୟାପୀ, ସ୍ଥିର, ଅଚଳନ୍ତ ସନାତନ । ।୨୪।

ଅବ୍ୟକ୍ତୋଽୟମଚିନ୍ତ୍ୟୋଽୟମବିକାର୍ଯ୍ୟୋଽୟମୁଚ୍ୟତେ ।
ତସ୍ମାଦେବଂ ବିଦିତ୍ୱୈନଂ ନାନୁଶୋଚିତୁମର୍ହସି ॥ ।୨୫।

ଅଚିନ୍ତ୍ୟ, ଅବ୍ୟକ୍ତ, ଆତ୍ମା, ପୁଣି ବିକାର ରହିତ
ଜାଣି ଏହା ତୁମ୍ଭ ପକ୍ଷେ ନୁହଇ ଶୋକ ଉଚିତ । ।୨୫।

ଅଥ ଚୈନଂ ନିତ୍ୟଜାତଂ ନିତ୍ୟଂ ବା ମନ୍ୟସେ ମୃତମ୍ ।
ତଥାପି ତ୍ୱଂ ମହାବାହୋ ନୈନଂ ଶୋଚିତୁମର୍ହସି ॥ ।୨୬।

ଯଦି ବା ବିଚାର ଏହା ନିତ୍ୟ ଜାତ ନିତ୍ୟମୃତ
ତଥାପି ହେ ମହାବାହୋ, ଶୋକ ତବ ଅନୁଚିତ । ।୨୬।

ଜାତସ୍ୟ ହି ଧ୍ରୁବୋ ମୃତ୍ୟୁର୍ଧ୍ରୁବଂ ଜନ୍ମ ମୃତସ୍ୟ ଚ ।
ତସ୍ମାଦପରିହାର୍ଯ୍ୟେଽର୍ଥେ ନ ତ୍ୱଂ ଶୋଚିତୁମର୍ହସି ॥ ।୨୭।

ଜାତ ହେଲେ ଧ୍ରୁବ ମୃତ୍ୟୁ, ମରଣେ ଧ୍ରୁବ ଜନମ
ଅପରିହାର୍ଯ୍ୟ, ଏଥିରେ ଶୋକ ତେଣୁ ଅକାରଣ । ।୨୭।

ଅବ୍ୟକ୍ତାଦୀନି ଭୂତାନି ବ୍ୟକ୍ତମଧ୍ୟାନି ଭାରତ ।
ଅବ୍ୟକ୍ତନିଧନାନ୍ୟେବ ତତ୍ର କା ପରିଦେବନା ॥ ।୨୮।

ଆଦ୍ୟେ ଅବ୍ୟକ୍ତ ଏ ଦେହ, ମଧ୍ୟେ କିଛି ଦିନ ବ୍ୟକ୍ତ
ନିଧନେ ଅବ୍ୟକ୍ତ; ତେଣୁ କି ଚିନ୍ତା ତହିଁ ଭାରତ ? ।୨୮।

ଆଶ୍ଚର୍ଯ୍ୟବତ୍ ପଶ୍ୟତି କଶ୍ଚିଦେନ –
ମାଶ୍ଚର୍ଯ୍ୟବଦ୍ ବଦତି ତଥୈବ ଚାନ୍ୟଃ ।
ଆଶ୍ଚର୍ଯ୍ୟବଚ୍ଚୈନମନ୍ୟଃ ଶୃଣୋତି
ଶ୍ରୁତ୍ୱାପ୍ୟେନଂ ବେଦ ନ ଚୈବ କଶ୍ଚିତ୍ ॥ ।୨୯।

ଆଶ୍ଚର୍ଯ୍ୟ ସ୍ୱରୂପେ ଦେଖେ କେ ଆତ୍ମାରେ –
ଆଶ୍ଚର୍ଯ୍ୟ ସ୍ୱରୂପ କରେ କେ ବର୍ଣ୍ଣନ,
ଆଶ୍ଚର୍ଯ୍ୟ ସ୍ୱରୂପ ଶୁଣେ ଅନ୍ୟ ଜନ,
ଶୁଣିଲେ ହେଁ କିଛି ନ ଜାଣଇ ଆନ । ।୨୯।

ଦେହୀ ନିତ୍ୟମବଧ୍ୟୋଽୟଂ ଦେହେ ସର୍ବସ୍ୟ ଭାରତ ।
ତସ୍ମାତ୍ ସର୍ବାଣି ଭୂତାନି ନ ତ୍ୱଂ ଶୋଚିତୁମର୍ହସି ॥ ।୩୦।

ଅବଧ୍ୟ ସଦା ଏ ଆତ୍ମା, ସର୍ବଜୀବ ଦେହଗତ
ତେଣୁ ସର୍ବପ୍ରାଣୀ ଅର୍ଥେ ଶୋକ ତବ ଅନୁଚିତ । ।୩୦।

ସ୍ୱଧର୍ମମପି ଚାବେକ୍ଷ୍ୟ ନ ବିକମ୍ପିତୁମର୍ହସି ।
ଧର୍ମ୍ୟାଦ୍ଧି ଯୁଦ୍ଧାଚ୍ଛ୍ରେୟୋଽନ୍ୟତ୍ କ୍ଷତ୍ରିୟସ୍ୟ ନ ବିଦ୍ୟତେ ॥ ।୩୧।

ସ୍ୱଧର୍ମ ଦୃଷ୍ଟିରେ ମଧ୍ୟ ଅନୁଚିତ ତବ ଭୟ
ନାହିଁ କ୍ଷତ୍ରିୟର ଧର୍ମଯୁଦ୍ଧରୁଁ ବଳି ଅନ୍ୟ ଶ୍ରେୟ । ।୩୧।

ଯଦୃଚ୍ଛୟା ଚୋପପନ୍ନଂ ସ୍ୱର୍ଗଦ୍ୱାରମପାବୃତମ୍ ।
ସୁଖିନଃ କ୍ଷତ୍ରିୟାଃ ପାର୍ଥ ଲଭନ୍ତେ ଯୁଦ୍ଧମୀଦୃଶମ୍ ॥ ।୩୨।

ସ୍ୱର୍ଗ ମୁକ୍ତ-ଦ୍ୱାର ରୂପୀ ସ୍ୱତଃ ଯୁଦ୍ଧ ଉପସ୍ଥିତ
ଲଭନ୍ତି ଏସନ ଯୁଦ୍ଧ, ଭାଗ୍ୟବାନ କ୍ଷତ୍ରୀ ପାର୍ଥ ! ।୩୨।

ଅଥ ଚେତ୍ତ୍ୱମିମଂ ଧର୍ମ୍ୟଂ ସଂଗ୍ରାମଂ ନ କରିଷ୍ୟସି ।
ତତଃ ସ୍ୱଧର୍ମଂ କୀର୍ତ୍ତିଂ ଚ ହିତ୍ୱା ପାପମବାପ୍ସ୍ୟସି ॥ ।୩୩।

ନ କରିବ ଯେବେ ତୁମ୍ଭେ ଏ ଧର୍ମଯୁଦ୍ଧ ଅର୍ଜୁନ !
ଅବଶ୍ୟ ଲଭିବ ପାପ ହରାଇ ଯଶ ସ୍ୱଧର୍ମ । ।୩୩।

ଅକୀର୍ତ୍ତିଂ ଚାପି ଭୂତାନି କଥୟିଷ୍ୟନ୍ତି ତେଽବ୍ୟୟାମ୍ ।
ସମ୍ଭାବିତସ୍ୟ ଚାକୀର୍ତ୍ତିର୍ମରଣାଦତିରିଚ୍ୟତେ ॥ ।୩୪।

ଘୋଷିବେ ଅକୀର୍ତ୍ତି ତବ ଚିରକାଳ ଜୀବଗଣ
ଅକୀର୍ତ୍ତି ମରଣୁ ବଳେ ଯଶସ୍ୱୀ ଲୋକର ଜାଣ । ।୩୪।

ଭୟାଦ୍ରଣାଦୁପରତଂ ମଂସ୍ୟନ୍ତେ ତ୍ୱାଂ ମହାରଥାଃ ।
ଯେଷାଂ ଚ ତ୍ୱଂ ବହୁମତୋ ଭୂତ୍ୱା ଯାସ୍ୟସି ଲାଘବମ୍ ॥ ।୩୫।

ଭାବିବେ ମହାରଥୀଏ ଭୟେ ଉପେକ୍ଷିଲ ରଣ,
ମଣିବେ ସେ ଲଘୁତର କରନ୍ତି ଯେହୁ ସମ୍ମାନ । ।୩୫।

ଅବାଚ୍ୟବାଦାଂଶ୍ଚ ବହୂନ୍ ବଦିଷ୍ୟନ୍ତି ତବାହିତାଃ ।
ନିନ୍ଦନ୍ତସ୍ତବ ସାମର୍ଥ୍ୟଂ ତତୋ ଦୁଃଖତରଂ ନୁ କିମ୍ ॥ ।୩୬।

କହିବେ ଅକଥ୍ୟ କଥା ଶତ୍ରୁଗଣ କେତେ ଭଳି
ନିନ୍ଦିଣ ସାମର୍ଥ୍ୟ ତବ, କିବା ଦୁଃଖ ତହୁଁ ବଳି ? ।୩୬।

ହତୋ ବା ପ୍ରାପ୍ସ୍ୟସି ସ୍ୱର୍ଗଂ ଜିତ୍ୱା ବା ଭୋକ୍ଷ୍ୟସେ ମହୀମ୍ ।
ତସ୍ମାଦୁତ୍ତିଷ୍ଠ କୌନ୍ତେୟ ଯୁଦ୍ଧାୟ କୃତନିଶ୍ଚୟଃ ॥ ।୩୭।

ନିଧନେ ଲଭିବ ସ୍ୱର୍ଗ, ରାଜ୍ୟଭୋଗ ହେଲେ ଜୟ
ତେଣୁ ଉଠ ପାର୍ଥ ! ହୋଇ ଯୁଦ୍ଧାର୍ଥେ କୃତନିଶ୍ଚୟ । ।୩୭।

ସୁଖଦୁଃଖେ ସମେ କୃତ୍ୱା ଲାଭାଲାଭୌ ଜୟାଜୟୌ ।
ତତୋ ଯୁଦ୍ଧାୟ ଯୁଜ୍ୟସ୍ୱ ନୈବଂ ପାପମବାପ୍ସ୍ୟସି ॥ ।୩୮।

ସମ ମଣି ସୁଖ ଦୁଃଖ, ଜୟାଜୟ, ଲାଭାଲାଭ,
ପ୍ରବର୍ତ୍ତ ଯୁଦ୍ଧରେ, କେବେ ପାତକଭାଗୀ ନ ହେବ । ।୩୮।

ଏଷା ତେଽଭିହିତା ସାଂଖ୍ୟେ ବୁଦ୍ଧିର୍ଯୋଗେ ତ୍ୱିମାଂ ଶୃଣୁ ।
ବୁଦ୍ଧ୍ୟା ଯୁକ୍ତୋ ଯୟା ପାର୍ଥ କର୍ମବନ୍ଧଂ ପ୍ରହାସ୍ୟସି ॥ ।୩୯।

କହିଲି ଏ ସାଂଖ୍ୟଯୋଗ, ଏବେ ବୁଦ୍ଧିଯୋଗ ଶୁଣ,
କର୍ମବନ୍ଧୁଁ ଲଭେ ମୁକ୍ତି ବୁଦ୍ଧିଯୋଗ ଯୁକ୍ତଜନ । ।୩୯।

ନେହାଭିକ୍ରମନାଶୋଽସ୍ତି ପ୍ରତ୍ୟବାୟୋ ନ ବିଦ୍ୟତେ ।
ସ୍ୱଳ୍ପମପ୍ୟସ୍ୟ ଧର୍ମସ୍ୟ ତ୍ରାୟତେ ମହତୋ ଭୟାତ୍ ॥ ।୪୦।

ନ ହୁଏ ଉଦ୍ୟମ ନାଶ, ପାପ ଏଥିରେ ନ ହୁଏ,
ସ୍ୱଳ୍ପ ମାତ୍ର ଏହି ଧର୍ମେ ମହାଭୟ ଦୂରେ ଯାଏ । ।୪୦।

ବ୍ୟବସାୟାତ୍ମିକା ବୁଦ୍ଧିରେକେହ କୁରୁନନ୍ଦନ ।
ବହୁଶାଖା ହ୍ୟନନ୍ତାଶ୍ଚ ବୁଦ୍ଧୟୋଽବ୍ୟବସାୟିନାମ୍ ॥ ।୪୧।

ବ୍ୟବସାୟାତ୍ମିକା ବୁଦ୍ଧି ଏକଟି କୁରୁନନ୍ଦନ
ଅନନ୍ତ ବହୁଧା ବୁଦ୍ଧି ଧରେ ଅବିଶ୍ୱାସୀ ଜନ । ।୪୧।

ଯାମିମାଂ ପୁଷ୍ପିତାଂ ବାଚଂ ପ୍ରବଦନ୍ତ୍ୟବିପଶ୍ଚିତଃ ।
ବେଦବାଦରତାଃ ପାର୍ଥ ନାନ୍ୟଦସ୍ତୀତି ବାଦିନଃ ॥ ।୪୨।

ବୋଲନ୍ତି ଅଜ୍ଞାନୀଗଣ ସଦା ବେଦବାଦ ରତ
'ତହୁଁ ଶ୍ରେଷ୍ଠ ନାହିଁ' ବୋଲି ଯେ ପ୍ରଶଂସା ବାକ୍ୟ ପାର୍ଥ । ।୪୨।

କାମାତ୍ମାନଃ ସ୍ୱର୍ଗପରା ଜନ୍ମକର୍ମଫଳପ୍ରଦାମ୍ ।
କ୍ରିୟାବିଶେଷବହୁଳାଂ ଭୋଗୈଶ୍ୱର୍ଯ୍ୟଗତିଂ ପ୍ରତି ॥ ।୪୩।

ସ୍ୱର୍ଗକାମୀ ଜନମାନେ ଜନ୍ମକର୍ମଫଳ ଦାୟୀ
ନାନା କ୍ରିୟାଯୁକ୍ତ ନାନା ଯଜ୍ଞବ୍ରତ 'ଛନ୍ତି କହି । ।୪୩।

ଭୋଗୈଶ୍ୱର୍ଯ୍ୟପ୍ରସକ୍ତାନାଂ ତୟାପହୃତଚେତସାମ୍ ।
ବ୍ୟବସାୟାତ୍ମିକା ବୁଦ୍ଧିଃ ସମାଧୌ ନ ବିଧୀୟତେ ॥ ।୪୪।

ଭୋଗ-ଐଶ୍ୱର୍ଯ୍ୟ ଆସକ୍ତ, ତହିଁ ଅପହୃତ ମନ
ବ୍ୟବସାୟାତ୍ମିକାବୁଦ୍ଧି ନ ଲଭନ୍ତି କଦାଚନ । ।୪୪।

ତ୍ରୈଗୁଣ୍ୟବିଷୟା ବେଦା ନିସ୍ତ୍ରୈଗୁଣ୍ୟୋ ଭବାର୍ଜୁନଃ ।
ନିର୍ଦ୍ୱନ୍ଦ୍ୱୋ ନିତ୍ୟସତ୍ତ୍ୱସ୍ଥୋ ନିର୍ଯୋଗକ୍ଷେମ ଆତ୍ମବାନ୍ ॥ ।୪୫।

ସକାମ ସକଳ ବେଦ, ଅର୍ଜୁନ ! ହୁଅ ନିଷ୍କାମ
ଦ୍ୱନ୍ଦ୍ୱହୀନ, ନିତ୍ୟ ସତ୍ତ୍ୱସ୍ଥିତ, ଯୋଗୀ, ଆତ୍ମବାନ । ।୪୫।

ଯାବାନର୍ଥ ଉଦପାନେ ସର୍ବତଃ ସଂପ୍ଳୁତୋଦକେ ।
ତାବାନ୍ ସର୍ବେଷୁ ବେଦେଷୁ ବ୍ରାହ୍ମଣସ୍ୟ ବିଜାନତଃ ॥ ।୪୬।

ଯେବା ପ୍ରୟୋଜନ କୂପେ, ସର୍ବତ୍ର ଯା' ଜଳେ ପୂର୍ଣ୍ଣ,
ତେସନ ସର୍ବ ବେଦରେ, ଲବ୍‌ଧ ଯେବେ ବ୍ରହ୍ମଜ୍ଞାନ । ।୪୬।

କର୍ମଣ୍ୟେବାଧିକାରସ୍ତେ ମା ଫଳେଷୁ କଦାଚନ ।
ମା କର୍ମଫଳହେତୁର୍ଭୂର୍ମା ତେ ସଙ୍ଗୋଽସ୍ତ୍ୱକର୍ମଣି ॥ ।୪୭।

କର୍ମେ ତବ ଅଧିକାର, ଫଳେ ନୁହେଁ କଦାଚନ
ବିସର୍ଜିବ କର୍ମ-ଫଳ, ନ ତେଜିବ କିନ୍ତୁ କର୍ମ । ।୪୭।

ଯୋଗସ୍ଥଃ କୁରୁ କର୍ମାଣି ସଙ୍ଗଂ ତ୍ୟକ୍ତ୍ୱା ଧନଞ୍ଜୟ ।
ସିଦ୍ଧ୍ୟସିଦ୍ଧ୍ୟୋଃ ସମୋ ଭୂତ୍ୱା ସମତ୍ୱଂ ଯୋଗ ଉଚ୍ୟତେ ॥ ।୪୮।

କର କର୍ମ ପାର୍ଥ ! ହୋଇ ଯୋଗସ୍ଥ ଆସକ୍ତିହୀନ
ସିଦ୍ଧ୍ୟସିଦ୍ଧି ସମ ମଣି, ଯୋଗ ସେ ସମତ୍ୱ ନାମ । ।୪୮।

ଦୂରେଣ ହ୍ୟବରଂ କର୍ମ ବୁଦ୍ଧିଯୋଗାଦ୍ଧନଞ୍ଜୟ ।
ବୁଦ୍ଧୌ ଶରଣମନ୍ୱିଚ୍ଛ କୃପଣାଃ ଫଳହେତବଃ ॥ ।୪୯।

ବୁଦ୍ଧି ଯୋଗୁଁ କର୍ମଯୋଗ ଅପକୃଷ୍ଟ ଧନଞ୍ଜୟ !
କୃପଣ ଫଳେଚ୍ଛୁଗଣ, କର ବୁଦ୍ଧିଯୋଗାଶ୍ରୟ । ।୪୯।

ବୁଦ୍ଧିଯୁକ୍ତୋ ଜହାତୀହ ଉଭେ ସୁକୃତ ଦୁଷ୍କୃତେ ।
ତସ୍ମାଦ୍ ଯୋଗାୟ ଯୁଜ୍ୟସ୍ୱ ଯୋଗଃ କର୍ମସୁ କୌଶଳମ୍ ॥ ।୫୦।

ସୁକୃତ, ଦୁଷ୍କୃତ ଫଳ ତେଜେ ବୁଦ୍ଧିଯୁକ୍ତ ଜନ
କର୍ମେ କୁଶଳତା ଯୋଗ, ଯୋଗ ଅର୍ଥେ କର ଯତ୍ନ । ।୫୦।

କର୍ମଜଂ ବୁଦ୍ଧିଯୁକ୍ତା ହି ଫଳଂ ତ୍ୟକ୍ତ୍ୱା ମନୀଷିଣଃ ।
ଜନ୍ମବନ୍ଧବିନିର୍ମୁକ୍ତାଃ ପଦଂ ଗଚ୍ଛନ୍ତ୍ୟନାମୟମ୍ ॥ ।୫୧।

ସୁବୁଦ୍ଧି ମନୀଷୀଗଣ କର୍ମଫଳ ବିସର୍ଜିଣ
ଜନ୍ମବନ୍ଧନରୁ ତରି ପା'ନ୍ତି ଅନାମୟ ଧାମ । ।୫୧।

ଯଦା ତେ ମୋହକଲିଲଂ ବୁଦ୍ଧିର୍ବ୍ୟତିତରିଷ୍ୟତି ।
ତଦା ଗନ୍ତାସି ନିର୍ବେଦଂ ଶ୍ରୋତବ୍ୟସ୍ୟ ଶ୍ରୁତସ୍ୟ ଚ ॥ ।୫୨।

ବୁଦ୍ଧି ତବ ମୋହ-ଦୁର୍ଗ ଲଂଘନ କରିବ ଯେବେ
ଶ୍ରୋତବ୍ୟ, ଶ୍ରୁତ ବିଷୟେ ବୈରାଗ୍ୟ ଲଭିବ ତେବେ । ।୫୨।

ଶ୍ରୁତିବିପ୍ରତିପନ୍ନା ତେ ଯଦା ସ୍ଥାସ୍ୟତି ନିଶ୍ଚଳା ।
ସମାଧାବଚଳା ବୁଦ୍ଧିସ୍ତଦା ଯୋଗମବାପ୍ସ୍ୟସି ॥ ।୫୩।

ଦେବେ ବିଭ୍ରମିତ ବୁଦ୍ଧି ଯେବେ ସ୍ଥିର ହୋଇ ତବ
ହେବ ସମାଧିରେ ମଗ୍ନ, ତେବେ ଯୋଗ ପ୍ରାପ୍ତ ହେବ । ।୫୩।

ଅର୍ଜୁନ ଉବାଚ

ସ୍ଥିତପ୍ରଜ୍ଞସ୍ୟ କା ଭାଷା ସମାଧିସ୍ଥସ୍ୟ କେଶବ ।
ସ୍ଥିତଧୀଃ କିଂ ପ୍ରଭାଷେତ କିମାସୀତ ବ୍ରଜେତ କିମ୍ ॥ ।୫୪।

ଅର୍ଜୁନ ଉବାଚ

ସମାଧିସ୍ଥ ସ୍ଥିତପ୍ରଜ୍ଞ ଜନର କିସ ଲକ୍ଷଣ,
କି ଭାଷା ତାଙ୍କର ପ୍ରଭୋ ! କାହିଁ ନିବାସ, ଗମନ ? ।୫୪।

ଶ୍ରୀଭଗବାନୁବାଚ

ପ୍ରଜହାତି ଯଦା କାମାନ୍ ସର୍ବାନ୍ ପାର୍ଥ ମନୋଗତାନ୍ ।
ଆତ୍ମନ୍ୟେବାତ୍ମନା ତୁଷ୍ଟଃ ସ୍ଥିତପ୍ରଜ୍ଞସ୍ତଦୋଚ୍ୟତେ ॥ ।୫୫।

ଶ୍ରୀଭଗବାନ୍ ଉବାଚ

ମନର କାମନା ସର୍ବ କରି ପାର୍ଥ ! ପରିହାର
ଆତ୍ମାରେ ହିଁ ତୁଷ୍ଟ ଆତ୍ମା, ସ୍ଥିତପ୍ରଜ୍ଞ ନାମ ତା'ର । ।୫୫।

ଦୁଃଖେଷ୍ୱନୁଦ୍‌ବିଗ୍ନମନାଃ ସୁଖେଷୁ ବିଗତସ୍ପୃହଃ ।
ବୀତରାଗଭୟକ୍ରୋଧଃ ସ୍ଥିତଧୀର୍ମୁନିରୁଚ୍ୟତେ ॥ ।୫୬।

ଦୁଃଖେ ଅନୁଦ୍‌ବିଗ୍ନ ମନ, ସ୍ପୃହାହୀନ ସୁଖେ ପୁଣି
ରାଗ-ଭୟ-କ୍ରୋଧହୀନ, ସେହିଟି ସ୍ଥିତଧୀ ମୁନି । ।୫୬।

ଯଃ ସର୍ବତ୍ରାନଭିସ୍ନେହସ୍ତତ୍ତତ୍ ପ୍ରାପ୍ୟ ଶୁଭାଶୁଭମ୍ ।
ନାଭିନନ୍ଦତି ନ ଦ୍ୱେଷ୍ଟି ତସ୍ୟ ପ୍ରଜ୍ଞା ପ୍ରତିଷ୍ଠିତା ॥ ।୫୭।

ସର୍ବତ୍ର ଯେ ବୀତସ୍ନେହ, ଶୁଭେ ନୁହେଁ ଆନନ୍ଦିତ
ଅଶୁଭେ ବିମନା ନୁହେଁ, ପ୍ରଜ୍ଞା ତା'ର ପ୍ରତିଷ୍ଠିତ । ।୫୭।

ଯଦା ସଂହରତେ ଚାୟଂ କୂର୍ମୋଽଙ୍ଗାନୀବ ସର୍ବଶଃ ।
ଇନ୍ଦ୍ରିୟାଣୀନ୍ଦ୍ରିର୍ଥେଭ୍ୟସ୍ତସ୍ୟ ପ୍ରଜ୍ଞା ପ୍ରତିଷ୍ଠିତା ।। ।୫୮।

କୂର୍ମ ସର୍ବାଙ୍ଗ ସଦୃଶ କରେ ଯେହୁ ସଙ୍କୁଚିତ
ଇନ୍ଦ୍ରିୟ ସର୍ବ ବିଷୟୁଁ, ପ୍ରଜ୍ଞା ତା'ର ପ୍ରତିଷ୍ଠିତ । ।୫୮।

ବିଷୟା ବିନିବର୍ତ୍ତନ୍ତେ ନିରାହାରସ୍ୟ ଦେହିନଃ ।
ରସବର୍ଜ୍ଜଂ ରସୋଽପ୍ୟସ୍ୟ ପରଂ ଦୃଷ୍ଟ୍ୱା ନିବର୍ତ୍ତତେ ।। ।୫୯।

ବିଷୟୁଁ ନିବର୍ତ୍ତେ କିନ୍ତୁ କାମନା ନ ତେଜେ ଦେହୀ
ନିରାହାରେ, ବ୍ରହ୍ମଦର୍ଶୀ କିନ୍ତୁ କାମନା ତେଜଇ । ।୫୯।

ଯତତୋ ହ୍ୟପି କୌନ୍ତେୟ ପୁରୁଷସ୍ୟ ବିପଶ୍ଚିତଃ ।
ଇନ୍ଦ୍ରିୟାଣି ପ୍ରମାଥୀନି ହରନ୍ତି ପ୍ରସଭଂ ମନଃ ।। ।୬୦।

ହେଲେ ହେଁ ପୁରୁଷ ପାର୍ଥ ! ଜ୍ଞାନୀ ମୋକ୍ଷପରାୟଣ,
ପ୍ରମତ୍ତ ଇନ୍ଦ୍ରିୟଗଣ ବଳେ ହରନ୍ତି ତା' ମନ । ।୬୦।

ତାନି ସର୍ବାଣି ସଂୟମ୍ୟ ଯୁକ୍ତ ଆସୀତ ମତ୍ପରଃ ।
ବଶେ ହି ଯସ୍ୟେନ୍ଦ୍ରିୟାଣି ତସ୍ୟ ପ୍ରଜ୍ଞା ପ୍ରତିଷ୍ଠିତା ।। ।୬୧।

ସଂଯମୀ ସର୍ବ ଇନ୍ଦ୍ରିୟ ଯୋଗୀ ହୋଇବ ମତ୍ପର
ସର୍ବେନ୍ଦ୍ରିୟ ବଶ ଯା'ର, ପ୍ରଜ୍ଞା ପ୍ରତିଷ୍ଠିତ ତା'ର । ।୬୧।

ଧ୍ୟାୟତୋ ବିଷୟାନ୍ ପୁଂସଃ ସଙ୍ଗସ୍ତେଷୂପଜାୟତେ ।
ସଙ୍ଗାତ୍ ସଞ୍ଜାୟତେ କାମଃ କାମାତ୍ କ୍ରୋଧୋଽଭିଜାୟତେ ।। ।୬୨।

ବିଷୟେ ଆସକ୍ତି ଜନ୍ମେ ଯେହୁ ତାହା କରେ ଧ୍ୟାନ,
ଆସକ୍ତିରୁ ଜନ୍ମେ କାମ, କାମରୁ କ୍ରୋଧ ଉତ୍ପନ୍ନ । ।୬୨।

କ୍ରୋଧାଦ୍ ଭବତି ସମ୍ମୋହଃ ସମ୍ମୋହାତ୍ ସ୍ମୃତିବିଭ୍ରମଃ ।
ସ୍ମୃତିଭ୍ରଂଶାଦ୍ ବୁଦ୍ଧିନାଶୋ ବୁଦ୍ଧିନାଶାତ୍ ପ୍ରଣଶ୍ୟତି ।। ।୬୩।

କ୍ରୋଧରୁ ଜନ୍ମେ ସମ୍ମୋହ, ସମ୍ମୋହରୁ ସ୍ମୃତିଭ୍ରମ,
ସ୍ମୃତିଭ୍ରମେ ବୁଦ୍ଧି ନାଶ, ବୁଦ୍ଧି ନାଶେ ମୃତସମ । ।୬୩।

ରାଗଦ୍ୱେଷବିୟୁକ୍ତୈସ୍ତୁ ବିଷୟାନିନ୍ଦ୍ରିୟୈଶ୍ଚରନ୍ ।
ଆତ୍ମବଶ୍ୟୈର୍ବିଧେୟାତ୍ମା ପ୍ରସାଦମଧିଗଚ୍ଛତି ।। ।୬୪।

ରାଗ-ଦ୍ୱେଷୁଁ ମୁକ୍ତ ହୋଇ ଭୁଞ୍ଜିଲେ ହେଁ ଆତ୍ମଜୟୀ
ଇନ୍ଦ୍ରିୟେ ବିଷୟସୁଖ, ପ୍ରସାଦ ସେହୁ ଲଭଇ । ।୬୪।

ପ୍ରସାଦେ ସର୍ବଦୁଃଖାନାଂ ହାନିରସ୍ୟୋପଜାୟତେ ।
ପ୍ରସନ୍ନଚେତସୋ ହ୍ୟାଶୁ ବୁଦ୍ଧିଃ ପର୍ୟ୍ୟବତିଷ୍ଠତେ ।। ।୬୫।

ଆତ୍ମପ୍ରସାଦ ଲାଭରୁ ସର୍ବ ଦୁଃଖ ହୁଏ ଦୂର
ପ୍ରସନ୍ନ ଚେତାର ତେଣୁ ହୁଅଇଟି ବୁଦ୍ଧି ସ୍ଥିର । ।୬୫।

ନାସ୍ତି ବୁଦ୍ଧିରୟୁକ୍ତସ୍ୟ ନ ଚାୟୁକ୍ତସ୍ୟ ଭାବନା ।
ନ ଚାଭାବୟତଃ ଶାନ୍ତିରଶାନ୍ତସ୍ୟ କୁତଃ ସୁଖମ୍ ।। ।୬୬।

ଅସଂଯତ ଇନ୍ଦ୍ରିୟର ବୁଦ୍ଧି ବା ଭାବନା ନାହିଁ,
ଭାବନା ଅଭାବେ ଶାନ୍ତି, ଶାନ୍ତି ବିନା ସୁଖ କାହିଁ ? ।୬୬।

ଇନ୍ଦ୍ରିୟାଣାଂ ହି ଚରତାଂ ଯନ୍ମନୋଽନୁ ବିଧୀୟତେ ।
ତଦସ୍ୟ ହରତି ପ୍ରଜ୍ଞାଂ ବାୟୁର୍ନାବମିବାମ୍ଭସି ।। ।୬୭।

ମନ ଯା'ର ସ୍ୱେଚ୍ଛାଚାରୀ, ଇନ୍ଦ୍ରିୟେ ଯେ ହୁଏ ରତ,
ବାତେ ଯଥା ଜଳେ ନାବ, ପ୍ରଜ୍ଞା ତା'ର ହୁଏ ଲୁପ୍ତ । ।୬୭।

ତସ୍ମାଦ୍ ଯସ୍ୟ ମହାବାହୋ ନିଗୃହୀତାନି ସର୍ବଶଃ ।
ଇନ୍ଦ୍ରିୟାଣୀନ୍ଦ୍ରିୟାର୍ଥେଭ୍ୟସ୍ତସ୍ୟ ପ୍ରଜ୍ଞା ପ୍ରତିଷ୍ଠିତା ।। ।୬୮।

ତେଣୁ ଆହେ ମହାବାହୋ ! ସର୍ବରୂପେ ନିଗୃହୀତ
ବିଷୟୁଁ ଇନ୍ଦ୍ରିୟ ଯା'ର, ତା'ର ପ୍ରଜ୍ଞା ପ୍ରତିଷ୍ଠିତ । ।୬୮।

ଯା ନିଶା ସର୍ବଭୂତାନାଂ ତସ୍ୟାଂ ଜାଗର୍ତ୍ତି ସଂୟମୀ ।
ଯସ୍ୟାଂ ଜାଗ୍ରତି ଭୂତାନି ସା ନିଶା ପଶ୍ୟତୋ ମୁନେଃ ।। ।୬୯।

ସର୍ବଜୀବେ ଯାହା ନିଶା, ସଂଯମୀ ଜାଗ୍ରତ ତହିଁ
ଯହିଁରେ ଜାଗ୍ରତ ସର୍ବେ, ମୁନି ପକ୍ଷେ ନିଶା ସେହି । ।୬୯।

ଆପୂର୍ଯ୍ୟମାଣମଚଳପ୍ରତିଷ୍ଠଂ
ସମୁଦ୍ରମାପଃ ପ୍ରବିଶନ୍ତି ୟଦ୍‌ବତ୍ ।
ତଦ୍‌ବତ୍ କାମା ୟଂ ପ୍ରବିଶନ୍ତି ସର୍ବେ
ସ ଶାନ୍ତିମାପ୍ନୋତି ନ କାମକାମୀ ॥ ।୭୦।

ଆକୂଳ ପୂରିତ ସ୍ଥିର ଅଚଞ୍ଚଳ
ସମୁଦ୍ରେ ସଲିଳ ଯେସନ ପଶଇ
ତେସନ କାମନା ପ୍ରବେଶେ ଯାହାରେ
ସେହି ଲଭେ ଶାନ୍ତି, କାମୀ ନ ଲଭଇ । ।୭୦।

ବିହାୟ କାମାନ୍ ୟଃ ସର୍ବାନ୍ ପୁମାଂଶ୍ଚରତି ନିଃସ୍ପୃହଃ ।
ନିର୍ମମୋ ନିରହଙ୍କାରଃ ସ ଶାନ୍ତିମଧିଗଚ୍ଛତି ॥ ।୭୧।

ସମସ୍ତ କାମନା ତେଜି ହୁଏ ଯେହୁ ସ୍ପୃହାହୀନ
ନିର୍ମମ, ନିରହଙ୍କାର, ଶାନ୍ତି ଲଭେ ସେହି ଜନ । ।୭୧।

ଏଷା ବ୍ରାହ୍ମୀ ସ୍ଥିତିଃ ପାର୍ଥ ନୈନାଂ ପ୍ରାପ୍ୟ ବିମୁହ୍ୟତି ।
ସ୍ଥିତ୍ୱାସ୍ୟାମନ୍ତକାଲେଽପି ବ୍ରହ୍ମନିର୍ବାଣମୃଚ୍ଛତି ॥ ।୭୨।

ବ୍ରାହ୍ମୀସ୍ଥିତି ଏହା ପାର୍ଥ ! ନ କରେ ମୋହିତ ଜ୍ଞାନ
ଅନ୍ତେ କ୍ଷଣ-ଲାଭେ ମଧ, ଲଭଇ ବ୍ରହ୍ମନିର୍ବାଣ । ।୭୨।

ଓଁ ତତ୍ସଦିତି ଶ୍ରୀମଦ୍ଭଗବଦ୍‌ଗୀତାସୂପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ
ୟୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସମ୍ବାଦେ ସାଂଖ୍ୟୟୋଗୋ
ନାମ ଦ୍ୱିତୀୟୋଽଧ୍ୟାୟଃ ।

(କ୍ରମଶଃ)

ଅନୁବାଦ : ପଣ୍ଡିତ ଶ୍ରୀ ରଘୁନାଥ ମିଶ୍ର ✜

*Savitri*
the supreme revelation
of Sri Aurobindo's vision.

(CWM, Vol. 13, p. 24) – The Mother

*With best compliments from :*

**SRI JAGANNATH RICE MILL**

**MAITAPUR, BALASORE (ODISHA)**

ଶେଷ ପୃଷ୍ଠା :

# ପୂର୍ଣ୍ଣଯୋଗ ପଥରେ ପାଦ ରଖିବା

## ଶ୍ରୀ ବିଶ୍ୱମ୍ଭର ସାମନ୍ତ

*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

**(୩)**

ପୂର୍ଣ୍ଣଯୋଗର ପଥକୁ ଗ୍ରହଣ କରି ସେହି ପଥରେ ଆଗେଇ ଚାଲିବା ପାଇଁ ଯେଉଁମାନେ ସଙ୍କଳ୍ପ ଗ୍ରହଣ କରିଛନ୍ତି, ସେମାନଙ୍କ ପାଇଁ ପ୍ରଥମ କାମଟି ହେଲା ନିଜର ସେହି ସଙ୍କଳ୍ପଟିକୁ ଭଗବାନଙ୍କ ପାଖରେ, ଭଗବତୀ ଦିବ୍ୟ ଜନନୀଙ୍କ ପାଖରେ ସମର୍ପଣ କରି ଦେବା । କାରଣ ଏହି ପୂର୍ଣ୍ଣଯୋଗରେ ସମସ୍ତ ଅଗ୍ରଗତି, ସମଗ୍ର ସାଧନା ଓ ସିଦ୍ଧି ନିର୍ଦ୍ଧାରିତ, ନିୟନ୍ତ୍ରିତ ଓ ପରିଚାଳିତ ହୁଏ ମା'ଙ୍କ ଶକ୍ତିର କ୍ରିୟା ଦ୍ୱାରା । ଦିବ୍ୟ ପୂର୍ଣ୍ଣତାର ଲକ୍ଷ୍ୟ ରଖି ମନୁଷ୍ୟତ୍ୱକୁ ଅତିକ୍ରମ କରିଯିବା ଯେଉଁ ଯୋଗର ଲକ୍ଷ୍ୟ, ସେହି ଯୋଗ କରିବାର ସାମର୍ଥ୍ୟ କୌଣସି ମନୁଷ୍ୟର ଯେ ନାହିଁ ଏହା ଏକ ନିର୍ବିବାଦ ସତ୍ୟ । ଏହି ଯୋଗରେ ଅଗ୍ରଗତିର ପ୍ରତିଟି ପଦକ୍ଷେପ ପାଇଁ ଆମକୁ ସମ୍ପୂର୍ଣ୍ଣ ରୂପେ ମା'ଙ୍କ ଉପରେ ନିର୍ଭର କରିବାକୁ ହେବ । ମା'ଙ୍କ ଉପରେ ଏହି ନିର୍ଭରଶୀଳତାହିଁ ଆମକୁ ଖୋଲିଦେବ ଆମ ଭିତରେ ଚାଲିଥିବା ମା'ଙ୍କ କ୍ରିୟା ପ୍ରତି ।

ମା'ଙ୍କ ପ୍ରତି ନିଜକୁ, ନିଜର ସମଗ୍ର ଚେତନାକୁ ଖୋଲି ଧରିବାର ଏହି ସଙ୍କଳ୍ପ ଓ ଅଭୀପ୍ସା ସଙ୍ଗେ ସଙ୍ଗେ ଆମ ତରଫରୁ ଆଉ ଯେଉଁ ବିଷୟଟି ଉପରେ ସବୁଠୁ ପ୍ରାଧାନ୍ୟ ଓ ଗୁରୁତ୍ୱ ଦେବା କଥା ତାହା ହେଉଛି ସମସ୍ତ ବିଷୟରେ କ୍ରମଶଃ ଅଧିକରୁ ଅଧିକ ସଚେତ ହେବାକୁ ଚେଷ୍ଟା କରିବା । ଆମର ଆନ୍ତର ଚେତନା ତଥା ବାହ୍ୟଚେତନା ନେଇ ନିଜର ଜୀବନ ସମ୍ପର୍କରେ, ତାହାର ନାନା ଗତିବୃତ୍ତି ସମ୍ପର୍କରେ, ଆମର ପରିବେଶ, କର୍ମ ପରିସର ଓ ବ୍ୟକ୍ତିମାନଙ୍କ ସମ୍ପର୍କରେ, ଏସବୁ ସହ ଆମର ଆଚରଣ ଓ ଭାବର ଆଦାନ-ପ୍ରଦାନ ସମ୍ପର୍କରେ ଅଧିକ ସଚେତ ହେବା ପାଇଁ ଯତ୍ନ କରିବାକୁ ହେବ । ବିଶେଷ କରି ଏସବୁ ଭିତରେ ମା'ଙ୍କ ଶକ୍ତି କିପରି ଅବିରାମ କ୍ରିୟା କରି ଭଗବାନଙ୍କ ଦିବ୍ୟ ଯୋଜନା ଓ ସଂକଳ୍ପକୁ ଛତ୍ରେ ଛତ୍ରେ ଫୁଟାଇ ଚାଲିଛି ଓ ସବୁକିଛିକୁ ଭଗବତ୍ ସତ୍ୟର ଅବଶ୍ୟମ୍ଭାବୀ ବିଜୟ ଦିଗରେ ଚାଳିତ କରି ନେଇ ଚାଲିଛି, ସେହି ଦିବ୍ୟ ଲୀଳାର ରସାସ୍ୱାଦନ କରି ପାରିବୁ ନିଜର ସଚେତନତାର ଅଭିବୃଦ୍ଧି ଦ୍ୱାରାହିଁ ।

ତେଣୁ ମା'ଙ୍କ ପାଖରେ ନିଜକୁ ସମର୍ପଣ କରିଦେବା ଆମ ଯୋଗର ଯେପରି ପ୍ରଥମ କଥା, ସମସ୍ତ ବିଷୟରେ ସଚେତ ହୋଇ ଉଠିବାକୁ ଅଭୀପ୍ସା ଓ ପ୍ରୟାସ କରିବା ମଧ୍ୟ ସେହିପରି ତାହାର ଏକ ପ୍ରଧାନ ଅଙ୍ଗ । ଭଗବାନଙ୍କ କାମରେ ସଚେତ ସହଯୋଗ କରିବାର ଏହା ଏକ ଅପରିହାର୍ଯ୍ୟ ସର୍ତ୍ତ । ଜଣେ ସାଧକ ମା'ଙ୍କୁ ପ୍ରଶ୍ନ କରିଥିଲେ, ''ଭଗବାନ୍ ଆମ ପାଇଁ ଯାହାସବୁ କରୁଛନ୍ତି ଯଦି ଆମେ ସେସମ୍ପର୍କରେ ସଚେତ ନ ହେଉ ତା'ହେଲେ ଆମେ କ'ଣ ଅଗ୍ରଗତି କରିପାରିବୁ ନାହିଁ ?''

ତାହାର ଉତ୍ତରରେ ଶ୍ରୀମା' କହିଥିଲେ, "You progress, but you are not conscious of your progress; and so it is not a willed progress. That is, it is a progress that the Divine brings about in you without your collaboration. That takes much more time. It does occur, but it takes much more time. When you are conscious and collaborate and indeed do consciously what you should do, it is done much more quickly."

(CWM. Vol. 5, p. 61-62)

ଅର୍ଥାତ୍, ''ତୁମେ ଅଗ୍ରଗତି କର, କିନ୍ତୁ ତୁମେ ନିଜ ଅଗ୍ରଗତି ସମ୍ପର୍କରେ ସଚେତ ନୁହଁ; ତେଣୁ ଏହା ଏକ ସ୍ୱେଚ୍ଛାକୃତ ଅଗ୍ରଗତି ନୁହେଁ । ଅର୍ଥାତ୍, ତୁମର ସହଯୋଗ ବିନା ଭଗବାନ୍ ତୁମ ଭିତରେ ଏହି ଅଗ୍ରଗତିଟି ଆଣି ଦିଅନ୍ତି । ଏହା ଅନେକ ଅଧିକ ସମୟ ନିଏ । ଏହା ଘଟିଥାଏ, କିନ୍ତୁ ଏହା ଅଧିକ ସମୟ ଆବଶ୍ୟକ କରେ । ତୁମେ ଯେତେବେଳେ ସଚେତ ରୁହ ଓ ସହଯୋଗ କର ଓ ତୁମର ଯାହା କରିବା ଉଚିତ ତାହା ସଚେତ ଭାବରେ କର, ସେତେବେଳେ ଏହା ଅନେକ କମ୍ ସମୟ ଭିତରେ ସମ୍ପନ୍ନ ହୁଏ ।''

ଏଥିରେ କୌଣସି ସନ୍ଦେହ ନାହିଁ ଯେ ଆମ ଭିତରୁ

ବିପୁଳ ସଂଖ୍ୟକ ଲୋକ, ସେମାନଙ୍କ ଭିତରେ ଯେ ଦିବ୍ୟ ଚେତନା ବା ଦିବ୍ୟ ଶକ୍ତି ବୋଲି କିଛି କ୍ରିୟା କରୁଛି, ସେସମ୍ପର୍କରେ ଆଦୌ ସଚେତ ନୁହଁନ୍ତି । ମା' କହିଛନ୍ତି, ଏପରିକି ତୁମେ ଯଦି ଏ ସମ୍ପର୍କରେ ସେମାନଙ୍କୁ କିଛି କୁହ, ସେମାନେ କିଛି ନ ବୁଝି ତୁମକୁ ବଡ଼ ବଡ଼ ଆଖିରେ ଚାହିଁ ଭାବିବେ ତୁମେ ଏକ ଅର୍ଦ୍ଧ-ପାଗଳ । କିନ୍ତୁ ସେ ସମ୍ପର୍କରେ ସମ୍ପୂର୍ଣ୍ଣ ଅଜ୍ଞାନ ରହିଲେ ମଧ୍ୟ ଭଗବତ୍ ଦିବ୍ୟ ଚେତନା ସେମାନଙ୍କ ଭିତରେ କ୍ରିୟା କରୁଥାଏ । ମା'ଙ୍କ କଥାରେ, ''ତଥାପି ଦିବ୍ୟ ଚେତନା କାମ କରୁଥାଏ, ସମସ୍ତ ସମୟ ଧରି କାମ କରୁଥାଏ । ସେମାନଙ୍କୁ ସେମାନଙ୍କ ଭିତରେ ଧରି ଗଢ଼ି ଚାଲୁଥାଏ, ସେମାନେ ତାହା ଚାହାଁନ୍ତୁ ବା ନ ଚାହାଁନ୍ତୁ ।'' କିନ୍ତୁ ଆମେ ମଣିଷମାନେ ଏପରି ନିର୍ବୋଧ, ଯଦି ଆମେ ଟିକେ ବୁଝିପାରୁ ଓ ସଚେତ ହେଉ ଯେ ଆମ ଭିତରେ ଆଉ ଏକ ଶକ୍ତି କ୍ରିୟା କରୁଛି ଓ ବେଳେବେଳେ ତାହା ଆମର ଭୁଲ୍ ବିଚାର, ଇଚ୍ଛା ଓ କାମନା ବାସନାଗୁଡ଼ିକର ବିରୋଧରେ ଯାଉଛି, ସେତେବେଳେ ଆମର ଅହଂ ତାହାର ପ୍ରତିରୋଧ କରେ ଓ ଏକ ଅହଂସର୍ବସ୍ୱ ଦମ୍ଭ ଓ ଅଭିମାନ ନେଇ ଅଡ଼ି ବସେ ସବୁକିଛିକୁ ନିଜର ସ୍ୱାଧୀନ ଇଚ୍ଛା ଓ ଖିଆଲ-ଖୁସିରେ କରିବା ପାଇଁ । ହୁଏତ ଦିବ୍ୟ ଚେତନାର ଏକ ବିଶେଷ କ୍ରିୟା ଫଳରେ ସେ ନିଜର ସେହି ଭୁଲ୍ ଇଚ୍ଛା ପୂରଣରୁ ବଞ୍ଚିତ ହୁଏ କିନ୍ତୁ ସେ ବିଦ୍ରୋହୀ ହୋଇଉଠେ ଓ ନିଜର ସେହି ବ୍ୟର୍ଥତା ପାଇଁ ନିୟତିର ବିଧାନକୁ ଦୋଷ ଦିଏ । ଯଦି ସେ ଅଧିକ ସଚେତ ହୋଇ ଥାଆନ୍ତା ତେବେ ବୁଝିପାରି ଥାଆନ୍ତା ଯେ ତାହାର ସେହି ଅସାଫଲ୍ୟ ତାହାକୁ ତା'ର ମଙ୍ଗଳ ଦିଗରେହିଁ ନେଇ ଯାଇଛି ଓ ସେଥିପାଇଁ ସେ ଭଗବାନଙ୍କୁ ନିଜର କୃତଜ୍ଞତା ନିବେଦନ କରନ୍ତା ।

ଯାହାକିଛି ଘଟୁ, ସବୁ ସମୟରେ ଭଗବାନଙ୍କ ପ୍ରତି ଏକ କୃତଜ୍ଞତାର ଭାବ ପୋଷଣ କରିବା ଓ ସେହି ଭାବର ବିକାଶ ଘଟାଇ ଚାଲିବା ହେଉଛି ଭଗବତ୍ ଚେତନା ସହ ମିଳିତ ହେବାର ଏକ ପ୍ରଧାନ ମାଧ୍ୟମ ଏବଂ ଆମର କେଉଁଥିରେ ମଙ୍ଗଳ ତାହା ଆମ ଅପେକ୍ଷା ମା' ଅଧିକ ଭଲ ଜାଣନ୍ତି – ଏହିପରି ଏକ ଦୃଢ଼ ଓ ଅଖଣ୍ଡ ବିଶ୍ୱାସ ରଖିବା ହେଉଛି ଏ ଦିଗରେ ଏକ ପ୍ରଧାନ ଅବଲମ୍ବନ । ଏହି ବିଶ୍ୱାସ ଓ କୃତଜ୍ଞତାର ଭାବକୁ ଯଦି ଆମେ ସବୁ ସମୟରେ ଓ ସବୁ ପରିସ୍ଥିତିରେ ବଜାୟ ରଖି ପାରିବୁ ତେବେ ତାହାହିଁ ଆମ ଭିତରେ କ୍ରମଶଃ ଏକ ଦିବ୍ୟ ସମତାର ଭାବ ଆଣିଦେବ, ଯାହାକୁ ଆଶ୍ରୟ କରି ଆମେ ଜୀବନ ଓ ସଂସାରର ସମସ୍ତ ଝଡ଼ଝଞ୍ଜାର ସମ୍ମୁଖୀନ ହୋଇ ପାରିବୁ । ଗୀତାର କଥାରେ ଯୋଗର ଅନ୍ୟ ନାମ ହେଉଛି ସମତା ଏବଂ ଶ୍ରୀମା କହିଛନ୍ତି – ଅତିମାନସ ପ୍ରତି ଗ୍ରହଣଶୀଳତାର ପ୍ରଧାନ ଉପାଦାନ ହେଲା ସମତା ।

ସମର୍ପଣ, କୃତଜ୍ଞତା, ବିଶ୍ୱାସ ଓ ସମତା ଆଦି ଦିବ୍ୟ ଭାବଗୁଡ଼ିକ ପ୍ରତି ଆମେ ଆମର ଚେତନାକୁ ଯେତିକି ଅଧିକରୁ ଅଧିକ ଖୋଲି ଦେଉଥିବୁ, ଆମ ଭିତରେ, ଅନ୍ୟ ସମସ୍ତଙ୍କ ଭିତରେ, ସାରା ସଂସାର ଭିତରେ ଭାଗବତୀ ଶକ୍ତି କିପରି କ୍ରିୟା କରି ସମଗ୍ର ବିଶ୍ୱଜୀବନକୁ ଅନିବାର୍ଯ୍ୟ ଭାବରେ ଏକ ଦିବ୍ୟ ପୂର୍ଣ୍ଣତା ଆଡ଼କୁ ନେଇ ଚାଲିଛି, ସେ ସମ୍ପର୍କରେ ଆମେ ଅଧିକରୁ ଅଧିକ ସଚେତ ହୋଇ ଉଠିବୁ ଓ ଆମ ଜୀବନ-ଧାରଣର ଏକମାତ୍ର ଲକ୍ଷ୍ୟ ହୋଇ ଉଠିବ ଭଗବାନଙ୍କ ସେହି ଦିବ୍ୟ ଶକ୍ତିର କାମରେ ସଚେତ ସହଯୋଗ କରିବା ଏବଂ ତାହାଠାରୁ ବଳି ଅଧିକ ଆନନ୍ଦ ଆମେ ଆଉ କେଉଁଥିରୁ ପାଇ ପାରିବୁ ?

ମା'ଙ୍କ କଥାରେ, " 'Oh! What joy!' And you give yourself, you want to be as passive and receptive as possible so as not to stand in the way of this divine Will, this divine Consciousness that is acting. You become more and more attentive, and exactly to the extent you become more attentive and more sincere, you feel in what direction, in what movement this divine Consciousness is working, and you give yourself to it wholly."

(CWM, Vol. 5, p. 62)

ଅର୍ଥାତ୍, '' 'ଆଃ, କି ଆନନ୍ଦ !' ଏବଂ ତୁମେ ନିଜକୁ ଦେଇଦିଅ, ତୁମେ ଚାହଁ ଯେତେ ଅଧିକ ସମ୍ଭବ ନିଷ୍କ୍ରିୟ ଓ ଗ୍ରହଣଶୀଳ ହେବାକୁ ଯାହା ଫଳରେ କ୍ରିୟାଶୀଳ ଭଗବତ୍ ସଂକଳ୍ପ, ଭଗବତ୍ ଚେତନାର ପଥରେ ତୁମେ ଆଉ ବାଧା ସ୍ୱରୂପ ହେବ ନାହିଁ । ତୁମେ ଅଧିକରୁ ଅଧିକ ମନୋଯୋଗୀ ହୁଅ ଏବଂ ଠିକ୍ ଯେଉଁ ଅନୁପାତରେ ତୁମେ ଅଧିକ ମନୋଯୋଗୀ ଓ ଆନ୍ତରିକ ହୁଅ, ତୁମେ ଅନୁଭବ କର କେଉଁ ଦିଗରେ ଓ କେଉଁ ଗତିସ୍ପନ୍ଦନ ନେଇ ଏହି ଦିବ୍ୟ ଚେତନା କ୍ରିୟା କରୁଛି ଏବଂ ତୁମେ ପୂର୍ଣ୍ଣ ଭାବରେ ନିଜକୁ ତା' ହାତରେ ଦେଇ ଦିଅ ।''

ମା'ଙ୍କ କହିବାନୁସାରେ ଏହି ଭାବରେ ସଚେତ ହୋଇ କାମ କରିପାରିଲେ ଯେଉଁ କାମଟି ଆମକୁ ବର୍ଷ ବର୍ଷ ଲାଗିଯାଇ ଥାଆନ୍ତା, ତାହା ମାତ୍ର କେଇ ମିନିଟରେ ସମ୍ପନ୍ନ ହୋଇ ପାରିବ । ଯୁଗ ଯୁଗର କାମଟିକୁ ଏକାଗ୍ର, ଘନ ସନ୍ନିବେଶିତ ଓ ସଂକ୍ଷିପ୍ତ କାଳ ଭିତରେ ସମ୍ପନ୍ନ କରିବା ତ ସମସ୍ତ ଯୋଗର ଲକ୍ଷ୍ୟ, ବିଶେଷ କରି ପୂର୍ଣ୍ଣଯୋଗର । ସଚେତ ଭାବରେ ଏହି ଲକ୍ଷ୍ୟ ଗ୍ରହଣ କରିପାରିଲେ ହିଁ ଆମେ କହିପାରିବୁ ଯେ ଆମେ ପୂର୍ଣ୍ଣଯୋଗର ପଥରେ ପାଦ ରଖିଛୁ ।

## (୪)

ଉଲ୍ଲିଖିତ ଆଲୋଚନା ଅନୁଯାୟୀ ପୂର୍ଣ୍ଣଯୋଗରେ ଏକ ପ୍ରଧାନ ଅଙ୍ଗ ହେଉଛି ସବୁ ବିଷୟରେ ଅଧିକରୁ ଅଧିକ କରିପାରୁଥିବା ଚେତନାର ଯେଉଁ ସ୍ତରରେ ଆମେ ପହଞ୍ଚି ଥାଉ, ଆମ ପାଇଁ ସେତେବେଳେ ତାହାହିଁ ଚେତନାର ସର୍ବୋଚ୍ଚ ସ୍ତର ହୋଇଥାଏ । ଆମର ଭାବନା, ଚିନ୍ତା, ଆବେଗ ଓ କର୍ମଗୁଡ଼ିକୁ ଆମେ ସେହି ସ୍ତରରେ ରହିହିଁ ରୂପ ଦେବାକୁ ପ୍ରୟାସ କରୁ । ଯଦିଓ ତତ୍ତ୍ୱଗତ ଭାବେ ଆମେ ଜାଣିଥାଉ ବା ଶୁଣିଥାଉ ଯେ ଚେତନାର ଆହୁରି ଅଧିକ, ବହୁ ଗୁଣରେ ଅଧିକ ଉନ୍ନତତର ସ୍ତରମାନ ରହିଛି, କିନ୍ତୁ ବ୍ୟାବହାରିକ ଭାବେ ଆମେ ଚେତନାର ଯେଉଁ ସ୍ତରରେ ପହଞ୍ଚିଥାଉ, କେବଳ ସେହି ସ୍ତରରୁହିଁ ଆମର ଜୀବନ, କର୍ମ ଓ ଆଚରଣଗୁଡ଼ିକ ରୂପାୟିତ ହୋଇଥାଏ । ତେଣୁ ଚେତନାର ବିକାଶ ପଥରେ ଆଗେଇଯିବାହିଁ ହେଉଛି ଜୀବନକୁ ବିକାଶ ପଥରେ ଆଗେଇ ନେବାର ଏକମାତ୍ର ବାଟ । ଚେତନାର ବିକାଶର ଅର୍ଥ ହେଉଛି ଚେତନାର ସ୍ତରକୁ ଆହୁରି ଅଧିକରୁ ଅଧିକ ଉଚ୍ଚତା ଦିଗରେ ଉତ୍ତୋଳିତ ଓ ଉନ୍ନୀତ କରିନେବା ଏବଂ ଗଭୀରତାରୁ ଆହୁରି ଗଭୀରତର ସ୍ତରରେ ପ୍ରବେଶ କରିବା ଯେତେବେଳେ କି ଶେଷରେ ଆମର ଚେତନା ଭଗବତ୍ ଉପସ୍ଥିତି ଓ ଭଗବତ୍ ଚେତନାର ସାକ୍ଷାତ୍ ପରିଚୟ ଲାଭ କରି ତା' ସହ ମିଳି ଏକ ହୋଇଯିବ । ସୁତରାଂ ନିଜ ଭିତରେ ନିତ୍ୟ ନିରନ୍ତର ଭଗବତ୍ ଚେତନା ସହ ଯୁକ୍ତ ଓ ମିଳିତ ହେବା ପାଇଁ ନିରବଚ୍ଛିନ୍ନ ଅଭୀପ୍ସା ରଖି ପାରିଲେ ଆମେ ଦେଖିବୁ ଆମର ଚେତନା କ୍ରମଶଃ ଆହୁରି ନୂଆ ନୂଆ ଉଚ୍ଚତର ଓ ଗଭୀରତର ଚେତନାର ସ୍ତର ଦିଗରେ ଖୋଲି ଯାଉଛି ଓ ଆମର ସଚେତନତା ମଧ୍ୟ ସେହି ଅନୁପାତରେ ବୃଦ୍ଧି ପାଇବାରେ ଲାଗିଛି । ସେତେବେଳେ ଆମ ପାଇଁ ସ୍ପଷ୍ଟ ହୋଇଯିବ ଭଗବାନ୍ ଆମ ଦ୍ୱାରା ଠିକ୍ କେଉଁ କାମଟି, କିପରି ଭାବେ କରାଇ ନେବାକୁ ଚାହାଁନ୍ତି । ସେତେବେଳେ ଆମ ଭିତରେ ଆଉ କୌଣସି ଦ୍ୱନ୍ଦ୍ୱ, ଉଦ୍‌ବେଗ, ହତାଶା ଓ ଅଧୈର୍ଯ୍ୟ ହେବାର ଭାବ ରହିବ ନାହିଁ । ସେତେବେଳେ ସହଜ ଓ ସ୍ୱତଃସ୍ଫୂର୍ତ୍ତ ଭାବରେ ଆମର ଚେତନା ହୋଇ ଉଠିବ ଭଗବତ୍ ଚେତନା ଓ ଶକ୍ତିର ଏକ ସଚେତନ ଯନ୍ତ୍ର । ପୂର୍ଣ୍ଣଯୋଗର ପଥରେ ପାଦ ରଖିବାକୁ ହେଲେ ଆମକୁ ପ୍ରଥମତଃ ଏହି ସଚେତନତାର ଲକ୍ଷ୍ୟ ଗ୍ରହଣ କରିବାକୁ ହେବ ।

କିନ୍ତୁ ଏହି ଲକ୍ଷ୍ୟକୁ ଜାଣି ମଧ୍ୟ ଆମେ କାହିଁକି ଏ ଦିଗରେ ଆଗେଇଯିବା ପାଇଁ ତତ୍ପର ନହୋଇ ହେଳା ପ୍ରଦର୍ଶନ କରିଥାଉ ? ନିଜକୁ ସୁହାଇଲା ଭଳି ନାନା ମନଗଢ଼ା ଯୁକ୍ତି ଦେଖାଇ ନିଜର ଆଳସ୍ୟ ଓ ତାମସିକତାକୁ ପ୍ରଶ୍ରୟ ଦେଇଥାଉ ? କାରଣ ଆମ ଚେତନାରେ ନିମ୍ନତର ଓ ଉଚ୍ଚତର ଦୁଇଟି ଦିଗ ରହିଛି । ଏହି ଉଚ୍ଚତର ଦିଗଟି ଆମ ଚେତନାକୁ ଉପରକୁ ଉଠାଇ ନେବା ପାଇଁ ଯେପରି ଉତ୍ସାହ ଓ ପ୍ରେରଣା ଦିଏ, ନିମ୍ନତର ଦିଗଟି ସେହିପରି ଚେତନାକୁ ତଳକୁ ଟାଣିବାରେ ଲାଗିଥାଏ । ତେଣୁ ସଚେତ ହେବା ପାଇଁ ଖାଲି ମନରେ ଏକ ଇଚ୍ଛା ରଖି ନିଜେ ନିଷ୍କ୍ରିୟ ହୋଇ ବସି ରହିଲେ ଚଳିବ ନାହିଁ, ସେହି ଇଚ୍ଛାକୁ ଏକ ସକ୍ରିୟ ଅଭୀପ୍ସା ଓ ସଙ୍କଳ୍ପରେ ପରିଣତ କରିବାକୁ ହେବ । ଥରେ ଜଣେ ଶିଷ୍ୟ ମା'ଙ୍କୁ ପ୍ରଶ୍ନ କରିଥିଲେ ସଚେତ ହେବାର ପ୍ରଣାଳୀଟି କ'ଣ ଓ କିପରି ତାହା ଅଭ୍ୟାସ କରିବାକୁ ହେବ ?

ମା'ଙ୍କ ଉତ୍ତର ଥିଲା, "You must establish this will to be conscious constantly and then change the mental will into an aspiration. You must have this movement. And then never to forget. You must look, look at yourself, and look at your life with the sincerity not to make a mistake, never to deceive yourself."

(CWM, Vol. 5, p. 62)

ଅର୍ଥାତ୍, ''ସଚେତ ହେବାର ଏହି ଇଚ୍ଛାଟିକୁ ନିରନ୍ତର ପ୍ରତିଷ୍ଠିତ କରିବାକୁ ହେବ ଏବଂ ତା'ପରେ ଏହି ମାନସିକ ଇଚ୍ଛାଟିକୁ ଏକ ଅଭୀପ୍ସାରେ ପରିବର୍ତ୍ତିତ କରିବାକୁ ହେବ । ଏହି ଗତିବୃତ୍ତିକୁ ତୁମକୁ ଧରି ରଖିବା ଉଚିତ ଏବଂ ଏହା ଯେପରି ଆଦୌ ଭୁଲି ନଯାଅ । ତୁମେ ନିରୀକ୍ଷଣ କରିବ, ନିଜକୁ ନିରୀକ୍ଷଣ କରିବ ଏବଂ ନିଜ ଜୀବନକୁ ନିରୀକ୍ଷଣ କରିବ ଏବଂ

କୌଣସି ଭୁଲ୍ ନକରିବା ପାଇଁ, କୌଣସି ଆତ୍ମ-ପ୍ରବଞ୍ଚନାକୁ ପ୍ରଶ୍ରୟ ନଦେବା ପାଇଁ ଏକ ଆନ୍ତରିକତା ନେଇ ତୁମକୁ ଏହା କରି ଚାଲିବାକୁ ହେବ ।''

ଆମେ ଯଦି ସ୍ୱଚ୍ଛ ଦୃଷ୍ଟି ନେଇ, ଆତ୍ମପକ୍ଷ ସମର୍ଥନ କରିବାର କୌଣସି ପ୍ରବୃତ୍ତି ନରଖି ନିଜ ଭିତରକୁ ଅନାଉ, ତା'ହେଲେ ଦେଖି ପାରିବୁ ଆମର ସମସ୍ତ ଭୁଲ୍‌ଗୁଡ଼ିକ, ଆତ୍ମ-ପ୍ରବଞ୍ଚନାଗୁଡ଼ିକ ଆମ ଚେତନାର ନିମ୍ନ ସ୍ତରର ଅଂଶରୁହିଁ ଆସିଥାଏ । ନିତିଦିନ ଘଟୁଥିବା ଏକ ସରଳ ଉଦାହରଣ ନିଆଯାଉ – ଆମେ ପରସ୍ପର ସଙ୍ଗେ କଳହ କରୁ, ନାନା ବାକ୍‌ବିତଣ୍ଡା ଓ ଗାଳିଗୁଲଜ କରି ନାନା କଟୁ, ତାଚ୍ଛଲ୍ୟ ଓ ବିଦ୍ରୂପଭରା, ଅସଂଯତ, ଅମାର୍ଜିତ ଭାଷାସବୁ ପ୍ରୟୋଗ କରୁ, ତାହା ପୁଣି ଅତି ସାମାନ୍ୟ ଛୋଟ ଛୋଟ କଥାରେ । ମା' ଥରେ ଏ ସମ୍ପର୍କରେ କହିବାକୁ ଯାଇ ପ୍ରଥମେ ବିସ୍ମୟ ପ୍ରକାଶ କରିଥିଲେ ଯେ ବିଚାର-ବୁଦ୍ଧିସମ୍ପନ୍ନ ଲୋକମାନେ କିପରି କଳି କରନ୍ତି ? ଆମେ ବରାବର କୈଫିୟତ ଦେଇଥାଉ ଯେ ଆମେ ନୁହେଁ, ଅପର ଲୋକଟି ଭୁଲ୍ କରୁଛି ଓ ତାକୁ ସେସମ୍ପର୍କରେ ଚେତାଇ ନଦେଲେ ସେ ନିଜର ଭୁଲ୍ ବୁଝି ପାରିବ ନାହିଁ । ସେତେବେଳେ ଆମେ ଭାବିଥାଉ ଯେ ଆମେ ପୂରା ଠିକ୍ ଓ ଅପର ଲୋକଟି ପୂରା ଭୁଲ୍ । ମା' ବୁଝାଉଥିଲେ ଯେ ଆମର ଯାହା କରିବା ଉଚିତ ତା' ହେଉଛି କଳହର ଉପକ୍ରମ ହେବା ସଙ୍ଗେ ସଙ୍ଗେ ତତ୍‌କ୍ଷଣାତ୍ ପଛକୁ ଘୁଞ୍ଚି ଆସିବା ଏବଂ ଅପର ଲୋକର ସ୍ଥାନରେ ନିଜକୁ ରଖି ସେ କାହିଁକି ଏପରି କାମ କରୁଛି ଓ ଏପରି କଥା କହୁଛି ଓ ଆମ ନିଜ ଭିତରେ କେଉଁଠି, କେଉଁ ତ୍ରୁଟି ଓ ଦୁର୍ବଳତା ରହିଛି ତାହା ଦେଖିବାକୁ ଚେଷ୍ଟା କରିବା । ଏବଂ ତା'ପରେ ଉଭୟ ଭିତରେ ତୁଳନା କରି ଆମେ ଯଥାର୍ଥ ସିଦ୍ଧାନ୍ତରେ ପହଞ୍ଚିବା ପାଇଁ ଚେଷ୍ଟା କରିପାରୁ । ଏପରି କରିବା ପାଇଁ ସମର୍ଥ ନ ହେଲାଯାଏ ମା'ଙ୍କ କଥାରେ ଆମେ ଯଥାର୍ଥ ସଚେତନତାର ଲକ୍ଷେ ମାଇଲ ଦୂରରେ ରହିଛୁ । ପୁଣି ମା' କହିଛନ୍ତି ଯେ ଜଣେ ଲୋକ ଯେତିକି ଅଧିକ ସଚେତ ହେବ ଏହା ସେତିକି ସହଜ, ସ୍ୱତଃସ୍ଫୂର୍ତ୍ତ ଓ ସ୍ୱାଭାବିକ ଭାବରେ ହେବ । ଏଥିପାଇଁ କୌଣସି ସମୟ ଲାଗିବ ନାହିଁ । ଅନେକ ସମୟରେ ପ୍ରକାଶ୍ୟ ଭାବରେ କଳିତକରାଳ ନକଲେ ମଧ୍ୟ ଆମ ମୁଣ୍ଡ ଭିତରେ ନାନା ପ୍ରତିକ୍ରିୟା ଜମାଟ ବାନ୍ଧେ, କିଛି କାଳ ଚାପି ହୋଇ ରହିଲେ ମଧ୍ୟ ସୁଯୋଗ ପାଇଲେ ଆଚରଣରେ ପ୍ରକାଶ ପାଏ । ତେଣୁ ଚେତନାଗତ ଭାବରେ ଆମେ ଏପରି ଏକ ସମଭାବ – ମା'ଙ୍କ କଥାରେ, 'ସମତାର ବିଜ୍ଞତା' (wisdom of equanimity) ପୋଷଣ କରି ଚାଲିବା ଉଚିତ ଯାହାକି ଦ୍ୱନ୍ଦ୍ୱ, ମତଭେଦ ଓ କଳହ ଆଦିରେ ଏହିପରି ଘଟଣାଗୁଡ଼ିକ ଘଟୁଥିବା ସମୟରେହିଁ ଠିକ୍ ବୁଝାଇ ପାରିବ, ଏଗୁଡ଼ିକ କାହିଁକି ଓ କିପରି ଘଟୁଛି ଏବଂ ତାହାକୁ ଆଉ ବଢ଼ାଇବାକୁ ନଦେଇ ସେଇଠି ଧରି ଅଟକାଇ ଦେବ ।

ଏହି ସମତାର ଭାବ ସଙ୍ଗେ ଏକ ବ୍ୟକ୍ତି-ନିରପେକ୍ଷ ଭାବ ପୋଷଣ କରି ପାରିଲେ, ଶ୍ରୀମା'ଙ୍କ କଥାରେ : "... to be able to smile always and never have a violent reaction, never." (CWM. Vol. 5, p. 64)


ଅର୍ଥାତ୍, ''... ସବୁ ସମୟରେ ଏକ ପ୍ରସନ୍ନ ସ୍ମିତହାସ୍ୟର ଭାବ ରଖିବା ପାଇଁ ଓ କେବେ ମଧ୍ୟ, ଆଦୌ କେବେ ମଧ୍ୟ କୌଣସି ଉଗ୍ର ପ୍ରତିକ୍ରିୟାକୁ ପ୍ରଶ୍ରୟ ନ ଦେବା ପାଇଁ'' ଆମେ ସମର୍ଥ ହେବୁ ।

ତେବେ ସବୁଠୁ ବଡ଼ କଥା ହେଉଛି ଏ ଦିଗରେ ସଯତ୍ନ ପ୍ରୟାସ ଆରମ୍ଭ କରି ଏହାକୁ ଏକ ଅଭ୍ୟାସରେ ପରିଣତ କରିବା । ଆମେ ଏ ଦିଗରେ କେତେ ସଂକଳ୍ପ ନେଉ ଅଥଚ ଆମେ ନିଜେହିଁ ପୁଣି ଉଗ୍ର ପ୍ରତିକ୍ରିୟାଗୁଡ଼ିକୁ ଆମ ଚେତନାକୁ ଦଖଲ କରିବାକୁ ବାଟ ଛାଡ଼ିଦେଉ । ଆମକୁ ସଚେତନତାର ଏପରି ଏକ ଅବସ୍ଥାରେ ପହଞ୍ଚିବାକୁ ହେବ, ଯେଉଁଠି ଆମେ ଦେଖିବୁ ଯେ କୌଣସି ଉଗ୍ର ପ୍ରତିକ୍ରିୟା ଆସିବା ମାତ୍ରକେ ତାହା ଆମ ସଚେତନତାର ସୂର୍ଯ୍ୟାଲୋକରେ କୁହୁଡ଼ି ପରି ମିଳାଇ ଯାଉଛି ଏବଂ ମୁହୂର୍ତ୍ତକରେ ଆମେ ଫେରିପାଉଛୁ ଆମର ସେହି ନିର୍ମଳ, ପ୍ରସନ୍ନ ସ୍ମିତହାସ୍ୟର ଭାବଟି ।

(ସମାପ୍ତ)

ସବୁ ସମୟରେ ମା'ଙ୍କ ଉପରେ ପୂର୍ଣ୍ଣ ଅଖଣ୍ଡ ବିଶ୍ୱାସ ରଖିବାକୁ ହେବ ଯେ ଆମେ ତାଙ୍କରି ହାତରେ ରହିଛୁ, ତାଙ୍କରି ଶକ୍ତି ଦ୍ୱାରା ହିଁ ସବୁକିଛି ସମ୍ପନ୍ନ ହେବ ।

– ଶ୍ରୀଅରବିନ୍ଦ



ଶ୍ରୀଅରବିନ୍ଦ, ଡିସେମ୍ବର, ୧୯୦୭


ଶ୍ରୀଅରବିନ୍ଦଙ୍କ କଲିକତା ଜୀବନର ସଂକ୍ଷିପ୍ତ ବିବରଣୀ ସହ ସେହି ସମୟସୀମା ଭିତରେ ତାଙ୍କର ଶ୍ରୀପାଦ ସ୍ପର୍ଶ କରିଥିବା ବିଭିନ୍ନ ସ୍ଥାନ ଓ ନିକଟ ସାନ୍ନିଧ୍ୟ ଲାଭ କରିଥିବା ବ୍ୟକ୍ତି ବିଶେଷଙ୍କର ଫଟୋଚିତ୍ରର ଏକ ସମାହାର ।

ଚନ୍ଦନନଗରରେ ଶ୍ରୀଅରବିନ୍ଦ, (ପ୍ରଥମ ପର୍ବ)

ଇତି ପୂର୍ବରୁ ଆମେ ସୁରେଶଙ୍କ ବର୍ଣ୍ଣନାରୁ ଶ୍ରୀଅରବିନ୍ଦଙ୍କର (କଲିକତାର 'ଗଙ୍ଗାଘାଟ'ରୁ) ଚନ୍ଦନନଗର ଅଭିମୁଖେ ନୌକା-ଯାତ୍ରାର ଶୁଭାରମ୍ଭ କଥା ବର୍ଣ୍ଣନା କରିଛୁ । ଅଧୁନା ସୁଧୀ ପାଠକବର୍ଗଙ୍କର ଅଧିକ ଅବଗତ ସକାଶେ ଘଟଣା-ପ୍ରବାହର କିଞ୍ଚିତ୍ ପଶ୍ଚାତ୍ ଅବଲୋକନ ପୂର୍ବକ କୃଷ୍ଣ ବାବୁଙ୍କ କନ୍ୟା ବାସନ୍ତୀଙ୍କ ସ୍ମୃତିକଥାରୁ ଉଦ୍ଧୃତି କରୁଛୁ :



ବାସନ୍ତୀ



କୃଷ୍ଣ କୁମାର ମିତ୍ର



ଉପେନ୍ଦ୍ର ଚନ୍ଦ୍ର ଭଟ୍ଟାଚାର୍ଯ୍ୟ
(୧୮୯୨ – ୧୯୭୪)

''୧୯୧୦ ଫେବ୍ରୁଆରୀ ୧୧ ତାରିଖରେ ମୋର ପିତୃଦେବ ନିର୍ବାସନରୁ ମୁକ୍ତି ଲାଭ କରି ଘରକୁ ଫେରିଥା'ନ୍ତି । ତା'ର କେଇଦିନ ପରେ ... ଦ୍ୱିପ୍ରହରରେ ଭୋଜନ ସକାଶେ ମୁଁ ଅରଦାଦାଙ୍କୁ ଡାକିବାକୁ ଗଲି । ... ଦାଣ୍ଡ ଘରକୁ ଯାଇ ଦେଖେ ଯେ ତାଙ୍କୁ କେତେ ଜଣ ଲୋକ ଦେଖା କରିବାକୁ ଆସିଛନ୍ତି । ସେ ମୋତେ ଦେଖିପାରି ହାତ ଉଠାଇ ଯାଉଛି ବୋଲି ଇସାରା ଦେଲେ । ତା'ପରେ ମୁଁ ଭିତର ଘରକୁ ଆସି ଅପେକ୍ଷା କଲି, ଭାବିଲି ଏକ୍ଷଣି ଆସିଯିବେ । ଅନେକ କ୍ଷଣ ବିତିଯିବା ପରେ ବି ସେ ଆସୁ ନାହାନ୍ତି ଦେଖି ପୁଣି ଦାଣ୍ଡ ଘରକୁ ଯାଇ ଉଙ୍କିମାରି ଦେଖେ ଯେ ସେ ଘରେ କେହି ବି ନାହାନ୍ତି, ଅରଦାଦା ବି ନାହାନ୍ତି – ଆରେ, ନଖାଇ ସେ କୁଆଡ଼େ ଗଲେ !

''ସେଇ ଯେ ଗଲେ, ରାତିରେ ବି ଫେରିଲେ ନାହିଁ, ପରଦିନ ବି ଫେରିଲେ ନାହିଁ; ତା'ପରେ ବେଶ୍ କେତେ ଦିନ ବିତିଗଲା । ଅବଶେଷରେ ଦିନେ ଖଣ୍ଡିଏ ଚିଠି ପାଇଲି; ଅରଦାଦା ମୋତେ ଲେଖିଥିଲେ : 'ମୁଁ ପଣ୍ଡିଚେରୀ ଚାଲି ଆସିଛି ।' ... ଶେଷରେ ମୋତେ ଆଶୀର୍ବାଦ ଜଣାଇଥିଲେ । ...''





ଶିୟାଲ୍‌ଦହ ଷ୍ଟେସନ

ଏବେ 'ଧର୍ମ' ଓ 'କର୍ମଯୋଗିନ୍' ଅଫିସର ଜଣେ ଦକ୍ଷ ଓ ପୁରାତନ କର୍ମୀ ଉପେନ୍ଦ୍ରଙ୍କର ସ୍ମୃତିକଥାରୁ ଉଦ୍ଧୃତି : ''ସେଦିନ ଥିଲା ୧୯୧୦ ଫେବ୍ରୁଆରୀ ୧୮ କି ୧୯ ତାରିଖ । ବାରିଷ୍ଟର ବିଜୟଚନ୍ଦ୍ର ଚାଟାର୍ଜୀଙ୍କର ବିବାହର ନିମନ୍ତ୍ରଣ ସକାଶେ ସେ ନିଜେ ଆମ (ଶ୍ୟାମପୁକୁର) ଅଫିସକୁ ଆସି




ବାରାକ୍‌ପୁର ଷ୍ଟେସନ

ସମସ୍ତଙ୍କୁ ନିମନ୍ତ୍ରଣ କରିଗଲେ । ବିଜୟ ବାବୁ ଥିଲେ 'ବନ୍ଦେ ମାତରମ୍' ପତ୍ରିକାର ସହ-ସମ୍ପାଦକ ଏବଂ 'ବନ୍ଦେ ମାତରମ୍'ରେ 'Traitor in the Camp' ଶୀର୍ଷକ ଏକ ବଳିଷ୍ଠ ଲେଖା ଛପାଇ ପତ୍ରିକାଟିର ଗୌରବମୟ ସମାପ୍ତି ଘଟାଇ ଥିଲେ । ସାର୍ ସୁରେନ୍ଦ୍ରନାଥ ବାନାର୍ଜୀଙ୍କର କନିଷ୍ଠା କନ୍ୟାଙ୍କ ସହିତ ତାଙ୍କର ବିବାହ ହେବାର ଥିଲା । ଶ୍ୟାମସୁନ୍ଦର ଚକ୍ରବର୍ତ୍ତୀ, ହେମେନ୍ଦ୍ର ବାବୁ, ସି.ଆର.ଦାସ, ସୁରେଶ ସମାଜପତି ପ୍ରଭୃତି ବିଶିଷ୍ଟ ବ୍ୟକ୍ତିଗଣ ଶ୍ରୀଅରବିନ୍ଦଙ୍କୁ ଅଗ୍ରଣୀ କରି ବରଯାତ୍ରୀ ଯିବେ ବୋଲି ସ୍ଥିର ହେଲା । ବହୁ ବଗିଥିବା ଏକ 'ସ୍ୱତନ୍ତ୍ର ଟ୍ରେନ୍'ରେ ବର ଏବଂ ବରଯାତ୍ରୀଗଣ ଯିବାର ବନ୍ଦୋବସ୍ତ ହୋଇଥିଲା । ... ନିର୍ଦ୍ଦିଷ୍ଟ ଦିନ, ନିର୍ଦ୍ଦିଷ୍ଟ ସମୟରେ 'ସ୍ୱତନ୍ତ୍ର ଟ୍ରେନ୍'ଟି ଶିୟାଲ୍‌ଦହ ଷ୍ଟେସନରୁ ବାରାକ୍‌ପୁର ଷ୍ଟେସନ ଅଭିମୁଖେ ଯାତ୍ରା କଲା ।''




ସାର୍ ସୁରେନ୍ଦ୍ର ନାଥ ବାନାର୍ଜୀ
(୧୮୪୮-୧୯୨୫)



ଶ୍ରୀଯୁକ୍ତ ବିଜୟ ଚନ୍ଦ୍ର ଚାଟାର୍ଜି
(୧୮୭୯-୧୯୪୩)

[ଖୁବ୍ ସମ୍ଭବତଃ ବନ୍ଧୁମାନେ ଶ୍ରୀଅରବିନ୍ଦଙ୍କୁ ସେହି ବିବାହ ଉତ୍ସବରେ ଯୋଗ ଦେବାକୁ ନେଇଯିବା ଉଦ୍ଦେଶ୍ୟରେ ଶିୟାଲ୍‌ଦହ ଷ୍ଟେସନରେ ନିର୍ଦ୍ଦିଷ୍ଟ ସମୟରେ ପହଞ୍ଚିବା ପାଇଁ ସେଦିନ ବାସନ୍ତୀଙ୍କ ଘରୁ ତାଙ୍କୁ ମଧ୍ୟାହ୍ନ ଭୋଜନ କରିବା ପୂର୍ବରୁ ଷ୍ଟେସନକୁ ନେଇ ଆସିଥିଲେ ଏବଂ ବିବାହ ଉତ୍ସବ ପରେ ଶ୍ରୀଅରବିନ୍ଦ ବନ୍ଧୁବର୍ଗଙ୍କ ସହିତ ୧୯ ତାରିଖ ଦିନ ଶିୟାଲ୍‌ଦହ ଷ୍ଟେସନରେ ପହଞ୍ଚି ସିଧା ଶ୍ୟାମପୁକୁର ଲେନ୍ ଅଫିସକୁ ଚାଲିଆସିଥିଲେ । ସେଠାରେ ସେଦିନର ଅଫିସ କର୍ମ ଶେଷ କରି 'ସ୍ୱୟଂଚାଳିତ ଲେଖା' ଆସରରେ ଉପସ୍ଥିତ ଥିବାବେଳେ ରାମବାବୁଙ୍କର ଘର ଭିତରକୁ ଅଚାନକ ପ୍ରବେଶ ଘଟିଥିଲା ।...]




୨୪ ପ୍ରଗଣା ଅନ୍ତର୍ଗତ ବାରାକ୍‌ପୁର ନିକଟସ୍ଥ ମଣିରାମପୁରରେ ଅବସ୍ଥିତ
ସାର୍ ସୁରେନ୍ଦ୍ରନାଥଙ୍କର ବାସଭବନ



ଶ୍ରୀରାମକୃଷ୍ଣ ପରମହଂସ

ଶ୍ୟାମପୁକୁର ଲେନ୍ ଅଫିସରୁ ଚନ୍ଦନନଗର ଅଭିମୁଖେ ଶ୍ରୀଅରବିନ୍ଦ ଯାତ୍ରାରମ୍ଭର ଅବ୍ୟବହିତ ପୂର୍ବରୁ (ଖୁବ୍ ସମ୍ଭବତଃ ଗଣେନ୍ ମହାରାଜଙ୍କ ମାରଫତରେ) ଭଗିନୀ ନିବେଦିତାଙ୍କୁ ଅନୁରୋଧ କରି କହି ପଠାଇଲେ ଯେ ତାଙ୍କର ଅନୁପସ୍ଥିତିରେ ସେ ଯେପରି 'କର୍ମୟୋଗିନ୍' ପତ୍ରିକାଟିର ସମ୍ପାଦନାର ଦାୟିତ୍ୱ ବହନ କରିବେ । କହିବା ବାହୁଲ୍ୟ ଯେ ଭଗିନୀ ନିବେଦିତା ଶ୍ରୀଅରବିନ୍ଦଙ୍କର ପ୍ରସ୍ତାବରେ ବିନା ଦ୍ୱିଧାରେ ରାଜି ହୋଇ ପତ୍ରିକାଟି ସରକାରଙ୍କ ଦ୍ୱାରା ରଦ୍ଦ ହେବା ପର୍ଯ୍ୟନ୍ତ ତା'ର ଦାୟିତ୍ୱ ସୁଚାରୁରୂପେ ବହନ କରିଥିଲେ । ...

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଶ୍ରୀଅରବିନ୍ଦ 'କର୍ମୟୋଗିନ୍' ସକାଶେ ତାଙ୍କର ଶେଷ ସମ୍ପାଦକୀୟ ଲେଖାର ପରିସମାପ୍ତି ଏହିପରି ଲେଖିଥିଲେ :

''ଦକ୍ଷିଣେଶ୍ୱରରେ ଯେଉଁ କାର୍ଯ୍ୟର ଆରମ୍ଭ ହୋଇଥିଲା, ତା'ର କେବେ ବି ସମାପ୍ତି ଘଟି ନାହିଁ, ଏପରିକି ତାକୁ ଯଥାର୍ଥ ଭାବରେ ହୃଦୟଙ୍ଗମ ମଧ୍ୟ କରାଯାଇ ନାହିଁ । ବିବେକାନନ୍ଦ ଯେଉଁ ପ୍ରତ୍ୟାଦେଶ ପାଇଥିଲେ ଏବଂ ତାକୁ ସମ୍ପୂର୍ଣ୍ଣରୂପେ ବିକାଶ କରିବା ନିମିତ୍ତ ତୀବ୍ର ପ୍ରଚେଷ୍ଟା ଚଳାଇଥିଲେ ସେଇଟିକୁ ମଧ୍ୟ ବାସ୍ତବରେ ରୂପାୟିତ କରାହୋଇ ନାହିଁ । ବିଜୟ ଗୋସ୍ୱାମୀ ନିଜ ଅନ୍ତରରେ ଯେଉଁ ସତ୍ୟର ସନ୍ଧାନ ପାଇଥିଲେ ତାଙ୍କ ଶିଷ୍ୟବର୍ଗଙ୍କ ନିକଟରେ ଏବେ ବି ତାହା ସମ୍ପୂର୍ଣ୍ଣରୂପେ ଉଦ୍‌ଘାଟିତ ହୋଇ ନାହିଁ । ଏକ ଦୃଶ୍ୟମାନ ପରିପ୍ରକାଶର ପ୍ରସ୍ତୁତି ଚାଲିଛି, ଅଧିକତର ଭାବରେ ଏକ ମୂର୍ତ୍ତିମନ୍ତ ଦିବ୍ୟଶକ୍ତିର ଅଭିବ୍ୟକ୍ତି ଘଟୁଛି, କିନ୍ତୁ କେଉଁଠି ଘଟୁଛି, କେତେବେଳେ ଘଟୁଛି, କେହି ଜାଣନ୍ତି ନାହିଁ ।''



ବିଜୟ ଗୋସ୍ୱାମୀ



ସ୍ୱାମୀ ବିବେକାନନ୍ଦ

ଏବେ ଆମ ବର୍ଣ୍ଣନାର ଘଟଣା-ପ୍ରବାହର ବର୍ତ୍ତମାନ ସ୍ଥିତି ସମ୍ବନ୍ଧେ ସୁରେଶଙ୍କର ବର୍ଣ୍ଣନାରୁ ଉଦ୍ଧୃତି :

''... ସାରା ରାତି ନୌକାରେ ଗତି କରି ଶେଷରେ ବଡ଼ିଭୋରରୁ, ଅଳ୍ପ ଅନ୍ଧାର ଥାଉ ଥାଉ, ଚନ୍ଦନନଗର କୂଳରେ ପହଞ୍ଚିଲୁ । ନୌକାରେ ରହି ଶ୍ରୀଅରବିନ୍ଦ ବୀରେନକୁ ଚନ୍ଦନନଗରର ଖ୍ୟାତନାମା ବିପ୍ଳବୀ-ଗୁରୁ ଶ୍ରୀଯୁକ୍ତ ଚାରୁ ଚନ୍ଦ୍ର ରାୟ ମହାଶୟଙ୍କ ପାଖକୁ କହି ପଠାଇଲେ ଯେ ସେ ନିଜେ ତାଙ୍କର ଆଶ୍ରୟପ୍ରାର୍ଥୀ ।''

୧୯୦୮ରେ 'ଆଲିପୁର ବୋମା ମୋକଦମା'ରେ ଶ୍ରୀଅରବିନ୍ଦ ଓ ଚାରୁବାବୁ ଉଭୟ ସହ-ଆସାମୀ ଭାବରେ ଏକବର୍ଷ କାଳାତିପାତ କରିଥିଲେ ଏବଂ ସେ ଚନ୍ଦନନଗରସ୍ଥ ଯୁବ-ବିପ୍ଳବୀମାନଙ୍କର 'ଗୁପ୍ତ-ସମିତି'ରେ ଗୁରୁପ୍ରତିମ ସମ୍ମାନ ପାଉଥିଲେ । ... କିନ୍ତୁ ଜେଲ ଅଭିଜ୍ଞତାରେ ସେ ଏକେବାରେ ସନ୍ତୁଳିତ ହୋଇ ଘରକୁ ଫେରିଥିଲେ । ଘରକୁ ଫେରି ଚନ୍ଦନନଗରର ଉଚ୍ଚପଦସ୍ଥ ସୁହୃଦ୍ ଫରାସୀ ବନ୍ଧୁଗଣଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ ଭବିଷ୍ୟତରେ ସେ 'ଗୁପ୍ତ-ସମିତି'ର ଧାର ଧାରିବେ ନାହିଁ । — ଏହା



ତଦାନୀନ୍ତନ କଲିକତାର ଏକ 'ପାନ୍‌ସି' (ଛପର ଥିବା ଛୋଟ ସରୁ ନୌକା) ନୌକା । ଏହି ଧରଣର ଏକ ନୌକାରେ ଶ୍ରୀଅରବିନ୍ଦ ଚନ୍ଦନନଗରକୁ ଆସିଥିଲେ ।



ଚାରୁ ଚନ୍ଦ୍ର ରାୟ
(ଜନ୍ମ : ୧୮୬୭)

ଫଳରେ ସେ ଅଳ୍ପ ଦିନ ପୂର୍ବରୁହିଁ ପୁଣି ନିଜର କଲେଜ ଅଧ୍ୟାପନା କାର୍ଯ୍ୟରେ ନିଯୁକ୍ତି ପାଇପାରିଥିଲେ । ...

୧୯୧୦ ଫେବ୍ରୁଆରୀ ୨୧ ତାରିଖର ବ୍ରାହ୍ମ ମୁହୂର୍ତ୍ତରେ ସେ ଅଚାନକ ତାଙ୍କ ବାସଭବନରେ ବୀରେନ୍‌ଙ୍କୁ ଭେଟି ଏବଂ ତାଙ୍କଠାରୁ ସମସ୍ତ ଖବର ଶୁଣି କିଂକର୍ତ୍ତବ୍ୟବିମୂଢ଼ ହୋଇଉଠିଲେ ଏବଂ ବୀରେନ୍‌ଙ୍କ ମାରଫତରେ ଶ୍ରୀଅରବିନ୍ଦଙ୍କୁ ପରାମର୍ଶ ଦେଇଥିଲେ ଯେ ସେ ବରଂ ଫ୍ରାନ୍‌ସକୁ ଚାଲିଯାଆନ୍ତୁ । ...



ଚନ୍ଦନନଗରର ଗଙ୍ଗାଧାରରେ ଥିବା 'ପୁଲିସ ଘାଟ'ରୁ ଅଦୂରରେ ଦେଖା ଯାଉଥିବା ରାଣୀ ଘାଟ ।

ବୀରେନ୍ ପାଖରୁ ସମସ୍ତ ଖବର ଶୁଣି ଶ୍ରୀଅରବିନ୍ଦ କିନ୍ତୁ ଧୀରସ୍ଥିର ଭାବରେ ନୌକାରେ ରହି ଊର୍ଦ୍ଧ୍ୱରୁ ଏକ 'ଆଦେଶ' ନିମିତ୍ତ ଅପେକ୍ଷା କଲେ, ଯେମିତି ଚନ୍ଦନନଗରକୁ ଆସିବା ଥିଲା ତାଙ୍କ ନିମିତ୍ତ ଊର୍ଦ୍ଧ୍ୱରୁ ଏକ 'ଆଦେଶ' ।




ଶ୍ରୀଶ୍ ଚନ୍ଦ୍ର ଘୋଷ

ଇତ୍ୟବସରେ ସ୍ଥାନୀୟ ଯୁବ-ବିପ୍ଳବୀ ଶ୍ରୀଶ୍ ଚନ୍ଦ୍ର ଘଟଣାକ୍ରମେ ସେହିଦିନ ବଡ଼ିଭୋରରେ ଚାରୁବାବୁଙ୍କ ଘରେ ଘଟିଥିବା ସମସ୍ତ ଖବର ଜାଣିପାରି ତୁରନ୍ତ ବିପ୍ଳବୀ-ବନ୍ଧୁ ନରେନ୍ଦ୍ରଙ୍କୁ ଭେଟି ସବୁ କଥା ଜଣାଇଲେ । ... ଉପସ୍ଥିତ ପରିସ୍ଥିତିକୁ ଆଖି ଆଗରେ ରଖି ଦୁହେଁ ପରାମର୍ଶ କରି ସିଦ୍ଧାନ୍ତ ନେଲେ ଯେ ଅନ୍ତତଃ ପକ୍ଷେ ସାମୟିକ ଭାବରେ ବନ୍ଧୁ ମତିଲାଲଙ୍କ ଘରେ ଶ୍ରୀଅରବିନ୍ଦଙ୍କୁ ଆଶ୍ରୟ ଦେବା ଉତ୍ତମ ହେବ । ... ମତିଲାଲ ସମସ୍ତ ଖବର ଶୁଣିବା ମାତ୍ରେ କାଳବିଳମ୍ବ ନକରି ତୁରନ୍ତ ଗଙ୍ଗାଧାରକୁ ଧାଇଁଲେ; ପଶ୍ଚାତରେ, ଅଳ୍ପ ଦୂରରେ ରହି ଶ୍ରୀଶ୍ ଓ ନରେନ୍ ତାଙ୍କୁ କ୍ଷିପ୍ର ପଦକ୍ଷେପରେ ଅନୁସରଣ କଲେ । ...



ମତିଲାଲ ରାୟ (୧୮୮୨-୧୯୫୯)



ନରେନ୍ଦ୍ରନାଥ ବାନାର୍ଜୀ



'ପୁଲିସ ଘାଟ' ଓ 'ରାଣୀ ଘାଟ' ମଧ୍ୟରେ ଥିବା ଏକ ଅଘାଟରେ ଶ୍ରୀଅରବିନ୍ଦଙ୍କ ନୌକା ପ୍ରଥମେ କୂଳ ସ୍ପର୍ଶ କରିଥିଲା । ପରବର୍ତ୍ତୀ କାଳରେ ଏହାର ନାମ 'ଆହିରତଲା ଘାଟ' ।

ମତିଲାଲଙ୍କ ଉକ୍ତିରେ : ''ସୂର୍ଯ୍ୟ ତଥାପି ଉଦୟ ହୋଇ ନଥିଲେ । ଅଳ୍ପ ଅଳ୍ପ କୁହୁଡ଼ିରେ ଗଙ୍ଗାଘାଟ ଝାପ୍‌ସା ଝାପ୍‌ସା ଦେଖାଯାଉଥିଲା । 'ରାଣୀ ଘାଟ'ର ଠିକ୍ ଆଗକୁ କଲିକତାର ଏକ 'ପାନ୍‌ସି' ନୌକା ରହିଥିବାର ଦେଖିଲି । ନୌକାର ଛପର ଉପରେ ଜଣେ ଯୁବକ (ବୀରେନ୍) ବସିଥିବାର ଦେଖି ତାଙ୍କ ପାଖକୁ ଯାଇ ପଚାରିଲି, 'ଆପଣମାନେ କ'ଣ କଲିକତାରୁ ଆସିଛନ୍ତି ?' – 'ହଁ, କ'ଣ ପାଇଁ ପଚାରୁଛନ୍ତି ?'– 'ଏଇ ନୌକାରେ ଅରବିନ୍ଦ ବାବୁ ଅଛନ୍ତି ?'– ଯୁବକଟି ମୋତେ ହାତଠାରି ଡାକି କହିଲେ, 'ନୌକା ଭିତରକୁ ଆସନ୍ତୁ ।' ... ଯୁବକଟି ମୋତେ ଭିତରକୁ ନେଇଯିବା ମାତ୍ରେ ଦେଖିଲି –



ଚନ୍ଦନନଗରର ବରାଇଚଣ୍ଡୀତଲା ଇଲାକାର ପୁରୁଣା ଶ୍ମଶାନ ଘାଟ ପାର୍ଶ୍ୱରେ ଥିବା କାନାଇଁ ସରକାର ଘାଟ ।



ଗଙ୍ଗାଧାରର ରାସ୍ତାରେ ମତିଲାଲଙ୍କୁ ଅନୁସରଣ କରି ଶ୍ରୀଅରବିନ୍ଦ ଗମନ କରିଥିବା ରାସ୍ତା (ଛବି-୧)

ଅନ୍ୟ ଏକ ତରୁଣ (ସୁରେଶ)ଙ୍କ କୋଳରେ ମଥା ରଖି ଅରବିନ୍ଦ ବାବୁ ବିଶ୍ରାମ ନେଉଛନ୍ତି । ମୋତେ ଦେଖି ଉଠି ବସି ସେ ମୋତେ ପଚାରିଲେ, 'ଆପଣ ମୋ ଖବର କେଉଁଠୁ ପାଇଲେ ?' (ଇତିମଧ୍ୟରେ ଶ୍ରୀଶ୍ ଓ ନରେନ୍ ନୌକା ଭିତରକୁ ପ୍ରବେଶ କରିସାରିଥିଲେ ।)

''ମୁଁ ଯାହାସବୁ ଶୁଣିଥିଲି, କହିଲି । ସେ କହିଲେ, 'ଏବେ କ'ଣ କିଛି କରିପାରିବେ ? ମୋତେ ଆଶ୍ରୟ ଦେବାର ସୁବିଧା ହୋଇ ପାରିବ ?' – ମୁଁ ଉତ୍ସାହଭରେ କହିଲି, 'ଆମେ ଆପଣଙ୍କୁ ତ ନେବାକୁ ଆସିଛୁ ।'

''ଅରବିନ୍ଦ ବାବୁ ଜଣାଇଲେ ଯେ ସେ ଗୋପନ ଜୀବନଯାପନ କରିବେ, କେହି ଯେମିତି ତାଙ୍କର ଆଗମନ ସଂବାଦ ଜାଣି ନପାରନ୍ତି । ସତର୍କତା ଅବଲମ୍ବନ କରିବାକୁ ଆମେ ତିନି ଜଣ ତାଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଲୁ ।

''– 'ଆପଣଙ୍କ ଘର କେତେ ଦୂର ?'– 'ଏଇ ଅଳ୍ପ ଦୂରରେ । ଆପଣ ନିଶ୍ଚିନ୍ତ ଥା'ନ୍ତୁ । ମୁଁ ସବୁ ବ୍ୟବସ୍ଥା କରିଦେବି ।' ...''

ଏହି ଘାଟଟି ପ୍ରକୃତରେ ମତିଲାଲଙ୍କ ଘରଠାରୁ ବେଶ୍ କିଛି ଦୂରରେ ଥିଲା । ତେଣୁ ମତିଲାଲ ମାଝିକୁ କହି ଗଙ୍ଗାର କୂଳେ କୂଳେ ନୌକାରେ କିଛି ଦୂର ଉତ୍ତରକୁ ଯାଇ ନିରାପତ୍ତା ଦୃଷ୍ଟିରୁ ଏକ ଅଘାଟରେ ନୌକା ରଖିବାକୁ କହିଲେ । (ଏହା ଥିଲା 'କାନାଇଁ ସରକାର ଘାଟ'ର ଅଳ୍ପ ଦୂରରେ; ଅଧୁନା ଏହି ଘାଟର ନାମ 'ଆଶ୍ରମ ଘାଟ' ।)



ମତିଲାଲଙ୍କୁ ଅନୁସରଣ କରି ଶ୍ରୀଅରବିନ୍ଦ ଗମନ କରିଥିବା ରାସ୍ତା । (ଛବି-୨)



ଗଙ୍ଗାଘାଟରୁ ମତିଲାଲଙ୍କ ଘର ଆଡ଼କୁ ଯାଇଥିବା ରାସ୍ତା (ଛବି-୩)

ଅବଶ୍ୟ ଇତ୍ୟବସରେ ସୁରେଶ ଓ ବୀରେନ୍ ମତିଲାଲଙ୍କୁ ପଚାରିଥିଲେ ଯେ ଆମ ଦୁହିଁଙ୍କ ଭିତରୁ କାହାରିକୁ ଚନ୍ଦନନଗରରେ ରହିବାର ଆବଶ୍ୟକ ହେବ କି ନାହିଁ । ଉତ୍ତରରେ ଏ ଘଟଣାରେ ସଂପୃକ୍ତ ଥିବା ଉପସ୍ଥିତ ବିଶ୍ୱସ୍ତ ବିପ୍ଳବୀଗଣ କହିଲେ ଯେ ଏଠାରେ ନୂତନ ଲୋକ ଦେଖିଲେ ବାସିନ୍ଦାମାନଙ୍କ ମନରେ ସନ୍ଦେହ ଜାଗିବ । ଶ୍ରୀଅରବିନ୍ଦଙ୍କର ପରିଚର୍ଯ୍ୟାର ସମସ୍ତ ଭାର ସେମାନେହିଁ ନେବେ । ସୁତରାଂ ସୁରେଶ ଓ ବୀରେନ୍ ସେହି ନୌକାରେହିଁ କଲିକତା ଫେରିଲେ । ...

ଗଙ୍ଗାର ସେହି ଅଘାଟରେ ଶ୍ରୀଅରବିନ୍ଦଙ୍କୁ ଅତି ସନ୍ତର୍ପଣରେ ଅବତରଣ କରାଇବା ପରେ ନିରାପତ୍ତା ଦୃଷ୍ଟିରୁ ଶ୍ରୀଶ୍ ଓ ନରେନ୍ ଦୁଇ ବିପରୀତ ଦିଗକୁ ଗତି କଲେ । ଶ୍ରୀଅରବିନ୍ଦ ମତିଲାଲଙ୍କୁ ଅନୁସରଣ କରି ତାଙ୍କ ଘରେ ଆସି ପହଞ୍ଚିଲେ । ତାଙ୍କୁ ଘରର ବୈଠକଖାନାରେ ଖୁବ୍ ଅଳ୍ପ ସମୟ ପାଇଁ ଆରାମ ଚେୟାରରେ ଉପବେଶନ କରାଇଲେ । ଏବଂ ଠିକ୍ ପରମୁହୂର୍ତ୍ତରେ ମତିଲାଲ ତାଙ୍କୁ ସାଥିରେ ନେଇ ଅତି ସନ୍ତର୍ପଣରେ ଉପର ମହଲାରେ ଅବ୍ୟବହାର୍ଯ୍ୟ ଜିନିଷପତ୍ର ସବୁ ଗଦା ହୋଇଥିବା ଏକ କ୍ଷୁଦ୍ର ଅନ୍ଧକାର କୋଠରିରେ ପହଞ୍ଚିଲେ ।



ଗମନ କରିଥିବା ରାସ୍ତା ପାର୍ଶ୍ୱସ୍ଥ ଥିବା ଜଗନ୍ନାଥ ମନ୍ଦିର (ଛବି-୪)

ଇତିପୂର୍ବରୁ ମତିଲାଲ କୋଠରିଟିର କିଛି ଅଂଶକୁ ଝାଡୁଦେଇ ଏକ ଶତରଞ୍ଜି ପକାଇ ତା' ଉପରେ ବିଛଣା ଚାଦରଟିଏ ମେଲାଇ ଦେଇଥିଲେ ଏବଂ ତାଙ୍କର ବିନମ୍ର ଇଙ୍ଗିତରେ ଶ୍ରୀଅରବିନ୍ଦ ଯନ୍ତ୍ରବତ୍ ନୀରବରେ ତା' ଉପରେ ଉପବେଶନ କଲେ । ...



ମତିଲାଲଙ୍କ ବାସଭବନ



ଉପର ମହଲାର ଏକ କ୍ଷୁଦ୍ର ଅନ୍ଧକାର କୋଠରି



ସନ୍ତୋଷ ଦେ'ଙ୍କର ବାସଭବନ

ଇତି ମଧରେ ମତିଲାଲ ଶ୍ରୀଅରବିନ୍ଦଙ୍କ ସକାଶେ ଅତି ସନ୍ତର୍ପଣରେ ଭୋଜନ ଓ ସ୍ନାନାଦି କ୍ରିୟାର ବନ୍ଦୋବସ୍ତ କରିଛନ୍ତି । ... କିନ୍ତୁ ସନ୍ଧ୍ୟା ପରେ ଶ୍ରୀଅରବିନ୍ଦଙ୍କୁ ସେଇ ଅନ୍ଧକାର କକ୍ଷରେ ଏକୁଟିଆ ରଖି ମତିଲାଲ ଆଦୌ ନିଶ୍ଚିନ୍ତ ରହିପାରିଲେ ନାହିଁ । ତୁରନ୍ତ ଶ୍ରୀଶ୍‌ଙ୍କୁ ଭେଟି ସେହି ରାତିରେହିଁ ଶ୍ରୀଅରବିନ୍ଦଙ୍କୁ ଦୁହେଁ ତାଙ୍କର ବିପ୍ଳବୀ-ବନ୍ଧୁ ସନ୍ତୋଷ ଦେ'ଙ୍କ ଘରେ ରଖିଦେଇ ଆସିଛନ୍ତି । ସନ୍ତୋଷଙ୍କ ବାସଭବନ ଥିଲା ମତିଲାଲଙ୍କ ଘରଠାରୁ ଅଳ୍ପ ଦୂରରେ, ଖେଜୁରତଲାରେ । ଏହି ଘରେ ଶ୍ରୀଅରବିନ୍ଦ ଚନ୍ଦନନଗରରେ ତାଙ୍କର ପ୍ରଥମ ରାତ୍ରି ଓ ଦ୍ୱିତୀୟ ଦିନ କଟାଇଥିଲେ । ...

[ଏହି ପରିପ୍ରେକ୍ଷୀରେ ଏକ ବିଶେଷ ଘଟଣା ବର୍ଣ୍ଣନା କରିବୁ । ଶ୍ରୀଅରବିନ୍ଦ ପରବର୍ତ୍ତୀ କାଳରେ ଶିଷ୍ୟବର୍ଗଙ୍କ ସହ 'କଥୋପକଥନ'ରେ ପ୍ରସଙ୍ଗତଃ ଏହି ମର୍ମରେ ଉଲ୍ଲେଖ କରିଥିଲେ ଯେ ମତିଲାଲ ମୋତେ ସେହି ପ୍ରଥମ ରାତିରେ ଯାହାଙ୍କ (ସନ୍ତୋଷଙ୍କ) ଘରେ ରଖିଦେଇ ଆସିଥିଲେ, ମୋର ସ୍ମରଣରେ ଅଛି, ସେଇ ଘରେ ସେଦିନ ସରସ୍ୱତୀ ପୂଜା ହେଉଥିଲା ।

୧୯୧୦ ମସିହାର ଫେବ୍ରୁଆରୀ ୧୪/୧୫ ତାରିଖ ଥିଲା ମାଘ ମାସ, ଶୁକ୍ଳ ପଞ୍ଚମୀ ତିଥି । କିନ୍ତୁ ସେହି ବର୍ଷ ଚନ୍ଦନନଗରର 'ବାନ୍ଧବ ସମ୍ମିଳନୀ' ଆନୁକୂଲ୍ୟରେ ସାତ ଦିନ ଧରି ଏକ ବିଶେଷ ଧରଣର 'ସାରସ୍ୱତ ଉତ୍ସବ' ପାଳନ କରାଯାଇଥିଲା । ଏହାର ଉଦ୍‌ଯାପନ ଦିବସ ଥିଲା ମାଘ ମାସ, ଶୁକ୍ଳ ଏକାଦଶୀ ତିଥି; ଫେବ୍ରୁଆରୀ ୨୦/୨୧ ତାରିଖ । ଏବଂ ଏହି ଦିନଟି ଥିଲା ଶ୍ରୀଅରବିନ୍ଦଙ୍କ ଚନ୍ଦନନଗରରେ ପଦାର୍ପଣର ଠିକ୍ ପୂର୍ବ ମୁହୂର୍ତ୍ତ । (ପ୍ରକାଶ ଥାଉକି କଲିକତାର ବହୁପ୍ରଚଳିତ 'ଗୁପ୍ତ ପ୍ରେସ ପଞ୍ଜିକା' ଅନୁସାରେ ସରସ୍ୱତୀ ପୂଜା ଥିଲା ଫେବ୍ରୁଆରୀ ୧୪ ତାରିଖ ଏବଂ 'ବିଶୁଦ୍ଧ ସିଦ୍ଧାନ୍ତ ପଞ୍ଜିକା' ଅନୁସାରେ ୧୫ ତାରିଖ)]



ସନ୍ତୋଷଙ୍କ ବାସଭବନର ଏକ କକ୍ଷ ଯେଉଁଠି ଶ୍ରୀଅରବିନ୍ଦ ତାଙ୍କର ପ୍ରଥମ ରାତି ଓ ଦ୍ୱିତୀୟ ଦିନ ବିତାଇ ଥିଲେ ।

ଦ୍ୱିତୀୟ ଦିନ ସନ୍ଧ୍ୟାରେ ମତିଲାଲ ଯେତେବେଳେ ସନ୍ତୋଷଙ୍କ ଘରେ ଶ୍ରୀଅରବିନ୍ଦଙ୍କୁ ଭେଟିବାକୁ ଗଲେ, ଶ୍ରୀଅରବିନ୍ଦ ତାଙ୍କୁ କହିଲେ, ''ଏଠାରୁ ମୋତେ ନେଇଚାଲ, କାଲି ରାତିରେ ମୁଁ ଶୋଇ ପାରି ନାହିଁ ।'' ...



ଚନ୍ଦନନଗରର ଏକ ମନୋହର ପରିବେଶ
ଜଳାଶୟର ପଶ୍ଚାତରେ ଅନୁଷ୍ଠିତ ସରସ୍ୱତୀ ପୂଜା
(ଶ୍ରୀଅରବିନ୍ଦଙ୍କର ସେହି ନିର୍ଦ୍ଦିଷ୍ଟ ଉକ୍ତିର ସ୍ମରଣାର୍ଥେ
ଉପରୋକ୍ତ ଚିତ୍ରଟି ପ୍ରଦତ୍ତ)



ତଦାନୀନ୍ତନ ଚନ୍ଦନନଗରର ଏକ ସଦର ରାସ୍ତାର ଦୃଶ୍ୟ

ଶ୍ରୀଅରବିନ୍ଦଙ୍କୁ ମତିଲାଲ ସେହିଦିନ ପୁଣି ଅତି ସନ୍ତର୍ପଣରେ ନିଜ ଘରକୁ ନେଇଆସି ପୂର୍ବବତ୍ ଉପର ମହଲାର ଗୋଦାମ ଘରେ ବସାଇ ତଳକୁ ଆସିଲେ । ତାଙ୍କ ଘରର ପୂଜା-ମଣ୍ଡପକୁ ଲାଗି ଛୋଟ ଗୋଦାମ ଘରଟିଏ ଥିଲା । ସେଇଟିକୁ ଯଥାସମ୍ଭବ ବାସୋପଯୋଗୀ କରି ପ୍ରସ୍ତୁତ କଲେ । ରାତିରେ ଘରେ ସମସ୍ତେ ଶୋଇଯିବା ପରେ ସେ ଶ୍ରୀଅରବିନ୍ଦଙ୍କୁ ଅତି ସନ୍ତର୍ପଣରେ ଉପରୋକ୍ତ ଘରଟିରେ ରଖିଲେ । ଶ୍ରୀଅରବିନ୍ଦ ସେଠାରେ ନିଶ୍ଚିନ୍ତରେ ଶଯ୍ୟା ଗ୍ରହଣ କଲେ । ... କିନ୍ତୁ ମତିଲାଲଙ୍କ ସ୍ତ୍ରୀ ଖୁବ୍ ଶୀଘ୍ର ଅପ୍ରତ୍ୟାଶିତ ଭାବରେ ଶ୍ରୀଅରବିନ୍ଦଙ୍କୁ ସେହି ଘରେ ଆବିଷ୍କାର କରିପକାଇଲେ । କିନ୍ତୁ ଆଦ୍ୟପ୍ରାନ୍ତ ଖବର ଜାଣି ନିଜେ ତାଙ୍କ ସେବାର ଭାର ଅତ୍ୟନ୍ତ ବିଶ୍ୱସ୍ତତାର ସହ ଗ୍ରହଣ କଲେ । ଏହି କକ୍ଷଟିରେ ଶ୍ରୀଅରବିନ୍ଦ ବେଶ୍ କିଛି ଦିନ କଟାଇଥିଲେ ।



ମତିଲାଲଙ୍କ ଘରର ପୂଜା-ମଣ୍ଡପ

ମତିଲାଲଙ୍କ ବର୍ଣ୍ଣନାରୁ : ''ପ୍ରତିଦିନ ମଧ୍ୟାହ୍ନରେ ତାଙ୍କ ସହିତ କଥାବାର୍ତ୍ତା ହେଉଥିଲା । ... ସେହି ସମୟରେ ଚତୁର୍ବ୍ୟୂହ ଭାଗବତ ତତ୍ତ୍ୱ ଉପରେ ଆଲୋଚନା ହେଉଥିଲା । ... ଅବତାର ସମ୍ବନ୍ଧରେ ସେ ପ୍ରାଜ୍ଞ ଓ ବିରାଟ ପ୍ରକାଶର ଉଦାହରଣ ଦେଉଥିଲେ; ବ୍ୟାସଙ୍କୁ ପ୍ରାଜ୍ଞ ଏବଂ ଶ୍ରୀକୃଷ୍ଣଙ୍କୁ ବିରାଟ ପୁରୁଷ ବୋଲି କହି ଅନେକ କଥା ବୁଝାଉଥିଲେ । ଉପନିଷଦ୍‌ର ତତ୍ତ୍ୱ କଥା ସେ ମୁକ୍ତକଣ୍ଠରେ ବିବୃତ କରୁଥିଲେ ।



ରାଧାରାଣୀ ଦେବୀ,
ମତିଲାଲଙ୍କ ଧର୍ମପତ୍ନୀ

''ରାତ୍ରିରେ ଶ୍ରୀଶ୍ ଆସି ରାଷ୍ଟ୍ରନୀତି ପ୍ରସଙ୍ଗ ଉପରେ ଆଲୋଚନା କରୁଥିଲେ । ... ଆଲୋଚନା ଓ ଯୁକ୍ତିତର୍କରେ ମଧ୍ୟରାତ୍ରି ହୋଇଯାଉଥିଲା । ତା'ପରେ ସେ ନିଦ୍ରା ଯାଉଥିଲେ । ...''

କିନ୍ତୁ ଗୋଟିଏ ସ୍ଥାନରେ ଅଧିକ ଦିନ ରହିଲେ ଲୋକେ ଜାଣିପାରିବାର ଆଶଙ୍କା କରି ସେମାନେ (ମତି, ଶ୍ରୀଶ୍ ଓ ନରେନ୍) ସିଦ୍ଧାନ୍ତ ନେଲେ ଯେ ବର୍ତ୍ତମାନ ଶ୍ରୀଅରବିନ୍ଦଙ୍କୁ ନରେନ୍ ନିଜ ଘରେ ରଖିପାରିବେ । ନରେନ୍‌ଙ୍କ ଘରଟି ଥିଲା ଚନ୍ଦନନଗରର ଗୋନ୍ଦଲପଡ଼ାରେ । ଏବଂ ଜରୁରୀ ପରିସ୍ଥିତି ଉପୁଜିଲେ ନରେନ୍‌ଙ୍କର ପଡ଼ୋଶୀ-ଗାଁ ହାଲ୍‌ଦାରପଡ଼ାର 'କୁଲି ଲାଇନ୍'ରେ ଥିବା ଏକ କୁଡ଼ିଆ ଘର ଭଡ଼ାରେ ନେଇ ଶ୍ରୀଅରବିନ୍ଦଙ୍କୁ ସେଠାରେ ରଖିପାରିବେ । କିନ୍ତୁ ସେଥିପାଇଁ ସର୍ବପ୍ରଥମେ ଶ୍ରୀଅରବିନ୍ଦଙ୍କ ସମ୍ମତି ଲୋଡ଼ା ଏବଂ ତାଙ୍କର ସ୍ୱୀକୃତି ମଧ୍ୟ ଲାଭ କଲେ । ତେଣୁ ଶ୍ରୀଅରବିନ୍ଦ ପରବର୍ତ୍ତୀ କେତେକ ଦିନ କେତେବେଳେ ନରେନ୍‌ଙ୍କ ଘରେ ତ କେତେବେଳେ ସେଇ କୁଡ଼ିଆ ଘରେ ବାସ କରିଥିଲେ ।



ନରେନ୍ ବାନାର୍ଜୀଙ୍କର ବାସଭବନ

କିନ୍ତୁ ଏହି ଭାବରେ ଶ୍ରୀଅରବିନ୍ଦଙ୍କୁ ସେଇ କୁଡ଼ିଆ ଘରେ ବେଶୀ ଦିନ ରଖିବା ଉଚିତ ମନେ ନକରି ସେମାନେ ଚନ୍ଦନନଗରର ଷ୍ଟେସନ ରୋଡ଼ର ବାଗ୍‌ବଜାର ଅଞ୍ଚଳରେ ଥିବା ବିପ୍ଳବୀ-ବନ୍ଧୁ ନକୁଳ କରଙ୍କର 'ବଗିଚା ଘର'କୁ ତାଙ୍କୁ ସ୍ଥାନାନ୍ତରିତ କଲେ । ଏହି ଘରଟି ସହରର ଏକେବାରେ କେନ୍ଦ୍ରସ୍ଥଳରେ ଥିବାରୁ ଲୋକଙ୍କର ନଜରରେ ପଡ଼ିବା ସ୍ୱାଭାବିକ । ତେଣୁ ସେମାନେ ଖୁବ୍ ଶୀଘ୍ର ଶ୍ରୀଅରବିନ୍ଦଙ୍କୁ ଅନ୍ୟତ୍ର ରଖିବାର ସିଦ୍ଧାନ୍ତ ନେଲେ ।



ନକୁଳ କରଙ୍କର ବଗିଚା ଘର


ଚନ୍ଦନନଗରର ଗଙ୍ଗାଧାରରେ ଥିବା ଲକ୍ଷ୍ମୀଗଞ୍ଜର ନୀଚୁପଟ୍ଟୀରେ ଏକ ଦଦରା ଘର ଭଡ଼ାରେ ନିଆଗଲା । ତାହା ଥିଲା ଶ୍ରୀଜଗନ୍ନାଥ ମନ୍ଦିରର ଗୋଦାମ ଘରକୁ ଲାଗି ଏକ ଭଙ୍ଗା, ପରିତ୍ୟକ୍ତ, ନିର୍ଜନ ଘର । ଏହି ଘରେ ଶ୍ରୀଅରବିନ୍ଦ ରହୁଥିବା ବେଳେ ସାରାଦିନ ସଦର ଦରଜାଟିରେ ପ୍ରାୟ ଚାବି ଦିଆଯାଉଥିଲା । କହିବାକୁଗଲେ ଶ୍ରୀଅରବିନ୍ଦ ସାରାଦିନ ଏହି ଘରଟି ଭିତରେ ଏକୁଟିଆ ରହୁଥିଲେ । ... ଶ୍ରୀଶଙ୍କର ସକ୍ରିୟ ବିପ୍ଳବୀ-ବଂଧୁ ବସନ୍ତ ବାନାର୍ଜୀ ଓ ସୁଦର୍ଶନ ଚଟ୍ଟୋପାଧ୍ୟାୟ ଦୁହେଁ ଶ୍ରୀଅରବିନ୍ଦଙ୍କର ଦେଖାଶୁଣାର ଭାର ଅତ୍ୟନ୍ତ ବିଶ୍ୱସ୍ତତାର ସହିତ ତୁଲାଇଥିଲେ । ଏହି ବାସସ୍ଥାନଟି ଥିଲା ଚନ୍ଦନନଗରରେ ଶ୍ରୀଅରବିନ୍ଦଙ୍କର ରହଣିକାଳର ଶେଷ ବାସସ୍ଥାନ ।




ଶ୍ରୀଜଗନ୍ନାଥ ମନ୍ଦିରର ଗୋଦାମ ଘର ('ଜଗନ୍ନାଥ ବାଡ଼ି')କୁ ଲାଗି ନୀଚୁପଟ୍ଟୀର ଏକ ଭଙ୍ଗା ଘର



ବସନ୍ତ ବାନାର୍ଜୀ


ଚନ୍ଦନନଗର
ଉତ୍ତର
← ପଶ୍ଚିମ
ଖେଜୁରତଲା
ବରାଇଚଣ୍ଡୀତଲା
ଲକ୍ଷ୍ମୀଗଞ୍ଜ
→ ପୂର୍ବ
ବାଗ୍‌ବଜାର
ଗଙ୍ଗାନଦୀ
ଗୋନ୍ଦଲପଡ଼ା
ହାଲ୍‌ଦାରପଡ଼ା
ଦକ୍ଷିଣ
ଶ୍ରୀଅରବିନ୍ଦଙ୍କର ବାସସ୍ଥାନ
୧. ବରାଇଚଣ୍ଡୀତଲା
ମତିଲାଲଙ୍କ ଘରର ଉପର ମହଲାର ଗୋଦାମ ଘର
୨. ଖେଜୁରତଲା
ସନ୍ତୋଷ ଦେ'ଙ୍କ ଘର
୩. ବରାଇଚଣ୍ଡୀତଲା
ମତିଲାଲଙ୍କ ଘରର ପୂଜା-ମଣ୍ଡପର ଗୋଦାମ ଘର
୪. ଗୋନ୍ଦଲପଡ଼ା
ନରେନ୍ଦ୍ରଙ୍କ ଘର
୫. ହାଲ୍‌ଦାରପଡ଼ା
'କୁଲି ଲାଇନ୍'ରେ ଏକ କୁଡ଼ିଆ ଘର
୬. ବାଗ୍‌ବଜାର, ଷ୍ଟେସନ ରୋଡ଼
ନକୁଳ କରଙ୍କର ବଗିଚା ଘର
୭. ଲକ୍ଷ୍ମୀଗଞ୍ଜ
ନୀଚୁପଟ୍ଟୀରେ ଏକ ଭଙ୍ଗା ଘର




ଗଙ୍ଗାବକ୍ଷରୁ ତଦାନୀନ୍ତନ ଚନ୍ଦନନଗରର ଏକ ସାଧାରଣ ଦୃଶ୍ୟ

ମତିଲାଲ ଶ୍ରୀଅରବିନ୍ଦଙ୍କ ସମ୍ବନ୍ଧେ ଉଲ୍ଲେଖ କରିଥିଲେ : ''... ତାଙ୍କ କଥା ଶୁଣିଲେ ମନେ ହେଉଥିଲା ଯେପରି ତାଙ୍କ ଭିତର ଦେଇ ଅନ୍ୟ କେହି କଥା କୁହାଇଲେହିଁ ତାଙ୍କର ବାକ୍ ସ୍ଫୁରଣ ହେଉଛି । ହସ୍ତ-ସଞ୍ଚାଳନରେ ବି ବୋଧ ହେଉଥିଲା ଯେ ସେ ଯେପରି କୌଣସି ଏକ ତୃତୀୟ ଶକ୍ତି ଦ୍ୱାରା ଚାଳିତ ହେଉଛନ୍ତି ।'' ଏସବୁ ବର୍ଣ୍ଣନା ହେଉଛି ଶ୍ରୀଅରବିନ୍ଦଙ୍କର ବାହ୍ୟ ଶାରୀରିକ ସ୍ଥିତି । କିନ୍ତୁ ଚନ୍ଦନନଗରରେ ତାଙ୍କ ଗଭୀର ସାଧନା ସମ୍ବନ୍ଧେ ସତ୍‌ପ୍ରେମ ନିଗୂଢ଼ ତଥ୍ୟସବୁର ବିସ୍ତୃତ ବର୍ଣ୍ଣନା କରି ପରିଶେଷରେ 'ସାବିତ୍ରୀ'ରୁ ପଂକ୍ତିଟିଏ ଉଦ୍ଧାର କରିଛନ୍ତି : 'He broke into another Space and Time.'

ଶ୍ରୀଅରବିନ୍ଦଙ୍କ ଉକ୍ତିରେ : ''ଚନ୍ଦନନଗରରେ ଅଜ୍ଞାତବାସ ସମୟରେ ମୁଁ ସମ୍ପୂର୍ଣ୍ଣରୂପେ ସାଧନାରେ ନିବିଷ୍ଟ ଥିଲି । ... ପରେ, ପୁନଶ୍ଚ ସେଇ ସମାନ ଧରଣର 'ଯିବାର ଆଦେଶ' ('sailing orders') ପାଇ ମୁଁ ଚନ୍ଦନନଗର ତ୍ୟାଗ କଲି ଏବଂ ୧୯୧୦, ୪ ଏପ୍ରିଲରେ ପଣ୍ଡିଚେରୀରେ ପହଞ୍ଚିଲି ।''

ଏବେ ମତିଲାଲଙ୍କ ବର୍ଣ୍ଣନାରୁ : ''ସନ୍ଧ୍ୟା ପରେ ତାଙ୍କ ନିକଟରେ ଉପସ୍ଥିତ ହେଲି । ସେ ମୃଦୁହାସ୍ୟରେ ମୋର କୁଶଳ ସଂବାଦ ପଚାରି କହିଲେ, 'କି, ଥରେ ବି ଦେଖା ନାହିଁ ! କାମରେ ଖୁବ୍ ବ୍ୟସ୍ତ ଅଛ ବୋଧହୁଏ !' ସତ କଥା କହିବାକୁ ଗଲେ ଅନେକ କଥା କହିବାକୁ ପଡ଼ିବ । ତେଣୁ ମୁଁ 'ହଁ-ନାଁ' କହି ଅନ୍ୟ ପ୍ରସଙ୍ଗ ଉଠାଇଲି । ...

''ଅନେକ ରାତ୍ରି ହୋଇଯାଇଥାଏ, ଘରକୁ ଫେରିବି – ସେ କହିଲେ, 'ଯଦି ସମ୍ଭବ ହୁଏ କାଲି ଆସ, ମୁଁ ଶୀଘ୍ରହିଁ ଯାଉଛି ।' ମୁଁ ସବିସ୍ମୟରେ ତାଙ୍କୁ ପଚାରିଲି, 'କୁଆଡ଼େ ଯିବେ ?' ସେ କହିଲେ, 'କୌଣସି ସ୍ୱାଧୀନ ରାଜ୍ୟକୁ !' ମୁଁ ଦ୍ୱିଗୁଣ ଆଶ୍ଚର୍ଯ୍ୟ ହୋଇ ପଚାରିଲି, 'ତା'ହେଲେ କ'ଣ ଭାରତର ବାହାରକୁ ଯିବେ ?' ସହାସ୍ୟରେ କହିଲେ, 'ନା, ଭାରତ ଭିତରେହିଁ ।' କଥାଟିକୁ ସେ ଯେତେବେଳେ ଗୋପନ ରଖିବାକୁ ଚାହୁଁଛନ୍ତି, ତେଣୁ ସେବିଷୟରେ ଆଉ ବେଶୀ କିଛି ପଚାରିଲି ନାହିଁ । ...''



ସୁକୁମାର ମିତ୍ର
(୧୮୮୪-୧୯୭୩)

୧୯୧୦ ମାର୍ଚ୍ଚର ଶେଷ ଆଡ଼କୁ ଶ୍ରୀଅରବିନ୍ଦ ଚନ୍ଦନନଗରରୁ କଲିକତାର ତାଙ୍କର ମଉସାଙ୍କ ପୁଅ ସୁକୁମାର (ଛବିଶ ବର୍ଷ ବୟସର ଯୁବକ)ଙ୍କ ନିକଟକୁ ଗୋପନରେ ଚିଠିଟିଏ ଲେଖି ପଠାଇଲେ ଯେ ତାଙ୍କୁ ଯେମିତି ଶୀଘ୍ର ପଣ୍ଡିଚେରୀ ପଠାଇବାର ବ୍ୟବସ୍ଥା କରାହୁଏ । ...